**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୦,୦୭,୪୨,୭୪୨ | ୬୪,୭୧,୬୦୧ | ୫୭,୪୮,୮୯,୮୯୪ |
| ଭାରତ | ୪,୪୩,୩୯,୪୨୯ | ୫,୨୭,୩୩୨ | ୪,୩୭,୧୨,୨୧୮ |
| ଓଡ଼ିଶା | ୧୩,୨୫,୦୬୧ | ୯୧୬୩(+୫୩) | ୧୩,୧୩,୩୬୦ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# କାର୍ ଭିତରୁ ଶଳା, ଭିଣୋଇଙ୍କ ମୃତଦେହ ଜବତ

**ସମ୍ବଲପୁର/କୁଚିଣ୍ଡା,୨୧।୮(ବ୍ୟୁରୋ/ଡି.ଏନ.ଏ.)**

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଫାସିମାଲ-ଲଇଡ଼ା ରାସ୍ତାର ନକଟିପାଲି ଗାଁ ନିକଟସ୍ଥ ବାରଟେଙ୍ଗରା ନାଳ ବନ୍ୟାପାଣିରେ ଶନିବାର ରାତିରେ ଭାସି ଯାଇଥିବା କାର୍ ଭିତରୁ ରବିବାର ଶଳା, ଭିଣୋଇଙ୍କ ମୃତଦେହ ଜବତ ହୋଇଛି। ସେମାନେ ହେଲେ ଜମନକିରା ବ୍ଲକ କୁଚିଣ୍ଡା ଥାନା ଗୁଣ୍ଡୁରୁଚୁଆଁ ଗ୍ରାମର ଶଳା ତାପସ ନାଏକ (୫୦) ଓ ଭିଣୋଇ ପ୍ରତାପ ପଟେଲ (୫୨)। ପରିବାର ଲୋକଙ୍କ ଉପସ୍ଥିତିରେ ସକାଳ ପ୍ରାୟ ୬ଟା ସମୟରେ ଅଗ୍ନିଶମ ବିଭାଗ କର୍ମଚାରୀ ଓ ପୋଲିସ ପ୍ରଖର ସ୍ରୋତରେ ପାଣି ଭିତରୁ କାର୍ କାଚ ଭାଙ୍ଗି ମୃତଦେହ ବାହାର କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲା। ଗାଁରେ ଶୋକାକୁଳ ପରିବେଶରେ ଦୁହିଁଙ୍କ ଅନ୍ତିମ ସଂସ୍କାର କରାଯାଇଛି।

ମିଳିଥିବା ରିପୋର୍ଟ ଅନୁସାରେ, ପ୍ରତାପ ପେସାରେ ଜଣେ ଇଞ୍ଜିନିୟର। ସେ ସିଙ୍ଗାପୁରରେ ଚାକିରି ଛାଡ଼ି ଗତମାସରେ ଗାଁକୁ ଆସିଥିଲେ। ତାପସ ଜୈବିକ ପ୍ରଣାଳୀରେ ଚାଷ କରି ଚର୍ଚ୍ଚାରେ ଥିବା ଜଣେ ପ୍ରତିଷ୍ଠିତ ଚାଷୀ ହୋଇଥିବା ବେଳେ ଦିଲ୍ଲୀରେ ଭାରତୀୟ ଜୀବନ ବୀମା ନିଗମରେ କାମ କରୁଥିଲେ। ସେ ଗ୍ରାମକୁ ମଝିରେ ମଝିରେ ଆସି ରହୁଥିଲେ। ତାପସଙ୍କ ମାମୁଙ୍କର ନିକଟରେ ପରଲୋକ ଘଟିଥିବାରୁ ତାଙ୍କ ଏକାଦଶାହ ପାଇଁ ସେ ଭିଣୋଇ ପ୍ରତାପଙ୍କ ସହ ଶନିବାର ଅପରାହ୍ନରେ କାର୍ଡ ବାଣ୍ଟିବାକୁ ଗୁଣ୍ଡୁରୁଚୁଆଁ ଗ୍ରାମରୁ ଏକ କାର୍‌ରେ ବାହାରି ଥିଲେ। ଯିବା ସମୟରେ ଉକ୍ତ ନାଳରେ ପାଣିର ସ୍ରୋତ ଅଧିକ ନ ଥିଲା। ସେମାନେ ଫାସିମାଲ ରାସ୍ତା ଦେଇ ଲଇଡ଼ା ଅଞ୍ଚଳକୁ ଯାଇଥିଲେ। ଉକ୍ତ ଅଞ୍ଚଳରେ ନିଜ ସମ୍ପର୍କୀୟମାନଙ୍କ ଘରେ କାର୍ଡ ବଣ୍ଟନ କରି ସନ୍ଧ୍ୟା ୭ଟାରେ ଫେରୁଥିଲେ। ହେଲେ ପ୍ରବଳ ବର୍ଷା ହୋଇଥିବାରୁ ବାରଟେଙ୍ଗରା ନାଳରେ ପାଣି ସ୍ରୋତ ବଢ଼ି ଯାଇଥିଲା। ପୋଲ ଉପରେ ପ୍ରାୟ ୨ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଥିଲା। ହେଲେ ଶଳା ଭିଣୋଇ ସାହସ କରି ନାଳ ପାର ହେବାକୁ ଚେଷ୍ଟା କରିଥିଲେ। କିନ୍ତୁ ପ୍ରଖର ସ୍ରୋତ କାର୍‌କୁ ଭସାଇ ନେଇଥିଲା। ସ୍ଥାନୀୟ ଲୋକମାନେ ଏହା ଦେଖି କୁଚିଣ୍ଡା ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବରପାଇ କୁଚିଣ୍ଡା ଉପଜିଲାପାଳ ଆଦିତ୍ୟ ଗୋଏଲ ଓ ଏସ୍‌ଡିପିଓ ରାଜକିଶୋର ମିଶ୍ର ମଧ୍ୟ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ ହେଁ ରାତି ହୋଇଯିବାରୁ ଫେରି ଆସିଥିଲେ। ସକାଳେ ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ନାଳଠାରୁ କିଛି ଦୂରରେ ଏକ ଗଛ ପାଖରେ କାର୍‌ଟି ଅଟକି ରହିଥିବା ଦେଖିବାକୁ ମିଳିଥିଲା। ରଶି ଲଗାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ କାର୍ ଭିତରୁ ଦୁହିଁଙ୍କୁ ବାହାର କରିଥିଲେ। ଏନେଇ କୁଚିଣ୍ଡା ଥାନା ଅଧିକାରୀ ଶୋଭାକର ସେଠଙ୍କୁ ପଚାରିବାରେ ନାଳରେ ଅଧିକ ପାଣି ପ୍ରବାହିତ ହେଉଥିବାରୁ ଅନ୍ୟମାନେ ଅପେକ୍ଷା କରିଥିଲେ। ହେଲେ ସେମାନେ ନାଳ ପାର ହେବାରୁ ଏପରି ଦୁର୍ଘଟଣା ଘଟିଲା ବୋଲି କହିଥିଲେ।


ନାଳକୁ ଭାସିଯାଇଥିବା କାର୍ ମଧ୍ୟରୁ ଶଳା, ଭିଣୋଇଙ୍କ ମୃତଦେହ ଉଦ୍ଧାର କରାଯାଉଛି।


ମୃତ ତାପସ ଓ ପ୍ରତାପ

### ବନ୍ୟାପାଣିରେ କାର୍ ଭାସିଯିବା ଘଟଣା

**ମାମୁଙ୍କ ଏକାଦଶାହ ପାଇଁ ନିମନ୍ତ୍ରଣକାର୍ଡ ବାଣ୍ଟି ଫେରୁଥିଲେ**


ବାଲେଶ୍ୱର ଜିଲା ମଥାନୀ-ବସ୍ତା ଗାନ୍ଧୀ ଛକ ରାସ୍ତାରେ ଜଳକା ନଦୀର ବନ୍ୟାଜଳ ପ୍ରବାହିତ ହେଉଛି।

# ଗୁଜରାଟରେ ୧୦ ହଜାର କୋଟିର ଅବକାରୀ ଠକେଇ

- ଭାଜପା ବିରୋଧରେ ଅଭିଯୋଗ ଆଣିଲେ ସିସୋଡିଆ
- ଲୁକ୍ ଆଉଟ୍ ସର୍କ୍ୟୁଲାର ଜାରି ହୋଇନି: ସିବିଆଇ

**ନୂଆଦିଲ୍ଲୀ,୨୧।୮**

କେନ୍ଦ୍ର ଓ ଦିଲ୍ଲୀ ସରକାର ମଧ୍ୟରେ ଟଣାଓଟରା ଚରମ ସୀମାରେ ପହଞ୍ଚିଲାଣି। ଦିଲ୍ଲୀ ସରକାରଙ୍କ ଅବକାରୀ ନୀତି ୨୦୨୧-୨୨ର କାର୍ଯ୍ୟକାରିତାରେ ଅନିୟମିତତା ହୋଇଥିବା ଦର୍ଶାଇ ଉପରାଜ୍ୟପାଳ ବିନୟ ସକ୍ସେନା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଏହାର ତଦନ୍ତ ସୁପାରିସ କରିବା ପରଠାରୁ ସ୍ଥିତି ଆହୁରି ଖରାପ ହେବାରେ ଲାଗିଛି। ସିବିଆଇ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ଘରେ ଶୁକ୍ରବାର ଚଢ଼ାଉ କରିଥିଲା। ତଦନ୍ତ ବ୍ୟୁରୋ ପକ୍ଷରୁ ଦାଏର ଏଫ୍‌ଆଇଆର୍‌ରେ ଅବକାରୀ ବିଭାଗ ଦାୟିତ୍ୱରେ ଥିବା ସିସୋଡିଆଙ୍କ ସମେତ ୧୫ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଥିବାବେଳେ ସେ ଏଯାଏ ମୁକୁଳିପାରି ନାହାନ୍ତି। ଏବେ ସିସୋଡିଆ ନିଜ ଗିରଫଦାରି ଆଶଙ୍କା କରିଛନ୍ତି। ଭାଜପା ଶାସିତ ଗୁଜରାଟରେ ବର୍ଷକୁ ୧୦,୦୦୦ କୋଟି ଟଙ୍କାର ଅବକାରୀ ଟିକସ ଠକେଇ ଚାଲିଥିବାବେଳେ ସିବିଆଇ ସେଥିପ୍ରତି ଆଖି ବୁଜିଦେଇ ତାଙ୍କ ନାଁରେ ଲୁକ୍ ଆଉଟ୍ ସର୍କ୍ୟୁଲାର (ଏଲ୍‌ଓସି) ଜାରି କରିଥିବା ସିସୋଡିଆ କହିଛନ୍ତି। ଅନ୍ୟପକ୍ଷେ ଅଦ୍ୟାବଧି କୌଣସି ଅଭିଯୁକ୍ତଙ୍କ ବିରୋଧରେ ଏଲ୍‌ଓସି ଜାରି ହୋଇ ନ ଥିବା ସିବିଆଇ ପକ୍ଷରୁ କୁହାଯାଇଛି। ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏହାକୁ ଦଳର ଆବାହକ ତଥା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ବଢୁଥିବା ଜାତୀୟ ପତିଆରାକୁ ନ୍ୟୂନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚକ୍ରାନ୍ତ ବୋଲି ଅଭିହିତ କରିଛି। ଅପରପକ୍ଷରେ ଭାଜପା କହିଛି, ହ୍ୟାଣ୍ଡକଫ୍ କେଜ୍‌ରିୱାଲଙ୍କ ନିକଟତର ହେବାରେ ଲାଗିଛି।

୨୦୧୭ ନଭେମ୍ବର ୧୭ରୁ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀରେ ନୂଆ ଅବକାରୀ ନୀତି ପ୍ରଚଳିତ ଥିବାବେଳେ ଗତ ଜୁଲାଇରେ ଏହାର ସିବିଆଇ ତଦନ୍ତ ପାଇଁ ଉପରାଜ୍ୟପାଳ ସୁପାରିସ କରିଥିଲେ। ଏକ୍ସାଇଜ୍ ପଲିସି ସ୍କାମ୍‌ର ତଦନ୍ତ ଭାର ସିବିଆଇ ହାତକୁ ଯିବା ପରେ ଦିଲ୍ଲୀ ରାଜନୀତି ଚଳଚଞ୍ଚଳ ହୋଇଉଠିଛି। କେନ୍ଦ୍ର ସରକାର ଦିଲ୍ଲୀର ଶିକ୍ଷା ଓ ସ୍ୱାସ୍ଥ୍ୟ ମଡେଲକୁ ନେଇ ଈର୍ଷାନ୍ୱିତ ହୋଇ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ଏଏପି ନେତାମାନଙ୍କ ବିରୋଧରେ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଏଜେନ୍ସି କାର୍ଯ୍ୟାନୁଷ୍ଠାନକୁ 'ଡ୍ରାମା' କହି ନିଜ ଗିରଫଦାରି ଆଶଙ୍କା କରିଥିବାବେଳେ କୌଣସି ଅଭିଯୁକ୍ତଙ୍କ ବିରୋଧରେ ଲୁକ୍ ଆଇଟ୍ ସର୍କ୍ୟୁଲାର ଜାରି କରାଯାଇ ନ ଥିବା ରବିବାର ସିବିଆଇ ପକ୍ଷରୁ କୁହାଯାଇଛି। ଲୁକ୍ ଆଉଟ୍ ସର୍କ୍ୟୁଲାର ଜାରି କରାଗଲେ ସିସୋଡିଆ ସରକାରଙ୍କୁ ନ ଜଣାଇ ଦେଶଛାଡ଼ି ବାହାରକୁ ଯାଇପାରିବେ ନାହିଁ। ଜବତ ଦସ୍ତାବିଜଗୁଡ଼ିକୁ ଯାଞ୍ଚ କରି ଜେରା ପାଇଁ ନୋଟିସ କରାଯାଉଛି ବୋଲି ଜଣେ ସିବିଆଇ ଅଧିକାରୀ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନାନୁସାରେ ସିବିଆଇ ସ୍କାନରରେ ସିସୋଡିଆଙ୍କ ଘନିଷ୍ଠ ସହଯୋଗୀମାନଙ୍କ ସହ ହୋଇଥିବା ବହୁ କୋଟି ଟଙ୍କାର ଅନ୍ୟୂନ ୨ଟି ଆର୍ଥିକ କାରବାର ରହିଛି। ମଦ ବ୍ୟବସାୟୀ ତଥା ଇଣ୍ଡୋ ସ୍ପିରିଟ୍ ମାଲିକ ସମୀର ମାହେନ୍ଦ୍ରୁ ଏହି ଅନିୟମିତତାରେ ସମ୍ପୃକ୍ତ ଥିବା ସିବିଆଇ ଜାଣିବାକୁ ପାଇଛି। ମଦ ଲାଇସେନ୍ସ ପାଇଁ ବେପାରୀଙ୍କଠାରୁ ସଂଗୃହୀତ ଟଙ୍କାକୁ ସିସୋଡିଆଙ୍କ ସହଯୋଗୀ ଅମିତ୍ ଆରୋରା (ଗୁରୁଗ୍ରାମସ୍ଥିତ ବଡ୍ଡି ରିଟେଲ ପ୍ରା.ଲିଃ. ଡାଇରେକ୍ଟର), ଦୀନେଶ ଆରୋରା ଓ ଅରୁଣ ପାଣ୍ଡେ କେତେଜଣ ଅମଲାତନ୍ତ୍ରୀଙ୍କ ଆକାଉଣ୍ଟକୁ ପଠାଇଥିବା ଏଫ୍‌ଆଇଆର୍‌ରେ ଦର୍ଶାଯାଇଛି। ଭାଜପାର ଦିଲ୍ଲୀ ଅଧ୍ୟକ୍ଷ ଅଦେଶ ଗୁପ୍ତା ଓ ରାଷ୍ଟ୍ରୀୟ ମୁଖପାତ୍ର ଗୌରବ ଭାଟିଆ ରବିବାର କେଜ୍‌ରିୱାଲଙ୍କୁ ଏହି ଦୁର୍ନୀତିର ମାଷ୍ଟରମାଇଣ୍ଡ ଅଭିହିତ କରିଛନ୍ତି। ଏଥିସହ ତାଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନରେ କେଜ୍‌ରିୱାଲ ଓ ମୋଦିଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଲଢ଼େଇ ହେବ ବୋଲି ଏଏପି କହୁଛି। ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ ଓ ଗୋଆ ବିଧାନସଭା ନିର୍ବାଚନରେ କ'ଣ ହେଲା ତାହା ସମସ୍ତେ ଜାଣନ୍ତି। ଆଗକୁ ମଧ୍ୟ ଏଏପିକୁ ଭୋଟର ଜବାବ ଦେବେ ବୋଲି ଗୌରବ କହିଛନ୍ତି।

> "ଭାଜପା ଶାସିତ ଗୁଜରାଟରେ ବର୍ଷକୁ ୧୦,୦୦୦ କୋଟି ଟଙ୍କାର ଅବକାରୀ ଟିକସ ଠକେଇ ହେଉଛି। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ସବୁକିଛି ଜାଣିଶୁଣି ଆଖି ବୁଜିଦେଇଛି। ସେମାନେ ଏହାକୁ ନେଇ ଚିନ୍ତିତ ଥିଲେ ଗୁଜରାଟରେ ଲୋକେ ବିଷାକ୍ତ ମଦ ପିଇ ମରନ୍ତେ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହଇରାଣ କରିବା ପାଇଁ ସିବିଆଇ, ଇଡିକୁ ବ୍ୟବହାର କରୁଛନ୍ତି। ଏଥର ସେମାନେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଟାର୍ଗେଟ କରିବା ପାଇଁ ଅବକାରୀ ନୀତିରେ ଦୁର୍ନୀତି ହୋଇଥିବା ନେଇ ଭିତ୍ତିହୀନ ଅଭିଯୋଗ ଆଣିଛନ୍ତି।
> - **ମନୀଷ ସିସୋଡିଆ, ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ**



# ପଦ୍ମଶ୍ରୀ କମଳା ପୂଜାରୀ ଅସୁସ୍ଥ

**ଜୟପୁର,୨୧।୮ (ନି.ପ୍ର.)**

ପାରମ୍ପରିକ ଜୈବିକ ଚାଷର ପ୍ରଚାରପ୍ରସାର କରିବା ଦିଗରେ ବିଶେଷ ଭୂମିକା ଗ୍ରହଣ କରିଥିବା କୋରାପୁଟ ଜିଲାର ପଦ୍ମଶ୍ରୀ କମଳା ପୂଜାରୀ ରବିବାର ଅସୁସ୍ଥ ହୋଇପଡ଼ିଛନ୍ତି। କମଳା ଜ୍ୱର ସହ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ତାଙ୍କୁ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ସ୍ୱତନ୍ତ୍ର କ୍ୟାବିନ୍‌ରେ ରଖି ଚିକିତ୍ସା କରାଯାଉଛି। ଆବଶ୍ୟକ ହେଲେ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯିବ ବୋଲି ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ମାସକ ତଳେ କମଳା ଅସୁସ୍ଥ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସୁସ୍ଥ ହେବା ପରେ ଘରକୁ ଫେରିଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ୬ ବର୍ଷର ଶିଶୁ ମୃତ

**ରାଉରକେଲା ଅଫିସ,୨୧।୮:** ରାଉରକେଲା ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ସେକ୍ଟର-ଏ ବ୍ଲକରେ ରବିବାର ବିଦ୍ୟୁତ୍ ଆର୍ଥିଂ ତାର ସଂସ୍ପର୍ଶରେ ଆସି ଜଣେ ଶିଶୁଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅଭିଷେକ ପରମାଣିକ(୬)। ଏ ନେଇ ପୋଲିସ ଏକ ମାମଲା (ନଂ.୧୪୧।୮) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ବନ୍ଧମୁଣ୍ଡାର ରାଜୁ ପରମାଣିକଙ୍କ ଘର ପଛପଟ ବାଡ଼ିରେ ଏକ ବିଦ୍ୟୁତ୍ ଆର୍ଥିଂ ତାର ଝୁଲି ରହିଥିଲା। ରବିବାର ସକାଳ ସାଢ଼େ ୭ଟାରେ ରାଜୁଙ୍କ ପୁଅ ଅଭିଷେକ ବାଡି ଫୁଲ ତୋଳିବାକୁ ପଛପଟକୁ ଯାଇଥିବାବେଳେ ଉକ୍ତ ତାର ସଂସ୍ପର୍ଶରେ ଆସିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବନ୍ଧମୁଣ୍ଡା ରେଲୱେ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ରଦ୍ଦ ହେଲା ଡେପୁଟି କଲେକ୍ଟରଙ୍କ ସ୍ତ୍ରୀଙ୍କ ରାଶନ କାର୍ଡ

**ମାଲକାନଗିରି, ୨୧।୮ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ଡେପୁଟି କଲେକ୍ଟରଙ୍କ ସ୍ତ୍ରୀଙ୍କ ନାମରେ ରାଶନ କାର୍ଡ କରି ଜମି ଖଜଣା ବାବଦକୁ ଅର୍ଥ କମ୍ ଦେଇ ପଟ୍ଟା ହାତେଇବା ଘଟଣା ଶନିବାର ଜଣାପଡ଼ିବା ପରେ ଉକ୍ତ କାର୍ଡକୁ ରବିବାର ରଦ୍ଦ କରାଯାଇଛି। ସେ କିପରି କାର୍ଡ ପାଇଲେ ଏବଂ ଏଥିରେ କେଉଁମାନେ ସମ୍ପୃକ୍ତ ତା'ର ତଦନ୍ତ କରାଯାଇ ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ମାଲକାନଗିରି ବ୍ଲକ ଯୋଗାଣ ଅଧିକାରୀ ହୃଷୀକେଶ ନାୟକ କହିଛନ୍ତି।

ଖବରରୁ ଜଣାପଡ଼ିଛି, ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରୁଥିବା ଲଳିତ ମଣ୍ଡଳଙ୍କ ସ୍ତ୍ରୀଙ୍କ ନାମରେ ରାଶନ କାର୍ଡ ପ୍ରସ୍ତୁତ କରାଯାଇ ପୌର ପରିଷଦ ଲାଣ୍ଡ ରାଇଟ ଜମି ପ୍ରମାଣ ପତ୍ର ପାଇଁ ୧୦,୮୦୦ ଟଙ୍କା ଖଜଣା ଆକାରରେ ଦେଇ ଜମି ପ୍ରମାଣପତ୍ର ପାଇଥିଲେ। ତେବେ ସରକାରଙ୍କ ନିୟମ ଅନୁଯାୟୀ ଗରିବ ଲୋକେ ରାଶନ କାର୍ଡ ପାଇବା କଥା। ରାଶନ କାର୍ଡଧାରୀ ୧୦,୮୦୦ ଟଙ୍କା ଜମି ପ୍ରମାଣପତ୍ର ପାଇଁ ଦେବାର ନିୟମ ଥିବା ବେଳେ ସ୍ୱଚ୍ଛଳ ଲୋକଙ୍କୁ ଏହି ପ୍ରମାଣପତ୍ର ପାଇଁ ପ୍ରାୟ ୬୫,୦୦୦ ଟଙ୍କା ଖଜଣା ଆକାରରେ ଦେବାକୁ ପଡିବ ବୋଲି ନିୟମ ରହିଛି। ଏହି ଅଧିକ ଖଜଣାରୁ ବର୍ତ୍ତିବା ପାଇଁ ମଣ୍ଡଳଙ୍କ ସ୍ତ୍ରୀ ବିନୋତାରାନୀ ମଣ୍ଡଳଙ୍କ ନାମରେ ଥିବା ରାଶନ କାର୍ଡକୁ ବ୍ୟବହାର କରାଯାଇଛି। ମାଲକାନଗିରି ସହରରେ ବିଭିନ୍ନ ବସ୍ତିରେ ମୂଳନିବାସୀ ଭାବେ ବର୍ଷ ବର୍ଷ ଧରି ଅନେକ ବ୍ୟକ୍ତି ସରକାରୀ ଜମିରେ ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଏପର୍ଯ୍ୟନ୍ତ ରାଶନ କାର୍ଡ କିମ୍ବା ଘରଡିହ ପଟ୍ଟା ମିଳି ନ ଥିବା ବେଳେ ଜଣେ ଉଚ୍ଚପଦସ୍ଥ ସରକାରୀ ଅଧିକାରୀ କିପରି ନିଜ ସ୍ତ୍ରୀଙ୍କ ନାମରେ ରାଶନ କାର୍ଡ କରି ସରକାରୀ ସୁବିଧା ନେଲେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଆଇନଜୀବୀ ତଥା ନାଗରିକ ସୁରକ୍ଷା ମଞ୍ଚ ସଦସ୍ୟ ରାମ ପଟ୍ଟନାୟକ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

# କଚ୍ଛପ ଗତିରେ ୨୯ ମେଗା ପାଣି ପ୍ରକଳ୍ପ

**ଯାଜପୁର ଅଫିସ,୨୧।୮**

ରାଜ୍ୟର ୬ ଖଣି ପ୍ରଭାବିତ ଜିଲାରେ ଓଏମ୍‌ବିଏଡିସି (ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ) ପାଣ୍ଠିରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୯ଟି ମେଗା ପାଇପ ଜଳଯୋଗାଣ ପ୍ରକଳ୍ପ କଚ୍ଛପ ଗତିରେ ଚାଲିଛି। ଏଥିରେ ନିୟୋଜିତ ଅଣଓଡ଼ିଆ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କ ଆନ୍ତରିକତାର ଅଭାବ ଯୋଗୁ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଏହାର ସୁଯୋଗରେ କେତେକ ଠିକାସଂସ୍ଥା ରିଭାଇଜ କରାଇ ଚୁକ୍ତିଠାରୁ ଅଧିକ ଅର୍ଥ ମଞ୍ଜୁର କରି ନେଇଛନ୍ତି। ରାଜ୍ୟ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗରୁ ମିଳିଥିବା ତଥ୍ୟ ଅନୁସାରେ ୩୧।୭।୨୦୨୨ ସୁଦ୍ଧା ୫୮୮୯.୩ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ସେଥିରୁ ୩୦୯୯.୫୭ କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଛି। ବିଡ଼ମ୍ବନା ଯେ, ୫ ବର୍ଷ ହେଲା ସମସ୍ତ ପ୍ରକଳ୍ପ ନିର୍ମାଣାଧୀନ ଥିବା ରିପୋର୍ଟରେ ଦର୍ଶାଯାଇଛି। ଏହାବାଦ୍ କେତେକ ପ୍ରକଳ୍ପର ନିର୍ମାଣ କାର୍ଯ୍ୟରେ ମନମାନି ଓ ତ୍ରୁଟିପୂର୍ଣ୍ଣ ହେଉଥିବା ପୂର୍ବରୁ ବିଭାଗୀୟ ରିପୋର୍ଟରେ ସ୍ପଷ୍ଟ ହୋଇ ସାରିଛି। ଏହିକ୍ରମରେ ଖଣି ପ୍ରଭାବିତ ଅଞ୍ଚଳବାସୀ ସ୍ୱଚ୍ଛ ପାଣି ପାଇଁ ଚାତକ ପରି ଚାହିଁ ରହିଥିବା ମତପ୍ରକାଶ ପାଇଛି।

ଶାହା କମିଶନଙ୍କ ରିପୋର୍ଟ ଆଧାରରେ ସୁପ୍ରିମ୍‌କୋର୍ଟ ଖଣିଜ ପଦାର୍ଥ ଲୁଟିଥିବା ଲିଜଧାରୀଙ୍କଠାରୁ କ୍ଷତିପୂରଣ ବାବଦକୁ ୧୮ ହଜାର କୋଟି ଟଙ୍କା ଆଦାୟ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅର୍ଥରେ ଓଏମ୍‌ବିଏଡିସି ଗଠିତ ହୋଇଥିଲା। ଓଏମ୍‌ବିଏଡିସି ଅର୍ଥକୁ ମୁଖ୍ୟତଃ ବୋର୍ଡ ଅଫ୍ ଡାଇରେକ୍ଟର ଏବଂ ଓଭରସାଇଟ୍ ଅଥରିଟିଙ୍କ ଅନୁମୋଦନ ନେଇ ୭ଟି କ୍ଷେତ୍ରରେ ବ୍ୟୟ ପାଇଁ ସ୍ଥିର କରାଯିବା ପରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହିକ୍ରମରେ ଖଣି ପ୍ରଭାବିତ ଅନୁଗୋଳ, ମୟୂରଭଞ୍ଜ, କୋରାପୁଟ, ଯାଜପୁର, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲାରେ ୨୦୧୮ରୁ ପର୍ଯ୍ୟାୟକ୍ରମେ ୨୯ ମେଗା ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହିସବୁ ମେଗା ପ୍ରକଳ୍ପରେ ଅଣଓଡ଼ିଆ ଠିକାସଂସ୍ଥା ଏନ୍‌ସିସି (ନାଗାର୍ଜୁନ କନଷ୍ଟ୍ରକ୍ସନ କମ୍ପାନୀ), ଏଲ ଆଣ୍ଡ ଟି, ଭୋଲଟାସ ଏବଂ ମେଘା ଇଞ୍ଜିନିୟର ଆଣ୍ଡ ଇନଫ୍ରାଷ୍ଟ୍ରକ୍ଚର ଲିଃ(ମେଲ)କୁ ଦାୟିତ୍ୱ ଦିଆଯାଇଛି। କେନ୍ଦୁଝର ଜିଲା ହାଟଡିହି ବ୍ଲକରେ ନିର୍ମାଣାଧୀନ ପ୍ରକଳ୍ପ ପାଇଁ ୩୨୧.୩୨ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ସେଥିରୁ ଠିକାସଂସ୍ଥା ଏନ୍‌ସିସିକୁ ୨୮୮.୩୩ କୋଟି ଟଙ୍କା ରିଲିଜ୍ ହୋଇଛି। ସେହିପରି କେନ୍ଦୁଝର, ଚମ୍ପୁଆ, ଝୁମ୍ପୁରା ଓ ବଂଶପାଳ ପ୍ରକଳ୍ପରେ ୩୧୧.୫୦ କୋଟି, ହରିଚନ୍ଦନପୁର, ଘଟଗାଁ, ତେଲକୋଇ, ପାଟନା ଓ ପାଲଲହଡା ପ୍ରକଳ୍ପରେ ୧୦୨୫.୫୩ କୋଟି, ରାଇରଙ୍ଗପୁର ପ୍ରକଳ୍ପରେ ୧୭୮.୯୧ କୋଟି, କୁସୁମୀ ପ୍ରକଳ୍ପରେ ୨୧୧.୯୩ କୋଟି, ଯଶିପୁର ବ୍ଲକ ପ୍ରକଳ୍ପରେ ୨୨୨.୧୧ କୋଟି, ହେମଗିରି ପ୍ରକଳ୍ପରେ ୧୨୩ କୋଟି, କୁତ୍ରା ପ୍ରକଳ୍ପରେ ୧୩୧.୯୬ କୋଟି, ରାଜଗାଙ୍ଗପୁରର ପ୍ରକଳ୍ପରେ ୧୧୬.୮୭ କୋଟି, ଗୁରୁଣ୍ଡିଆ ପ୍ରକଳ୍ପରେ ୬୨ କୋଟି, କୋଇଡା ପ୍ରକଳ୍ପରେ ୨୩ କୋଟି, ଲହୁଣୀପଡା ପ୍ରକଳ୍ପରେ ୫୩ କୋଟି, କୁଆଁରମୁଣ୍ଡା ପ୍ରକଳ୍ପରେ ୯୪.୫୦ କୋଟି, ନୂଆଗାଁ ପ୍ରକଳ୍ପରେ ୧୧୦ କୋଟି, ସୁକିନ୍ଦା-୧ ପ୍ରକଳ୍ପରେ ୪୭.୩୮ କୋଟି, ସୁକିନ୍ଦା-୨ ପ୍ରକଳ୍ପରେ ୧୦୦.୫୪ କୋଟି, ସୁନ୍ଦରଗଡ଼ ଜିଲାର ୧୨୨ଟି ଗ୍ରାମ ପାଇଁ ହେଉଥିବା ପ୍ରକଳ୍ପରେ ୧୪୮ କୋଟି, କେନ୍ଦୁଝର ଜିଲାର ୧୧୫ ଗ୍ରାମ ପ୍ରକଳ୍ପରେ ୮୨.୬୭ କୋଟି, ସୁନ୍ଦରଗଡ ଜିଲାର ବିଶ୍ରା, ଲାଠିକଟା, ବଣେଇ ପ୍ରକଳ୍ପରେ ୪୪ କୋଟି ଏବଂ ଲେଫ୍ରିପଡା, ଟାଙ୍ଗରପାଲି, ସୁନ୍ଦରଗଡ, ବରଗାଁ, ସବଡେଗା ଓ ବାଲିଶଙ୍କରା ପ୍ରକଳ୍ପରେ ୮୪ କୋଟି ଟଙ୍କା ରିଲିଜ ହୋଇଛି। ଏହାବାଦ୍ ମୟୂରଭଞ୍ଜ ଜିଲା ସାମଖୁଣ୍ଟ ବ୍ଲକର ୧୧୭ ଗ୍ରାମ ପାଇଁ ୧୦୦.୧୨ କୋଟି, ସାରସକଣା, କୁଲିଅଣା, ବାଙ୍ଗିରିପୋଷି ବ୍ଲକର ୨୫ ପଞ୍ଚାୟତ ପାଇଁ ୨୦୨.୬୮ କୋଟି, ବାଙ୍ଗିରିପୋଷି, କୁଲିଅଣା ବ୍ଲକର ଅନ୍ୟ ୧୬ ପଞ୍ଚାୟତ ପାଇଁ ୨୦୭.୮୬ କୋଟି, ଉଦଳା, ଉଦଳା ଓ ଖୁଣ୍ଟା ବ୍ଲକ ପାଇଁ ୨୨୧.୫୭ କୋଟି, କପଟିପଡା ବ୍ଲକର ୨୬ ପଞ୍ଚାୟତ ପାଇଁ ୨୩୫.୯୧ କୋଟି, ବଡ଼ସାହି ବ୍ଲକର ୩୦ ପଞ୍ଚାୟତ ପାଇଁ ୨୦୮.୪୭ କୋଟି ଓ ବାରିପଦା ବ୍ଲକର ୧୧ ପଞ୍ଚାୟତ ପାଇଁ ୧୧୬.୬୯ କୋଟି ଏବଂ ରାଇରଙ୍ଗପୁର ଡିଭିଜନ ଅଧୀନସ୍ଥ ରରୁଆଁ ବ୍ଲକରେ ୭୪.୨୧ କୋଟି ଓ ସୁଲ୍ଲି ବ୍ଲକ ପାଇଁ ୯୮.୪୨ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହିସବୁ ପ୍ରକଳ୍ପଗୁଡିକର ଅଗ୍ରଗତି ୮୯.୪୨% ରେ ରହିଛି ବୋଲି ବିଭାଗ ପକ୍ଷରୁ ଦାବି କରାଯାଇଛି। ଯାଜପୁର ଜିଲା ସୁକିନ୍ଦା ବ୍ଲକରେ ଏନ୍‌ସିସି ପକ୍ଷରୁ ନିର୍ମାଣାଧୀନ ୨ ମେଗା ଜଳଯୋଗାଣ ପ୍ରକଳ୍ପରେ ବ୍ୟାପକ ଅନିୟମିତତା ହୋଇଥିବା ପୂର୍ବରୁ ଇଞ୍ଜିନିୟର୍ସ ଅଥରିଟି ଓ ବିଭାଗୀୟ ତାଗିଦ ହୋଇ ସାରିଛି। ଏହାସତ୍ତ୍ୱେ ବିଭିନ୍ନ ଆଳ ଦେଖାଇ ଏହି ପ୍ରକଳ୍ପରେ ମଞ୍ଜୁର ଅର୍ଥ ଠାରୁ ୬ କୋଟି ଟଙ୍କା ଅଧିକ ମଞ୍ଜୁର ହୋଇଥିବା ଜଣାପଡ଼ିଛି। ତଥାପି ପ୍ରକଳ୍ପଗୁଡିକ ସମ୍ପୂର୍ଣ୍ଣ ନ ହେବା ଏବଂ ନିମ୍ନମାନର କାର୍ଯ୍ୟ ଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

### ଓଏମ୍‌ବିଏଡିସି

**ବିଳମ୍ବ ସୁଯୋଗରେ ଅଧିକ ପାଣ୍ଠି ମଞ୍ଜୁର**



**ଆଜିର ମନ୍ତବ୍ୟ**
"ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସମାଜକୁ ସଜାଗ ଓ ଏକାଠି କରିବା ପାଇଁ ଉଦ୍ୟମ ଚଳାଇଛି। ଏହାଦ୍ୱାରା ସାରା ବିଶ୍ୱ ଆଗରେ ଭାରତ ଏକ ମଡେଲ ଭାବେ ଉଭା ହୋଇପାରିବ। -ମୋହନ ଭାଗବତ, ଆର୍‌ଏସ୍‌ଏସ୍ ମୁଖ୍ୟ


## ଜନ୍ମଦିନର ଶୁଭେଚ୍ଛା
ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସିଦ୍ଧାର୍ଥ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୩ରୁ ପୁଣି ବର୍ଷା

**ଭୁବନେଶ୍ୱର, ୨୧।୮(ବ୍ୟୁରୋ)**

ମାସକରେ ଲଗାତର ୩ ଲଘୁଚାପ ଯୋଗୁ ପ୍ରବଳ ବର୍ଷା ହେବା ଫଳରେ ରାଜ୍ୟରେ ବନ୍ୟା ପରିସ୍ଥିତି ଲାଗିରହିଛି। ଅଧିକାଂଶ ଅଞ୍ଚଳରେ ଲୋକେ ପାଣି ଘେରରେ ନାନା ଦୁର୍ଦ୍ଦଶା ଭିତରେ କାଳାତିପାତ କରୁଛନ୍ତି। ତେବେ ଦୁଇଦିନ ଧରି ଶୁଖିଲା ପାଗ ବନ୍ୟା ବିପନ୍ନଙ୍କୁ ଆଶ୍ୱସ୍ତ ଦେଇଥିବାବେଳେ ଏବେ ବର୍ଷା ପାଇଁ ପୁଣି ଚିନ୍ତା ବଢ଼ିଛି। ଆସନ୍ତା ୨୩ ତାରିଖରୁ ରାଜ୍ୟରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ବିଶେଷକରି ଉପକୂଳ, ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡ଼ିଶାରେ ଘଡ଼ଘଡ଼ି ସହ ବର୍ଷା ହେବାର ଆଶଙ୍କା ରହିଛି। ୨୩ ତାରିଖରେ ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ହେବ। ଏଥିପାଇଁ ଏହି ତିନି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିଦିନ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, କଳାହାଣ୍ଡି, କନ୍ଧମାଳ ଓ ରାୟଗଡ଼ାରେ ଝଡ଼ତୋଫାନ ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ସେହିଭଳି ୨୪ରେ ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ଅନୁଗୋଳ ଓ ଢେଙ୍କାନାଳରେ ସ୍ୱଳ୍ପ ଧରଣର ବର୍ଷା ହେବା ସହିତ ବଜ୍ରପାତ ନେଇ ପାଣିପାଗ କେନ୍ଦ୍ର ସତର୍କ କରାଇଛି। ବଜ୍ରପାତ ନେଇ ଏସବୁ ଜିଲାକୁ ୨୪ରୁ ୨୫ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେପଟେ ରବିବାର ଅପରାହ୍ନ ସାଢ଼େ ୫ଟା ସୁଦ୍ଧା ବାଲେଶ୍ୱର ଜିଲାରେ ସର୍ବାଧିକ ୨୯.୨ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ହୀରାକୁଦରେ ୨୨, ସମ୍ବଲପୁରରେ ୧୨.୨, ସୋନପୁର ୧୦.୮, ଅନୁଗୋଳ ୯, ନୟାଗଡ଼ ୮, ବଲାଙ୍ଗୀର ୫, ପାରଳାଖେମୁଣ୍ଡି ୬.୮ ଓ ବରଗଡରେ ୬.୨ମିମି ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

## ୪ ବରିଷ୍ଠ ଅଗ୍ନିଶମ ଅଧିକାରୀଙ୍କୁ ବନ୍ୟାଞ୍ଚଳ ଦାୟିତ୍ୱ

**ଭୁବନେଶ୍ୱର,(ବ୍ୟୁରୋ)୨୧।୮**

ଲଗାଣ ବର୍ଷା ଫଳରେ ଉତ୍ତର ଓଡ଼ିଶାରେ ପୁଣି ବନ୍ୟାସ୍ଥିତି ଉପୁଜିଛି। ସୁବର୍ଣ୍ଣରେଖା ଓ ବୈତରଣୀରେ ବନ୍ୟା ଆସିବାରୁ ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଉଥିବାବେଳେ ବନ୍ୟା ବିପନ୍ନଙ୍କୁ ସ୍ଥାନାନ୍ତର, ଉଦ୍ଧାର, ରିଲିଫ୍ ବଣ୍ଟନରେ ସହାୟତା ପାଇଁ ଅଗ୍ନିଶମ ଡିଜି ସନ୍ତୋଷ ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ୪ ବରିଷ୍ଠ ଅଧିକାରୀଙ୍କୁ ଯାଜପୁର, ଭଦ୍ରକ, ବାଲେଶ୍ୱର ଜିଲାକୁ ପଠାଯାଇଛି। ଭଦ୍ରକ ଜିଲା ଚିଫ୍ ଫାୟାର ଅଫିସର (ଏସ୍‌ଏଜି) ଡି.କେ ସ୍ୱାଇଁଙ୍କୁ ଭଦ୍ରକ ଦାୟିତ୍ୱ ଦିଆଯାଇଥିବାବେଳେ କଟକ ସେଣ୍ଟ୍ରାଲ ରେଞ୍ଜର ଫାୟାର ଅଫିସର ବିଚିତ୍ର କୁମାର ପଣ୍ଡାଙ୍କୁ ବାଲେଶ୍ୱର, ଓଡ୍ରାଫ ଫାୟାର ଅଫିସର ରମେଶ ଚନ୍ଦ୍ର ମାଝିଙ୍କୁ ଯାଜପୁର ଏବଂ ବାଲେଶ୍ୱର ଡିଏଫ୍‌ଓ ସତ୍ୟପିର୍ ବେହେରାଙ୍କୁ ଜଳେଶ୍ୱର ଅଞ୍ଚଳ ଦାୟିତ୍ୱ ଦିଆଯାଇଛି।


# classifieds Everyday
0674-2580101, 2549302

real estate

**SALE**

**Infocity-II, Madanpur ପାଖରେ 2000sqft.କୁ 24,00,000/- ଟଙ୍କାରେ ପାଚେରି ସହ plot ବିକ୍ରିହେବ। 7978617023.** D-1270

ସ୍ଥିତିବାନ ଘରବାରି ପ୍ଲଟ୍ ପାଚେରି ସହିତ ବିକ୍ରିହେବ। ଉତ୍ତରା ଟଙ୍କପାଣିରୋଡ୍ ପାଖରେ। 9861201010. D-73856

Low cost plot sqft.-180/- to 290/- near ସାକ୍ଷୀଗୋପାଳ, ପୁରୀ, କଟକ, IIT ଅରଗୁଳ ପାଖରେ immediate possession road ସହିତ ମିଳୁଛି। 9692213354. D-73955

ପୁରୀ ମେରାଇନ୍ ଡ୍ରାଇଭ୍ roadକୁ ଲାଗି commercial, sub plot ଘରବାଡ଼ି ସହିତ ମିଳୁଛି। 9692213354. D-73954

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-73299

Bhubaneswar Gangapada Maharaja କଲେଜକୁ ଲାଗି 1500sqft. plot-12,75,000/- ନେଇ ଘର କରନ୍ତୁ। (40 plot available). 9938016295. D-73298

construction

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1116

**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.** D-73295

healthcare

Newly open SPA positively health benefit with expert. Contact: 7749976301. D-73859

Newly open full body massage 1099 free massage one. Mo: 9583808247. D-1164

**Relax, Refresh your body, Mind at Saikrupa Spa with best therapies. 8984068077.** D-1248

Newly open full body massage, ladies and gents. 7846923244. D-73956

Refresh your body with best therapist Ashirvad Panchakarma harbal SPA Kesarimall. 8926173473. D-73951

astrology

ଘରେ କିମ୍ବା plotରେ ବାସ୍ତୁଦୋଷ ଥିବାପରି ମନେହେଉଛି କି? ବିଳମ୍ବ ନକରି ଯୋଗାଯୋଗ ''ଆଷ୍ଟ୍ରୋବାସ୍ତୁ ସମାଧାନ।'' 7978736177. D-68297

**AFFIDAVIT**

By virtue of an affidavit sworn before Notary Public dated 20.08.2022 I Dhirendra Kumar Jena, Vill-Paripotali, Post-Jopana, Pipili, Puri-752105 have changed my daughter's name from Linsha Rachel to Linsha Jena. Henceforth she will be known as Linsha Jena for all purpose. D-71353

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରକୁ ସାଜେ ବୁଢ଼ୀ,
ବିଲକୁ ସାଜେ ଆଡ଼ି।**

ପୁରୁଖା ବ୍ୟକ୍ତି ଘରର ମୁରବି ଏବଂ ମର୍ଯ୍ୟାଦାବନ୍ତ ବୋଲି କୁହାଯାଏ। ବୃଦ୍ଧ ବୃଦ୍ଧା ବା ବୟସ୍କ ବ୍ୟକ୍ତି ହିଁ ଘରର ଅସଲ ଜଗୁଆଳ ହେବା ସହ ନିଜ ସାଂସାରିକ ଅଭିଜ୍ଞତା ବଳରେ ଘର ପରିବାରକୁ ଏକ ସୂତ୍ରରେ ବାନ୍ଧି ରଖିବାକୁ ସକ୍ଷମ ହୋଇଥାନ୍ତି। ସେହିପରି ଜମି ବା ବିଲରେ ରହିଥିବା ହିଡ଼ ଜମିର ଜଳଧାରଣ କ୍ଷମତାକୁ ବୃଦ୍ଧି କରାଇବାରେ ସହାୟକ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଘର ବୋଲୁଛି ଯା ଯା
ମଶାଣି ବୋଲୁଛି ଆ ଆ।**

ମିଛ ମାୟାର ଏହି ସଂସାରରେ କେହି କାହାର ନୁହଁନ୍ତି। ଏହା ଜାଣି ମଧ ଅନେକେ ସାଂସାରିକ ମୋହ ମାୟାରୁ ନିଜକୁ ମୁକ୍ତ ରଖି ପାରି ନ ଥାନ୍ତି। ବୟସ ଅତ୍ୟଧିକ ହେଲେ ବି ବହୁ ଲୋକଙ୍କର ଘର ସଂସାର ପ୍ରତି ମୋହ ମାୟା ତୁଟୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

## ୧୦ଦିନ ହେବ ଘରକୁ ଫେରିପାରୁ ନାହାନ୍ତି ଛାତ୍ରୀଛାତ୍ର

**ଟେନ୍‌ସା,୨୧।୮(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ ମାଲଦା ଗ୍ରାମପଞ୍ଚାୟତର ପାରମସାହି ଗ୍ରାମରୁ ବାହାରକୁ ପାଠପଢିବାକୁ ଯାଇଥିବା ଛାତ୍ରୀଛାତ୍ର ୧୦ଦିନ ହେବ ଘରକୁ ଫେରିପାରୁ ନାହାନ୍ତି। ଗ୍ରାମକୁ ଯିବା ଆସିବା କରିବାକୁ ହେଲେ ଏକ ନାଳ ପାରି ହେବାକୁ ପଡ଼ିଥାଏ। ବର୍ଷା ଯୋଗୁ ନାଳରେ ଅଧିକ ପାଣି ଆସିବା ସହ ପ୍ରଖର ସ୍ରୋତ ଯୋଗୁ ନାଳରେ ଯାଇ ଆସି ହେଉନାହିଁ। ନାଳ ପାରିହୋଇ କୋଇଡାକୁ ଆସିଥିବା ଲୋକେ ଓ ଛାତ୍ରୀଛାତ୍ର ଘରକୁ ଯାଇପାରୁ ନାହାନ୍ତି। ପାରମସାହିରେ ୧୫ ପରିବାରର ୧୦୦ରୁ ଅଧିକ ଲୋକ ବାସକରନ୍ତି। ବର୍ଷା ଆସିଲେ ଉକ୍ତ ଗ୍ରାମର ଲୋକଙ୍କ ଦୁଃଖ ବଢିଯାଏ। ନାଳରେ ହଠାତ୍ ବର୍ଷା ଜଳ ଆସିଯିବାରୁ କଲେଜ ଆସିଥିବା ଛାତ୍ରୀଛାତ୍ରଙ୍କ ସହ କାର୍ଯ୍ୟ କରିବାକୁ ଆସିଥିବା ଲୋକେ ଘରକୁ ଫେରି ନ ପାରି ଫସି ରହିଛନ୍ତି। ସେମାନେ ନିଜର ବନ୍ଧୁବାନ୍ଧବ, ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଛନ୍ତି। ସେପଟେ ୧୦ଦିନ ହେବ ନାଳ ପାରିହୋଇ ଗାଁ ଲୋକେ ଆସିପାରୁ ନ ଥିବାରୁ ଏବେ ପନ୍ଦର ପରିବାରଙ୍କ ପାଖରେ ଖାଦ୍ୟ ସାମଗ୍ରୀ ମଧ୍ୟ ସରିଗଲାଣି। ଫଳରେ ଭୋକଉପାସରେ ପନ୍ଦର ପରିବାର ଦିନ କାଟୁଛନ୍ତି। ବିପନ୍ନଙ୍କ ପାଖରେ ସ୍ଥାନୀୟ ପ୍ରଶାସନ ପହଞ୍ଚି ନ ଥିବାବେଳେ ଅଞ୍ଚଳର କେତେଜଣ ଯୁବକ ମାଲଦା ସରପଞ୍ଚଙ୍କ ସହାୟତାରେ ଶୁଖିଲା ଖାଦ୍ୟ ସାମଗ୍ରୀ ପହଞ୍ଚାଇବା ପାଇଁ ଚେଷ୍ଟା କରୁଥିଲେ। କିନ୍ତୁ ନାଳର ପ୍ରଖର ସ୍ରୋତରେ ବିପନ୍ନଙ୍କ ପାଖରେ ପହଞ୍ଚିବା ସମ୍ଭବ ହେଉନାହିଁ।

**ନାଳରେ ଆସିଲା ବର୍ଷାଜଳ**

# ଡାଏରୀ, ମୋବାଇଲରୁ ମୃତ୍ୟୁର କାରଣ ଖୋଜା

## ମହିଳା ଇଞ୍ଜିନିୟରଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା

- ପ୍ରାଥମିକ ତଦନ୍ତରୁ ଆତ୍ମହତ୍ୟା
- ପୂର୍ବରୁ ଆତ୍ମହତ୍ୟା ଉଦ୍ୟମ କରିଥିଲେ ଶ୍ୱେତା

**ଭୁବନେଶ୍ୱର,୨୧।୮(ବ୍ୟୁରୋ)**

ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାରସ୍ଥିତ ଇନ୍‌ଫୋସିଟି ଗ୍ରୀନ୍ ଆପାର୍ଟମେଣ୍ଟରୁ ମହିଳା ସଫ୍ଟୱେର୍ ଇଞ୍ଜିନିୟର ଶ୍ୱେତା ଉତ୍କଳ କୁମାରୀ(୨୬)ଙ୍କ ମୃତଦେହ ମିଳିବା ଘଟଣାରେ ପୋଲିସ ଖୋଳତାଡ଼ ଜାରି ରଖିଛି। ମୃତ୍ୟୁକୁ ନେଇ ସସ୍‌ପେନ୍ସ ଲାଗି ରହିଥିବାବେଳେ ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ପୋଲିସ ଜାଣିବାକୁ ପାଇଛି। ତଥାପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫୬/୨୦୨୨) ରୁଜୁ କରି ତଦନ୍ତ ଚଳାଇବା ସହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ସେପଟେ ପରିବାର ଲୋକେ ଝିଅ ମୃତ୍ୟୁର କାରଣ ଜାଣିବାକୁ ଚାହିଁ ବସିଛନ୍ତି। ଝିଅ ଯଦି ଆତ୍ମହତ୍ୟା କରିଛି, ତେବେ କ'ଣ ପାଇଁ ସେ ଏଭଳି ଚରମ ନିଷ୍ପତ୍ତି ନେବାକୁ ବାଧ ହେଲା, ତାହା ପୋଲିସ ଖୋଜି ବାହାର କରୁ ବୋଲି କହିଛନ୍ତି। ହେଲେ ପରିବାର ପକ୍ଷରୁ କୌଣସି ବ୍ୟକ୍ତିଙ୍କ ବିରୋଧରେ ଥାନାରେ


ଶ୍ୱେତା ଉତ୍କଳ କୁମାରୀ

ଅଭିଯୋଗ କରାଯାଇନାହିଁ। କିନ୍ତୁ ପୋଲିସ ଜବତ କରିଥିବା ଡାଏରୀ ଓ ମୋବାଇଲରୁ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇବାକୁ ଆଶା ରଖିଛି। ଶ୍ୱେତା ପ୍ରେମଜନିତ କାରଣରୁ ମାନସିକ ଚିନ୍ତାରେ ଥିଲେ ବୋଲି ସୂଚନା ପାଇବା ପରେ ପୋଲିସ ସେନେଇ ଅଧିକ ଖୋଳତାଡ଼ ଚଳାଇଛି। ମୃତ୍ୟୁ ପୂର୍ବରୁ ଶ୍ୱେତା କାହା ସହ କଥା ହୋଇଥିଲେ, କେଉଁ ବିଷୟରେ କଥା ହୋଇଥିଲେ, କେତେ ସମୟ କଥା ହୋଇଥିଲେ ଏହା ଜାଣିବାକୁ ପୋଲିସ କଲ୍ ଡିଟେଲ୍ସ ରିପୋର୍ଟ ଯାଞ୍ଚ କରୁଛି। ଏଥିସହ ଉକ୍ତ ଡାଏରୀରେ ଥିବା ପ୍ରତିଟି ଲେଖାକୁ ବିଶ୍ଳେଷଣ ମଧ୍ୟ କରୁଛି। ଏନେଇ ଥାନାଧିକାରୀ ପ୍ରକାଶ ଚନ୍ଦ୍ର ମାଝି କହିଛନ୍ତି, ଶ୍ୱେତା ପୂର୍ବରୁ ଥରେ ଆତ୍ମହତ୍ୟା ଉଦ୍ୟମ କରିଥିବା ପରିବାର ଲୋକେ ଆମକୁ କହିଛନ୍ତି। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ହୋଇଥିବାବେଳେ ଏହାର କାରଣ ଜାଣିବାକୁ ପ୍ରୟାସ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ତଦନ୍ତ ଆହୁରି ସହଜ ହୋଇଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଶ୍ୱେତାଙ୍କ ଘର ଭଦ୍ରକ ଟାଉନ୍‌ସ୍ଥିତ ଗଗସାହିରେ ହୋଇଥିବାବେଳେ ସେ ଭୁବନେଶ୍ୱରରେ ରହି ସ୍ଥାନୀୟ ଏକ ଅନ୍ତଃରାଷ୍ଟ୍ରୀୟ କମ୍ପାନୀରେ ସଫ୍ଟୱେର ଇଞ୍ଜିନିୟର ଭାବେ କାମ କରୁଥିଲେ। ଶୁକ୍ରବାର ସାଙ୍ଗମାନେ ଘରେ ନ ଥିଲେ। ପରିବାର ଲୋକେ ଓ ସାଙ୍ଗମାନେ ରାତିରେ ତାଙ୍କୁ ଫୋନ୍ କରିଥିଲେ। ମୋବାଇଲ ସୁଇଚ୍ ଅଫ୍ ଆସିବାରୁ ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ଶନିବାର ସକାଳେ ପୋଲିସ ଆପାର୍ଟମେଣ୍ଟସ୍ଥିତ ସି-ବ୍ଲକ୍‌ରେ ଥିବା ତାଙ୍କ ଘରକୁ ଯାଇଥିଲା। ଘର କବାଟ ବନ୍ଦ ଥିଲା। ତେଣୁ ପୋଲିସ ଉକ୍ତ କବାଟ ଭାଙ୍ଗି ଭିତରେ ପଶିଥିଲା। ଏହି ସମୟରେ ଶ୍ୱେତାଙ୍କ ମୃତଦେହ ଫ୍ୟାନରେ ଓଢ଼ଣି ଦ୍ୱାରା ଝୁଲୁଥିବା ଦେଖିବାକୁ ମିଳିଥିଲା।

**ପ୍ରଥମ ପୃଷ୍ଠାରୁ...**

## ସୁବର୍ଣ୍ଣରେଖାରେ ...

ଏହାର ପ୍ରଭାବ ସୋମବାର ସନ୍ଧ୍ୟା ପର୍ଯ୍ୟନ୍ତ ପଡ଼ିବ। ଏହାକୁ ଦୃଷ୍ଟିରେ ରଖି ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ ଓ ଅଗ୍ନିଶମ ବାହିନୀର ୪୦ ଟିମ୍ ମୁତୟନ ହେବେ ବୋଲି ଏସ୍‌ଆର୍‌ସି ସୂଚନା ଦେଇଛନ୍ତି। ବନ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମନ୍ତ୍ରୀ ପ୍ରତାପ ଦେବଙ୍କୁ ଉକ୍ତ ଅଞ୍ଚଳକୁ ପଠାଇଛନ୍ତି। ସେ ସମସ୍ତ ଜନ ପ୍ରତିନିଧିମାନଙ୍କୁ ନେଇ ସ୍ଥିତିର ମୁକାବିଲା ଦିଗରେ କାମ କରୁଛନ୍ତି। ବନ୍ୟା ଯୋଗୁ ବାଲେଶ୍ୱର ଜିଲାରେ ୧.୧୫ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ଯୁଗ୍ମ ଏସ୍‌ଆର୍‌ସି ପଦ୍ମନାଭ ବେହେରା କହିଛନ୍ତି।

ଆଖୁଆପଦାରେ ବୈତରଣୀ ବିପଦ ସଙ୍କେତ ଉପରେ ରହିଛି। ଆଖୁଆପଦାରେ ଜଳପତ୍ତନ ୧୮.୯୯ମିଟର ରହିଥିବା ବେଳେ ଏହା ବୃଦ୍ଧି ପାଉଛି। ବୈତରଣୀ ପାଇଁ ଯାଜପୁର ଓ ଭଦ୍ରକ ଜିଲାକୁ ଆଲର୍ଟରେ ରଖିଛୁ। ବ୍ରାହ୍ମଣୀ ଉପରେ ମଧ ତୀକ୍ଷ୍ଣ ନଜର ରହିଥିବା ଏସ୍‌ଆର୍‌ସି କହିଛନ୍ତି। ସେହିପରି ଶିମିଳିପାଳରେ ପ୍ରବଳ ବର୍ଷା ଯୋଗୁ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଛି। ବର୍ତ୍ତମାନ ପର୍ଯ୍ୟନ୍ତ ବୁଢ଼ାବଳଙ୍ଗ ବିପଦ ସଙ୍କେତ ଅତିକ୍ରମ କରିନାହିଁ। କିଛି ସ୍ଥାନରେ ଏହାର ଜଳସ୍ତର ଖସିବା ଆରମ୍ଭ କରିଛି। କାଣୀ ନଦୀରେ ହୋଇଥିବା ଘାଇର ମରାମତି ହୋଇପାରି ନ ଥିଲା। ତେଣୁ ପୁଣି ବନ୍ୟା ଆସିବାରୁ ସେଠାରେ ପାଣି ପଶିବା ଆରମ୍ଭ ହୋଇଯାଇଛି।

ଅପରପକ୍ଷେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ହାରାହାରି ୧୫.୩ ବୃଷ୍ଟିପାତ ରେକର୍ଡ କରାଯାଇଛି। ରବିବାର ଅପରାହ୍ନ ସୁଦ୍ଧା ହୀରାକୁଦର ଜଳପତ୍ତନ ୬୨୧.୨୬ ଫୁଟ ରହିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ଲକ୍ଷ ୬୮ହଜାର ୪୫୧ କ୍ୟୁସେକ ଜଳ ପ୍ରବେଶ କରୁଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୧ଲକ୍ଷ ୨୦ହଜାର ୧୭୧ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ଖଇରମାଳଠାରେ ୩ଲକ୍ଷ ୬୫ହଜାର କ୍ୟୁସେକ, ବଡ଼ମୂଳଠାରେ ୫ଲକ୍ଷ ୭୬ହଜାର କ୍ୟୁସେକ, ମୁଣ୍ଡଳୀଠାରେ ୮ଲକ୍ଷ ୬୦ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ମୁଣ୍ଡଳୀ ସମେତ ମହାନଦୀର ସବୁ ସ୍ଥାନରେ ଜଳପତ୍ତନ କ୍ରମଶଃ ହ୍ରାସ ପାଉଛି।

ମିଳିଥିବା ସୂଚନାନୁସାରେ, ଏବେ ସୁଦ୍ଧା ୧୩ ଜିଲାର ୭୩ ବ୍ଲକ ୬୦୯ ପଞ୍ଚାୟତର ୨,୨୩୮ ଗ୍ରାମ ପ୍ରଭାବିତ ହୋଇଛି। ରାଜ୍ୟର ୭୬୮ ଗ୍ରାମ ଜଳ ଘେରରେ ରହିଥିବା ବେଳେ ୫ଲକ୍ଷ ୪୫ହଜାର ଲୋକ ଜଳବନ୍ଦୀରେ ରହିଛନ୍ତି। ଏସବୁ ଅଞ୍ଚଳର ୩୨୪ ରିଲିଫ କେନ୍ଦ୍ରରେ ୧ଲକ୍ଷ ୨୪ହଜାର ଲୋକଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଛି। ବନ୍ୟା ପ୍ରଭାବରେ ୫ଲକ୍ଷ ୬୧ହଜାର ୪୧୮ ବିଦ୍ୟୁତ ଉପଭୋକ୍ତା କ୍ଷତିଗ୍ରସ୍ତ ହୋଇଥିବା ବେଳେ ସେଥିମଧ୍ୟରୁ ୫ଲକ୍ଷ ୨୧ହଜାର ୫୬୦ ଉପଭୋକ୍ତାଙ୍କୁ ବିଦ୍ୟୁତ ସଂଯୋଗ ଦିଆଯାଇସାରିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୮୫ ମେଡିକାଲ ରିଲିଫ କେନ୍ଦ୍ର ଖୋଲା ଯିବା ସହ ୧୧୫ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଚିକିତ୍ସା ଟିମ୍ ମୁତୟନ ହୋଇଛି। ଏହି ସମୟରେ ୭,୩୦୦ ସାଧାରଣ ରୋଗର ଚିକିତ୍ସା ହୋଇଥିବାବେଳେ ୧୨ ସାପ କାମୁଡ଼ା ଘଟଣାର ଚିକିତ୍ସା କରାଯାଇଥିବା ଏସ୍‌ଆର୍‌ସିଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ବାଲେଶ୍ୱର ଜିଲାପାଳଙ୍କୁ ...

ଏସ୍‌ଆରସି (ସ୍ୱତନ୍ତ୍ର ରିଲିଫ୍ କମିଶନର) କ୍ଷମତା ପ୍ରଦାନ କରିଛନ୍ତି। ସାଧାରଣତଃ ଏହି କ୍ଷମତା କୌଣସି ଜିଲାପାଳଙ୍କୁ ମିଳି ନ ଥାଏ। ଦିନେ ଦୁଇ ଦିନ ମଧ୍ୟରେ ବାଲେଶ୍ୱରରେ ବନ୍ୟା ସ୍ଥିତି ଜଟିଳ ହେବାର ଆଶଙ୍କା ରହିଥିବାରୁ ଏପରି ନିର୍ଦ୍ଦେଶ ଦିଆଯାଇଛି। ଯଦି ଜରୁରିକାଳୀନ ସ୍ଥିତିରେ ଉଦ୍ଧାର କାର୍ଯ୍ୟ ପାଇଁ ହେଲିକପ୍ଟର ଆବଶ୍ୟକ ପଡ଼େ, ତେବେ ତାହା ଯୋଗାଇ ଦେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨ ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୁବର୍ଣ୍ଣରେଖା ନଦୀରେ ସନ୍ଧ୍ୟାରୁ ସୋମବାର ସକାଳ ୧୦ଟା ଭିତରେ ଜଳସ୍ତର ବୃଦ୍ଧି ପାଇବ। ଫଳରେ ଅନ୍ୟ ଅଧିକାରୀମାନଙ୍କୁ ମଧ୍ୟ ଭଦ୍ରକ, ବାଲେଶ୍ୱରର ବିଭିନ୍ନ ଦାୟିତ୍ୱ ଦିଆଯାଇଛି।

## ୩ ଦିନରେ ...

ଶନିବାର ସୁଦ୍ଧା ରାଜ୍ୟରେ ୨୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୨ ଆହତ ହୋଇଥିଲେ। ସର୍ବାଧିକ କ୍ଷତି ମଣ୍ଡି, କାଙ୍ଗରା ଓ ଚମ୍ବା ଜିଲାରେ ଘଟିଛି। ହିମାଚଳରେ ୩ ଦିନରେ ୩୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ହଜାର ଲୋକ ବିଭିନ୍ନ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି। ସେହିପରି ଉତ୍ତରାଖଣ୍ଡରେ ବାଦଲ ଫଟା ବର୍ଷା ଯୋଗୁ ୪ ଜଣଙ୍କ ଜୀବନ ଯାଇଥିବାବେଳେ ଅନ୍ୟ ୧୩ ଜଣ ନିଖୋଜ ହୋଇଯାଇଛନ୍ତି। ଓଡ଼ିଶାରେ କାନ୍ଥ ଭୁଶୁଡ଼ି ଓ ବନ୍ୟାଜଳରେ ଭାସିଯାଇ ଅନ୍ୟୂନ ୬ ଜଣଙ୍କ ମୃତ୍ୟୁ ଘଟିଛି। ରାଜ୍ୟର ପ୍ରାୟ ୮ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ସରକାର ୧୨୦,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି। ସେହିପରି ଝାଡ଼ଖଣ୍ଡର ରାମଗଡ଼ ଜିଲାରେ ନଲକାରି ନଦୀର ଉଛୁଳା ପାଣିରେ ୫ ଜଣ ଭାସିଯାଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରରେ କୌଣସି ଘଟଣାକୁ କେନ୍ଦ୍ରକରି କିଛି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଦ୍ୱିଜା ନକ୍ଷତ୍ର ଆକସ୍ମିକ ଅର୍ଥ ଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ଲାଭ କରି ଖୁସି ରହିବେ। ପ୍ରତି କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତି ସୁଧାରି ନେବେ। ବାହାର ଜାଗାରେ ସତର୍କତାର ସହ କାମ ନ କଲେ ବିବାଦ ସୃଷ୍ଟି ହୋଇପାରେ।

**ବୃଷ** ଆକସ୍ମିକ ଆବଶ୍ୟକତା କାରଣରୁ ଖର୍ଚ୍ଚ ବୃଦ୍ଧି ପାଇ ଦୁଶ୍ଚିନ୍ତାକୁ ବଢ଼ାଇ ଦେବ। ଅବଶ୍ୟ ହିତୈଷୀ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ ସାଧନ କରିବେ। ରୋହିଣୀ ନକ୍ଷତ୍ର ନିର୍ମାଣ କାର୍ଯ୍ୟ ମନ୍ଥର ହେବ କିନ୍ତୁ ସମସ୍ୟାର ସମାଧାନ ହୋଇଯିବ। ପାରିବାରିକ, ପ୍ରଶାସନ, ଯାନବାହନ ଓ ଯାତ୍ରାରୁ ସୁଫଳ ପାଇପାରନ୍ତି।

**ମିଥୁନ** କର୍ମଜଞ୍ଜାଳ ବୃଦ୍ଧି କାରଣରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ଋଣ ପରିଶୋଧ ସକାଶେ ବିଭିନ୍ନ ଧନ୍ଦା କରିବାକୁ ମନ ବଳାଇପାରନ୍ତି। ପୁନର୍ବସୁ ନକ୍ଷତ୍ରର କର୍ମକ୍ଷେତ୍ରରେ, ବ୍ୟବସାୟରେ ସ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣକଲେ ମନ୍ଦ ହେବନି। ଶିଳ୍ପ, ବାଣିଜ୍ୟ, କଳା ଓ ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ** ପାରିବାରିକ ବ୍ୟତିକ୍ରମ ଓ ଆର୍ଥିକ ସମସ୍ୟା ନେଇ ମନରେ ଦୁର୍ଭାବନା ସୃଷ୍ଟି ସୂଚନା ରହିଛି। ଅଶ୍ଳେଷା ନକ୍ଷତ୍ରର କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ କରି କଳହ ଘଟିପାରେ। ଅଫିସ୍ କାମରେ ସହକର୍ମୀଙ୍କ ସହ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ କରିପାରିବେ। କଳା, ସାହିତ୍ୟ, ସଙ୍ଗୀତ ଓ ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ସିଂହ** ମଘା ନକ୍ଷତ୍ର ଅନ୍ୟମାନଙ୍କ ସକାଶେ ଯେତେ ସୁଯୋଗ ସୃଷ୍ଟି କଲେ ମଧ ସେମାନଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। କର୍ମକ୍ଷେତ୍ର ଓ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ବନ୍ଧୁଙ୍କ ଦ୍ୱାରା ପ୍ରଭାବିତ ହୋଇ ଏକସଙ୍ଗେ ଗୁଡ଼ିଏ କାମ ହାତକୁ ନେବା କାରଣରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। ହଜି ଯାଇଥିବା କିମ୍ବା ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ।

**କନ୍ୟା** ପୂର୍ବାଫାଲଗୁନୀ ନକ୍ଷତ୍ର କେତେକ କାରଣକୁ ନେଇ କିମ୍ବା ବୃଥା ସନ୍ଦେହ କରି ନିଜ ଲୋକଙ୍କୁ ଭୁଲ ବୁଝିପାରନ୍ତି। ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନରେ ଭୟ ସୃଷ୍ଟି କରିବ। ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ସମ୍ଭାବନା ରହିଛି। ଗୃହ ସଜ୍ଜା,ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡ଼ିବାରେ ମନୋନିବେଶ କରିବେ।

**ତୁଳା** ବିଗତ ଦିନର ଘଟଣାବଳୀକୁ ନେଇ ମନ ଅସ୍ଥିର ରହିବ। ବୃଥା ସନ୍ଦେହ ଓ ମତପାର୍ଥକ୍ୟଜନିତ ସାଧାରଣ କଥାରୁ ପରିବାରରେ ଝଡ଼ ଉଠିପାରେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ, ନଚେତ୍ କଳହର ସୂତ୍ରପାତ ହୋଇପାରେ। ସ୍ୱାତୀ ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇପାରିବ।

**ବିଛା** ଅନ୍ୟମାନଙ୍କ କଥାରେ ଭାସିଯାଇ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାକୁ ସମାଧାନ କରିବାରେ ଯତ୍ନବାନ ହୋଇପାରନ୍ତି। ଜ୍ୟେଷ୍ଠା ନକ୍ଷତ୍ର ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେଲେ ମଧ ବିଜୟୀ ହେବେ। ବନ୍ଧୁଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ।

**ଧନୁ** ମୂଳା ନକ୍ଷତ୍ରର ମନ ଭଲ ନ ଥିବା କାରଣରୁ ଆପଣଙ୍କ ବ୍ୟବହାର ବନ୍ଧୁଙ୍କ ମନରେ ଅଘାତ ଦେଇପାରେ। ଆଜି ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ ମଧ କ୍ଷତିରେ ପଡିବେ ନାହିଁ। ବିଦ୍ୟୁତ୍ ଉପକରଣ, ପୋଷାକ ବ୍ୟବସାୟ, ଶେୟାର ବଜାର, ପନିପରିବା ଦୋକାନୀ, ହୋଟେଲ ମାଲିକମାନେ ଖୁସି ରହିବେ।

**ମକର** ବନ୍ଧୁଙ୍କ କଥାକୁ ସହଜରେ ଗ୍ରହଣ କଲେ କର୍ମକ୍ଷେତ୍ରରେ ସମସ୍ୟାରୁ ମୁକୁଳି ଯାଇ ପାରନ୍ତି। ଶ୍ରବଣା ନକ୍ଷତ୍ର ପୂର୍ବାହ୍ନରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ଶିକ୍ଷା, ପରୀକ୍ଷା, ପ୍ରଶାସନିକ ଆଲୋଚନା, ଗଠନମୂଳକ କାମ, ଲେଖାପଢ଼ା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ।

**କୁମ୍ଭ** କର୍ମକ୍ଷେତ୍ରରେ ସତର୍କତା ରକ୍ଷା ନ କଲେ ବିଭିନ୍ନ ସମସ୍ୟା ଆସିପାରେ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। ସଭାସମିତି, ସାମ୍ବାଦିକତା, ମାମଲା ସମାଧାନ ଓ ଆନୁଷ୍ଠାନିକ କାର୍ଯ୍ୟରେ ବନ୍ଧୁମିଳନ ଘଟିପାରେ। ଶତଭିଷା ନକ୍ଷତ୍ର ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି।

**ମୀନ** ରେବତୀ ନକ୍ଷତ୍ର କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ର କରି ସହକର୍ମୀଟି ସହ ବିବାଦ ବୃଦ୍ଧି ହୋଇପାରେ। ଈର୍ଷା ଓ ଅସୂୟାର ବଶବର୍ତ୍ତୀ ହୋଇ ନିଜ ଚତୁଃପାର୍ଶ୍ୱସ୍ଥ ଆତ୍ମୀୟମାନେ ବିଶ୍ୱାସଘାତକତା କରିପାରନ୍ତି। ପାରିବାରିକ କ୍ଷେତ୍ରରେ ପଛକଥା ନ ଭାବି ଏହି ସମୟର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ।

## ଜଟଗଡ଼ ଗାଁରେ ପୁଣି ଝାଡ଼ାବାନ୍ତି: ଜଣେ ମୃତ, ୧୭ ଆକ୍ରାନ୍ତ



**ନୂଆପଡ଼ା ଅଫିସ,୨୧।୮:** ନୂଆପଡା ଜିଲା କୋମନା ବ୍ଲକ ଜଟଗଡ଼ ଗାଁରେ ଏକ ମାସ ପରେ ପୁଣିଥରେ ଗତ ୧୯ ତାରିଖରୁ ୩ ଦିନ ହେବ ଝାଡ଼ାବାନ୍ତିରେ ୧୭ଜଣ ଆକ୍ରାନ୍ତ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ କୋମନା ଥାନା କୋଟ୍ରିବାହାଲି ଗାଁର ଫୁଲମତି ବନଛୋର (୩୬)। ସେ ଝାଡ଼ାବାନ୍ତିରେ ଆକ୍ରାନ୍ତ ତାଙ୍କ ମା'ବାପାଙ୍କ ସେବା କରିବାକୁ ଏଠାକୁ ଆସିଥିଲେ। ଗାଁର ୧୩ଜଣ ନୂଆପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବେଳେ ତରବୋଡ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୪ଜଣ ଚିକିତ୍ସିତ ହେଉଛନ୍ତି। ଗାଁରେ ଏକ ଡାକ୍ତରୀଟିମ୍ କ୍ୟାମ୍ପ କରି ଝାଡ଼ାବାନ୍ତି ଲକ୍ଷଣ ଦେଖାଦେଉଥିବା ଲୋକଙ୍କୁ ପରୀକ୍ଷା କରି ଚିକିତ୍ସା କରୁଛନ୍ତି। ସେମାନଙ୍କ ମଧ୍ୟରେ ଗୁରୁତର ହେଲେ ତରବୋଡ କିମ୍ବା ନୂଆପଡ଼ାକୁ ପଠାଯାଉଛି। ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ମିତା ପ୍ରଧାନ (୧୮), ମମିତା ବାଗ (୨୦), ନିତା ପ୍ରଧାନ (୧୯), ଭାସ୍କର ପ୍ରଧାନ (୪୨), ବୈଦେହୀ କଟା (୭୦), ଧନପତି ପ୍ରଧାନ (୩୦), ମଧୁ ମାଝି (୪୫), ରାମେଶ୍ୱର ମାଝି (୨୫), ବିଜେ କୁମାର ସାହୁ (୫୫), ପିଙ୍କି ସାହୁ (୨୫), କୁମାରୀ ସାହୁ (୫୦), ମମିତା ମାଝି (୨୨), ସୋନୁ ସାହୁ (୨୬) ଚିକିତ୍ସିତ ହେଉଛନ୍ତି। ସେହିପରି କମଳା ପ୍ରଧାନ (୪୫), ପାନ ପ୍ରଧାନ (୬୫), ସୁମିତ ପ୍ରଧାନ (୯) ଓ ବେନି ନାଗ (୨୭) ତରବୋଡ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଚୌଧୁରୀ ଶୋଭାରାଣୀ ମିଶ୍ରଙ୍କୁ ପଚାରିବାରୁ ଆମ ଡାକ୍ତରୀ ଟିମ୍ ସେଠାରେ ସଜାଗ ହୋଇରହିଛନ୍ତି। ଗାଁର ସମସ୍ତଙ୍କୁ ପରୀକ୍ଷା କରି ଲକ୍ଷଣ ଥିବା ଲୋକଙ୍କୁ ଚିକିତ୍ସା କରାଯାଉଛି। ଅବସ୍ଥା ଗୁରୁତର ହେଲେ କିମ୍ବା ଝାଡ଼ାବାନ୍ତି ନ କମିଲେ ନୂଆପଡାକୁ ରେଫର କରାଯାଉଛି ବୋଲି କହିଛନ୍ତି।

# ଦାବିରେ ରହିଗଲା 'ଫିଲିଗ୍ରୀ ହବ୍'

**ପୁରୁଷୋତ୍ତମ ସାହୁ**
**କଟକ ଅଫିସ, ୨୧।୮**



**କଟକ ତାରକସି ହସ୍ତକଳା**

କଟକର ତାରକସି ହସ୍ତକଳା କାରୁକାର୍ଯ୍ୟ ଦିନକୁ ଦିନ ଲୁପ୍ତ ହେବାକୁ ଯାଉଛି। ଯେଉଁ ହସ୍ତକଳା କଟକକୁ ଏକଦା ରୌପ୍ୟ ନଗରୀ(ସିଲ୍ଭର ସିଟି)ର ପରିଚୟ ଦେଇଥିଲା ସେହି କାରୁକାର୍ଯ୍ୟ ଏବେ ଇତିହାସ ପାଲଟିବାକୁ ଯାଉଛି। ପାଞ୍ଚଶହ ବର୍ଷ ପୁରୁଣା ଏହି କାରିଗରି କୌଶଳ ଦ୍ୱାରା ନିର୍ମିତ ଭିନ୍ନ ଭିନ୍ନ ଚାନ୍ଦି ମୂର୍ତ୍ତି, ଗହଣା, ଗୃହ ସୌନ୍ଦର୍ଯ୍ୟକରଣ ଉପକରଣ, ଦେବୀ ପ୍ରତିମା, ନାରୀଙ୍କ ଭୂଷଣ ଆକାରରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଅଳଙ୍କାର ଇତ୍ୟାଦି କଟକରୁ ୟୁରୋପ ଦେଶକୁ ରପ୍ତାନି ମଧ୍ୟ ହେଉଥିଲା। ଦିଲ୍ଲୀ, ବମ୍ବେ ଓ ଆଗ୍ରାରୁ କଞ୍ଚାମାଲ୍ ଆସି ଏଠାରେ ହାତରେ ନିର୍ମାଣ କରାଯାଇ ଦେଶ ତଥା ଦେଶ ବାହାରକୁ ବିକ୍ରି ପାଇଁ ରପ୍ତାନି ହେଉଥିଲା। ଫଳରେ ଅନ୍ତର୍ଜାତୀୟ ମୁଦ୍ରା ମଧ୍ୟ ଆମ ରାଜ୍ୟକୁ ଆସିବା ସହ ଅର୍ଥନୈତିକ ବିକାଶରେ ସହଭାଗିତା ହେଉଥିଲା। ସମୟକ୍ରମେ ବୈଷୟିକ କୌଶଳର ପ୍ରୟୋଗ ଏବଂ ମେଶିନରେ ସିଂହଭାଗ ତାରକସି କାର୍ଯ୍ୟ କରାଯିବାରୁ କାରିଗରଙ୍କ ହାତ ଖାଲି କରିଦେଇଛି। ଆବଶ୍ୟକ କାମ ନ ମିଳିବାରୁ ଦିନକୁ ଦିନ ତାରକସି କାର୍ଯ୍ୟରୁ କାରିଗରମାନେ ମୁହଁ ଫେରାଇ ଅନ୍ୟ ବ୍ୟବସାୟ ପ୍ରତି ମନ ବଳାଉଛନ୍ତି। ଅନ୍ୟପକ୍ଷରେ ସରକାରୀ ପ୍ରୋତ୍ସାହନ ଅଭାବ ଯୋଗୁ ମଧ୍ୟ ଏହି ବ୍ୟବସାୟରୁ ଉଭୟ କାରିଗର ଓ ବ୍ୟବସାୟୀ ମୁହଁ ଫେରାଉଥିବା ଜଣାଯାଇଛି। କରୋନା ମହାମାରୀ ପୂର୍ବରୁ ଏହି ଶିଳ୍ପର ଚାହିଦା ବେଶ୍ ଅଧିକ ରହିଥିଲା। କେବଳ କଟକ ସହରରେ ୩୦ରୁ ଊର୍ଦ୍ଧ୍ୱ ଦୁର୍ଗା ମେଢ଼ ଚାନ୍ଦିରେ ନିର୍ମାଣ ହେଉଥିଲା। ସେହିପରି ଢେଙ୍କାନାଳ, ପୁରୀ, ରାଉରକେଲା ସହରରେ ମଧ୍ୟ ଚାନ୍ଦିମେଢ଼ରେ ଦୁର୍ଗାପୂଜା ଅନୁଷ୍ଠିତ ହେଉଥିଲା। ଗୋଟିଏ ମେଢ଼ରେ ଆନୁମାନିକ ୨କୋଟି ଟଙ୍କାର ଚାନ୍ଦି ବ୍ୟବହାର ହେଉଥିଲା, ଫଳରେ ସହସ୍ରାଧିକ କାରିଗର ଏଥିରେ ନିୟୋଜିତ ହେବା ସହ ନିଜର ଆର୍ଥିକ ମେରୁଦଣ୍ଡ ସୁଦୃଢ଼ କରିପାରୁଥିଲେ। କରୋନା ମହାମାରୀ ଯୋଗୁ ୨ବର୍ଷ ହେଲା ଦଶହରା ପୂଜା ବନ୍ଦ ହୋଇଥିବାବେଳେ ଅଧିକାଂଶ ପୂଜା କମିଟିର ଆର୍ଥିକ ସ୍ଥିତି ମଧ୍ୟ ଦୋହଲି ଯାଇଛି। କଟକ ସହରରେ ୫ଶହରୁ ଊର୍ଦ୍ଧ୍ୱ ଚାନ୍ଦି ଗହଣା ବ୍ୟବସାୟ ପ୍ରତିଷ୍ଠାନ ଥିବାବେଳେ ଏହି ସଂଖ୍ୟା ଏବେ ଏକ ଶହରେ ପହଞ୍ଚିଛି। ଦୈନିକ କାରବାର ଏକ କୋଟିରୁ ଊର୍ଦ୍ଧ୍ୱ ଥିବାବେଳେ ଏବେ ୧୦ଲକ୍ଷ ଟଙ୍କାର କାରବାର ହୋଇପାରୁ ନ ଥିବା ଅନୁସନ୍ଧାନରୁ ଜଣାଯାଇଛି। କେବଳ କଟକ ସହରର ମାନସିଂହପାଟଣା, ମହମଦିଆ ବଜାର ଅଞ୍ଚଳରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ତାରକସି କାରିଗର ଥିବାବେଳେ ଏବେ ହ୍ରାସପାଇ ୫ ଶହରେ ପହଞ୍ଚିଛି। ଏହି କାର୍ଯ୍ୟ କରି ଦୈନିକ ୫ଶହ ଟଙ୍କା ରୋଜଗାର କରିବା କଷ୍ଟକର ହୋଇପଡ଼ିଛି। କଟକ ସହରର ହରିପୁର ରୋଡ୍, ଦୋଳମୁଣ୍ଡାଇ, ନିମଚଉଡି, ଅଲିସାବଜାର, ନୟାସଡକ ଓ ଚାନ୍ଦିନୀଚୌକ ଅଞ୍ଚଳ ତାରକସିରେ ନିର୍ମିତ ଚାନ୍ଦି ଅଳଙ୍କାର ବ୍ୟବସାୟ ପାଇଁ ବେଶ୍ ପରିଚିତ ସହ ରାଜ୍ୟ ଓ ଦେଶ ବାହାରେ ମଧ୍ୟ ପ୍ରସିଦ୍ଧି ଲାଭ କରିଛି। କାରିଗର ସଂଖ୍ୟା ହ୍ରାସ ଯୋଗୁ ଏହି ବଜାର ଏବେ ନାମକୁ ମାତ୍ର ଚାଲିଥିବାବେଳେ ଗ୍ରାହକଙ୍କ ଚାହିଦା ମଧ୍ୟ ପୂରଣ କରିବାରେ ଅକ୍ଷମତା ଥିବା ଅଧିକାଂଶ ବ୍ୟବସାୟୀ ପ୍ରକାଶ କରିଛନ୍ତି। ୨୦୧୪ରେ କଟକ ସିଲ୍ଭର ଶିଳ୍ପୀ ସଂଘ ଭିନ୍ନ ଭିନ୍ନ ଦାବି ସହ କଟକରେ ଏକ ତାରକସୀ କେନ୍ଦ୍ର (ଫିଲିଗ୍ରୀ ହବ୍) ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କୁ ଜଣାଇଥିଲେ ହେଁ ଏଯାବତ୍ ସରକାର କୌଣସି ପଦକ୍ଷେପ ନେଇ ନ ଥିବା ଜଣାଯାଇଛି। ରାଜ୍ୟର କଟକ କିମ୍ବା ଭୁବନେଶ୍ୱରଠାରେ କେବଳ ତାରକସି ଚାନ୍ଦିର ଏକ ଫିଲିଗ୍ରୀ ହବ୍ ପ୍ରତିଷ୍ଠା କରାଗଲେ ଅନ୍ତର୍ଜାତୀୟ ବଜାରରୁ ବୈଦେଶିକ ମୁଦ୍ରା ଆସିବା ସହ ତାରକସି କାରିଗର ଓ ବ୍ୟବସାୟୀଙ୍କ ଆର୍ଥିକ ମେରୁଦଣ୍ଡ ସୁଦୃଢ଼ ହେବା ସହ ରାଜ୍ୟର ଆର୍ଥିକ ମାନଦଣ୍ଡ ବୃଦ୍ଧିରେ ସହାୟକ ହୋଇପାରନ୍ତା ବୋଲି ସାଧାରଣରେ ଦାବି ହେଉଛି।

### ସେମାନଙ୍କ ମୁହଁରୁ....



"ମୋର ଶହେ ବର୍ଷର ପୁରୁଣା ଫ୍ୟାକ୍ଟ୍ରି ରହିଛି। ଆମ ପରିବାର ପିଢ଼ି ପରେ ପିଢ଼ି ଏହି କାରଖାନା ଚଳାଇ ଆସୁଛୁ। ପୂର୍ବରୁ ୫୦ଜଣ କାରିଗର ଏଠାରେ କାର୍ଯ୍ୟ କରୁଥିବାବେଳେ ଏବେ ମାତ୍ର ୨ଜଣ କାରିଗର ଓ ଆମ ପରିବାର ସଦସ୍ୟ ମିଶି କାମ କରିବାକୁ ପଡୁଛି। ପୂର୍ବରୁ ଘରୋଇ ଫର୍ନିଚର ସହ ଅଳଙ୍କାର, ଠାକୁର ମୁକୁଟ, ମୂର୍ତ୍ତିକାର୍ଯ୍ୟ ଏଠାରେ ହେଉଥିବାବେଳେ ଏବେ କେବଳ ଠାକୁର କାମ ହିଁ କରାଯାଉଛି। ସରକାରୀ କାମ ପୂର୍ବ ଭଳି ଆଉ ମିଳୁନି କି ବଜାର ମଧ୍ୟ ନାହିଁ। ସରକାରୀ ସ୍ତରରେ ଉଦ୍ୟମ ହେଲେ ଏହି ଶିଳ୍ପ ପୁଣି ପୂର୍ବ ଅବସ୍ଥାକୁ ଫେରିପାରନ୍ତା।

**– ନିରାକାର ଦାସ, ଫ୍ୟାକ୍ଟ୍ରି ମାଲିକ, କଟକ**



"ଦୈନିକ ୪ଶହ ଟଙ୍କା ପାରିଶ୍ରମିକ ମିଳୁଛି। ପୂର୍ବରୁ ସମସ୍ତ ପ୍ରକାର କାମ ମିଳୁଥିଲା। ଏପରି କି ଲୋକମାନଙ୍କ ଭିନ୍ନ ଭିନ୍ନ କାରୁକାର୍ଯ୍ୟ ଉପରେ ଆଗ୍ରହ ଥିଲା। ଏବେ କେବଳ ମେଢ଼ କାର୍ଯ୍ୟ ମିଳୁଛି। ଏତେକମ୍ ପାରିଶ୍ରମିକରେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ସରକାର ଅନେକଥର ସର୍ଭେ କରି ଚିହ୍ନଟ କରିଛନ୍ତି କାରିଗରମାନଙ୍କୁ କିନ୍ତୁ ଏପର୍ଯ୍ୟନ୍ତ କୌଣସି ସରକାରୀ ସାହାଯ୍ୟ ମିଳିନି। ସରକାର ଏକ ଫିଲିଗ୍ରୀ ହବ୍ ପ୍ରତିଷ୍ଠା କରି କାରିଗରମାନଙ୍କୁ ନିୟୋଜିତ କରାଯାଇ ବଜାର ସୃଷ୍ଟି କରିପାରିଲେ ଏ ଶିଳ୍ପ ପୁଣି ପୂର୍ବପରି ଚାଲିବା ସହ ଆଗାମୀ ପିଢ଼ି ମଧ୍ୟ ଏହାକୁ ଏକ ଜୀବନଜୀବିକା ଭାବେ ଗ୍ରହଣ କରି ଆତ୍ମନିର୍ଭରଶୀଳ ହୋଇପାରନ୍ତେ।

**– ଭଗବାନ ଦାସ, କାରିଗର, କଟକ**

## ନୀତି ରାଜନୀତି

## ସୁବର୍ଣ୍ଣରେଖାରେ ବଢୁଛି ଜଳସ୍ତର, ୨ ଦିନ ଗୁରୁତ୍ୱପୂର୍ଣ୍ଣ: ମନ୍ତ୍ରୀ

**ଭୁବନେଶ୍ୱର, ୨୧।୮(ବ୍ୟୁରୋ)**




ଭିଡିଓ କନ୍‌ଫରେନ୍ସରେ ଜଳ ସମ୍ପଦ ମନ୍ତ୍ରୀ ଟୁକୁନୀ ସାହୁ ରବିବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ବନ୍ୟାସ୍ଥିତି ସମୀକ୍ଷା କରୁଛନ୍ତି।

- ପ୍ରଭାବିତ ହେବ ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତା ଅଞ୍ଚଳ
- ଜଳସ୍ତର, ଜଳପ୍ରବାହର ଠିକ୍ ରିପୋର୍ଟ ଦେବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ
- ମୁକାବିଲା ସକାଶେ ବାଲେଶ୍ୱର ଯାଇଛନ୍ତି ବରିଷ୍ଠ, ଅଭିଜ୍ଞ ଅଧିକାରୀ

ରାଜ୍ୟର ସୁବର୍ଣ୍ଣରେଖା ଓ ବୈତରଣୀ ନଦୀରେ ଅଧିକ ଜଳପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ଜଳ ସମ୍ପଦ ମନ୍ତ୍ରୀ ଟୁକୁନୀ ସାହୁ ରବିବାର ପୂର୍ବାହ୍ନରେ ସ୍ଥିତି ସମୀକ୍ଷା କରିଛନ୍ତି। ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଅର୍ଚ୍ଚନା ପଟ୍ଟନାୟକ, ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ସୁବର୍ଣ୍ଣରେଖା ଜଳସେଚନ ଡିଭିଜନର ମୁଖ୍ୟଯନ୍ତ୍ରୀ, ବାଲେଶ୍ୱର ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ, ଜଳ ସମ୍ପଦ ବିଭାଗର ଅତିରିକ୍ତ ଶାସନ ସଚିବଙ୍କ ସମେତ ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀ ଓ ଯନ୍ତ୍ରୀମାନ ଉପସ୍ଥିତ ଥିଲେ। ବନ୍ୟା ପରିପ୍ରେକ୍ଷୀରେ ବିଭାଗ ପକ୍ଷରୁ ପ୍ରସ୍ତୁତିକୁ ଅଧିକ ବ୍ୟାପକ କରିବା ନେଇ ମନ୍ତ୍ରୀ ସାହୁ ଗୁରୁତ୍ୱାରୋପ କରିଛନ୍ତି।

ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ରବିବାର ସକାଳ ସୁଦ୍ଧା ଝାଡ଼ଖଣ୍ଡର ଗାଲୁଡିହ ଜଳଭଣ୍ଡାରରୁ ୧୬ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି। ଫଳରେ ଓଡ଼ିଶାରେ ସୁବର୍ଣ୍ଣରେଖା ନଦୀରେ ସନ୍ଧ୍ୟାରୁ ସୋମବାର ପୂର୍ବାହ୍ନ ୧୦ଟା ଭିତରେ ଜଳସ୍ତର ବୃଦ୍ଧି ପାଇବ। ସେଥିଯୋଗୁ ବଡ଼ ଧରଣର ବନ୍ୟା ସମ୍ଭାବନା ରହିଛି। ଫଳରେ ବାଲେଶ୍ୱର ଜିଲାର ଜଳେଶ୍ୱର, ଭୋଗରାଇ, ବାଲିଆପାଳ ଓ ବସ୍ତା ଅଞ୍ଚଳ ପ୍ରଭାବିତ ହେବ। ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ, ଆସନ୍ତା ୨ ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ନଦୀବନ୍ଧ ଦାୟିତ୍ୱରେ ଥିବା ଅଧିକାରୀ ଓ ଯନ୍ତ୍ରୀମାନେ ସତର୍କ ରହି ନିୟମିତ ତଦାରଖ କରନ୍ତୁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦେଉଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ଜଳ ସମ୍ପଦ ବିଭାଗର ଅଧିକାରୀ, କ୍ଷେତ୍ରସ୍ତରରେ ଥିବା ଯନ୍ତ୍ରୀ ଓ କର୍ମଚାରୀମାନେ ଅଧିକ ଚଳଚଞ୍ଚଳ ରହି ବନ୍ୟା ମୁକାବିଲା କରିବା ଆବଶ୍ୟକ। ସମ୍ଭାବ୍ୟ ବନ୍ୟା ପରିପ୍ରେକ୍ଷୀରେ ଜନସାଧାରଣ ଭୟଭୀତ ନ ହେବାକୁ ସେ ଅନୁରୋଧ କରିଛନ୍ତି। ଏହାସହ ନଦୀଗୁଡ଼ିକରେ ବିଭିନ୍ନ ସମୟରେ ଜଳସ୍ତର ଓ ଜଳପ୍ରବାହ ସମ୍ପର୍କରେ ସଠିକ ସୂଚନା ପ୍ରଦାନ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସ୍ୱତନ୍ତ୍ର ଶାସନ ସଚିବ ଅର୍ଚ୍ଚନା ପଟ୍ଟନାୟକ କହିଛନ୍ତି, ସବୁ ସମୟରେ ସମ୍ପୃକ୍ତ ଜିଲାପାଳମାନଙ୍କ ସହିତ ଯୋଗାଯୋଗ କରାଯାଉଛି। ବନ୍ୟା ମୁକାବିଲା ପାଇଁ ବିଭାଗ ତରଫରୁ ବିଭିନ୍ନ ଜିଲାରେ ବରିଷ୍ଠ ଓ ଅଭିଜ୍ଞ ଅଧିକାରୀ ତଥା ଯନ୍ତ୍ରୀମାନଙ୍କୁ ପଠାଯାଇଛି। ସେମାନେ ବିଭାଗ ଏବଂ ଜିଲା ପ୍ରଶାସନ ସହିତ ସମନ୍ୱୟ ରଖି ବନ୍ୟାସ୍ଥିତି ଅନୁଧ୍ୟାନ କରି ବନ୍ୟା ପରିଚାଳନା କରୁଛନ୍ତି।

## ବନ୍ୟା ନିୟନ୍ତ୍ରଣରେ ସରକାର ବିଫଳ: ଭାଜପା

**ଭୁବନେଶ୍ୱର,୨୧।୮(ବ୍ୟୁରୋ)**




ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ।

ବନ୍ୟାର ଚାରି ଦିନ ପରେ ମଧ୍ୟ ବନ୍ୟା ପରିଚାଳନା, ବନ୍ୟା ନିୟନ୍ତ୍ରଣ, ବନ୍ୟା ପ୍ରପୀଡ଼ିତଙ୍କୁ ସାହାଯ୍ୟ କରିବାରେ ରାଜ୍ୟ ସରକାର ଅସମର୍ଥ। ଜଳବନ୍ଦୀ ହୋଇ ରହିଥିବା ଅଧିକାଂଶ ସ୍ଥାନରେ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ସାତ ସପନ ହୋଇଛି। ବନ୍ୟା ପୀଡ଼ିତ ଲୋକେ ଭଗବାନ୍‌ଙ୍କୁ ଭରସା କରି ଜୀବନ କାଟୁଛନ୍ତି। ବନ୍ୟାଘେରରେ ରହୁଥିବା ଲୋକଙ୍କ ପାଇଁ ସରକାର ପଲିଥିନ୍ କି ମହମବତି ଯୋଗାଇ ନ ଥିବାବେଳେ ଖାଦ୍ୟ ପାଇଁ ଲୋକେ ଡହଳବିକଳ ହେଉଛନ୍ତି। ୨୨ ବର୍ଷ ଶାସନରେ ଥାଇ ମଧ୍ୟ ରାଜ୍ୟ ସରକାର ବନ୍ୟା ଏବଂ ଏହାର ପରବର୍ତ୍ତୀ ପରିସ୍ଥିତି ପରିଚାଳନାରେ ଅପାରଗ ସାବ୍ୟସ୍ତ ହୋଇଛନ୍ତି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି ଯେ, ସରକାରଙ୍କ ତ୍ରୁଟିପୂର୍ଣ୍ଣ ବନ୍ୟା ପରିଚାଳନା ଯୋଗୁ ଚଳିତବର୍ଷ ଲୋକମାନେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଭାଜପାର ୩ଟି ଟିମ୍ ଗତ ୪ ଦିନ ହେଲାଣି ବିଭିନ୍ନ ବନ୍ୟାଞ୍ଚଳ ଯାଇ ବାସ୍ତବ ସ୍ଥିତି, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟର ତଦାରଖ କରୁଛନ୍ତି। ସରକାରୀ ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ବନ୍ୟାରେ ୬ ଜଣ ଲୋକ ପ୍ରାଣ ହରାଇଛନ୍ତି। ବେସରକାରୀ ତଥ୍ୟ ଅନୁଯାୟୀ ଏହି ସଂଖ୍ୟା କିନ୍ତୁ ଢେର ଅଧିକ। ପାନୀୟ ଜଳ ଅଭାବ କାରଣରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ବନ୍ୟାପାଣି କାରଣରୁ ବିଷାକ୍ତ ସାପ ମଧ୍ୟ ଘର ଭିତରକୁ ପଶି ଯାଉଥିବାରୁ ବୟସ୍କ ଓ ଛୋଟ ପିଲାମାନଙ୍କ ଜୀବନ ବିପଦରେ ପଡିଛି। ବେସରକାରୀ ସଂସ୍ଥା ଓ ଅନୁଷ୍ଠାନଗୁଡ଼ିକ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ଅଗ୍ରଣୀ ଭୂମିକା ନେଉଥିବାବେଳେ ସରକାର ଏବଂ ପ୍ରଶାସନ ବନ୍ୟାଞ୍ଚଳବାସୀଙ୍କ ନିକଟରେ ଅପହଞ୍ଚ ହୋଇ ରହିବା ଅତ୍ୟନ୍ତ ଲଜ୍ଜାଜନକ। ରାଜ୍ୟରେ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ରାଜ୍ୟ ସରକାର ଅନେଇ ବସିଛନ୍ତି। ଏହି ଆଳରେ ସୁବିଧାରେ ଅର୍ଥ ହଡ଼ପ କରିବାର ସୁଯୋଗ ପାଇଯାଉଛନ୍ତି। ରାଜ୍ୟର ନଦୀବନ୍ଧ, ବାଡ଼ ମରାମତି ପାଇଁ କେନ୍ଦ୍ର ସରକାର ପଠାଉଥିବା କୋଟି କୋଟି ଟଙ୍କାକୁ ରାଜ୍ୟ ସରକାର ଚଳୁ କରିଦେଉଛନ୍ତି। ଦଳୀୟ ଠିକାଦାରଙ୍କ ସହାୟତାରେ ଶାସକ ବିଜେଡିର ନେତା ଓ ମନ୍ତ୍ରୀ ବ୍ୟାପକ ହରିଲୁଟ୍ କରୁଛନ୍ତି। ଅସମ୍ବେଦନଶୀଳ ରାଜ୍ୟ ସରକାରଙ୍କ ପାଖରେ 'ଜିରୋ କାଜୁଆଲିଟି' ଏବଂ 'ପ୍ରତ୍ୟେକ ଜୀବନ ମୂଲ୍ୟବାନ୍'ର କୌଣସି ମୂଲ୍ୟ ନାହିଁ ବୋଲି ପୃଥ୍ୱୀରାଜ କହିଛନ୍ତି।

## ମେହବୁବା ମୁଫ୍‌ତି ଗୃହବନ୍ଦୀ



**ଶ୍ରୀନଗର,୨୧।୮:** ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧ୍ୟକ୍ଷା ମେହବୁବା ମୁଫ୍‌ତିଙ୍କୁ ରବିବାର ଗୃହବନ୍ଦୀ କରାଯାଇଛି। ଏନେଇ ସେ ଟୁଇଟ୍ କରି ସୂଚନା ଦେଇଛନ୍ତି। ଶ୍ରୀନଗରସ୍ଥିତ ଗୁପ୍‌କାର ଅଞ୍ଚଳରେ ଥିବା ତାଙ୍କ ଘର ବାହାରେ ତାଲା ପଡ଼ିଥିବା ଫଟୋକୁ ସେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ନିକଟରେ ଆତଙ୍କବାଦୀଙ୍କ ଦ୍ୱାରା ଟାର୍ଗେଟ କିଲିଂର ଶିକାର ହୋଇଥିବା କଶ୍ମୀରୀ ପଣ୍ଡିତ ସୁନୀଲ କୁମାରଙ୍କ ପରିବାର ଲୋକଙ୍କୁ ସାକ୍ଷାତ୍ ପାଇଁ ବାହାରିଥିବାବେଳେ ତାଙ୍କୁ ଗୃହବନ୍ଦୀ କରାଯାଇଛି। କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଯବାନମାନେ ତାଙ୍କ ଘର ବାହାରେ ମୁତୟନ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ଦୁର୍ବଳ ନୀତି ଯୋଗୁ କଶ୍ମୀରୀ ପଣ୍ଡିତମାନଙ୍କୁ ଟାର୍ଗେଟ ହତ୍ୟା କରାଯାଉଥିବା ମେହବୁବା ଅଭିଯୋଗ ଆଣିଛନ୍ତି।

## ହିମାଚଳ କଂଗ୍ରେସ ଷ୍ଟିୟରିଂ କମିଟି ଅଧ୍ୟକ୍ଷ ପଦରୁ ଆନନ୍ଦଙ୍କ ଇସ୍ତଫା



ଆନନ୍ଦ ଶର୍ମା

**ନୂଆଦିଲ୍ଲୀ,୨୧।୮:** ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସକୁ ଝଟ୍‌କା ଲାଗିଛି। ବରିଷ୍ଠ କଂଗ୍ରେସ ନେତା ଆନନ୍ଦ ଶର୍ମା ରବିବାର ରାଜ୍ୟ କଂଗ୍ରେସ ଷ୍ଟିୟରିଂ କମିଟି ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନିକଟକୁ ପଠାଇଦେଇଛନ୍ତି। ନିଜ ଆତ୍ମସମ୍ମାନ ସହ ସେ ସାଲିସ କରିପାରିବେ ନାହିଁ ବୋଲି କଂଗ୍ରେସର ଅସନ୍ତୁଷ୍ଟ ଗୋଷ୍ଠୀ ଜି୨୩ ସଦସ୍ୟ ଆନନ୍ଦ ଶର୍ମା ନିଜ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆନନ୍ଦ ଶର୍ମାଙ୍କୁ ଏପ୍ରିଲ ୨୬ରେ ଏହି ପଦରେ ନିଯୁକ୍ତ କରାଯାଇଥିଲା। ଏହା ପୂର୍ବରୁ ଉକ୍ତ ଗୋଷ୍ଠୀର ବରିଷ୍ଠ ନେତା ଗୁଲାମନବୀ ଆଜାଦ ମଧ୍ୟ ଜମ୍ମୁ-କଶ୍ମୀର ପ୍ରଚାର କମିଟି ଅଧ୍ୟକ୍ଷ ପଦ ଛାଡ଼ି ସାରିଛନ୍ତି।

## ସବୁ ଜିଲାରେ ସଙ୍ଗଠନ ସୁଦୃଢ଼ କରାଯିବ: ବୀରେନ୍ଦ୍ର ସିଂ

### ଆପ୍‌ର ରାଜ୍ୟସ୍ତରୀୟ କର୍ମୀ ସମ୍ମିଳନୀ

**ଭୁବନେଶ୍ୱର, ୨୧।୮(ବ୍ୟୁରୋ)**



ଆପ୍‌ର ରାଜ୍ୟସ୍ତରୀୟ କର୍ମୀ ସମ୍ମିଳନୀରେ ପ୍ରଭାରୀ ବୀରେନ୍ଦ୍ର ସିଂହ କାଡିଆନ ଓ ଅନ୍ୟ ନେତୃବୃନ୍ଦ।

ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଓଡ଼ିଶାର ରାଜ୍ୟସ୍ତରୀୟ କର୍ମୀ ସମ୍ମିଳନୀ ରବିବାର ଚନ୍ଦ୍ରଶେଖରପୁର ବିଏମ୍‌ସି କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଓଡ଼ିଶାର ପ୍ରତ୍ୟେକ ଜିଲାରୁ ଆସିଥିବା ପ୍ରାୟ ଏକ ହଜାର ସକ୍ରିୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ଏବଂ ପାର୍ଟିର 'ମିଶନ ଓଡ଼ିଶା' କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଶପଥ ନେଇଛନ୍ତି। ଆପ୍ ପ୍ରଭାରୀ ତଥା ଦିଲ୍ଲୀ କ୍ୟାଣ୍ଟର ବିଧାୟକ ବୀରେନ୍ଦ୍ର ସିଂହ କାଡିଆନ ସମ୍ମିଳନୀକୁ ସମ୍ବୋଧିତ କରିବା ସହିତ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅରବିନ୍ଦ କେଜ୍‌ରିୱାଲ ରାଷ୍ଟ୍ରୀୟ ରଣନୀତିରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ସ୍ଥିତିକୁ ଗ୍ରହଣ କରିଥିବା ସୂଚନା ଦେଇଛନ୍ତି। ଆପ୍‌ର 'ମେକ୍ ଇଣ୍ଡିଆ ନମ୍ବର ୱାନ୍' ଅଭିଯାନରେ ସମସ୍ତ ଓଡ଼ିଶାବାସୀ ସାମିଲ ହେବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଓଡ଼ିଶାର ପ୍ରତ୍ୟେକ ଜିଲା ଗସ୍ତ କରି ଆଗାମୀ ଦିନରେ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ସେ କାର୍ଯ୍ୟ କରିବେ ବୋଲି ଘୋଷଣା କରିଛନ୍ତି।

ଆମ୍ ଆଦ୍‌ମୀ ପାର୍ଟିର ରାଜ୍ୟ ଅଧ୍ୟକ୍ଷ ନିଶିକାନ୍ତ ମହାପାତ୍ର କାର୍ଯ୍ୟକର୍ତ୍ତାମାନଙ୍କୁ ଆଗାମୀ ବର୍ଷେ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଦଳର ସଙ୍ଗଠନ ନିର୍ମାଣରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। ଓଡ଼ିଶାରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି, ରୋଜଗାରର ଆନ୍ଦୋଳନକୁ ମଜଭୁତ କରିବା ସହିତ ବନ୍ୟା ପ୍ରପୀଡ଼ିତ ଜିଲାଗୁଡିକରେ କର୍ମୀମାନେ ସାଧ୍ୟମତେ ଜନତାଙ୍କ ସେବା କରିବା ପାଇଁ ଆଗେଇ ଆସିବା ଦିଗରେ କାର୍ଯ୍ୟ କରିବା ଲାଗି ସେ ନିବେଦନ କରିଛନ୍ତି। ଏହି ସମ୍ମିଳନୀରେ ପ୍ରତ୍ୟେକ ରାଜ୍ୟବାସୀଙ୍କୁ ନୂତନ ଏବଂ ସମୃଦ୍ଧ ଓଡ଼ିଶା ଗଠନ ଆନ୍ଦୋଳନରେ ସାମିଲ ହେବା ପାଇଁ ରାଜ୍ୟ ସାଧାରଣ ସମ୍ପାଦକ ସୌମ୍ୟ ରଞ୍ଜନ ସ୍ୱାଇଁ ଆହ୍ୱାନ ଦେଇଛନ୍ତି। ଓଡ଼ିଶାର କୃଷକ, ଶ୍ରମିକ, ଯୁବାବର୍ଗ, ମହିଳା, ବୁଦ୍ଧିଜୀବୀ, ଶିଳ୍ପପତି, ବଣିକ ଆଦି ସମସ୍ତେ ଏକାଠି ହେବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ସୋମନାଥ ରାଉତ ମଞ୍ଚ ପରିଚାଳନା କରିଛନ୍ତି। ରାୟଗଡ଼ା ଜିଲା ସଭାପତି ଜନ୍ମେଜୟ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଛନ୍ତି।

ଆମେ ଯାହାକୁ ହିନ୍ଦୁ ଧର୍ମ କହୁ- ତାହା ହେଉଛି ପ୍ରକୃତରେ ଶାଶ୍ୱତ ବା ସନାତନ ଧର୍ମ। କାରଣ- ଏହା ହେଉଛି ବିଶ୍ୱଜନୀନ ଧର୍ମ, ଯାହାକି ଅନ୍ୟ ସମସ୍ତ ଧର୍ମକୁ ଆଲିଙ୍ଗନ କରେ। କୌଣସି ଧର୍ମ ଯଦି ବିଶ୍ୱଜନୀନ ନୁହେଁ- ତେବେ ତାହା ସନାତନ ହୋଇ ପାରେନା। -ଶ୍ରୀଅରବିନ୍ଦ



# ଗୋଟେ ପାଇଲେ ଗୋଟେ ଖସିଲା

ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ସମେତ ୧୩ ଜଣଙ୍କ ବିରୋଧରେ ୨୧ ଅଗଷ୍ଟରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) 'ଲୁକ୍ ଆଉଟ୍ ସର୍କୁ୍ୟଲାର' ଜାରି କରିଥିବା ଗଣମାଧ୍ୟମରେ ଚର୍ଚ୍ଚା ହୋଇଛି। ଦିଲ୍ଲୀ ଅବକାରୀ ନୀତିରେ ଦୁର୍ନୀତି ହୋଇଥିବା ନେଇ ସିବିଆଇ ପକ୍ଷରୁ ଇତିମଧ୍ୟରେ ସିସୋଡିଆଙ୍କ ବାସଭବନ ସହ ଅନ୍ୟମାନଙ୍କ ଘରେ ଚଢ଼ାଉ ମଧ୍ୟ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଜଣେ ବ୍ୟକ୍ତି ଫେରାର ହୋଇଥିଲେ କିମ୍ବା ଆଇନ ସଂକ୍ରାନ୍ତ ପ୍ରବର୍ତ୍ତନ ସଂସ୍ଥା ଦ୍ୱାରା ଖୋଜା ପଡୁଥିଲେ ସେ ଯେଭଳି ଦେଶ ବାହାରକୁ ଯାଇ ନ ପାରିବେ, ସେଥିଲାଗି ଲୁକ୍ ଆଉଟ୍ ସର୍କୁ୍ୟଲାର ବାହାର କରାଯାଇଥାଏ। ଏଠାରେ ସିସୋଡିଆ ଓ ଅନ୍ୟମାନେ ସାଧାରଣରେ ଉପସ୍ଥିତ ଥିବା ବେଳେ ସେମାନଙ୍କ ବିରୋଧରେ ଏଭଳି ନୋଟିସ ଜାରି କରିବାର ପ୍ରୟୋଜନ ଥିଲା ଭଳି ମନେହୁଏ ନାହିଁ। ଆହୁରି ଆଶ୍ଚର୍ଯ୍ୟର କଥା ଯେ, ସିବିଆଇ ଲୁକ୍ ଆଉଟ୍ ସର୍କୁ୍ୟଲାର ଜାରି କରି ନାହିଁ ବୋଲି କହିବା ପରେ ଅଡୁଆ ସ୍ଥିତି ସୃଷ୍ଟି ହୋଇଛି। ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ କୁହାଯାଇଛି ଯେ, ମୋଦି ସରକାର ପ୍ରଥମେ ସିସୋଡିଆଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର ଜାରି କରି ତାହାକୁ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ନିକଟକୁ ପଠାଇଦେଇଛି। ଏଏପି ମୁଖ୍ୟ ମୁଖପାତ୍ର ସୌରଭ ଭରଦ୍ୱାଜ ଏକ ଖବରଦାତା ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ, ସିସୋଡିଆ ଦିଲ୍ଲୀରେ ଅଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ତାଙ୍କୁ ଯେଉଁଠିକୁ ଡାକିବେ ସେ ଯାଇପାରିବେ। ଯଦି ପ୍ରଧାନମନ୍ତ୍ରୀ ଚାହାନ୍ତି ସିସୋଡିଆଙ୍କ ଏବି ୧୭ ବାସଭବନକୁ ଆସିପାରିବେ, ତେବେ ତାଙ୍କୁ ସ୍ୱାଗତ କରାଯିବ।

**ନିର୍ବାଚନରେ ଗୋଟିଏ ରାଜନୈତିକ ଦଳ ଅନ୍ୟ ପାର୍ଟିକୁ ହରାଇ ବାହାଦୁରି ନେଇପାରିଲେ ତାହାର ଦମ୍ଭ ବଢ଼ିଥାଏ। କିନ୍ତୁ ପେଞ୍ଚ କରାଯାଇ ରାଜନୈତିକ ବିରୋଧୀଙ୍କୁ ସରକାରୀ କଳ ଅପବ୍ୟବହାର କରି ଚାପିଦେବାର ପ୍ରୟାସ କେତେଦୂର ଭୋଟରଙ୍କ ଦ୍ୱାରା ଗ୍ରହଣୀୟ ହେଉଛି, ତାହା ଦେଖିବାକୁ ମିଳିବ।**

ଉପରୋକ୍ତ ଘଟଣାକ୍ରମକୁ ଦେଖିଲେ କେନ୍ଦ୍ର ସରକାର ଓ ଦିଲ୍ଲୀ ସରକାର ଏବେ ଦିଲ୍ଲୀର ଅବକାରୀ ନୀତିକୁ ନେଇ ମୁହାଁମୁହିଁ ସ୍ଥିତିରେ ଉପନୀତ। ଏ କ୍ଷେତ୍ରରେ ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସାକ୍ସେନା ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଆଲୋଚନା ହେଉଛି। ସିସୋଡିଆ ଓ ଅନ୍ୟମାନଙ୍କ ବିରୋଧରେ ଦାଏର କରାଯାଇଥିବା ଏତଲାରେ ଦର୍ଶାଯାଇଛି ଯେ, ଦିଲ୍ଲୀ ଅବକାରୀ ନୀତି ୨୦୨୧-୨୨ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ବିନା ଅନୁମୋଦନରେ କାର୍ଯ୍ୟକାରୀ କରାଯାଇଥିଲା। ସେଥିରେ ଟେଣ୍ଡର ଡକାଯିବା ପରେ କେତେ ଜଣ ଲାଇସେନ୍ସଧାରୀଙ୍କୁ ଅନୁଚିତ ଅନୁଗ୍ରହ ପ୍ରଦର୍ଶନ କରାଯାଇଥିବାରୁ ସରକାରୀ ତହବିଲକୁ ୧୪୪ କୋଟି ୩୬ ଲକ୍ଷ ଟଙ୍କା କ୍ଷତି ସହିବାକୁ ପଡ଼ିଛି। ମନୀଷ ସିସୋଡିଆ ଅବକାରୀ ମନ୍ତ୍ରୀ ଥିବାରୁ ତାଙ୍କ ଜାଣତରେ ସବୁକିଛି ହୋଇଛି ବୋଲି ଭାଜପା ଅଭିଯୋଗ ଆଣିଛି। ତେଣୁ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଲାଗି ଭାଜପା ଦାବି କରିଛି। କିନ୍ତୁ ଦେଖିଲା ବେଳକୁ ଉପରାଜ୍ୟପାଳ ସାକ୍ସେନା ଅବକାରୀ ନୀତିରେ ଗଡ଼ବଡ଼ ହୋଇଥିବା ବିଷୟ ପଦାକୁ ଆଣିଥିଲେ। ତାଙ୍କ ଦ୍ୱାରା ଅଣାଯାଇଥିବା ଅବକାରୀ ନୀତି ସଂକ୍ରାନ୍ତ ଅଭିଯୋଗକୁ ଆଧାର କରି ସିବିଆଇ ତଦନ୍ତ ଓ ଚଢ଼ାଉ କରିଛି। ହୁଏତ ସିବିଆଇ ପାଖରେ କୌଣସି ଠୋସ୍ ପ୍ରମାଣ ନାହିଁ। ସେଥିପାଇଁ ବିଭିନ୍ନ ଲୋକଙ୍କ ବାସଭବନ ଉପରେ ଚଢ଼ାଉ କରାଯାଇ ସେଥିରୁ ଅନ୍ୟ କିଛି କାଗଜପତ୍ର ମିଳିଲେ ତାହାକୁ ବ୍ୟବହାର କରି ଭବିଷ୍ୟତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଯଦି ଅବକାରୀ ନୀତିରେ ତ୍ରୁଟି ଥିବ ସେଥିରେ ସମ୍ପୂର୍ଣ୍ଣ ସରକାରୀ ବ୍ୟବସ୍ଥା, ଏପରି କି ଦିଲ୍ଲୀ ବିଧାନସଭାର ସମ୍ପୃକ୍ତି ଥିବ ବୋଲି ଧରାଯିବ। ଅନ୍ୟପଟେ ଯଦି ଅବକାରୀ ମାମଲାର ତଦନ୍ତରୁ କୌଣସି ଗୁରୁତ୍ୱପୂର୍ଣ୍ଣ ଦଲିଲ ସିବିଆଇ ହାତରେ ପଡ଼ି ନ ଥିବ, ତେବେ ଗୁଜରାଟ ନିର୍ବାଚନକୁ ଆଖିରେ ରଖି ଏହି ରାଜନୈତିକ ପଦକ୍ଷେପ ଭାଜପାକୁ ପାଲଟା ମାଡ଼ କରିଦେଇପାରେ।

ବର୍ତ୍ତମାନ ଦେଶର ରାଜନୈତିକ ପ୍ରେକ୍ଷାପଟକୁ ଦେଖିଲେ ଭାଜପା ବିଭିନ୍ନ ରାଜ୍ୟରେ ସ୍ଥିତି ଜାହିର କରିବା ଲାଗି ଯେନତେନ ପ୍ରକାରେ ଉଦ୍ୟମ କରୁଛି। ମହାରାଷ୍ଟ୍ରରେ ଶିବସେନାକୁ ଭାଙ୍ଗିବାରେ ସଫଳତା ହାସଲ ପାଇଁ ଭାଜପାର ରାଜନୈତିକ ଦକ୍ଷତା ପରିବର୍ତ୍ତେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଅନେକ ଶିବସେନା ବିଧାୟକଙ୍କୁ ନୋଟିସ ଅଧିକ କାମ ଦେଇଥିଲା। ସେହି ସଫଳତାର ମଉଜମଜଲିସ ଶେଷ ହେବା ପୂର୍ବରୁ ବିହାରରେ ନୀତୀଶଙ୍କ ଠୋକର ପୁନର୍ବାର ଭାଜପାକୁ ଅସୁବିଧାରେ ପକାଇଦେଇଛି। ସତେଯେମିତି 'ଗୋଟେ ଆସିଲେ ଆଉ ଗୋଟେ ଖସିଯାଉଛି'। ତେଣୁ ସର୍ବୋଚ୍ଚରେ ଥିବା ଗୁଜରାଟ ରାଜ୍ୟ ଏବଂ ତାହାର ଚଳିତବର୍ଷ ଶେଷ ଆଡ଼କୁ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଭାଜପାର ସ୍ଥିତି ଟଳମଳ ହେଉଥାଇପାରେ ବୋଲି ଏଏପି ନେତା ମନୀଷ ସିସୋଡିଆଙ୍କ ଉପରେ କ୍ରୋଧ ପ୍ରକଟ ଇଙ୍ଗିତ କରୁଥାଇପାରେ। ଗୁଜରାଟ ଖସିଲେ ୨୦୨୪ ପାର୍ଲାମେଣ୍ଟ ନିର୍ବାଚନରେ ଭାଜପାର ସ୍ଥିତି ଅତ୍ୟନ୍ତ ଦୁର୍ବଳ ହୋଇଯାଇପାରେ।

ବାସ୍ତବରେ ନିର୍ବାଚନରେ ଗୋଟିଏ ରାଜନୈତିକ ଦଳ ଅନ୍ୟ ପାର୍ଟିକୁ ହରାଇ ବାହାଦୁରି ନେଇପାରିଲେ ତାହାର ଦମ୍ଭ ବଢ଼ିଥାଏ। ଗଣତନ୍ତ୍ରରେ ଲୋକଙ୍କ ସମର୍ଥନ ବଡ଼ କଥା। କିନ୍ତୁ ପେଞ୍ଚ କରାଯାଇ ରାଜନୈତିକ ବିରୋଧୀଙ୍କୁ ସରକାରୀ କଳ ଅପବ୍ୟବହାର କରି ଚାପିଦେବାର ପ୍ରୟାସ କେତେଦୂର ଭୋଟରଙ୍କ ଦ୍ୱାରା ଗ୍ରହଣୀୟ ହେଉଛି ତାହା ଦେଖିବାକୁ ମିଳିବ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | 4 | | | | |
| | | | | 7 | | | | 9 |
| 1 | 9 | | | | 8 | | | |
| | | 8 | | 2 | | 6 | 1 | |
| 6 | | | | | 3 | | | 2 |
| | | 5 | | | 1 | | | |
| | 3 | | | 6 | | | | 1 |
| | 7 | 1 | 3 | | | | 2 | |
| | | | | | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 5 | 7 | 9 | 6 | 8 | 1 | 2 |
| 7 | 9 | 1 | 2 | 5 | 8 | 3 | 6 | 4 |
| 6 | 8 | 2 | 4 | 3 | 1 | 9 | 7 | 5 |
| 2 | 7 | 8 | 1 | 6 | 5 | 4 | 3 | 9 |
| 1 | 6 | 4 | 9 | 2 | 3 | 7 | 5 | 8 |
| 3 | 5 | 9 | 8 | 7 | 4 | 6 | 2 | 1 |
| 8 | 4 | 3 | 6 | 1 | 2 | 5 | 9 | 7 |
| 5 | 1 | 7 | 3 | 4 | 9 | 2 | 8 | 6 |
| 9 | 2 | 6 | 5 | 8 | 7 | 1 | 4 | 3 |

ଗତକାଲିର ଉତ୍ତର

# ବନ୍ୟା, ମହାନଦୀ ଓ ହୀରାକୁଦ ବନ୍ଧ



ଡ.ପ୍ରଫୁଲ୍ଲ କୁମାର ସାହୁ

ଓଡ଼ିଶା ଏକ ନଦୀବହୁଳ ରାଜ୍ୟ ହୋଇଥିବାରୁ ବନ୍ୟା ସମସ୍ୟା ତା'ର ଚିର ସହଚର। ଦିନ ଥିଲା ବନ୍ୟା ବିପ୍ଳାତ ଯୋଗୁ ଅଣ୍ଟାସଳଖି ଠିଆହୋଇ ପାରୁ ନ ଥିଲା ରାଜ୍ୟ। ବିଶେଷକରି ବଡ଼ ନଦୀ ଭାବରେ ପରିଚିତ ମହାନଦୀ ଥିଲା ଓଡ଼ିଶାର ସବୁଠାରୁ ବଡ଼ ଦୁଃଖ। ଛତିଶଗଡ଼ର ଅମରକଣ୍ଟକ ପର୍ବତମାଳାରୁ ଝରିଆସିଥିବା ଏହି ନଦୀ ବାଟରେ ସିଓନାଥ, ଜୋଙ୍କ ଓ ହାସଦେବ ଆଦି ଉପନଦୀକୁ ସାଙ୍ଗରେ ଯୋଡି ପହଞ୍ଚିଛି ଓଡ଼ିଶାର ଅବିଭକ୍ତ ସମ୍ବଲପୁର ଜିଲାରେ। ହୀରାକୁଦ, ସୋନପୁର, ଟିକରପଡ଼ା, ହରଭଙ୍ଗା, ବୌଦ୍ଧ ଦେଇ କଟକର ନରାଜଠାରେ ପହଞ୍ଚିବା ପୂର୍ବରୁ ତା'ର ବକ୍ଷ ଆହୁରି ବିସ୍ତାରିତ ହୋଇଛି ଇବ୍, ଅଙ୍ଗ ଓ ତେଲ ଆଦି ନଦୀର ସମାବେଶରେ। ବାଟରେ କାଠଯୋଡ଼ି, ବିରୂପା, ପାଇକା, ଲୁଣା ଆଦି ନଦୀକୁ ଜନ୍ମ ଦେଇ ପାରାଦୀପର ହୁକିତୋଳାଠାରେ ମୁହାଣ ମେଲି ନିଜକୁ ଅଜାଡ଼ି ଦେଇଛି ବଙ୍ଗୋପସାଗରରେ। ଭରା ଯୌବନରେ ଗିରିଗହ୍ୱର ଓ ସମତଳ ଅଞ୍ଚଳ ଅତିକ୍ରମ କରି ସେ ଯେତେବେଳେ ଛନ ଛନ ଗତିରେ ଧାଇଁଥିଲା ସାଗର ଆଶ୍ଳେଷ ପାଇଁ ସେତେବେଳେ ତା' ଗତିର ଉଦ୍ଦାମତା ଆଗରେ ହାର ମାନିଥିଲା କଙ୍କରିତ ପଥର ବନ୍ଧୁରତା ଓ ଶିଳାରାଜିର ଅହଂକାର। ଦେଶ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଅତି ଉଦ୍ଦଣ୍ଡ ଥିଲା ରୂପ। କୂଳ ଲଘୁଥିଲା ଫି' ବର୍ଷ। ଜିଭ ଲହଲହ କରି ଚାଟି ନେଉଥିଲା କେତେ ଧନ ଜୀବନ ଓ କ୍ଷେତବାର। ଉଚ୍ଛନ୍ନ ହୋଇଯାଉଥିଲା ଅବବାହିକାର ହଜାର ହଜାର ଗାଁ। ତା'ର ଏହି ବିପ୍ଳାତ କାରଣରୁ ଅଣ୍ଟାସଳଖି ଠିଆ ହୋଇ ପାରୁ ନ ଥିଲା ଓଡ଼ିଶା।

୧୯୩୭ ମସିହା ପ୍ରଳୟଙ୍କରୀ ବନ୍ୟାର ତାଣ୍ଡବଲୀଳା ପରେ ଓଡ଼ିଶାକୁ ଘାରିଥିଲା କରାଳ ବନ୍ୟାରୁ ମୁକୁଳିବାର ଚିନ୍ତା। ବହୁ ବିଚାର ବିମର୍ଶ ପରେ ସମ୍ବଲପୁରର ହୀରାକୁଦଠାରେ ଏକ ବହୁମୁଖୀ ନଦୀବନ୍ଧ ଯୋଜନା ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ ପ୍ରଖ୍ୟାତ ଇଞ୍ଜିନିୟର ସାର୍ ବିଶ୍ୱେଶ୍ୱରାୟା। ଏହି ପ୍ରସ୍ତାବର ଯଥାର୍ଥତା ଅନୁଭବ କରି ୧୯୪୫ ମସିହାରେ ଏ ସମ୍ପର୍କରେ ସରକାରଙ୍କୁ ସୁପାରିସ କଲେ ତତ୍କାଳୀନ ବିଦ୍ୟୁତ୍ ଶକ୍ତି ଓ ଜଳସମ୍ପଦ କମିଶନର ଅଧ୍ୟକ୍ଷ ତଥା ବିଖ୍ୟାତ ଇଞ୍ଜିନିୟର ଅଯୋଧ୍ୟା ନାଥ ଖୋସାଲା। ଏହି ସୁପାରିସଭିତ୍ତିରେ ଗଠନ ହେଲା ସେଣ୍ଟ୍ରାଲ ୱାଟର ୱେଜ୍ ଇରିଗେଶନ ଓ ନାଭିଗେଶନ କମିଶନ। ୧୯୪୭ ମାର୍ଚ୍ଚ ୧୫ ତାରିଖରେ ହୀରାକୁଦ ଜଳ ଭଣ୍ଡାର ନିର୍ମାଣ ଲାଗି ଭିତ୍ତି ସ୍ଥାପନ କଲେ ତତ୍କାଳୀନ ରାଜ୍ୟପାଳ ହାଥ ଥ୍ରୋନ ଲୁଏସ। ମାତ୍ର ବିଡ଼ମ୍ବନାର ବିଷୟ ଯୋଜନାକୁ ବିରୋଧ କରି ପଶ୍ଚିମ ଓଡ଼ିଶାରେ ଆରମ୍ଭ ହେଲା ଜନ ଆନ୍ଦୋଳନ। ସେମାନଙ୍କ ଯୁକ୍ତି ଥିଲା ହୀରାକୁଦ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ ହେଲେ ପ୍ରଭୂତ କ୍ଷତି ସହିବ ପଶ୍ଚିମ ଓଡ଼ିଶା। ବିସ୍ଥାପିତ ହେବେ ହଜାର ଲୋକ। ଏହି ଯୁକ୍ତି ନେଇ ସେମାନେ ଯୋଜନା ବିରୋଧରେ ସରକାରଙ୍କ ନିକଟରେ ଉପସ୍ଥାପନ କଲେ ଦୃଢ଼ ଦାବି। ମହାତ୍ମା ଗାନ୍ଧୀଙ୍କୁ ବି ସାକ୍ଷାତ କରି ଅନୁରୋଧ ଜଣାଇଲେ ଏଥିରେ ହସ୍ତକ୍ଷେପ ପାଇଁ। ମାତ୍ର ଗାନ୍ଧିଜୀ କ'ଣ ଚାହିଁବେ - ଓଡ଼ିଶା ସବୁଦିନେ ଗରିବ ହୋଇ ରହୁ ବୋଲି!



ସ୍ୱାଧୀନତା ପରେ ଦେଶର ଦ୍ରୁତ ବିକାଶ ଉପରେ ଗୁରୁତ୍ୱ ଦେଲେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ। ସେ ବୁଝିଥିଲେ କୃଷିର ବିକାଶ ପାଇଁ ପ୍ରଥମ ଆବଶ୍ୟକତା ଜଳସେଚନ। ତେଣୁ ଓଡ଼ିଶାରେ କୃଷିର ଉନ୍ନତିକୁ ତ୍ୱରାନ୍ୱିତ କରିବା ପାଇଁ ସେ ସମ୍ବଲପୁର ଆସି ଆଉଥରେ ହୀରାକୁଦ ବନ୍ଧର ଶୁଭଦେଲେ ୧୯୪୮ ମସିହା ଏପ୍ରିଲ ୧୨ ତାରିଖରେ। ଇଞ୍ଜିନିୟରମାନଙ୍କ ପାରଦର୍ଶିତା, ପ୍ରଧାନମନ୍ତ୍ରୀଙ୍କ ଆନ୍ତରିକତା ଓ ଡ.ହରେକୃଷ୍ଣ ମହତାବଙ୍କ ସାମ, ଦାନ, ଦଣ୍ଡ ଓ ଭେଦନୀତି ଯୋଗୁ ଯଥା ସମୟରେ ସମ୍ପୂର୍ଣ୍ଣ ହେଲା ଭାରତର ଅନ୍ୟତମ ବୃହତ୍ ଜଳଭଣ୍ଡାରର ନିର୍ମାଣ କାର୍ଯ୍ୟ। ଶହେ କୋଟି ଦୁଇ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଜଳଭଣ୍ଡାରକୁ ୧୯୫୭ ମସିହା ଜାନୁୟାରୀ ୧୩ତାରିଖରେ ଲୋକାର୍ପିତ କରି ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ କହିଲେ, ଏହି ବହୁମୁଖୀ ନଦୀବନ୍ଧ ଯୋଜନା ହେବ ଦେଶ ପ୍ରଗତିର ମାଇଲଖୁଣ୍ଟ। ସେବେଠାରୁ ହୀରାକୁଦ ନଦୀବନ୍ଧ ଯୋଜନା ସହାୟତାରେ ରାଜ୍ୟରେ ବନ୍ୟା ନିୟନ୍ତ୍ରଣ ସାଙ୍ଗକୁ ଜଳସେଚିତ ହେଲା ମହାନଦୀ ଅବବାହିକାରେ ଥିବା ୬୫,୭୨୮ ବର୍ଗ କିମି ପରିମିତ ଚାଷଜମି। ବୁର୍ଲା ଓ ଚିପିଲିମାରେ ଉତ୍ପାଦିତ ହେଲା ୩୪୭ ମେଗାୱାଟ ବିଜୁଳି ଶକ୍ତି। ବଦଳିଗଲା ଓଡ଼ିଶାର ଅର୍ଥନୈତିକ ଚିତ୍ର। ଯେଉଁ ନଦୀକୁ ଦିନେ କୁହାଯାଉଥିଲା ଓଡ଼ିଶାର ଦୁଃଖ, ସେହି ନଦୀ ପାଲଟିଗଲା ୧୫ଟି ଜିଲାର ଅଧିବାସୀଙ୍କ ପାଇଁ ଜୀବନ ଜୀବିକାର ଆଧାର। ଓଡ଼ିଶାର ଜୀବନରେଖା।

କୌଣସି ଅଞ୍ଚଳର ଶ୍ରୀ ଓ ସମୃଦ୍ଧିରେ ସହାୟକ ହୁଏ ନଦୀ। ଯେମିତି ମହାନଦୀ ଓଡ଼ିଶାର ଅର୍ଥନୀତିକୁ ସମୃଦ୍ଧ କରିବା ସହିତ ବିଭିନ୍ନ ସ୍ଥାନରେ ପ୍ରକାଶ ପାଇଛି ତା'ର ସୌନ୍ଦର୍ଯ୍ୟମୟୀ ରୂପ। ମହାନଦୀ ସବୁଠାରୁ ସୌନ୍ଦର୍ଯ୍ୟମୟୀ ହୋଇ ଉଠିଛି ସୁବର୍ଣ୍ଣପୁର ସହର ପାଦଦେଶରେ। ସେଠାରେ ତା'ର ସୌନ୍ଦର୍ଯ୍ୟରେ ଅଭିଭୂତ ହୋଇ କୋଶଳାନନ୍ଦ କାବ୍ୟରେ ତାକୁ ଦ୍ୱିତୀୟ ବାରାଣସୀ ବୋଲି କହିଛନ୍ତି ପଣ୍ଡିତ ଗଙ୍ଗାଧର ମିଶ୍ର। ବିନିକାରୁ ସୁବର୍ଣ୍ଣପୁର ଦେଇ ବୌଦ୍ଧ ପର୍ଯ୍ୟନ୍ତ ଶୋଭାମୟୀ ମହାନଦୀକୁ କୁହାଯାଏ ଚିତ୍ରୋତ୍ପଳା। ସତରେ ଚିତ୍ରୋତ୍ପଳାକୁ ଯିଏ ଦେଖିନାହିଁ, ସେ ଆକଳନ କରିପାରିବନି ମହାନଦୀର ସୁଷମା। ମହାନଦୀର ପ୍ରାକୃତିକ ସୁଷମା ନିମନ୍ତେ ୧୯୭୪ ମସିହାରୁ ଐତିହାସିକ ସୁବର୍ଣ୍ଣପୁର ସହରକୁ ମିଳିଛି ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା।

ରୂପରୁ ଭାବ ଓ ଭାବରୁ ଜାତ ସଙ୍ଗୀତ। ମହାନଦୀକୁ ନେଇ ସମ୍ଭବ ହୋଇଛି ସେହି ଭାବଚିତ୍ରର ତ୍ରିବେଣୀ ସଙ୍ଗମ। ଅପରୂପା ମହାନଦୀକୁ ଦେଖି ଚଳଚଞ୍ଚଳ ହୋଇ ଉଠିଛି ଭାବମୁଗ୍ଧ କବିର କଲମ। ତା'ର ଅଫୁରନ୍ତ ସୌନ୍ଦର୍ଯ୍ୟରେ ବିହ୍ୱଳ ହୋଇ କବି କେତେବେଳେ ତା' ଗର୍ଭରେ ଜ୍ୟୋତ୍ସ୍ନା ବିହାର କରିଛି ତ ଆଉ କେତେବେଳେ ରୋମାଞ୍ଚିତ ହୋଇ ତା' ଗର୍ଭରେ ଭସାଇ ଦେଇଛି କାଗଜ ଡଙ୍ଗା। ତା'ର ବହୁଭିନ୍ନ ରୂପକୁ ଦୃଷ୍ଟିରେ ରଖି କିଏ ତାକୁ ଓଡ଼ିଶାର ଗଙ୍ଗା କହେ ତ କିଏ କହେ ଗଳାରମାଳା ଚିତ୍ରୋତ୍ପଳା। ତାଜମହଲ ହେଉ କି କୋଣାର୍କ, ମଣିଷ ଯେତେ ସବୁ ଆଶ୍ଚର୍ଯ୍ୟଜନକ କୀର୍ତ୍ତି ସ୍ଥାପନ କରିଛି ତାହା ପ୍ରାୟତଃ ଅଧିକାଂଶ ନଦୀ କୂଳରେ। ମହାନଦୀ କୂଳେ କୂଳେ ଗଢ଼ିଉଠିଛି ଭଦ୍ରାମ୍ବିକା, ସୁବର୍ଣ୍ଣମେରୁ, ସମଲେଶ୍ୱରୀ, ସିଦ୍ଧେଶ୍ୱର, ସିଦ୍ଧେଶ୍ୱରୀ, ନୀଳମାଧବ, ଚର୍ଚ୍ଚିକା, ରାମନାଥ, ନୃସିଂହନାଥ, ଚମ୍ପେଶ୍ୱର, ଭଟ୍ଟାରିକା, ଚଣ୍ଡୀ, ଧବଳେଶ୍ୱର ଓ ମା' ଗଡ଼ଚଣ୍ଡୀଙ୍କ ପ୍ରାଚୀନ ପୀଠ। କେବଳ ଆର୍ଥନୀତିକ ଦୃଷ୍ଟିରୁ ନୁହେଁ, ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ଓଡ଼ିଶା ସହ ମହାନଦୀର ସମ୍ପର୍କ ଅଭିନ୍ନ ଓ ଅତୁଟ। ମାତ୍ର ଆମର ଅପରିଣାମଦର୍ଶିତା ଯୋଗୁ ଶ୍ରୀହୀନ ହେଲାଣି ପୁଣ୍ୟତୋୟା ମହାନଦୀ। ଆମର ପ୍ରାଚୀନ ଜ୍ଞାନ ଓ ଆଧୁନିକ ବିଜ୍ଞାନ ନଦୀକୁ ସଭ୍ୟତାର ଜନ୍ମଦାତ୍ରୀ ବୋଲି କହିବା ସତ୍ତ୍ୱେ ଦେଶର ପ୍ରାୟ ସବୁ ନଦୀ ଏବେ ବିପଦଗ୍ରସ୍ତ। ଧମନୀରେ ଶୁଦ୍ଧ ରକ୍ତ ପ୍ରବାହିତ ହେଲା ଭଳି ନଦୀଗୁଡ଼ିକରେ ସ୍ୱଚ୍ଛ ଜଳ ପ୍ରବାହିତ ହେବା ଦରକାର। ମାତ୍ର ମହାନଦୀର ଜଳ ଏବେ ଭୟଙ୍କର ଭାବେ ପ୍ରଦୂଷିତ।

ହୀରାକୁଦ ଜଳଭଣ୍ଡାରରେ ପଡ଼ିବା ପୂର୍ବରୁ ମହାନଦୀକୁ ଏବେ ଅତିକ୍ରମ କରିବାକୁ ପଡୁଛି ଅନେକଗୁଡ଼ିଏ ବନ୍ଧ, ଚେକ୍‌ଡ୍ୟାମ ଓ ବ୍ୟାରେଜ। ଛତିଶଗଡ଼ରେ କାର୍ଯ୍ୟକ୍ଷମ ଏସବୁ ପ୍ରକଳ୍ପ ଯୋଗୁ କ୍ରମାଗତ କମୁଛି ହୀରାକୁଦ ଜଳଭଣ୍ଡାରକୁ ପ୍ରବେଶ କରୁଥିବା ଜଳର ପରିମାଣ। ମହାନଦୀ ଆଉ ଆଗଭଳି ଚିରସ୍ରୋତା ହୋଇ ନାହିଁ। କେବଳ ବର୍ଷା ଋତୁକୁ ଛାଡ଼ିଦେଲେ ଅନ୍ୟ ସମୟରେ ତା'ର ଖଣ୍ଡବିଖଣ୍ଡିତ ଜଳଧାରାକୁ ବଳିଯାଉଛି ପୋତିହୋଇ ପଡ଼ିଥିବା ବାଲିପଠାର ବିସ୍ତୃତି। ଧୀରେ ଧୀରେ ମଲା ନଈରେ ପରିଣତ ହେବାକୁ ବସିଲାଣି ମହାନଦୀ। ଅନ୍ୟପକ୍ଷରେ ବର୍ଷାଦିନେ ଛତିଶଗଡ଼ ଅତ୍ୟଧିକ ଜଳ ନିଷ୍କାସନ କରିବା ଫଳରେ ମହାନଦୀ ଅବବାହିକାରେ ସୃଷ୍ଟି ହେଉଛି ବନ୍ୟା ବିପ୍ଳାତ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ଘର କରିବୁ କେବେ



ଡ.ସତ୍ୟ ନାରାୟଣ ମିଶ୍ର

ପ୍ରତ୍ୟେକ ମଣିଷ ଆଶା କରିଥାଏ ଜୀବନର ସାଂସାରିକ ପୂର୍ଣ୍ଣାଙ୍ଗ ପ୍ରାପ୍ତି, ଯାହା ନିର୍ଭର କରିଥାଏ ଆବଶ୍ୟକତାକୁ ସମ୍ମୁଖୀନ ହେବା ପାଇଁ ରୋଜଗାର, ପରିବାର ଲାଗି ବିବାହ ଓ ବାସ ନିମନ୍ତେ ଘର। ତେବେ ରୋଜଗାର ଓ ବିବାହ ଏକ ନିର୍ଦ୍ଦିଷ୍ଟ ସମୟର ମଧ୍ୟରେ ନିର୍ବାହ ହେଉଥିବା ବେଳେ, ଘର କରିବା ନିର୍ଭର କରିଥାଏ ବିଶେଷତଃ ଆର୍ଥିକ ସ୍ଥିରତା ଓ ମନୋବୃତ୍ତିର ବ୍ୟାବହାରିକ ଚିନ୍ତାଧାରା ଉପରେ। ସାମ୍ପ୍ରତିକ ସମାଜରେ ଯେତେବେଳେ ଜଣେ ଅନ୍ୟ ସହ ସାକ୍ଷାତ୍ ହୋଇଥାଏ ସେତେବେଳେ ଗୋଟିଏ ପ୍ରଶ୍ନ ଆଘାତ କରିଥାଏ ଯେ ଘର କରିବୁ କେବେ? କାରଣ ମଣିଷର ଜୀବନରେଖା ଧୀରେଧୀରେ ଅସ୍ତମିତ ହୋଇଥାଏ ଓ ପ୍ରୌଢ଼ାବସ୍ଥା ପୂର୍ବରୁ ମଣିଷ ଘର କରିବା ଉଚିତ ବୋଲି ସାଧାରଣରେ ଆଲୋଚନା ହୋଇଥାଏ। ତେବେ ଅନେକେ ଗ୍ରହଣ କରିଥାନ୍ତି ଯେ ଜୀବନରେ ଘର କରିବା ଅର୍ଥ ଆଡ଼ମ୍ବରପୂର୍ଣ୍ଣ ସରଞ୍ଜାମରେ ସୌଖୀନ ଅଟ୍ଟାଳିକା ନିର୍ମାଣ କରିବା। ବର୍ତ୍ତମାନ ସମାଜରେ ଯଦି କୌଣସି ବ୍ୟକ୍ତି ନିକଟରେ ଉଚ୍ଚମାନର ସୁରମ୍ୟ ଅଟ୍ଟାଳିକା ନ ଥାଏ, ତେବେ ସେ ସମାଜରେ ପ୍ରଗତିଶୀଳ ବ୍ୟକ୍ତି ନୁହେଁ ବୋଲି ଅନେକେ ଚିନ୍ତା କରିଥା'ନ୍ତି। ଅତଏବ ଘରର ସଂଜ୍ଞାକୁ ଆଲୋଚନା କଲେ ପ୍ରତୀୟମାନ ହୋଇଥାଏ ଯେ ଘର ହେଉଛି ତାହା ଯେଉଁଠି ମଣିଷ ଆନନ୍ଦରେ ବସବାସ କରିଥାଏ ଓ ଉତ୍ତମ ବାସସ୍ଥାନର ମର୍ଯ୍ୟାଦାରେ ଅଭିମନ୍ତ୍ରିତ ହୋଇଥାଏ। ସହଜ ଶବ୍ଦରେ କହିବାକୁ ଗଲେ, ଗୋଟିଏ ଗୃହ ହେଉଛି ଚାରୋଟି କାନ୍ଥ ଓ କୋଠରି ସହିତ ଏକ କୋଠା। ସୁଖ, ଶାନ୍ତି, ସ୍ନେହ, ସୌହାର୍ଦ୍ଦ୍ୟ, ଆନ୍ତରିକତା, ସମନ୍ୱୟ ଓ ନିଜ ନିଜ ମଧ୍ୟରେ ଶ୍ରଦ୍ଧା ହେଉଛି ଏକମାତ୍ର ବାସ୍ତବ ଯାହା ଏକ ଅଟ୍ଟାଳିକା ବା ଚାରିକାନ୍ଥଯୁକ୍ତ କୋଠରିକୁ ଘର କରିପାରେ। ଜଣେ ବ୍ୟକ୍ତି ମାନସିକ ବିଷାଦ ଓ ଅଶାନ୍ତ ହୃଦୟରେ ଗୋଟିଏ ବଡ଼ ପ୍ରାସାଦରେ ରହିପାରେ, ମାତ୍ର ସେ ଅବାଞ୍ଛିତ ଓ ଏକାକୀ ଅନୁଭବ କରିବେ। କିନ୍ତୁ ଯେତେବେଳେ ଜଣେ ଦରିଦ୍ର ଶାନ୍ତିପୂର୍ଣ୍ଣ ଜୀବନଯାପନ କରୁଥିବେ ସେତେବେଳେ ସେ ଘରେ ଥିବେ ବୋଲି ନିଶ୍ଚୟ ଅନୁଭବ କରିବେ, କାରଣ ଘର ହେଉଛି ଏକ ଚିନ୍ତା, କାର୍ଯ୍ୟ ଓ ସହମତିର ସମନ୍ୱୟ। ସମାଜରେ ଅନେକ ଲୋକ ଅଛନ୍ତି, ଯେଉଁମାନେ ଆଭିଜାତ୍ୟପୂର୍ଣ୍ଣ ସୁରମ୍ୟ ଅଟ୍ଟାଳିକାରେ ରହନ୍ତି, କିନ୍ତୁ କୌଣସି କ୍ଷେତ୍ରରେ ସନ୍ତୁଷ୍ଟ ନୁହନ୍ତି ତଥା ପାରିବାରିକ ବିଶୃଙ୍ଖଳା, ଅବାଞ୍ଛିତ ଆଶାର ରୋଗ ଦ୍ୱାରା ମର୍ମାହତ ହୋଇଥା'ନ୍ତି। ମାତ୍ର ବହୁତ ଲୋକ ଅଛନ୍ତି ଯେଉଁମାନେ ନିଜ ପରିବାର ସହିତ ଗୋଟିଏ ଛୋଟ ନିମ୍ନ ଶ୍ରେଣୀର କୋଠରିରେ ରହନ୍ତି, ତଥାପି ସେମାନେ ଖୁସି ଓ ଆନନ୍ଦରେ ଜୀବନ ଅତିବାହିତ କରନ୍ତି। ସେମାନଙ୍କ ନିକଟରେ ପରିବାର ହେଉଛି ଏକ ଚୁମ୍ବକୀୟ ଆକର୍ଷଣ ଓ ସ୍ନେହ ବନ୍ଧନର ଘର।

ମଣିଷର ବଞ୍ଚିବା ପାଇଁ ଉଭୟ ଗୃହ ଓ ଘର ଆବଶ୍ୟକ। ଗୃହ ଓ ଘର ଦୁଇଟି ଶବ୍ଦ ଯାହାକି ସମ୍ପୂର୍ଣ୍ଣ ଭିନ୍ନ, ତଥାପି, ଅଧିକାଂଶ ସମୟରେ, ଏହାର ଅର୍ଥ ସମାନ ଭାବରେ ଦେଖାଯାଏ। ଘର ଏକ ଶାରୀରିକ ବସ୍ତୁ ଭାବରେ ବିବେଚନା କରାଯାଏ ଯାହା ରୌଦ୍ରତାପ,



ବର୍ଷା, ଶୀତ ଆଦିରୁ ରକ୍ଷା କରିଥାଏ। ଅନେକେ ବିଶ୍ୱାସ କରନ୍ତି ଯେ ଯଦି ସେମାନଙ୍କ ଘର ବଡ଼ ହୁଏ, ତେବେ ସେମାନେ ସମାଜର ସବୁଠାରୁ ଧନୀ ଏବଂ ସୁଖୀ ବ୍ୟକ୍ତି। ଅନ୍ୟପକ୍ଷରେ ସମ୍ପର୍କର ଘର ହେଉଛି ସମ୍ପୂର୍ଣ୍ଣ ଭିନ୍ନ ଚିନ୍ତାଧାରା, ଯେଉଁଠି କେବଳ ବିଦ୍ୟମାନ ଥାଏ ଆନନ୍ଦ, ସନ୍ତୁଷ୍ଟ, ପ୍ରସନ୍ନତା, ସେବା ଇତ୍ୟାଦି। ଅନେକ ବ୍ୟକ୍ତି ଅତ୍ୟନ୍ତ ମୂଲ୍ୟବାନ ବଡ଼ ଓ ସୁନ୍ଦର ଘର କିଣିବାକୁ ସକ୍ଷମ ହୋଇପାରନ୍ତି, କିନ୍ତୁ ସେମାନେ ପରିବାର ସଦସ୍ୟଙ୍କଠାରୁ ଉତ୍ପନ୍ନ ହେଉଥିବା ଆନନ୍ଦ କ୍ରୟ କରିପାରିବେ ନାହିଁ। ଉକ୍ତ ଘରକୁ ନିର୍ମାଣ କରିବାକୁ ହେଲେ ଆବଶ୍ୟକ ଉପକରଣ କୌଣସି କ୍ରୟ ବିକ୍ରୟ ସ୍ଥାନରେ ଉପଲବ୍ଧ ନ ଥାଏ, ତାହା ଥାଏ କେବଳ ମଣିଷର ଜିହ୍ୱାରେ ଓ ବ୍ୟବହାରରେ। ଯେଉଁଥିରେ ସୃଷ୍ଟି ହୋଇଥାଏ ହୃଦୟର ଘର ଓ ଯାହା କେବେ ଧରାଶାୟୀ ହୋଇପାରେନା। ସ୍ନେହ ଶ୍ରଦ୍ଧା ସମ୍ପର୍କର ଘର ପାଇଁ ଅର୍ଥ ଆବଶ୍ୟକ ହୋଇ ନ ଥାଏ, ସେଥିପାଇଁ ଆବଶ୍ୟକ ହୋଇଥାଏ କେବଳ ମନୋବୃତ୍ତି ଓ ଇଚ୍ଛାଶକ୍ତି। ଘର ହେଉଛି ଏକ ସ୍ଥାନ ଯାହା ସମସ୍ତଙ୍କୁ ସାନ୍ତ୍ୱନା ଦେଇଥାଏ। ଘର ହେଉଛି ଏପରି ଏକ ସ୍ଥାନ ଯେଉଁଠାରେ ଜଣେ କେବଳ ଆରାମଦାୟକ ଅନୁଭବ କରେ ନାହିଁ, ବରଂ ଏହା ଏପରି ଏକ ସ୍ଥାନ ଯେଉଁଠି ମଣିଷ ନିଜକୁ ସୁରକ୍ଷିତ ଓ ସହବନ୍ଧନରେ ବାନ୍ଧି ହୋଇ ନିର୍ମାଣ କରିଥାଏ ଏକ ସମ୍ପର୍କର ସେତୁ। ଘର ଇଟା କିମ୍ବା କାଠ ଦ୍ୱାରା ନୁହେଁ ବରଂ ପରିବାରର ବନ୍ଧନ ଦ୍ୱାରା ନିର୍ମିତ। ଘର ହେଉଛି ଏକ ସ୍ଥାନ ଯାହା ଜଣେ ବ୍ୟକ୍ତିଙ୍କୁ ଅଗଣିତ ସ୍ମୃତି ଓ ମୂଲ୍ୟବୋଧକୁ ମନେ ପକାଇଥାଏ। ଯେତେବେଳେ ଜଣେ ବ୍ୟକ୍ତି ଅଧିକ ବିଷୟବସ୍ତୁ ପ୍ରବଣ ହୋଇଥାନ୍ତି, ସେତେବେଳେ ସେ ଘର ନିର୍ମାଣ ପରିବର୍ତ୍ତେ ଭୋଗ୍ୟ ବସ୍ତୁର ସଂଗ୍ରହ ଉପରେ ଅଧିକ ଦୃଷ୍ଟି ନିକ୍ଷେପ କରିଥାନ୍ତି, ଯାହା ଜୀବନରେ ଶାନ୍ତି ଅପସରି ନେଇଥାଏ।

ଜଣେ ବ୍ୟକ୍ତି ସମଗ୍ର ଦୁନିଆର ପ୍ରତ୍ୟେକ ବସ୍ତୁ ପାଇପାରେ କିନ୍ତୁ ଯଦି ଏହାର ଉତ୍ତର ଦାୟିତ୍ୱ ସୁଚାରୁରୂପେ ନିରୂପଣ କରିବାରେ ସକ୍ଷମ ହୋଇ ନ ଥାଏ ବା ନିଜକୁ ପରିଚିତ କରାଇବାରେ ବିଫଳ ହୋଇଥାଏ, ତେବେ ଉକ୍ତ ବସ୍ତୁବାଦୀ ଘର ବା ଅଟ୍ଟାଳିକାର ମୂଲ୍ୟ କିଛି ନ ଥାଏ ବୋଲି ସ୍ୱୀକାର କରିବାକୁ ହୋଇଥାଏ। ମାତ୍ର ସମୟ ଯେତିକି ଆଗକୁ ବଢୁଛି, ଘରର ସଂଜ୍ଞା ଓ ଘର ଭାବରେ ଯାହା ଦେଖାଯାଉଛି ତାହା ବଦଳି ଯାଉଛି। ବର୍ତ୍ତମାନ ବ୍ୟକ୍ତି ନିକଟରେ ଅନେକ ଅର୍ଥ, କ୍ଷମତା, ବୁଦ୍ଧି, କୌଶଳ ଆଦି ପରିପୂର୍ଣ୍ଣ ହୋଇଛି ଓ ଅତ୍ୟାଧୁନିକ ଗୃହ ମଧ୍ୟ ନିର୍ମାଣ କରୁଛି, ହେଲେ ଘର ରୂପକ ବାସସ୍ଥାନ କରିବାରେ ଅନେକେ ଅକ୍ଷମ। ମଧୁସୂଦନ ରାଓଙ୍କ ଉକ୍ତିରେ 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର'। ମଣିଷର ବୟସ ଅତିକ୍ରାନ୍ତ ହୋଇ ଚାଲିଛି ଓ ଇଟା ବାଲି ପଥର ସିମେଣ୍ଟ ତଥା ସୌଖୀନ ସରଞ୍ଜାମର ସଂଗ୍ରହ କରିବାରେ ମଣିଷ ନିରନ୍ତର ପ୍ରୟାସ ଜାରି କରୁଛି ଓ ସେଥିରୁ ସେ କେବଳ ପାଉଛି ଗୃହ ନିର୍ମାଣର ସାଙ୍କେତିକ ଠିକଣା। ପରିଶେଷରେ ଅନେକ କ୍ଷେତ୍ରରେ ଗୃହ ନିର୍ମାଣ କରି ମଣିଷର ଶେଷ ଜୀବନ ଅତିବାହିତ ହୋଇଥାଏ ସେବାଘରେ ବା ଜରା ନିବାସରେ। ତେଣୁ ଜୀବନର ସମସ୍ତ ସମୟ ଯଦି ଗୃହ ଉପକରଣ ସଂଗ୍ରହ କରିବାରେ ନିୟୋଜିତ କରିବୁ, ତେବେ 'ଘର କରିବୁ କେବେ'?

**ଅଭିଲେଖାଧିକାରୀ**
**ଜାତୀୟ ଅଭିଲେଖାଗାର, ଭାରତ ସରକାର**
**ମୋ: ୯୯୩୭୩୪୫୯୦୦**

## ଏଇ ଭାରତରେ

ଉତ୍ତର ପ୍ରଦେଶ ମୁଜାଫରନଗରର ସାମାଜିକ କର୍ମୀ ଶାଲୁ ସୋନି ୧୫ ବର୍ଷ ହେଲା ନିଜ ଜୀବନର ସମସ୍ୟାକୁ ଭୁଲି ଅନ୍ୟମାନଙ୍କ ପାଇଁ କାର୍ଯ୍ୟ କରୁଛନ୍ତି। କରୋନା ସମୟରେ ଅଚିହ୍ନା ମୃତଦେହ ଦାହ କରିବା ଆରମ୍ଭ କରିଥିଲେ। ଏବେ ସୁଦ୍ଧା ୫୦୦ରୁ ଊର୍ଦ୍ଧ୍ୱ ମୃତଦେହ ଦାହ କରିସାରିଲେଣି। କେବଳ ଏତିକି ନୁହେଁ, ମହିଳାମାନଙ୍କୁ ଆତ୍ମନିର୍ଭର ଓ ଆତ୍ମରକ୍ଷା ପାଇଁ ପ୍ରଶିକ୍ଷଣର ବ୍ୟବସ୍ଥା କରିଛନ୍ତି। ଏହି କାର୍ଯ୍ୟ ସେ ସାକ୍ଷୀ ୱେଲ୍‌ଫେୟାର ଟ୍ରଷ୍ଟ ଦ୍ୱାରା କରୁଛନ୍ତି। ମହିଳାମାନଙ୍କୁ ସେ ଭୋକେଶନାଲ ଟ୍ରେନିଂ ଦେଇ ସେମାନଙ୍କୁ ରୋଜଗାରକ୍ଷମ କରିବାରେ ମୁଖ୍ୟ ଭୂମିକା ମଧ୍ୟ ନିଭାଉଛନ୍ତି। ଶାଲୁଙ୍କ ସହ ତାଙ୍କ ଦୁଇ ସନ୍ତାନ ରହୁଛନ୍ତି। ତାଙ୍କ ସ୍ୱାମୀଙ୍କଠାରୁ ଅଲଗା ରହି ପିଲାଙ୍କ ଯତ୍ନ ସହ ଏସବୁ କାର୍ଯ୍ୟ କରି ନିଜ ପାଇଁ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। ଏବେ ଶାଲୁଙ୍କ ସହ ବହୁ କର୍ମୀ ସାମିଲ ହୋଇଛନ୍ତି। ସବୁଠୁ ବଡ଼ କଥା ହେଉଛି ଶବ ସଂସ୍କାର ପରେ ଅଚିହ୍ନା ବ୍ୟକ୍ତିଙ୍କ ଅସ୍ଥି ନେବା ଲାଗି କେହି ନ ଥିବାରୁ ସେ ନିଜେ ତାହା ସଂଗ୍ରହ କରି ପରିବାରର ସଦସ୍ୟ ଭଳି ଯଥାରୀତି ତାହାକୁ ବିସର୍ଜନ କରୁଛନ୍ତି। ଏଭଳି କାର୍ଯ୍ୟ କରି ବାସ୍ତବ ମାନବିକତାର ପ୍ରକୃଷ୍ଟ ଉଦାହରଣ ସାଜିଛନ୍ତି ୩୭ ବର୍ଷୀୟା ଶାଲୁ।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଅଗଷ୍ଟ ୧୯୯୭

- ଚୀନର ଉପକୂଳ ଅଞ୍ଚଳରେ ପ୍ରଳୟଙ୍କରୀ ଝଡ଼ବାତ୍ୟା ପ୍ରବାହ ଫଳରେ ୧୫୦ ଜଣଙ୍କ ଅକାଳ ମୃତ୍ୟୁ।
- ଶ୍ରୀଲଙ୍କାର ଉତ୍ତରାଞ୍ଚଳରେ ଥିବା ତାମିଲ ଗେରିଲା ଅଧ୍ୟୁଷିତ ସହରକୁ ଅକ୍ତିଆର କରିବା ସକାଶେ ଅଗ୍ରସର ହେଉଥିବା ସେନା ସହ ଗେରିଲାମାନଙ୍କ ଘମାଘୋଟ ସଂଘର୍ଷ ଘଟିବା ଫଳରେ ୨୬୫ ନିହତ।
- ବିହାର ଗୋଖାଦ୍ୟ ଦୁର୍ନୀତିରେ ଅଭିଯୁକ୍ତ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ୍ନାଥ ମିଶ୍ରଙ୍କ ନିୟମିତ ଜାମିନ ଆବେଦନ ଖାରଜ।

## ପାଠକ ଶ୍ରେଷ୍ଠ ବିଚାରକ

### ଜଜ୍ ନିଯୁକ୍ତି ଏବଂ କୋର୍ଟ ପ୍ରତିଷ୍ଠା କରାଯାଉ

ମହାଶୟ,

ଦେଶର ନାଗରିକଙ୍କୁ ସୁଚାରୁରୂପେ ଚଳାଇବା ପାଇଁ ଚାରିଟି ସାମ୍ବିଧାନିକ ବ୍ୟବସ୍ଥା ରହିଛି। ବ୍ୟବସ୍ଥାପିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଏବଂ ଗଣମାଧ୍ୟମ। ବ୍ୟବସ୍ଥାପିକା ଏବଂ କାର୍ଯ୍ୟପାଳିକାରେ ଏତେ ଦୁର୍ନୀତି ହେଉଛି ଯେ, ଲୋକେ ତାହା ଉପରୁ ଆସ୍ଥା ହରାଇ ବସିଲେଣି। ଗଣମାଧ୍ୟମ ଖବରକାଗଜ ବା ଟିଭି ପରଦାରେ ଯେଉଁ ଦୁର୍ନୀତିର ଚିତ୍ର ଦେଖାଉଛି, ତାହା ଉପରେ କାର୍ଯ୍ୟାନୁଷ୍ଠାନ ହେଉଛି। ଗଣମାଧ୍ୟମ ଯେଉଁଠି ସେହି ସଂସ୍ଥା ଦ୍ୱାରା ପ୍ରଭାବିତ ହୋଇଯାଏ, ସେତେବେଳେ ସେ ନୀରବତା ଅବଲମ୍ବନ କରେ। ଉପରୋକ୍ତ ତିନି ବ୍ୟବସ୍ଥା କଥା ଛାଡନ୍ତୁ। ଆମେ ନ୍ୟାୟପାଳିକା ଉପରେ ଆଲୋଚନା କରିବା। ନ୍ୟାୟପାଳିକାକୁ ସର୍ବୋଚ୍ଚ କ୍ଷମତା ଦିଆଯାଇଛି। ସେ ଯାହା ନିର୍ଦ୍ଦେଶ ଦିଅନ୍ତି ତାହା ନିଶ୍ଚିତ ଭାବେ ଗ୍ରହଣୀୟ। ଦେଖାଯାଇଛି ଲକ୍ଷ ଲକ୍ଷ ମାମଲା କୋର୍ଟରେ ପଡି ରହିଛି। ମୁଦାଲା ମୁଦେଇଙ୍କର ଦେହାନ୍ତ ହୋଇଗଲେ ମଧ୍ୟ ମାମଲା କୋର୍ଟରେ ଗଡି ଚାଲୁଛି। କୋର୍ଟ ବାରମ୍ବାର ତାରିଖ ଦେଇ ମାମଲାକୁ ଦୀର୍ଘସୂତ୍ରୀ କରି ଦେଉଛନ୍ତି। ଜଣେ ଅପରାଧୀ ଗିରଫ ହେବା ପୂର୍ବରୁ ମଧ୍ୟ ଜାମିନ ଅର୍ଡର ଧରି ଆସୁଛି। ତଳ କୋର୍ଟରୁ ଉପର କୋର୍ଟ ଯାଇ ସେଠାରୁ ନ୍ୟାୟ ମିଳିବାକୁ ୩ ବା ୪ ଦଶନ୍ଧି ବିତି ଯାଉଛି। ସରକାର କୋଟି କୋଟି ଟଙ୍କା ଅନ୍ୟ ଆଡେ ଖର୍ଚ୍ଚ କରୁଛନ୍ତି। ଜଜ୍ ନିଯୁକ୍ତି ଏବଂ କୋର୍ଟ ପ୍ରତିଷ୍ଠା କ୍ଷେତ୍ରରେ ଅର୍ଥ ବ୍ୟୟ କରି ଯଦି ଛଅ ମାସ ବା ବର୍ଷକ ମଧ୍ୟରେ କେସ୍‌ଗୁଡିକର ଫଇସଲା କରି ଦିଅନ୍ତେ, ତେବେ ଅପରାଧୀ ଅପରାଧ କରିବାକୁ ସାହସ କରନ୍ତା ନାହିଁ। ଏହା ଉପରେ ସରକାର ଗୁରୁତ୍ୱ ଦେଲେ ସାଧାରଣ ଲୋକ ଉପକୃତ ହୁଅନ୍ତେ।

**-ଅକ୍ଷୟ ମହାନ୍ତି, ନିର୍ମାଲ୍ୟ ଏନ୍‌କ୍ଲେଭ, ମହୁରା, ଖୋର୍ଦ୍ଧା**

## ଚିରନ୍ତନୀ

ତଥାପି ତୋର ଏ ଲଳିତ ମୂରତି ଆଜି
କଠିନ ବକ୍ଷେ ଉଠଇ ନିମେଷେ ବାଜି
ହତାଶ ପ୍ରୀତିର ହୁତାଶ ଜଳଇ ପୁଣି
ଚଞ୍ଚଳ କରି ମୋର ଅବୟବରାଜି।

-(ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କେନ୍ଦ୍ରାପଡ଼ାକୁ ଯାତ୍ରୀବାହୀ ରେଳ ପାଇଁ ରେଳମନ୍ତ୍ରୀଙ୍କୁ ରାଜ୍ୟପାଳଙ୍କ ଚିଠି

**କେନ୍ଦ୍ରାପଡ଼ା ଅଫିସ, ୨୧।୮**

କେନ୍ଦ୍ରାପଡ଼ା ଜିଲାକୁ ଯାତ୍ରୀବାହୀ ରେଳ ଚଳାଚଳ କରୁ। ଏହି ଦାବି କରି କେନ୍ଦ୍ରାପଡ଼ା ଜିଲା ବିକାଶ ପରିଷଦ ପକ୍ଷରୁ ଉପାଧ୍ୟକ୍ଷ ଅମ୍ବିକା ପ୍ରସାଦ ଦାସଙ୍କ ନେତୃତ୍ୱରେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ଦାବିର ଯଥାର୍ଥତା ଥିବା ଦର୍ଶାଇ ରାଜ୍ୟପାଳ ଲାଲ ୨୦ ତାରିଖରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ଚିଠି (ନଂ. ୯୦୨) ଲେଖିଛନ୍ତି। ଏଥିରେ ରାଜ୍ୟପାଳ ଦର୍ଶାଇଛନ୍ତି ଯେ, ଗତ ୧୦ ତାରିଖରେ କେନ୍ଦ୍ରାପଡ଼ା ଜିଲା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲି। ୭୦ ବର୍ଷର ସ୍ୱାଧୀନତା ପରେ କେନ୍ଦ୍ରାପଡ଼ା ଜିଲା ରେଳ ମାନଚିତ୍ରରେ ସ୍ଥାନ ପାଇଥିବା ଆଲୋଚନା ହୋଇଥିଲା। ତେବେ ୫ ବର୍ଷ ହେଲେ ଏହି ରେଳପଥ କେବଳ ପଣ୍ୟ କାରବାର ହେଉଛି ଯାତ୍ରୀବାହୀ ରେଳ ଚଳାଚଳ ଆରମ୍ଭ ହୋଇ ନ ଥିବା କେନ୍ଦ୍ରାପଡା ଜିଲା ବିକାଶ ପରିଷଦ ପକ୍ଷରୁ ସ୍ମାରକପତ୍ରରେ କୁହାଯାଇଥିଲା। କେନ୍ଦ୍ରାପଡ଼ା ଜିଲା ଐତିହାସିକ ଓ ସାଂସ୍କୃତିକ ଦୃଷ୍ଟିରୁ ସମୃଦ୍ଧ। ସେହିପରି ରାଜନୈତିକ ଓ ପର୍ଯ୍ୟଟନ କ୍ଷେତ୍ର ପାଇଁ ମଧ୍ୟ ପ୍ରସିଦ୍ଧ। କେନ୍ଦ୍ର ସରକାର ଆଜାଦୀ କା ଅମୃତ ମହୋତ୍ସବରେ ଯୋଗାଯୋଗକୁ ଗୁରୁତ୍ୱ ଦେଉଥିବାରୁ ପାରାଦୀପ-ହରିଦାସପୁର ରେଳପଥରେ କେନ୍ଦ୍ରାପଡ଼ାକୁ ଯାତ୍ରାବାହୀ ରେଳର ଚଳାଚଳା ବ୍ୟବସ୍ଥା କରିବାକୁ ରାଜ୍ୟପାଳ ଲାଲ ଚିଠିରେ ଉଲ୍ଲେଖ କରିଛନ୍ତି।


Prof. Ganeshi Lal
Governor, Odisha

RAJ BHAVAN
BHUBANESWAR - 751 008

No. 902 /GO
Dated the 20th August, 2022

Hon'ble Sir,

I had gone to Kendrapara district on 10th August, 2022 to attend some programmes including interaction with Women Self Help Group Members. During the visit the local people of Kendrapara district under the aegis of Kendrapara Zill Vikash Parishad met me and submitted a memorandum regarding Passenger Train facility to Shreeetulashikhetra, Kendrapara. I was told that after 70 years of independence Kendrapara was placed in the railway map and the Haridaspur-Paradeep rail line has been functioning since last five years with only Cargo Train running in this line. Since Kendrapara district is historically and politically important and the existing rail line touching important tourist spots, running of a Passenger Train from Haridaspur to Paradip via Kendrapara would not only immensely help the local people but also fetch good revenue. A copy of the memorandum submitted by Kendrapara Zilla Vikash Parishad is enclosed for kind reference.

2. I would request you to kindly consider the above long cherished demand of the people of Kendrapara district for running of a passenger train in Haridaspur-Paradeep rail line to connect Kendrapara with rest part of the Country as part of Azadi Ka Amrit Mahostav, which emphasizes on communication.

With deepest regards

Yours sincerely,

(Ganeshi Lal)

Shri Ashwini Vaishnaw,
Hon'ble Minister of Railways,
Communications & Electronics and
Information Technology,
Government of India,
Room No.239,
Rail Bhawan, Raisina Road,
New Delhi-110001.

ରେଳମନ୍ତ୍ରୀଙ୍କୁ ରାଜ୍ୟପାଳ ପଠାଇଥିବା ଚିଠି।

# ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ ନାରୀଙ୍କ ଭୂମିକା

**ଡ. ସୁରେନ୍ଦ୍ର କୁମାର ମିଶ୍ର**


ଶ୍ରୀ ପଦ୍ମକେଶର ନାଟ ମନ୍ଦିର ଗାତ୍ରରେ ଗଜପତି ଲାଙ୍ଗୁଳା ନରସିଂହ ଦେବ ଓ ମହାରାଣୀ ମହାଦେବୀ କସ୍ତୁରିକା ମୋହିନୀ ଦେବୀ।




- ଗାଈଗୋଠ ପରିଚାଳନାରେ ସମ୍ପୃକ୍ତ ନାରୀଙ୍କ ମୁଖିଆ ଥିଲେ ସୁଖୀ ମହାଭୋଇ।
- ନାରୀ ସୁଆଁସିଆଙ୍କୁ କୁହାଯାଉଥିଲା କାମିକା ମୂଲିଆଣୀ।
- ଗାଈଙ୍କ ସେବା ପାଇଁ ନିଯୁକ୍ତ ଥିଲେ ୭୪ଜଣ ନାରୀ।

ଶିଳ୍ପୀମାନଙ୍କ ଗାଈଗୋଠ ବ୍ୟବସ୍ଥା କରିଥିଲେ ଗଜପତି। ମୂଳରୁ ଏ ଦିଗ ପ୍ରତି ସେ ନିଘା ରଖିଥିଲେ। ଶହେଜଣ ଗାଈଆଳ ଥିଲେ। ଜଣେ ଗାଈଆଳ ୩୦ଟି ଗାଈଙ୍କ ଦାୟିତ୍ୱରେ ଥିଲେ। ଶହେ ଗାଈଆଳଙ୍କ ମୁଖିଆ ଥିଲେ ଭାଗୀରଥି ମହାଭୋଇ। ସମସ୍ତଙ୍କ ପକ୍ଷରୁ ଭାଗୀରଥି ଗ୍ରହଣ କରିଥିଲେ ଉପହାର। ଉପହାର ନିଜେ ଉପସ୍ଥିତ ରହି ଦେଇଥିଲେ ମହାଶ୍ରମ (ଗଜପତି)। ଗାଈଙ୍କ ପାଇଁ ମୋଟାଧାନ ଯୋଗାଇଦେବାର ବ୍ୟବସ୍ଥା ହୋଇଥିଲା। ଦୁହାଁଳିଆ ଗାଈଙ୍କ ଖାଦ୍ୟ ଦିଗକୁ ମଧ୍ୟ ନଜର ରଖାଯାଇଥିଲା। ଭରଣ ଭରଣ (୮୦ଗୌଣୀ) ଅକୁଟା ଧାନ ଗାଈଙ୍କ ଖାଦ୍ୟ ପାଇଁ ଖଞ୍ଜା ରହିଥିଲା। କେବଳ ଗଜପତି ମହାଭୋଇଙ୍କୁ ଉପହାର ଦେଇଥିଲେ ତାହା ନୁହେଁ, ମହାରାଣୀ ମଧ୍ୟ ଦେଇ ଥିବାର ଜଣାଯାଏ। ନିଜେ ମହାରାଣୀ ଗାଈଗୋଠ ପରିଦର୍ଶନ କରିଥିଲେ। ଅନ୍ୟତମ ମୁଖିଆ ରାମ ମହାଭୋଇଙ୍କୁ ଉପହାର ଦେଇଥିଲେ। ଗାଈଙ୍କ କାମ କରିବା ପାଇଁ ନାରୀମାନଙ୍କୁ ନିଯୁକ୍ତ କରାଯାଇଥିଲା। ଏଥିପାଇଁ ୭୪ଜଣ ନାରୀ କାର୍ଯ୍ୟ କରୁଥିଲେ। ନାରୀଙ୍କ ମୁଖିଆ ଥିଲେ ସୁଖୀ ମହାଭୋଇ। ସେ ମଧ୍ୟ ୭୪ ଜଣଙ୍କ ପାଉଣା ଗ୍ରହଣ କରୁଥିଲେ। ବାସ୍ତବରେ ଗାଈଗୋଠରେ ପରିଚାଳନା ପାଇଁ ନାରୀ ଅପରିହାର୍ଯ୍ୟ। ଗୋ-ପାଳନ, ଗୋ-ସୁରକ୍ଷା ସହଜ ବ୍ୟାପାର ନୁହେଁ। ଦୁହାଁଳିଆ ଗାଈ ରଖାଯାଇଥିଲା। ଦୁଗ୍ଧ ବନ୍ଦ କଲେ ସେମାନଙ୍କୁ ଅଲଗା ରଖାଯାଇ ପୁଣି ଦୁହାଁଳିଆ ଗାଈ ଆଣି ଗୋଠରେ ସାମିଲ କରାଯାଉଥିଲା। ଉଦ୍ଦେଶ୍ୟ ସ୍ପଷ୍ଟ। ଚାରି ଶିବିର, ଶିବିର ବାଦ ବି ଶ୍ରମିକ, ପଥୁରିଆ, କର୍ମଚାରୀ ଅଛନ୍ତି। ସମସ୍ତଙ୍କୁ ଦୁଗ୍ଧ, ଦହି, ଛେନା ଓ ଘିଅ ଯୋଗାଇଦେବା ଗଜପତିଙ୍କର ଅସଲ ଉଦ୍ଦେଶ୍ୟ ଥିଲା। ସେତେବେଳେ ତ ଆଉ ଓମ୍‌ଫେଡ କ୍ଷୀର କି ଦହି, କି ଘିଅ ବିକ୍ରି ବ୍ୟବସ୍ଥା ନ ଥିଲା। ମନ୍ଦିର ନିର୍ମାଣ ସମୟରେ ଯେଉଁମାନେ ପାଇଟିଆଳ ବା ମୂଲିଆ ଥିଲେ ସେମାନଙ୍କୁ 'ସୁଆଁସିଆ' କୁହାଯାଉଥିଲା। ଏମାନେ ମୁଖ୍ୟତଃ ଅସମାନ ପଥର, ବନ୍ଧୁର ବା ମସୃଣ ନ ହୋଇଥିବା ପଥରକୁ ଚଉପଟ କରିବା କାମ କରୁଥିଲେ। ପ୍ରତିବର୍ଷ ବର୍ଷାଋତୁରେ କିଛିଦିନ ନିର୍ମାଣ କାର୍ଯ୍ୟ ବନ୍ଦ ରହୁଥିଲା। କାମ ବନ୍ଦ ହେଲେ ବି ଶିଳ୍ପୀମାନେ ଯେପରି ସେମାନଙ୍କ ପାଉଣା ପାଇବେ ତା'ର ବ୍ୟବସ୍ଥା ଥିଲା, ସୁଆଁସିଆଙ୍କୁ ସେହିପରି ପାଉଣା ଦିଆଯାଉଥିଲା। 'କାମ ନାହିଁ ତ ପଇସା ନାହିଁ' ଏପରି ନୀତି ନ ଥିଲା। ସୁଆଁସିଆଙ୍କ ମଧ୍ୟରୁ କେତେଜଣ ଜଗୁଆଳି କାର୍ଯ୍ୟ କରୁଥିଲେ। ୩୦ଜଣ ଜଗୁଆଳି ଦିନରାତି କାମରେ ନିଯୁକ୍ତ ଥିଲେ। ସୁଆଁସିଆ ଓ ଜଗୁଆଳି ପୁରୀ ରଥଯାତ୍ରା ଦେଖିବାକୁ ଚାହିଁଲେ ସେମାନଙ୍କୁ ସୁଯୋଗ ଦିଆଯାଉଥିଲା। ସୁଆଁସିଆ ଦଳର ମୁଖିଆଙ୍କୁ 'ସୁଆଁସିଆ ନାୟକ' କୁହାଯାଉଥିଲା। ଆବଶ୍ୟକ ହେଲେ ବାହାରୁ ଅସ୍ଥାୟୀ ସୁଆଁସିଆ ଆଣି କାମ ତୁଲାଉଥିଲେ। ପଥରଖମ୍ବ କଳ ଗୟଳରେ ଉଠାଇବା, ଗାତ ଖୋଳିବା, ଗାତ ପୋତିବା, କଳ-ଗୟଳ ଗଣ୍ଠିବା, ଚୂନ ପଥର ଚଟାଣ ଉପରେ କଳାମୁଗୁନି ପଥର ଖଞ୍ଜିବାରେ ମହାରଣାଙ୍କୁ ସହାୟତା କରିବା, ପଥର ପାହାଚ ନିର୍ମାଣବେଳେ ୨୭ ଶ୍ରମିକଙ୍କ ସହଯୋଗ, ବାଉଁଶ କିଳା ସବୁ ମାପ ଅନୁଯାୟୀ ପୋତିବା କାର୍ଯ୍ୟ ସୁଆଁସିଆମାନେ ତୁଲାଉଥିଲେ। ସେହିପରି ନାରୀ ସୁଆଁସିଆଙ୍କ ପାଇଁ କାମିକା ଶବ୍ଦ ବ୍ୟବହାର ହୋଇଥିବାର ଦେଖାଯାଏ। ମୂଳଦୁଆ କାମ ସରିଲେ କିମ୍ବା ପଥର ଖମ୍ବ ଖଞ୍ଜାହେବା ପରେ ମାଟିରେ ପୋତାଯାଉ ନ ଥିଲା। ତା' ମୂଳରେ ଚୂନପଥର ଭର୍ତ୍ତି ହୋଇ ଜାବ ଦିଆଯାଉଥିଲା। ଖାଲି ଚୂନପଥର ନୁହେଁ, ତା' ସହିତ ଅନ୍ୟାନ୍ୟ ଦ୍ରବ୍ୟ ମିଶାଯାଉଥିଲା। ଏହି ମିଶେଇବା କାମ ଓ ମୂଳଦୁଆ ପୋତିବା କାମ ନାରୀ ଶ୍ରମିକମାନେ କରୁଥିଲେ।


ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ହଂସୁରାରେ ବନ୍ୟା ପାଣି ଘରେ ପଶିଥିବାରୁ ଛାତ ଉପରେ ଆଶ୍ରୟ ନେଇଥିବା ଏକ ପରିବାର।

# ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ରିଲିଫ

**କୁଜଙ୍ଗ,୨୧।୮(ଡି.ଏନ୍.ଏ.)**

ବନ୍ୟା ବିପନ୍ନଙ୍କୁ ସହାୟତା ପ୍ରଦାନ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନକୁ କୁହାଯାଇଥିଲା। ଏହାପରେ ଉକ୍ତ ଫାଉଣ୍ଡେଶନ ପକ୍ଷରୁ କୁଜଙ୍ଗ ବ୍ଲକ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଓ ଜଗତ୍‌ସିଂହପୁର ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକଙ୍କୁ ରିଲିଫ୍ ସାମଗ୍ରୀ ଯୋଗାଇ ଦିଆଯାଇଛି। ଏହି ସାମଗ୍ରୀ ମଧ୍ୟରେ ୨୦୦ ଗ୍ରାମ୍ ଲେଖାଏ ୧୦ ହଜାର ପ୍ୟାକେଟ୍ ଅମୂଲ, ୧୦ ହଜାର ପିସ୍ ସାନିଟାରି ପ୍ୟାଡ୍, ୧ଲକ୍ଷ ପିସ୍ ବିସ୍କୁଟ୍ ପ୍ୟାକେଟ୍, ୫୦ ହଜାର ପ୍ୟାକେଟ୍ ଦିଆସିଲି ରହିଛି। ସୋମବାର କୁଜଙ୍ଗ ବ୍ଲକର ବନ୍ୟାଦୁର୍ଗତଙ୍କ ପାଇଁ ୪ ହଜାର ପ୍ୟାକେଟ୍ ମଶାଧୂପ କଏଲ ଓ ୧୦୦ ପିସ୍ ତାର୍‌ପୋଲିନ ପାଲ ଯୋଗାଇ ଦିଆଯିବ ବୋଲି ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ବିଡିଓଙ୍କୁ ଅବଗତ କରାଯାଇଛି। ଏହି ରିଲିଫ୍ ସାମଗ୍ରୀ ପ୍ରଦାନ ବେଳେ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନର ସିଏସ୍‌ଆର ମୁଖ୍ୟ ଅଭିଜିତ୍ ମହାନ୍ତି, ପାରାଦୀପ ୟୁନିଟ୍ ସିଏସ୍‌ଆର ମୁଖ୍ୟ ନରେନ୍ଦ୍ର ବାରିକ, ଜେଏସ୍‌ଡବ୍ଲ୍ୟୁ ଇନ୍‌ଫ୍ରା ଅପରେଶନ ହେଡ୍ ସନ୍ତୋଷ କୁମାର କୌଶଳ, ରବି ପାଣ୍ଡେ, ଶୋଭନ୍‌ଲାଲ ସିଂ, ଜିନ୍ଦଲ ପାରାଦୀପ ୟୁନିଟ୍‌ର ଲୋକସମ୍ପର୍କ ଅଧିକାରୀ ପିନାକି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଜଗତ୍‌ସିଂହପୁର ଜିଲା ପ୍ରଶାସନକୁ ଦିଆଯାଇଥିବା ରିଲିଫ୍ ସାମଗ୍ରୀ।

# ସ୍ୱାସ୍ଥ୍ୟସେବା ଶିବିରରେ ୩୭୮ ରୋଗୀଙ୍କ ଚିକିତ୍ସା

**କେନ୍ଦ୍ରାପଡ଼ା ଅଫିସ,୨୧।୮**

କେନ୍ଦ୍ରାପଡ଼ା ବ୍ଲକ କୋରୋ ପଞ୍ଚାୟତ ଗଇଦୁଆସ୍ଥିତ ଶିବାନନ୍ଦ ଚିକିତ୍ସାଳୟରେ ଦିବ୍ୟଜୀବନ ସଂଘ ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଡ. ବ୍ୟାସଦେବ ଯୋଗୀଙ୍କ ସ୍ମୃତିରେ ଅନୁଷ୍ଠିତ ଶିବିରକୁ କେନ୍ଦ୍ରାପଡ଼ା ଦିବ୍ୟଜୀବନ ସଂଘ ଶାଖା ଅଧ୍ୟକ୍ଷ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରିଥିଲେ। ଶିବିରରେ ଚକ୍ଷୁ, ସ୍ତ୍ରୀ ଓ ପ୍ରସୂତି, ଦନ୍ତ, ଭେଷଜ ଓ ଶିଶୁ ବିଭାଗର ବିଶେଷଜ୍ଞ ଓ ଡାକ୍ତରମାନେ ୩୭୮ ଜଣ ରୋଗୀଙ୍କ ଚିକିତ୍ସା କରିବା ସହ ମାଗଣା ଔଷଧ ପ୍ରଦାନ କରିଥିଲେ। ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲର ଡା. ସରୋଜିନୀ ଯୋଗୀ ଏବଂ ତାଙ୍କ ସହଯୋଗୀ ଚିକିତ୍ସକମାନଙ୍କ ଦ୍ୱାରା ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ଲିଳିତା ଦାସ, ସମିତି ସଭ୍ୟ ଜିତେନ୍ଦ୍ର ରାଉତ, କୋରୋ ପ୍ରାଥମିକ କୃଷି ସମବାୟ ସମିତି ସଭାପତି ରଞ୍ଜିତ ପ୍ରସାଦ ଜେନା, କୈଳାସ ରାଉତ, ସୁନାକର ନାୟକ, ନୃସିଂହ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ସତ୍ୟସାଇ ସେବା ସମିତି ସେବାଦଳର ଆବାହକ ସଞ୍ଜୟ, ପ୍ରଶାନ୍ତ, ପ୍ରକାଶ, ବିଶ୍ୱପ୍ରକାଶ, ଶ୍ରୀବତ୍ସ, ନିକୁଞ୍ଜ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଘରୋଇ ଡଙ୍ଗାରେ ପୁଣି ଯାତ୍ରୀ ପରିବହନ

**ମହାନଦୀ ବନ୍ୟାଜଳରେ ଫେରି ଘାଟ ୨ ଡଙ୍ଗା ଭାସିଯିବା ଘଟଣା**

- ଥାନାରେ ଲିଖିତ ଅଭିଯୋଗ
- ପ୍ରଶାସନ ଦୃଷ୍ଟି ଆଢୁଆଳରେ ୨୦୦୪ ବୋଟ୍ ରୁଲ

**ମହାକାଳପଡ଼ା, ୨୧।୮ (ଡି.ଏନ.ଏ.)**


ରବିବାର ପାରାଦୀପର ମୂଷାଡିଆରୁ ମହାନଦୀରେ ବେଆଇନ ଭାବେ ଯାତ୍ରୀମାନଙ୍କୁ ଘରୋଇ ଡଙ୍ଗାରେ ଆଣି ବାହାକୁଦ ଘାଟରେ ଓହ୍ଲା ଯାଉଛି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ମହାନଦୀ ବାହାକୁଦ ଘାଟରୁ ପାରାଦୀପ ମୂଷାଡିଆ ଫେରି ଘାଟରେ ଗତ ୧୬ ତାରିଖରୁ ରାମନଗର ପଞ୍ଚାୟତ ପକ୍ଷରୁ ମହାନଦୀରେ ବନ୍ୟା ଯୋଗୁ ଡଙ୍ଗା ଚଳାଚଳକୁ ବନ୍ଦ କରାଯାଇଥିଲା। ପୁଣି ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଡଙ୍ଗା ନ ଚଳାଇବା ଲାଗି ଘାଟ ନିଲାମଧାରୀଙ୍କୁ କୁହାଯାଇଥିଲା। ହେଲେ ସେ ସରକାରୀ ନିର୍ଦ୍ଦେଶକୁ ନ ମାନି ଯାତ୍ରୀମାନଙ୍କୁ ନେଇ ଶନିବାର ଡଙ୍ଗା ଚଳାଇଥିଲେ। ଫେରି ଘାଟ ଡଙ୍ଗାଟି ଯାତ୍ରୀ ପରିବହନ କରୁଥିବା ବେଳେ ମହାନଦୀ ମଝିରେ ଇଞ୍ଜିନ ଅଚଳ ହୋଇଯାଇଥିଲା। ଅଚଳ ଡଙ୍ଗାକୁ କୂଳକୁ ଆଣିବାକୁ ଯାଇ ଅନ୍ୟ ଏକ ଡଙ୍ଗା ମଧ୍ୟ ମହାନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲା। ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ପରେ ଫେରି ଘାଟକୁ ବ୍ଲକ ପ୍ରଶାସନ ପକ୍ଷରୁ ୭ ଦିନ ପାଇଁ ଡଙ୍ଗା ଚଳାଚଳ ବନ୍ଦ ରଖିବାକୁ ମହାକାଳପଡ଼ା ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା ସୂଚନା ଦେଇଥିଲେ। ହେଲେ ଏହି ଘଟଣାକୁ ୧୨ ଘଣ୍ଟା ନ ପୂରୁଣୁ ପୁଣି ସ୍ଥାନୀୟ ଅଞ୍ଚଳରେ କେତେଗୋଟି ଘରୋଇ ଡଙ୍ଗା ରବିବାର ବାହାକୁଦ ଘାଟରୁ ପାରାଦୀପର ମୂଷାଡିଆ ଘାଟ କୂଳକୁ ଯାତ୍ରୀମାନଙ୍କଠାରୁ ଚଢ଼ା ଦରରେ ମହାନଦୀ ପାର କରୁଥିବା ଦେଖିବାକୁ ମିଳିଥିଲା, ଯାହା ଯାତ୍ରୀଙ୍କ ଜୀବନ ସହ ଖେଳାଯାଉଛି। ଫେରି ଘାଟ ଡଙ୍ଗା ଭାସିଯିବା ଘଟଣାକୁ ନେଇ ରାମନଗର ପଞ୍ଚାୟତ ପକ୍ଷରୁ ରବିବାର ସରପଞ୍ଚ ମିଳନ ଦେବନାଥ, କାର୍ଯ୍ୟନିର୍ବାହୀ ଅଧିକାରୀ ମୃତ୍ୟୁଞ୍ଜୟ ରାଉତ ଜମ୍ବୁ ସାମୁଦ୍ରିକ ଥାନାରେ ନିଲାମଧାରୀ ଆନନ୍ଦ ଚନ୍ଦ୍ର ସାହୁଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ପକ୍ଷରୁ ଦଫା ୨୮୦, ୨୮୨ରେ ନଂ.୧୦୭/୨୨ରେ ମାମଲା ରୁଜୁ କରାଯାଇଛି। ଘଟଣାର ତଦନ୍ତ ଚାଲିଛି ବୋଲି ଆଇଆଇସି ପରେଶ କୁମାର ମହାନ୍ତି କହିଛନ୍ତି। ଏଥିସହ ରାଜ୍ୟ ସରକାରଙ୍କ ୨୦୦୪ ଡଙ୍ଗା ଚଳାଚଳ ରୁଲ୍‌କୁ ଫେରି ଘାଟରେ ଖୋଲାଖୋଲି ଉଲ୍ଲଂଘନ କରାଯାଇଥିଲା।

ଚଳିତ ବନ୍ୟାରେ ମହାନଦୀ ସମେତ ବିଭିନ୍ନ ନଦୀରେ ବନ୍ୟାଜଳ ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି। ଫଳରେ ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନ ପକ୍ଷରୁ ଜିଲାପାଳମାନଙ୍କୁ ପ୍ରଖର ବନ୍ୟାଜଳ ପ୍ରବାହିତ ଅଞ୍ଚଳରେ ଫେରି ଘାଟ ଡଙ୍ଗା ଚଳାଚଳକୁ ବନ୍ଦ କରାଯାଇଥିଲା। ହେଲେ ଜିଲାର ମହାକାଳପଡ଼ା ବ୍ଲକ ଅଧୀନ ରାମନଗର ପଞ୍ଚାୟତ ମହାନଦୀ ବାହାକୁଦ ଘାଟରୁ ପାରାଦୀପ ମୂଷାଡିଆକୁ ଶନିବାର ସନ୍ଧ୍ୟା ୬ରେ ଯାତ୍ରୀବାହୀ ଡଙ୍ଗା ଚଳା ଯାଇଥିଲା। ପାରାଦୀପର ମୂଷାଡିଆକୁ ଏକ ଯାତ୍ରୀ ବୋଝେଇ ଡଙ୍ଗା ବାହାକୁଦ ଘାଟ କୂଳରୁ ଆସୁଥିଲା। ଫେରି ଘାଟ ଡଙ୍ଗାଟିର ମହାନଦୀ ମଝିରେ ଇଞ୍ଜିନ ଅଚଳ ହେବାରୁ ଡଙ୍ଗାଟି ବନ୍ୟାଜଳର ପ୍ରଖର ସ୍ରୋତରେ ମୁହାଣ ଅଭିମୁଖେ ଭାସିଯାଇଥିଲା। ଯାତ୍ରୀବାହୀ ଡଙ୍ଗାଟି ବତୀଘର ପଞ୍ଚାୟତର ବଡ଼ ତୁବି-ନିପାଣିଆ ମହାନଦୀ କୂଳରେ ପିଟି ହେଇ ସୌଭାଗ୍ୟବଶତଃ ଏକ ବୁଦାମୂଳେ ବିପଦପୂର୍ଣ୍ଣ ଭାବେ ଅଟକି ଯାଇଥିଲା। ଯାତ୍ରୀଙ୍କଠାରୁ ଖବର ପାଇ ଜିଲାପାଳଙ୍କ ନିର୍ଦ୍ଦେଶରେ ବିଡିଓ ଦେବାଶିଷ ରାଉତ ଓ ତହସିଲଦାର ପଣ୍ଡା ଓ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ମହାନ୍ତି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଥାନା କର୍ମଚାରୀ ଓ ଖରିନାସୀ ରାମଚଣ୍ଡୀ ବୋଟ୍ ମାଲିକ ସଂଘର କେତେଜଣ କର୍ମକର୍ତ୍ତା ଦକ୍ଷ ନାବିକମାନଙ୍କ ଦ୍ୱାରା ଏକ ହାଇସ୍ପିଡ୍ ବୋଟ୍ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ସ୍ଥାନୀୟ ଖରିନାସୀ ଗ୍ରାମର ଯୁବ ମତ୍ସ୍ୟଜୀବୀମାନଙ୍କ ସହଯୋଗରେ ଫସି ରହିଥିବା ଯାତ୍ରୀଙ୍କୁ ରାତି ୧୧ଟାରେ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ଯାତ୍ରୀମାନେ ପାରାଦୀପ ଶିଳ୍ପ କାରଖାନାରେ ଦୈନିକ କାର୍ଯ୍ୟ କରନ୍ତି। ଉଦ୍ଧାର ହୋଇଥିବା ଯାତ୍ରୀମାନେ ଜମ୍ବୁ, ବତୀଘର, ଖରିନାସୀ, ରାମନଗର, ପେଟଛେଲା ଆଦି ପଞ୍ଚାୟତର ପ୍ରମୁଖ ଶ୍ରମିକ ବୋଲି ଜଣାପଡ଼ିଛି।

ଅପରପକ୍ଷରେ ଏହି ଫେରି ଘାଟରେ ୨୦୦୪ ବୋଟ୍ ରୁଲ୍‌କୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାରଙ୍କ ସଂଶୋଧିତ ବୋଟ୍ ରୁଲ ଆଇନ ଅନୁସାରେ, ଫେରି ଘାଟର ପଞ୍ଜୀକୃତ ପ୍ରମାଣପତ୍ର, ବୋଟ୍ ଚାଳକ ବା ନାଉରିଆ ପଞ୍ଜୀକୃତ ପ୍ରମାଣପତ୍ର, ବୋଟ୍‌ରେ ଲାଇଫ୍ ଜ୍ୟାକେଟ୍, ବୋଟ୍‌ର ଯାତ୍ରୀଧାରଣ କ୍ଷମତା ପ୍ରମାଣପତ୍ର, ଯାତ୍ରୀଙ୍କ ଜୀବନ ବୀମା, ପ୍ରାଥମିକ ଔଷଧ କିଟ୍ ଆଦି ମହଜୁଦ ରଖିବାକୁ ଆଇନରେ ଉଲ୍ଲେଖ ରହିଛି। ଏ ନେଇ ରବିବାର ପୂର୍ବାହ୍ନରେ ସାମାଜିକ କର୍ମୀ ଆଳୟ ସାମନ୍ତରାୟ ମହାନଦୀରେ ଯାତ୍ରୀବାହୀ ଡଙ୍ଗା ବନ୍ୟାଜଳରେ ଭାସିଯିବା ଘଟଣାକୁ ନେଇ ଜମ୍ବୁ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

INDIAN PORT RAIL & ROPEWAY CORPORATION LTD. SAGARMALA
(A JV Company Under Ministry of Ports, Shipping & Waterways, Govt. of India)
Tender Notice No.- IPRCL/BBS/T/PPT/New signal station Building/113
Dated: 20.08.2022.
IPRCL invites e-tender for "CONSTRUCTION OF NEW SIGNAL STATION AT PARADIP."
Bidding document will be available for downloading from16 Hours of 22.08.2022, on the website www.etenders.gov.in/eprocure/app
Any corrigendum / addendum would be hosted on the above website only.

DIRECTORATE OF TECHNICAL EDUCATION & TRAINING, ODISHA
KILLAMAIDAN, BUXIBAZAR, CUTTACK-753001
Email:ccrdiploma2022@gmail.com
Website:http://www.dtetorissa.gov.in.
DIPLOMA ADMISSION - 2022
NOTICE
No. 10793/ Dt.20.08.2022
No.KK-93: This is for information of all concerned that the registration and submission of Online Application (CAF) for admission to Diploma Courses in 1st Sem./Year and Lateral Entry(LE) on the SAMS Portal www.samsodisha.gov.in has been re-opened till 29.08.2022. The verification of documents of candidates at the NCCs (all Govt. Polytechnics and Govt ITI, Bhubaneswar) has also been extended upto 30.08.2022
The detailed revised Admission Timeline shall be uploaded on the SAMS Portal shortly.
Sd./-Director of Technical Education & Training, Odisha
OIPR-44008/11/0011/2223

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, KUCHINDA
No.O-853: E-mail:- eerw_kuchinda@yahoo.com
"e" Procurement Notice for Building Works
Identification No. Online Tender /03 / RWD, Kuchinda / 2022-23.
1. Name of the work :: Building Works
2. Total Number of Works :: 01 No.
3. Estimated Cost :: Rs. 32.61 lakhs
4. Class of Contractor :: Building Work (B & C Class of Contractor)
5. Period of Completion :: 06 calendar months
6. Availability of Tender online For bidding :: Dt 25.08.2022 at 11.00 A.M to dt 09.09.2022 at 5.00 P.M
7. Last date & time of seeking tender clarification :: Dt 08.09.2022 at 5.00 A.M
8. Date & time of opening of tender :: Dt.12.09.2022 at 11.00 A.M
Further details can be seen from the website www.tendersodisha.gov.in
Sd./- Executive Engineer,
Rural Works Division, Kuchinda
OIPR-25151/11/0004/2223

Government of Odisha No.O-849:
Office of the Chief Construction Engineer, Rural Works Circle, Angul
E-Mail - sencrwangul@yahoo.co.in, Ph.:06764- 236404
e-Procurement Notice for Building works in Odisha
Bid Identification No. Building Online AGL- 10/2022-23
No.1562// Dt.19.8.22//
1. Name of the Work : Building Works
2. Total No.of work : 02 Nos.
3. Estimated cost : Rs.90.12 & Rs.192.04 Lakh
4. Class of Contractor : 'B' & 'A' Class
5. Period of completion : 12 (Twelve) Calendar Months
6. Other details.

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking tender clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle,Angul | Building Online-AGL-10/2022-23 | 24.08.2022 at 10.00 A.M. | 07.09.2022 upto 3.00 P.M. | 05.09.2022 upto 1.00 P.M. | 07.09.2022 upto 4.00 P.M. | Will be intimated separately |

(1) For detailed Notice Inviting Tenders, Please visit to the website www.tendersorissa.gov.in.
Sd./- Chief Construction Engineer, Rural Works Circle, Angul
OIPR-25180/11/0015/2223

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଚଣ୍ଡିଖୋଲ,୨୧।୮(ଡି.ଏନ.ଏ.):** ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କୃଷ୍ଣଦାସପୁର-ରତ୍ନଗିରି ପୂର୍ତ୍ତ ବିଭାଗ ରାସ୍ତାର ଗଜେନ୍ଦ୍ରପୁର ଶନିଘାଟ ଛକ ନିକଟରେ ରବିବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟି ଜଣକର ମୃତ୍ୟୁ ହୋଇଛି। ମୃତକ ହେଲେ ବଡ଼ଚଣା ଥାନା ଅନ୍ତର୍ଗତ କୁନ୍ଦଳ ପଞ୍ଚାୟତ କୁଳ ହରିପୁର ଗ୍ରାମର ବିମ୍ବାଧର ତରେଇ(୪୫)। ବିମ୍ବାଧର ନିଜ ବନ୍ଧୁଘର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ରଇପୁରଗ୍ରାମକୁ ଯାଇଥିଲେ। ସେଠାରୁ ମୋଟର ସାଇକେଲ ଯୋଗେ ଫେରୁଥିବା ବେଳେ ଶନି ଛକ ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା। ଫଳରେ ସେ ଘଟଣାସ୍ଥଳରେ ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**କଳିଙ୍ଗନଗର,୨୧।୮(ଡି.ଏନ.ଏ.):** ବ୍ୟାସନଗର ସହରସ୍ଥିତ ମୁଣ୍ଡମାଳ ସରସ୍ୱତୀ ଶିଶୁମନ୍ଦିରରେ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ ଶିଶୁ ମନ୍ଦିରର ୨୩୧ ପ୍ରତିଯୋଗୀ ବିଭିନ୍ନ ବିଜ୍ଞାନ ପ୍ରକଳ୍ପ, ଗଣିତ ପ୍ରକଳ୍ପ ଏବଂ ପ୍ରଶ୍ନ ମଞ୍ଚରେ ଅଂଶଗ୍ରହଣ କରିଥିଲେ। ମେଳାକୁ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ଡ. କୁଶଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ। ସଙ୍କୁଳ ପ୍ରମୁଖ ଅଶୋକ ଶତପଥୀ, ଯାଜପୁର ଜିଲା ନିରୀକ୍ଷକ ଜିତୁରାମ ମହାନ୍ତ, ବିଦ୍ୟାଳୟ ଉପସଭାପତି ଦୁର୍ଯ୍ୟୋଧନ ରାଉତ, ପରିଚାଳନା ସମିତି କୋଷାଧକ୍ଷ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସଙ୍କୁଳର ସଂଯୋଜକ ତଥା ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ଅଭିମନ୍ୟୁ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଙ୍କୁଳ ପ୍ରମୁଖ ଅଶୋକ ଶତପଥୀ ସମ୍ପ୍ରତି ସମାଜରେ ବିଜ୍ଞାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଚାରକଭାବେ ସଞ୍ଜୟ କୁମାର ଦେଓ, ସୁରେଶ ଚନ୍ଦ୍ର ବେହେରା, ପ୍ରଫୁଲ୍ଲ କୁମାର ବେହେରା, ମୃତ୍ୟୁଞ୍ଜୟ ନାୟକ, ଜନାର୍ଦ୍ଦନ ସ୍ୱାଇଁ, ଭଗବାନ ଚରଣ ଘଡ଼ାଇ ପ୍ରମୁଖ ଯୋଗଦେଇ ପ୍ରକଳ୍ପଗୁଡିକର



ମୂଲ୍ୟାଙ୍କନ କରିଥିଲେ। ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଚିନ୍ତାମଣି ପାଢ଼ୀ ଉପସ୍ଥିତ ରହି ପିଲାଙ୍କୁ ବିଜ୍ଞାନ ଶିକ୍ଷାର ଆବଶ୍ୟକତା ବିଷୟରେ ବୁଝାଇଥିଲେ। ସମସ୍ତ ବିଦ୍ୟାଳୟରୁ ଆସିଥିବା ଆଚାର୍ଯ୍ୟ ଏବଂ ପ୍ରଧାନଆଚାର୍ଯ୍ୟମାନଙ୍କୁ ବିଦ୍ୟାଳୟ ତରଫରୁ ଉପଢ଼ୌକନ ପ୍ରଦାନ କରାଯିବା ସହିତ ମୁଖ୍ୟଅତିଥିଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଙ୍କୁଳ ବିଜ୍ଞାନ ପ୍ରମୁଖ ସନ୍ତୋଷ କୁମାର ବେହେରା ବୃତ୍ତ କଥନ କରିଥିଲେ। ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ରାଜକୃଷ୍ଣ ପାଳ, ନରେନ୍ଦ୍ର କୁମାର ଦାସ, ନିର୍ମଳ ଚନ୍ଦ୍ର ମିଶ୍ର ଏବଂ ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାସ୍ତାରେ ଧାନ ତଳି ରୋଇ ପ୍ରତିବାଦ

## ଦାବି ପରେ ବି ମରାମତି ହେଉନି

**କଳିଙ୍ଗନଗର,୨୧।୮(ଡି.ଏନ.ଏ.)**

ଦାନଗଦି ବ୍ଲକ ଅଧୀନ ଗୋବର୍ଦ୍ଧନପୁର ପଞ୍ଚାୟତ ଜଅଁର ପନାସିଆ ଗାଁ ରାସ୍ତା ପାଲଟିଛି ମରଣଯନ୍ତା। ଏହାର ପ୍ରତିବାଦରେ ଗାଁ ଲୋକେ ରାସ୍ତା ଉପରେ ଧାନ ତଳି ରୋଇଛନ୍ତି। ସ୍ୱାଧୀନତାର ୭୬ବର୍ଷ ପରେବି ଏହି ଗାଁକୁ ରାସ୍ତାଟିଏ ହୋଇ ପାରୁନାହିଁ। ରାସ୍ତା ଦେଇ ଆମ୍ବର, ଜଳସୁଆଁ ଆଦି ଗାଁ ଲୋକେ ଶିଳ୍ପାଞ୍ଚଳକୁ ଯାତାୟାତ କରିଥାନ୍ତି। ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ଆଣ୍ଠୁଏ କାଦୁଅ ଯୋଗୁ ଯିବାଆସିବା କଷ୍ଟକର ହୋଇଥାଏ। ସ୍କୁଲ ପିଲା ସାଇକେଲରେ ଯିବାବେଳେ ରାସ୍ତାରେ ପଡ଼ି କାଦୁଅ ହେଉଥିବାରୁ ବିଦ୍ୟାଳୟ ଯିବା ବନ୍ଦ କରି ଦିଅନ୍ତି। ପ୍ରସୂତିଙ୍କୁ ନେବା ପାଇଁ ଗାଁକୁ ଆମ୍ବୁଲାନ୍ସଟିଏ ଆସିବା ବହୁ କଷ୍ଟକର ହେଉଛି। ଫଳରେ ପ୍ରସୂତିଙ୍କୁ ଖଟିଆରେ ବୋହି ଡାକ୍ତରଖାନା ନିଆଯାଉଛି। ଗାଁରେ ୨୫ଟି ଆଦିବାସୀ ପରିବାର ବସବାସ କରନ୍ତି। ସେମାନେ ବାରମ୍ବାର ବ୍ଲକ୍‌କୁ ଦୌଡ଼ି ନୟାନ୍ତ ହେଲେଣି। ହେଲେ ତାଙ୍କ କଥା କେହି ଶୁଣୁ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ତେଣୁ ଜିଲା ପ୍ରଶାସନ ରାସ୍ତା ମରାମତି ଦିଗରେ କୌଣସି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



ଗ୍ରାମବାସୀ ରାସ୍ତାରେ ଧାନ ତଳି ରୋଉଛନ୍ତି।

# ଅଭିଯୋଗ ପରେ ବିଜୁ ସ୍ୱାସ୍ଥ୍ୟକାର୍ଡ ବାଣ୍ଟିବାକୁ ନିର୍ଦ୍ଦେଶ

**ବରୀ,୨୧।୮(ଡି.ଏନ୍.ଏ.)**

ବରୀ ବ୍ଲକ୍ କାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତି ହେଉଥିବା ନେଇ ପୂର୍ବତନ ବ୍ଲକ ଅଧକ୍ଷ ନୀଳମଣି ସାମଲ, ଅଧକ୍ଷା ଭାରତୀ ବେହେରା ଓ ପୂର୍ବତନ ବ୍ଲକ୍ ବିଜେଡି ସଭାପତି ସେକ୍ ସଫିକ୍‌ଉଦ୍ଦିନଙ୍କ ସହିତ କେତେଜଣ ଜନପ୍ରତିନିଧି ଅଭିଯୋଗ ଆଣିବା ପରେ ବ୍ଲକ ପ୍ରଶାସନ ସକ୍ରିୟ ହୋଇଉଠିଛି। ବ୍ଲକର ଦୁର୍ନୀତି ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ପ୍ରଶାସନ ହିତାଧିକାରୀଙ୍କ ନିକଟରେ ସରକାରଙ୍କ ଯୋଜନା ପହଞ୍ଚାଇବାକୁ ପ୍ରୟାସ ଆରମ୍ଭ କରିଛି। ଏହିକ୍ରମରେ ଯୋଗାଣ ବିଭାଗ ଓ ବିଭିନ୍ନ ରିଟେଲରଙ୍କ ନିକଟରେ ପଡ଼ି ରହିଥିବା ବିଜୁ ସ୍ୱାସ୍ଥ୍ୟ କାର୍ଡଗୁଡ଼ିକର ବଣ୍ଟନ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ହୋଇଛି। ରବିବାର ଛୁଟିଦିନ ହୋଇଥିଲେ ହେଁ ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ଡ. ମାନସ ରଞ୍ଜନ ଭୋଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ତୁରନ୍ତ କାର୍ଡ ଆବଣ୍ଟନ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

ଏତଦ୍‌ବ୍ୟତୀତ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ତାଲିକା ତୁରନ୍ତ ପ୍ରସ୍ତୁତ କରିବା ଏବଂ ଜନହିତ କାର୍ଯ୍ୟ ପାଇଁ ଆସୁଥିବା ଅର୍ଥର ସଦ୍‌ଉପଯୋଗ କରାଯାଇ ସରକାରଙ୍କ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ନିମନ୍ତେ ଦାୟିତ୍ୱରେ ଥିବା କର୍ମଚାରୀମାନେ ତତ୍ପରତା ପ୍ରକାଶ କରିବାକୁ କୁହାଯାଇଛି। ଏହା ନ ହେଲେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶ ରହିଛି। ଏ ସମ୍ପର୍କରେ ମଣ୍ଡଳ ଉନ୍ନୟନ ଅଧିକାରୀ ଭୋଇଙ୍କୁ ପଚାରିବାରେ ସେ କହିଛନ୍ତି, କିଭଳି ଲୋକେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସୁବିଧା ସୁଯୋଗ ପାଇପାରିବେ ତାହା ଆମ୍ଭମାନଙ୍କ ଦାୟିତ୍ୱ। ତେଣୁ ବିଭିନ୍ନ ବିଭାଗ ଦାୟିତ୍ୱରେ ଥିବା କର୍ମଚାରୀ କିଭଳି ଭାବେ ସୁଚାରୁରୂପେ କାର୍ଯ୍ୟ କରିପାରିବେ ସେଥି ନିମନ୍ତେ ଆଗକୁ ଯତ୍ନବାନ ହେବି ବୋଲି ସେ ସୂଚନା ଦେଇଛନ୍ତି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି





ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

**ଯାଜପୁର ଟାଉନ,୨୧।୮(ଡି.ଏନ.ଏ.)**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଭିନ୍ନକ୍ଷମ ଶିବିର ଆୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ଅଧକ୍ଷତା କରି ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ସହ ସେମାନଙ୍କୁ ପ୍ରମାଣପତ୍ର ଓ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ୧୦ ବ୍ଲକ୍ ଓ ୨ ସହରାଞ୍ଚଳରେ ଶିବିରମାନ ଆୟୋଜନ କରାଯାଇ ପ୍ରମାଣପତ୍ର ଦିଆଯିବ ବୋଲି କହିଥିଲେ। ପୂର୍ବରୁ ପ୍ରଦାନ କରାଯାଇଥିବା ହସ୍ତଲିଖିତ ପ୍ରମାଣପତ୍ର ହିତାଧିକାରୀମାନେ ୩୧ ତାରିଖ ସୁଧା ଇଉଡିଆଇଡି ପୋର୍ଟାଲରେ ନାମ ପଞ୍ଜୀକରଣ କରି ନୂତନ ପ୍ରମାଣପତ୍ର ସଂଗ୍ରହ କରିବାକୁ ସରକାରୀ ନିର୍ଦ୍ଦେଶ ଦେଇଛନ୍ତି । ଜିଲାରେ ୧୩୪୯୬ ଜଣ ଭିନ୍ନକ୍ଷମ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରି ପ୍ରମାଣପତ୍ର ପାଇଁ ଆଶାୟୀ ଅଛନ୍ତି। ସେମାନଙ୍କ ପାଇଁ ଚଳିତ ମାସ ୩୦ ତାରିଖରୁ ଅକ୍ଟୋବର ୧୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ବ୍ଲକ୍‌ରେ ଶିବିରମାନ ଆୟେଜେନ କରାଯାଇ ପ୍ରମାଣପତ୍ର ଦିଆଯିବ ବୋଲି ବୈଠକରେ ସ୍ଥିର କରାଯାଇଛି। ଏଥିପାଇଁ ବିଭିନ୍ନ ବ୍ଲକ୍ ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି। ଅଗଷ୍ଟ ୩୦ ତାରିଖରେ ରସୁଲପୁର ବ୍ଲକ୍, ସେପ୍ଟେମ୍ବର ମାସ ୭ ତାରିଖରେ ଦାନଗଦି, ୯ରେ ସୁକିନ୍ଦା, ୧୩ରେ କୋରେଇ, ୧୪ରେ ବଡଚଣା, ୧୬ରେ ଧର୍ମଶାଳା, ୨୧ରେ ବିଂଝାରପୁର, ୨୩ରେ ଦଶରଥପୁର, ୨୭ରେ ବରୀ ଓ ୨୯ରେ ଯାଜପୁର ବ୍ଲକ୍‌ରେ ଅନୁଷ୍ଠିତ ହେବ। ବ୍ୟାସନଗର ଓ ଯାଜପୁର ପୌରାଞ୍ଚଳର ହିତାଧିକାରୀମାନେ ଯଥାକ୍ରମେ କୋରେଇ ଓ ଯାଜପୁର ବ୍ଲକ୍ ଶିବିରରେ ଯୋଗଦେବେ ବୋଲି ବୈଠକରେ ସ୍ଥିର କରାଯାଇଛି।

ବର୍ତ୍ତମାନ ସୁଧା ଯାଜପୁର ବ୍ଲକ୍‌ରେ ୯୭୫ଜଣ, ଦଶରଥପୁରରେ ୧୩୮୩, କୋରେଇରେ ୯୫୧, ଦାନଗଦିରେ ୩୪୯, ସୁକିନ୍ଦାରେ ୯୪୦, ରସୁଲପୁରରେ ୯୭୫, ବରୀରେ ୧୩୧୯, ଧର୍ମଶାଳାରେ ୨୫୦୯, ବଡଚଣାରେ ୨୫୯୭, ଯାଜପୁର ପୌରାଞ୍ଚଳରେ ୧୨ ଏବଂ ବ୍ୟାସନଗରରେ ୩୭୦ ଜଣ ଭିନ୍ନକ୍ଷମ ଅନ୍‌ଲାଇନ୍ ପଞ୍ଜୀକରଣ କରିଛନ୍ତି। ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ବିରଞ୍ଚି ନାରାୟଣ ବାରିକ, ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି, ଡିସିପିଓ ନିରଞ୍ଜନ କର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ, ସମସ୍ତ ବ୍ଲକ୍‌ର ବିଡିଓ, ବିଏସ୍‌ଏସ୍‌ଓ, ସିଡିପିଓ ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜିଲା ବିଦ୍ୟୁତ୍ ଉପଭୋକ୍ତା ସମନ୍ୱୟ ସମିତି ବୈଠକ

## ନୂତନ ଜିଲା କୋର କମିଟି ଗଠିତ

**ରସୁଲପୁର,୨୧।୮(ଡି.ଏନ.ଏ.)**

ରସୁଲପୁର ବ୍ଲକ କୁଆଖିଆ ବଜାରସ୍ଥିତ କୀର୍ତ୍ତି ପ୍ୟାଲେସଠାରେ ରବିବାର ଯାଜପୁର ଜିଲା ବିଦ୍ୟୁତ୍ ଉପଭୋକ୍ତା ସମନ୍ୱୟ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କମିଟି କାର୍ଯ୍ୟକ୍ରମକୁ ଜିଲାସ୍ତରରେ ଶାଣିତ ପାଇଁ ଏକ ନୂତନ କୋର କମିଟି ଗଠନ କରାଯାଇଛି। ଗ୍ରାମାଞ୍ଚଳ ବିଦ୍ୟୁତ୍ ଉପଭୋକ୍ତା ଏକତା ମଞ୍ଚ ସଭାପତି ନାରାୟଣ ଜେନାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଜିଲାର ବିଭିନ୍ନ ସ୍ଥାନରେ ଥିବା ବିଦ୍ୟୁତ୍ ଉପଭୋକ୍ତା କମିଟି କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଟାଟା ପାୱାର ଗ୍ରାହକ ଶୋଷଣ ନୀତି ବିରୋଧରେ ସ୍ୱରକୁ ଶାଣିତ କରିବା ପାଇଁ କମିଟି ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ବୈଠକ ଆୟୋଜନ କରାଯାଇ ଉପଭୋକ୍ତାଙ୍କୁ ସଚେତନ କରାଯିବ। କମିଟିକୁ ବ୍ୟାପକ କରାଯାଇ ଏକ ପୂର୍ଣ୍ଣାଙ୍ଗ ଜିଲାସ୍ତରୀୟ ଉପଭୋକ୍ତା ସମନ୍ୱୟ ସମିତି ଗଠନ କରାଯିବା ନେଇ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ଜିଲା ଉପଭୋକ୍ତା ସମନ୍ୱୟ ସମିତି ସଦସ୍ୟ ଭାବେ କମିଟିରେ କୁଆଖିଆ ବିଦ୍ୟୁତ୍ ଉପଭୋକ୍ତା କମିଟି, ବିଦ୍ୟୁତ୍ ଉପଭୋକ୍ତା ଏକତାମଞ୍ଚ, ବାଲିପାଟଣା କମିଟିକୁ ମନୋନୀତ କରାଯାଇଛି।

ଇଂ. ବିଶ୍ୱଜିତ ମହାନ୍ତିଙ୍କ ଆବାହକତ୍ୱରେ ଶଶିଭୂଷଣ ସାହୁ, ପ୍ରହ୍ଲାଦ ପଣ୍ଡା, ନୃସିଂହ ଚରଣ ମିଶ୍ର, କୁଆଖିଆ ବିଦ୍ୟୁତ ଉପଭୋକ୍ତା କମିଟି ଓ ଗ୍ରାମାଞ୍ଚଳ ବିଦ୍ୟୁତ୍ ଉପଭୋକ୍ତା କମିଟିର ସଭାପତି, ସମ୍ପାଦକଙ୍କ ସମେତ ୮ ସଦସ୍ୟଙ୍କୁ କୋର କମିଟିରେ ସ୍ଥାନ ଦିଆଯାଇଛି। ଏଠାରେ ଅନୁଷ୍ଠିତ ବୈଠକରେ କୃଷକ ନେତା ନକୁଳ ଚରଣ ରାଉତ, କୀର୍ତ୍ତନ ବିହାରୀ ସାହୁ, କାଳନ୍ଦୀ ଚରଣ କଣ୍ଡ, ଅରୁଣ କୁମାର ସାହୁ, ଅମୂଲ୍ୟ କୁମାର ବରାଳ, ବାବୁଲି ସାହୁ, ପ୍ରଦୀପ ସାମଲ, ନିରଞ୍ଜନ ପ୍ରଧାନ, ଆନନ୍ଦ ଚନ୍ଦ୍ର ସାହୁ, କାର୍ତ୍ତିକ ପଣ୍ଡା, ସୁଦାମ ଚରଣ ରାଉତ, ମନମୋହନୀ ନନ୍ଦୀ, ସୁଧାଂଶୁ ଚରଣ ମିଶ୍ରଙ୍କ ସମେତ ବିଭିନ୍ନ ସଂଗଠନରୁ ଶତାଧିକ ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉପଭୋକ୍ତା କମିଟିକୁ ପଞ୍ଚାୟତ ଓ ଗ୍ରାମାଞ୍ଚଳସ୍ତରରେ ମଜଭୁତ କରିବା ପାଇଁ ବୈଠକରେ ସ୍ଥିର କରାଯାଇଛି। କମିଟିର ପୂର୍ବତନ ସଭାପତି ପଦ୍ମନାଭ ବାଭି ଧନ୍ୟବାଦ ଦେଇଥିଲେ।



ବୈଠକରେ ଯୋଗଦେଇଥିବା ବିଦ୍ୟୁତ୍ ଉପଭୋକ୍ତା ସମନ୍ୱୟ ସମିତି କର୍ମକର୍ତ୍ତା।

## ନୂତନ ଅଧକ୍ଷାଙ୍କ ଦାୟିତ୍ୱ ଗ୍ରହଣ



ନିର୍ମଳା ଦାଶ

**ବଡ଼ଚଣା,୨୧।୮(ଡି.ଏନ.ଏ.)**

ବଡ଼ଚଣା ମହିଳା ମହାବିଦ୍ୟାଳୟ (ଜୁନିୟର)ର ଅଧକ୍ଷା ଭାବେ ନିର୍ମଳା ଦାଶ ଦାୟିତ୍ୱ ଗ୍ରହଣ କରିଛନ୍ତି। ଫଳରେ ଛାତ୍ରୀ, ଅଭିଭାବକ, କଲେଜ ପରିଚାଳନା କମିଟି ଓ କର୍ମକର୍ତ୍ତାଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଦାଶ କାର୍ଯ୍ୟଭାର ଗ୍ରହଣ କଲାପରେ କଲେଜର ଶୈକ୍ଷିକ ବାତାବରଣ, ପରିବେଶ, ଛାତ୍ରୀଙ୍କ ମଧ୍ୟରେ ଶିକ୍ଷାପ୍ରତି ଆଗ୍ରହ ସୃଷ୍ଟି କରିବା ଦିଗରେ ପ୍ରାଥମିକତା ଦେବେ ବୋଲି କହିଛନ୍ତି।

# ଯୁକ୍ତ ୩, ସ୍ନାତକୋତ୍ତର ପରୀକ୍ଷାଫଳ ପ୍ରକାଶ

## ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ

**ଚଣ୍ଡିଖୋଲ,୨୧।୮(ଡି.ଏନ.ଏ.)**

ଯାଜପୁର ଜିଲା ଚଣ୍ଡିଖୋଲ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷ ଓ ସ୍ନାତକୋତ୍ତର ଶିକ୍ଷା ଓ ବାଣିଜ୍ୟ ବିଭାଗରେ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ. ମନୋଜ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କାର୍ଯ୍ୟକ୍ରମରେ ପରୀକ୍ଷା ନିୟନ୍ତ୍ରକ ମଥୁରୀ ବେହେରା ଉପସ୍ଥିତ ଥିଲେ। ଯୁକ୍ତ ୩ କଳା ବିଭାଗରେ ୯୮.୨୫ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ବିଜ୍ଞାନରେ ୯୭.୯୨ ପ୍ରତିଶତ ଓ ବାଣିଜ୍ୟ ବିଭାଗରେ ୯୨ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସ୍ନାତକୋତ୍ତର ପରୀକ୍ଷାର ଶିକ୍ଷା ବିଭାଗରେ ଶତପ୍ରତିଶତ ଓ ବାଣିଜ୍ୟ ବିଭାଗରେ ୯୫ ପ୍ରତିଶତ ଛାତ୍ରୀଛାତ୍ର ପାଶ କରିଥିବା ସୂଚନା ମିଳିଛି। ଶିକ୍ଷା ସ୍ନାତକୋତ୍ତରରେ ହେମଲତା ସାହୁ ସର୍ବାଧିକ ୯୧.୧୫ ପ୍ରତିଶତ ନମ୍ବର ରଖିଥିବା ବେଳେ ବାଣିଜ୍ୟରେ ସଞ୍ଜୀବ କୁମାର ଦାସ ୭୯.୯୬ ପ୍ରତିଶତ ମାର୍କ ରଖିଛନ୍ତି। ସେହିପରି +୩ କଳାରେ ସତ୍ୟଜିତ ସ୍ୱାଇଁ, ବିଜ୍ଞାନରେ ନରେଶ ବାହାଲିଆ ଓ ବାଣିଜ୍ୟରେ ସଗୁପ୍ତା କାଦିର ମହାବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଧନ୍ଦାମୂଳକ ଶିକ୍ଷାରେ ଜଗନ କୁମାର ବେହେରା ଶ୍ରେଷ୍ଠ ସ୍ନାତୋକ ଭାବେ ଯୋଗ୍ୟତା ଅର୍ଜନ କରିଛନ୍ତି। ପରୀକ୍ଷା ଫଳ ପ୍ରକାଶନ ସମୟରେ ପରୀକ୍ଷା ଉପନିୟନ୍ତ୍ରକ ସତ୍ୟପ୍ରକାଶ ରାଉତ, ନିରାକାର ପାତ୍ରଙ୍କ ସମେତ ସବୁ ବିଭାଗର ମୁଖ୍ୟ ଅଧାପକମାନେ ଉପସ୍ଥିତ ଥିଲେ। ପ୍ରାଧାପକ ବିଜୟ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧାପକ ସଲିଳ ରାଜନନ୍ଦନ ମହାନ୍ତି ଓ ଦୋଳଗୋବିନ୍ଦ ପ୍ରତାପ ସଂଯୋଜନା କରିଥିଲେ।





ପରୀକ୍ଷାଫଳ ପୁସ୍ତିକା ଉନ୍ମୋଚନ କରାଯାଉଛି।

# ଦର ବୃଦ୍ଧି ପ୍ରତିବାଦ, ଜିଲା କଂଗ୍ରେସର ବିକ୍ଷୋଭ

**ଯାଜପୁର ଟାଉନ,୨୧।୮(ଡି.ଏନ.ଏ.)**

ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଯାଜପୁର ନିର୍ବାଚନ ମଣ୍ଡଳୀର ବିରଜା ହାଟ ଠାରେ ଦରଦାମ ବୃଦ୍ଧି 'ମହଙ୍ଗାଇ ପର ଚର୍ଚ୍ଚା' ଉପରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ନେତା ସନ୍ତୋଷ ନନ୍ଦଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଂଗ୍ରେସର ସମସ୍ତ ନେତୃମଣ୍ଡଳୀ ଯୋଗ ଦେଇ ଭାଜାପା ସରକାର ସମୟରେ ନିତ୍ୟ ବ୍ୟବହାର୍ଯ୍ୟ ସମାଗ୍ରୀର ଅହେତୁକ ଦରଦାମ ବୃଦ୍ଧି ସମ୍ପର୍କରେ ଲୋକମାନଙ୍କୁ ବୁଝାଇବା ସହ ବିଭିନ୍ନ ନାରା ଦେଇଥିଲେ। ରନ୍ଧନ ଗ୍ୟାସ୍ ସିଲିଣ୍ଡର, କିରୋସିନ, ପେଟ୍ରୋଲ, ଖାଇବା ତେଲ ଓ ଔଷଧର ମୂଲ୍ୟ ବୃଦ୍ଧି ନେଇ ଉପସ୍ଥିତ ନେତୃମଣ୍ଡଳୀ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ପ୍ରଥପ୍ରାନ୍ତ ସଭାକୁ ଜିଲା ଯୁବ କଂଗ୍ରେସ ସଭାପତି ସନ୍ତୋଷ କୁମାର ବେହେରା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତ,ବଳଭଦ୍ର ଦାସ, ଗଦାଧର ଦାସ, ବିଭୂତି ମହାପାତ୍ର, ଦୁର୍ଯ୍ୟୋଧନ ବେହେରା, ନିକୁଂଜ ସାମଲ, ଅକ୍ଷୟ ଶତପଥୀ, ଅରଜିତ୍ ନାୟକ, ଗୋବିନ୍ଦ ସାହୁ, ନକୁଳ ସାହୁ, ନୃସିଂହ ସାହୁ, ଅମୁଲ୍ୟ ବିଶ୍ୱାଳ, ଗଜେନ୍ଦ୍ର ସେଠୀ, ଉତ୍କଳ ପାଣିଗ୍ରାହୀ, ବିଜୟ ମହାପାତ୍ର, ପ୍ରଦୀପ ବେହେରା ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ୨୩ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ବିଭିନ୍ନ ହାଟ, ମଣ୍ଡି ଓ ଛକ ବଜାରରେ ଚାଲିବ ବୋଲି ସୂଚନା ମିଳିଛି।



କଂଗ୍ରେସ କର୍ମୀମାନେ ପ୍ରତିବାଦ କରୁଛନ୍ତି।

# ରାଜ୍ୟ ସାମ୍ବାଦିକ ସଂଘ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୨୧।୮ (ଡି.ଏନ.ଏ./ସ୍ୱ.ପ୍ର)**

ରାଜ୍ୟ ସାମ୍ବାଦିକ ସଂଘ (ଏସ୍.ୟୁ.ଜେ)ର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଓ 'ସ୍ୱାଧୀନତାର ୭୫ ବର୍ଷରେ ଆମେ' ଶୀର୍ଷକ ଆଲୋଚନାଚକ୍ର ଏବଂ ଯାଜପୁର ଜିଲା ସାମ୍ବାଦିକ ସଂଘର ଉତ୍ସବ ରବିବାର ଓଳାଶୁଣୀ ପାହାଡ଼ର ଶୀର୍ଷଦେଶରେ ଥିବା ଗଣେଶ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସାମ୍ବାଦିକ ସଂଘ ସଭାପତି ସୁବାସ ଚନ୍ଦ୍ର ଧଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ବାଦିକଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରତ୍ୟେକ ସଂଘ ଏକତ୍ରିତ ହୋଇପାରିଲେ ସଫଳତା ମିଳିବ ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବେ ଯାଜପୁର ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ଯୋଗଦେଇଥିଲା ବେଳେ ବିଶିଷ୍ଟ ବକ୍ତା ଭାବେ ଏସ୍‌ୟୁଜେର ସଭାପତି ଅଜୟ କୁମାର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ବକ୍ତା ଭାବେ ଲେଖକ ବିରଞ୍ଚି ନାରାୟଣ ଦାସ ଓ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମକୁ ଏସ୍‌ୟୁଜେର ରାଜ୍ୟ ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ନାୟକ ସଞ୍ଚାଳନ କରିଥିଲାବେଳେ ଓଳାଶୁଣୀ ମଠର ମହନ୍ତ ଡ. ନାମାନନ୍ଦ ଦାସ ରାଜ୍ୟର ସମସ୍ତ ସାମ୍ବାଦିକଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ଜିଲା ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲା ବେଳେ ଜିଲା ଉପସଭାପତି ପ୍ରଦୀପ୍ତ କୁମାର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରେସ୍‌କ୍ଲବ ବାଲିଚନ୍ଦ୍ରପୁରର ସଭାପତି ପ୍ରକାଶ ଚନ୍ଦ୍ର ସାମଲ ଧନ୍ୟବାଦ ଦେଇଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ୪ଶହରୁ ଉର୍ଦ୍ଧ୍ୱ ସାମ୍ବାଦିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପ୍ରେସ୍‌କ୍ଲବ ବାଲିଚନ୍ଦ୍ରପୁରର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପ୍ରବାଶ ଚନ୍ଦ୍ର ଦାଶ, ପ୍ରଫୁଲ୍ଲ କୁମାର ପଣ୍ଡା, ବିଭୂପ୍ରସାଦ ପୃଷ୍ଟି, ଅଜୟ କୁମାର ଦାଶ, ଉତ୍କଳ କେଶରୀ ସାମଲ, ଗିରିଜା ପ୍ରସାଦ ସାହୁ, ତୁଷାର ରଞ୍ଜନ ଜେନା, ପ୍ରକାଶ କୁମାର ସିଂହ, ସେକ୍ ଇକବାଲ ହୁସେନ୍, ସୁମନ୍ତ ଜେନା, ଜ୍ଞାନରଞ୍ଜନ ପୃଷ୍ଟି, ସୁଶାନ୍ତ କୁମାର ସାହୁ ପ୍ରମୁଖ ସମସ୍ତ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ।





ରାଜ୍ୟ ସାମ୍ବାଦିକ ସଂଘ କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଅତିଥି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୨ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ବନ୍ୟା ପ୍ରଭାବିତ ଅଞ୍ଚଳରେ ବିଦ୍ୟାଳୟ ୨୪ ଯାଏ ଛୁଟି

ଜଗତ୍‌ସିଂହପୁର ଅଫିସ, ୨୧।୮: ଲଗାଣ ବର୍ଷା ଓ ବନ୍ୟା ଯୋଗୁ ପ୍ରଭାବିତ ଅଞ୍ଚଳର ୪୩ଟି ବିଦ୍ୟାଳୟର ଛୁଟି ଅବଧି ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି ବୋଲି ଜିଲାପାଳ ପାରୁଲ ପଟୱାରୀ ସୂଚନା ଦେଇଛନ୍ତି । ସେଥିମଧ୍ୟରେ ବାଲିକୁଦାର ୬, ବିରିଡ଼ି ୩, ଏରସମା ୧, କୁଜଙ୍ଗ ୨୩, ନାଉଗାଁ ୧, ରଘୁନାଥପୁର ୩ ଓ ତିର୍ତ୍ତୋଲ ବ୍ଲକର ୬ଟି ବିଦ୍ୟାଳୟ ରହିଛି।

### ଭାରସାମ୍ୟ ହରାଇ ବାଇକ୍ ଆରୋହୀ ମୃତ

କୁଜଙ୍ଗ,୨୧।୮(ଡି.ଏନ୍.ଏ.): କୁଜଙ୍ଗ ଥାନା ଅନ୍ତର୍ଗତ ଫତେପୁର ଟ୍ରେନ୍ ଲାଇନ ଲେଭଲକ୍ରସିଂ ନିକଟରେ ଭାରସାମ୍ୟ ହରାଇ ବାଇକ୍‌ରୁ ପଡ଼ିଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦ୍ରାପଡା ଜିଲା ମସାକଣି ଗ୍ରାମର ପୀତାମ୍ବର ନନ୍ଦଙ୍କ ପୁଅ ରମେଶ କୁମାର (୪୦)। ସେ ପାରାଦୀପସ୍ଥିତ ତୈଳ ବିଶୋଧନାଗାରରେ ଚାରିଚକିଆ ଗାଡ଼ି ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ରମେଶ ବିଶୋଧନାଗାରରେ କାମ ସାରି ଘରକୁ ଫେରୁଥିବା ବେଳେ ବାଇକ୍‌ରୁ ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଲା ବନ୍ୟା

**ଜଗତ୍‌ସିଂହପୁର ଅଫିସ, ୨୧।୮**



କାଠକୋଟ ପଞ୍ଚାୟତର ଚାଷ ଜମିରେ ଜମିଥିବା ପାଣିରେ ଡଙ୍ଗା ଚାଲୁଛି।



ଜଗତ୍‌ସିଂହପୁର ବଜାରରେ ଜଣେ ବ୍ୟବସାୟୀ ପରିବା ବିକ୍ରି କରୁଛନ୍ତି।

**ଲଗାଣ ବର୍ଷା, ବନ୍ୟାର ପ୍ରଭାବ**

- ବଜାରରେ ପରିବା ଦର ଆକାଶଛୁଆଁ
- ପ୍ରାଥମିକ ଆକଳନ ଅନୁଯାୟୀ, ୧୯୭ ହେକ୍ଟର ପନିପରିବା କ୍ଷତିଗ୍ରସ୍ତ
- ଅଗଷ୍ଟ ୨୭ ସୁଦ୍ଧା ଜିଲାପାଳଙ୍କୁ ରିପୋର୍ଟ ଦାଖଲ

ଜଗତ୍‌ସିଂହପୁର ଜିଲାରେ ଲଗାଣ ବର୍ଷା ଓ ବନ୍ୟା ଯୋଗୁ ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ଅମଳ ବେଳେ ପ୍ରାକୃତିକ ବିପତ୍ତି ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଛି। ବିଭିନ୍ନ ମାଧ୍ୟମରେ ଏପରି କି କରଜ କରି ଅନେକ ଚାଷୀ ପରିବା ଚାଷ କରିଥିଲେ। ଏବେ ଚାଷ ନଷ୍ଟ ହୋଇଯାଇଥିବାରୁ ଆଗକୁ କ'ଣ କରିବେ ସେନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି।

ଜିଲାର ୮ ବ୍ଲକ ଅଞ୍ଚଳରେ ପନିପରିବା ଚାଷ ପ୍ରଭାବିତ ହୋଇଛି। କିନ୍ତୁ କୁଜଙ୍ଗ, ତିର୍ତ୍ତୋଲ ଓ ଏରସମା ବ୍ଲକ ଅଞ୍ଚଳରେ ସର୍ବାଧିକ କ୍ଷତି ହୋଇଥିବା ସୂଚନା ମିଳିଛି। କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାଇକା ନଦୀର ବାଲିକଣି ଓ କାଠକୋଟ ନିକଟ ନଦୀ ବନ୍ଧରେ ଘାଇ ଯୋଗୁ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଯାଇଛି। ଏଥିଯୋଗୁ ହଂସୁରା ପଞ୍ଚାୟତର ହଂସୁରା, ଅନଳିପାଟଣା, ସାଁପୁର, ଖୋସାଲପୁର, ମମଦଲପୁର ଓ ଶ୍ରୀଚନ୍ଦନପୁର ଗ୍ରାମବାସୀ ପ୍ରଭାବିତ ହୋଇଛନ୍ତି। ସେହିପରି କାଠକୋଟ ପଞ୍ଚାୟତର କାଠକୋଟ, ବାଣଶର, ବାରମାଣିଆ, ଗୋବର୍ଦ୍ଧନପୁର ସମେତ ବାଲିକଣି ପଞ୍ଚାୟତର ବଡ଼ବାଲିକଣି, ସାନବାଲିକଣି, ସରଣି, କାଳିକୁଦ, ଚୌଧୁରୀକୁଦ, ମାଧପୁର ଓ ଜିଲାନାସୀ ପଞ୍ଚାୟତବାସୀ କ୍ଷତିଗ୍ରସ୍ତ ହୋଇଛନ୍ତି । ଏ ସମ୍ପର୍କରେ କାଠକୋଟ ଗ୍ରାମର ଦୀନବନ୍ଧୁ ଦାସ, ନୃସିଂହ ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ବାଲିକଣିର ନିତ୍ୟାନନ୍ଦ ରାଉତ, ସୁଧିର ସେଠୀ, ହଂସୁରା ପଞ୍ଚାୟତ ଅନ୍ତର୍ଗତ ଶ୍ରୀଚନ୍ଦନପୁରର ମାଗୁଣି ଦାସ, ବିପିନ ମଳିକ, ଅଜୟ ସାହୁ, ନୃସିଂହ ମଲ୍ଲିକ, ବଳରାମ ଦାସ, ନିରଞ୍ଜନ ମଲ୍ଲିକ, ସୁଶାନ୍ତ ମଲ୍ଲିକ, ବିପିନ ବିହାରୀ ମଲ୍ଲିକ, ମାନସ ମଲ୍ଲିକ ଓ ହଂସୁରାର ଲିଟୁ ମହାପାତ୍ର ପ୍ରମୁଖ କହିଛନ୍ତି, ସେମାନଙ୍କ ଅଞ୍ଚଳକୁ ଧୋୟା ମୌଜା ବୋଲି କୁହାଯାଏ। କିନ୍ତୁ ଲୋକେ କଷ୍ଟକରି ଜୀବିକା ନିର୍ବାହ କରିଥାନ୍ତି। ବିଶେଷକରି ଜୀବିକାର ମାଧ୍ୟମ ହେଉଛି ପରିବା ଚାଷ। ଚଳିତବର୍ଷ ଭେଣ୍ଡି, କଲରା, ବାଇଗଣ, ପୋଟଳ, କାକୁଡ଼ି, ଶାଗ, ଲଙ୍କା, ଲୋଧିଛୁଇଁ, କଖାରୁ ଓ ଜହ୍ନି ଆଦି ପରିବା ଭଲ ହୋଇଥିଲା। କିନ୍ତୁ ବନ୍ୟା ସେମାନଙ୍କ ସବୁ ଫସଲ ନଷ୍ଟ କରିଦେଇଛି। ବିଲରେ ଏବେ ଡଙ୍ଗା ଚାଲୁଛି। ଏଣେ ଜୀବିକା ଚାଲିଯିବା ସହ ଗୋସମ୍ପଦଙ୍କୁ ନେଇ ବଞ୍ଚିବା ପାଇଁ ସଂଗ୍ରାମ ଜାରି ରହିଛି । ପରିସ୍ଥିତି ସୁଧୁରିଲେ ସେମାନେ କ'ଣ କରିବେ ବୋଲି ଭାବିପାରୁ ନ ଥିବା ଦୁଃଖରେ କହିଛନ୍ତି । ଅନ୍ୟପଟେ ନିକଟସ୍ଥ ରାହାମା, କୁଜଙ୍ଗ, ତିର୍ତ୍ତୋଲ, ଏରସମା ସମେତ ଜିଲାର ପ୍ରତ୍ୟେକ ସ୍ଥାନରେ ପନିପରିବା ଦର ଆକାଶଛୁଆଁ ହୋଇଛି। କିଲୋ ପ୍ରତି ପୋଟଳ ଦର ୮୦ ଟଙ୍କା ଥିବାବେଳେ ଲୋଧି ୬୦, ଟମାଟୋ ୫୦, କାକୁଡି ୬୦, ବିନ୍ସ ୬୦, ଭେଣ୍ଡି ୮୦, ବାଇଗଣ ୬୦ ଟଙ୍କାରେ ବିକ୍ରି ହେଉଛି। ଆଗକୁ ଏହି ଦର ଆହୁରି ବଢ଼ିବାର ସମ୍ଭାବନା ରହିଛି।

ଏ ସମ୍ପର୍କରେ ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ପ୍ରଦୀପ ବଳ କହିଛନ୍ତି, ଜିଲାରେ ଖରିଫ ଋତୁରେ ପାଖାପାଖି ୧୪,୦୦୦ ହେକ୍ଟର ଜମିରେ ପନିପରିବା ଚାଷ ହୁଏ। ବନ୍ୟା ପରେ ଏପର୍ଯ୍ୟନ୍ତ ବାସ୍ତବ କ୍ଷୟକ୍ଷତି ରିପୋର୍ଟ ସଂଗ୍ରହ ହୋଇପାରିନାହିଁ। ତେବେ ଯେଉଁ ଚାଷୀଙ୍କ ଚାଷର ୩୩% ଉପରେ କ୍ଷତି ହୋଇଛି ସେମାନଙ୍କୁ କ୍ଷତିପୂରଣ ମିଳିବ। ବର୍ଷାଜଳ ଉପରେ ନିର୍ଭର କରି ଚାଷ କରିଥିବା ଚାଷୀଙ୍କୁ ହେକ୍ଟର ପିଛା ୬,୮୦୦ ଟଙ୍କା ଦିଆଯିବ। ସେହିପରି ଜଳସେଚନ ଉପରେ ନିର୍ଭର କରି ଚାଷ କରିଥିବା ଚାଷୀଙ୍କୁ ହେକ୍ଟର ପିଛା ୧୩,୫୦୦ ମିଳିବ। ସେହିପରି ଫଳ ଓ ଅନ୍ୟ ଗଛ ଲଗାଇଥିବା ଚାଷୀଙ୍କୁ ହେକ୍ଟର ପିଛା ୧୮,୦୦୦ ଦିଆଯିବ ବୋଲି ସରକାରୀ ନିଷ୍ପତ୍ତି ହୋଇଛି। ଏବେ ସୁଦ୍ଧା ୧୯୭ ହେକ୍ଟର ଜମିର ପରିବା କ୍ଷତିଗ୍ରସ୍ତ ହୋଇଥିବା ପ୍ରାଥମିକ ଆକଳନରୁ ଜଣାଯାଇଛି। ଚାରିଆଡ଼େ ପାଣି ଜମି ରହିଥିବାରୁ ଅନୁଧ୍ୟାନରେ ବାଧା ଉପୁଜିଛି। ପାଣି କମିଲେ ରାଜସ୍ୱ ବିଭାଗ ସହ ମିଶି ଯୁଗ୍ମ ତଦନ୍ତ ହେବ। ଅଗଷ୍ଟ ୨୭ ସୁଦ୍ଧା ଅନୁଧ୍ୟାନ ରିପୋର୍ଟ ଜିଲାପାଳଙ୍କ ନିକଟରେ ଦାଖଲ ହେବ। ତା'ପରେ ସରକାରୀ ନିଷ୍ପତ୍ତି ମୁତାବକ କ୍ଷତିପୂରଣ ଯୋଗାଇ ଦିଆଯିବ। ଏହାପରେ ଅର୍ଥାତ୍ ଶୀତ ଆରମ୍ଭରୁ ହାଇବ୍ରିଡ୍ ପନିପରିବା ଚାରା, ମିନି କିଟ୍ (୫ରୁ ୧୦ ପ୍ରକାର ମଞ୍ଜି ଥିବା) ଆଦି ଯୋଗାଇଦେବା ପାଇଁ ବ୍ୟବସ୍ଥା ହେବ ବୋଲି ବଳ କହିଛନ୍ତି।

# ପଟ୍ଟାମୁଣ୍ଡାଇ: ଜବରଦଖଲ ରୋକିବାରେ ପ୍ରଶାସନ ବିଫଳ

**ପଟ୍ଟାମୁଣ୍ଡାଇ,୨୧।୮(ସ୍ୱ.ପ୍ର.):**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇରେ ଜବରଦଖଲ ବଢ଼ିବାରେ ଲାଗିଛି। ହେଲେ ତହସିଲଦାର ଓ ପୌର ପରିଷଦର କର୍ମଚାରୀମାନେ ଜବରଦଖଲ ରୋକି ପାରୁନାହାନ୍ତି। ଫଳରେ ସରକାରୀ ଜମିଗୁଡ଼ିକରେ ସ୍ଥାୟୀ ନିର୍ମାଣ ଦିନଦ୍ୱିପ୍ରହରରେ ହେଉଛି। ପୌର ପ୍ରଶାସନ ଓ ତହସିଲଦାର ପୋଲିସ କିମ୍ବା ଜନସାଧାରଣଙ୍କ ସହାୟତା ମଧ୍ୟ ନେବାକୁ ପଛଘୁଞ୍ଚା ଦେଉଛନ୍ତି। ଜନସାଧାରଣ, ବୁଦ୍ଧିଜୀବୀ ଓ ଅନ୍ୟମାନଙ୍କର ସହାୟତା ନେଲେ ଅନ୍ୟ କିଛି ଗୁମର ଫିଟିଯିବ କି ବୋଲି ଏବେ ସାଧାରଣରେ ପ୍ରଶ୍ନ ଉଠୁଛି।



ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଡ୍ରେନ୍‌କୁ ଜବରଦଖଲ କରାଯାଇଛି।

ସାମାଜିକ କର୍ମୀ କ୍ଷୀରୋଦ ମଲିକ କହିଛନ୍ତି, ପଟ୍ଟାମୁଣ୍ଡାଇ ତହସିଲଦାର, ରାଜସ୍ୱ ନିରୀକ୍ଷକ, ସୁପରଭାଇଜର, ଅତିରିକ୍ତ ତହସିଲଦାର ଓ ପୌର ପରିଷଦ ଜବରଦଖଲକାରୀଙ୍କୁ ମୁକାବିଲା କରିବାରେ ଅସଫଳ ହେଉଛନ୍ତି। ପୋଲିସର ସହାୟତା ନେଉ ନ ଥିବାରୁ ଜବରଦଖଲ ବୃଦ୍ଧିର କାରଣ ସାଜିଛି। ସରକାରୀ ଜମିକୁ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି ତାକୁ ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର କରି ରୋଜଗାର କରୁଛନ୍ତି। ଏଥିଯୋଗୁ ସାଧାରଣ ନାଗରିକ ପ୍ରଭାବିତ ହେଉଛନ୍ତି। ଦୁଇ ଦଶନ୍ଧି ପୂର୍ବରୁ ପଟ୍ଟାମୁଣ୍ଡାଇ ବିଦ୍ୟୁତ୍ ଅଫିସ ପାଖରୁ ପୋତା ପୋଖରିଆପଡ଼ା ମାଇନର କେନାଲକୁ ଡାକବଙ୍ଗଳା ଛକ ଦେଇ ପୂର୍ତ୍ତ ବିଭାଗ ରାସ୍ତାଟି ପ୍ରଶସ୍ତୀକରଣ ସହ ଏଥିରେ ଡ୍ରେନ ବ୍ୟବସ୍ଥା କରାଯାଇଥିଲା। ପଟ୍ଟାମୁଣ୍ଡାଇ ବଜାର, ମେଡିକାଲ୍, ବାଳିକା ଉଚ୍ଚ ବିଦ୍ୟାଳୟର ଉଦ୍‌ବୃତ୍ତ ବର୍ଷା ପାଣି ଏହି ଡ୍ରେନ୍‌ରେ ନିଷ୍କାସିତ ହେଉଥିଲା। ମାତ୍ର ଏବେ ଡ୍ରେନ୍ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଫଳରେ ଡ୍ରେନ୍‌ର ଅଳିଆ ପାଣି ଜମି ରହିବା ସହ ନିଷ୍କାସିତ ହୋଇପାରୁନାହିଁ। ଚଳିତ ଲଘୁଚାପ ବର୍ଷାରେ ବାଳିକା ଉଚ୍ଚ ବିଦ୍ୟାଳୟର ଶତାଧିକ ପିଲା ପାଣି ଭିତରେ ଯିବା ଆସିବା କରୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ବର୍ଷା ପାଣି ଅଧିକ ହେଲେ ରାସ୍ତା ଆବର୍ଜନାମୟ ହୋଇଯାଉଛି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ସାମାଜିକ କର୍ମୀ ପ୍ରତାପ ପାଢ଼ୀ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳ ଦେଇ ଗୋବରୀ ନଦୀ ପ୍ରବାହିତ ହେଉଛି। ପୂର୍ବରୁ ପଟ୍ଟାମୁଣ୍ଡାଇଠାରେ ପ୍ରବାହିତ ବ୍ରାହ୍ମଣୀ ନଦୀ ଗୋବରୀ ନଦୀରେ ସଂଯୋଗ ଥିଲା। ଏହି ନଦୀ ଚିରସ୍ରୋତା ସହ ନୌବାଣିଜ୍ୟ ପରିବହନ ପାଇଁ ଉଦ୍ଦିଷ୍ଟ ଥିଲା। ମାତ୍ର ୬୦ଦଶକ ପୂର୍ବରୁ କଟକ-ଚାନ୍ଦବାଲି ରାସ୍ତା ତିଆରି ହେବା ସମୟରେ ପଟ୍ଟାମୁଣ୍ଡାଇଠାରେ ବ୍ରାହ୍ମଣୀ ଓ ଗୋବରୀ ନଦୀର ସଂଯୋଗ ପଥକୁ ପୋତି ଦିଆଯାଇଥିଲା। ସେବେଠାରୁ ନଦୀ କ୍ରମଶଃ ପୋତି ହୋଇ ପୋତା ଗୋବାରୀ ନଦୀ ହୋଇଯାଇଛି। ଫଳରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଉଦ୍‌ବୃତ୍ତ ବର୍ଷା ଜଳ ଏହି ନଦୀ ଦେଇ ନିଷ୍କାସିତ ହୋଇପାରୁନାହିଁ। ପରେ ଗୋବରୀ ନଦୀର ଜମିକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ହାତେଇ ନେଇ କିସମ ପରିବର୍ତ୍ତନ କରି ସେଠାରେ କୋଠାବାଡି ନିର୍ମାଣ କରିଛନ୍ତି। ଏହାଦ୍ୱାରା ପାଣି ନିଷ୍କାସନ ବାଟ କ୍ରମଶଃ ପୋତି ହୋଇଗଲାଣି। ଏବେ ବି କେତେକ ମୁଷ୍ଟିମେୟ ଲୋକ ନଦୀ ଜମି ପୋତି ଘର କାର୍ଯ୍ୟ କରୁଛନ୍ତି। କିନ୍ତୁ ପୌର ପ୍ରଶାସନ ଓ ରାଜସ୍ୱ ବିଭାଗ କେହି ହସ୍ତକ୍ଷେପ କରୁନାହାନ୍ତି। ଗୋବରୀ ନଦୀକୁ ଉଦ୍ଧାର କରିବା ପାଇଁ ପଟ୍ଟାମୁଣ୍ଡାଇ ଅଞ୍ଚଳବାସୀ, ବୁଦ୍ଧିଜୀବୀ, ରାଜନେତା, ସାମାଜିକ କର୍ମୀମାନେ ମକଦ୍ଦମା ଆରମ୍ଭ କରିଛନ୍ତି। ସ୍ଥାନୀୟ ପୌର ପ୍ରଶାସନ ଏହି ନଦୀ ମଧ୍ୟରେ ଏକ ବିଶାଳ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରୁଛି। ନଦୀ କିସମରେ କିପରି ଷ୍ଟାଡିୟମ ନିର୍ମାଣ କାମ ଚାଲିଛି ବୋଲି ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ କହିଛନ୍ତି, ପୌର ପ୍ରଶାସନ ପରୋକ୍ଷରେ ଜବରଦଖଲକାରୀଙ୍କୁ ସହଯୋଗ କରୁଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ତହସିଲଦାର ଦିଲୀପ ସେଠୀଙ୍କୁ ପଚାରିବାରୁ ଗୋବରୀ ନଦୀରେ ବହୁ ଜବରଦଖଲ ହେଉଛି ବୋଲି ଜାଣିବାକୁ ପାଇଛି। ଜନସାଧାରଣଙ୍କ ଅଭିଯୋଗ ହେଲେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ୫୧୦ ବିପନ୍ନଙ୍କୁ ରିଲିଫ୍ ପ୍ରଦାନ

**କୁଜଙ୍ଗ,୨୧।୮(ଡି.ଏନ୍.ଏ.)**

କୁଜଙ୍ଗର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଫ୍ରେଣ୍ଡଶିପ୍ ଫର୍ ଏଭର ପକ୍ଷରୁ ମହଲ୍ଲାସାହି ପଞ୍ଚାୟତର ମଧୁପୁର ଓ ବାଲିକଣି ପଞ୍ଚାୟତର ମାଧପୁର ଗ୍ରାମରେ ୫୧୦ ବନ୍ୟା ବିପନ୍ନଙ୍କୁ ରିଲିଫ୍ ସାମଗ୍ରୀ ଯୋଗାଇ ଦିଆଯାଇଛି। ସଙ୍ଗଠନ ପକ୍ଷରୁ ସେମାନଙ୍କୁ ବାଲ୍‌ଟି, ମଗ, ସାବୁନ, ଫିନାଇଲ, ବ୍ଲିଚିଂ ପାଉଡର ସହ ଚୁଡ଼ା, ଚିନି, ଅମୂଲ, ବିସ୍କୁଟ୍, ପାନୀୟଜଳ ଆଦି ପ୍ରଦାନ କରାଯାଇଛି। ଅନୁଷ୍ଠାନ ସଭାପତି ଶିବକୁମାର ସାହୁ, ସମ୍ପାଦକ ସୁଦର୍ଶନ ସ୍ୱାଇଁ, ଶିଳ୍ପପତି ବୈଷ୍ଣବ ଚରଣ ନାୟକ ଓ ବରିଷ୍ଠ ସଭ୍ୟ ଦାମୋଦର ସ୍ୱାଇଁ, ବିଭୂତି ମଲ୍ଲ, ନୃସିଂହ ଚରଣ ପ୍ରଧାନ, ନିର୍ଭୟ କୁମାର ପଲାଇ, ସତ୍ୟଶଙ୍କର ମିଶ୍ର, ସତ୍ୟନାରାୟଣ ଦାସ ଓ ସରୋଜ କୁମାର ବେହେରା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ ।




ସ୍ୱେଚ୍ଛାସେବୀ ସଙ୍ଗଠନ ଫ୍ରେଣ୍ଡଶିପ୍ ଫର୍ ଏଭରର ସଦସ୍ୟମାନେ ରିଲିଫ୍ ସାମଗ୍ରୀ ବାଣ୍ଟୁଛନ୍ତି।

# ବନ୍ୟା ପ୍ରଭାବିତଙ୍କୁ କଂଗ୍ରେସ ଟିମ୍‌ର ରିଲିଫ୍ ବଣ୍ଟନ

**ରଘୁନାଥପୁର,୨୧।୮(ଡି.ଏନ୍.ଏ.)**

ବନ୍ୟା ଯୋଗୁ ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଅନ୍ତର୍ଗତ ଖଣ୍ଡତରି ପ୍ରାଥମିକ ସ୍କୁଲରେ କିଛି ବିପନ୍ନ ପରିବାର ଆଶ୍ରୟ ନେଇଛନ୍ତି। କଂଗ୍ରେସ ନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ରବିବାର ସେଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଉକ୍ତ ଟିମ୍ ଆଶ୍ରୟ ନେଇଥିବା ବ୍ୟକ୍ତିଙ୍କ ଖାଦ୍ୟପେୟ ଓ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ। ଏହାଛଡ଼ା ଗୋରୁଗାଈଙ୍କ ପାଇଁ ପ୍ରଶାସନ ପକ୍ଷରୁ ଗୋଖାଦ୍ୟ ଓ ରହିବା ଲାଗି ପାଲ ଯୋଗାଇ ଦିଆଯାଇଛି କି ନାହିଁ ତାହା ବୁଲି ଦେଖିଥିଲେ। ନଦୀପଠାରେ ବନ୍ୟାପାଣି ଘେରରେ ଥିବା ବାସଗୃହର ଅବସ୍ଥା ଦେଖିବା ସହ ପାଣି ନ ଛାଡ଼ିବା ପର୍ଯ୍ୟନ୍ତ ସ୍କୁଲଘରେ ଆଶ୍ରୟ ନେବାକୁ ଉକ୍ତ ପରିବାରଙ୍କୁ ଇଂ. ମଲ୍ଲିକ ପରାମର୍ଶ ଦେଇଥିଲେ। ଏହି ଟିମ୍‌ରେ ଜିଲା କଂଗ୍ରେସ ଉପସଭାପତି ସର୍ବେଶ୍ୱର ପଣ୍ଡା ଓ ନୀହାର ରଞ୍ଜନ ନାୟକ, ସମ୍ପାଦକ ମନୋରଞ୍ଜନ ଜେନା, ସୁନୀଲ କୁମାର ଜେନା, ମାନସ ଗୋଚ୍ଛାୟତ, ବିଷ୍ଣୁ ବିଶ୍ୱାଳ, ସାଇ ପ୍ରଭଞ୍ଜନ ମହାପାତ୍ର, ନିଖିଳ ମହାନ୍ତି ଓ ବିଶ୍ୱଜିତ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।



ବନ୍ୟାବିପନ୍ନଙ୍କ ସହ କଂଗ୍ରେସ କର୍ମୀମାନେ ଆଲୋଚନା କରୁଛନ୍ତି।

# ବନ୍ୟାରେ ଜିଲା କୃଷି ଅର୍ଥନୀତି ବିପନ୍ନ

**କେନ୍ଦ୍ରାପଡ଼ା ଅଫିସ, ୨୧।୮**



କେନ୍ଦ୍ରାପଡ଼ା ଜିଲା ଆଳି ଗୋବିନ୍ଦପୁରରେ ଚାଷ ଜମିରେ ବନ୍ୟା ପାଣି ମାଡିଯିବାରୁ ଧାନ ଗଛ ନଷ୍ଟ ହୋଇଯାଇଛି।

- କୃଷିଭିତ୍ତିକ ଶିଳ୍ପରେ ଯୁବବର୍ଗଙ୍କୁ ମିଳିବ କର୍ମ ନିଯୋଜନ
- ଜିଲାକୁ ୟୁନିଟ୍ ଭାବେ ଗ୍ରହଣ କଲେ ସ୍ୱପ୍ନ ହେବ ସାକାର
- ଓୟୁଏଟି ଦ୍ୱିତୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ ଦାବି

ମହାନଦୀରେ ବନ୍ୟା ପାଣି କେନ୍ଦ୍ରାପଡ଼ା ଜିଲାର କୃଷି ଅର୍ଥନୀତିକୁ ବିପନ୍ନ କରି ଦେଇଛି। ଜିଲାର ୭ ବ୍ଲକର ୪୧ ପଞ୍ଚାୟତରେ ବନ୍ୟାଜଳ ଜମି ରହି ଖରିଫ ଚାଷ, ପନିପରିବା ଫସଲକୁ ଉଜାଡି ଦେଇଛି। ଏବେ ସୁଦ୍ଧା ବନ୍ୟା ପ୍ରଭାବିତ ୧୦୬ ଗ୍ରାମ ମଧ୍ୟରୁ ୫୦ରୁ ଊର୍ଦ୍ଧ୍ୱ ଗ୍ରାମରେ ବନ୍ୟା ଜଳ ରହିଛି। ଋଣ ଶୁଝିବା ଚିନ୍ତା ଏବେ ଚାଷୀଙ୍କୁ ଘାରିଛି। ଚାଷ କ୍ଷତିର ଆକଳନ ଆସନ୍ତା ୨୭ ତାରିଖ ମଧ୍ୟରେ ପ୍ରସ୍ତୁତ କରିବାକୁ ଜିଲା ପ୍ରଶାସନକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏପରି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ଏହି ଜିଲାରେ ପୂର୍ବରୁ କପା, ସୂର୍ଯ୍ୟମୁଖୀ, ନଳିତା, ଆଖୁ ଆଦି ଉତ୍ପାଦନ କ୍ଷେତ୍ରରେ ବହୁ ସୁନାମ ଅର୍ଜନ କରିଥିଲା। ଏହାଦ୍ୱାରା ଆର୍ଥିକ ପ୍ରଗତି ମଧ୍ୟ ହେଉଥିଲା। ହେଲେ ଦୁଇ ଦଶନ୍ଧି ଧରି କୃଷି ଏବେ ଲାଭଜନକ ଓ ଅର୍ଥ ଆମଦାନୀର ପଥ ହୋଇନାହିଁ। ଜିଲାର ଅର୍ଥନୀତିକୁ ସୁଦୃଢ଼ ପାଇଁ ଅର୍ଥକରୀ ଫସଲର ଆବଶ୍ୟକତା ଦରକାର ପଡ଼ିଛି। ଓୟୁଏଟିର ଦ୍ୱିତୀୟ ବିଶ୍ୱବିଦ୍ୟାଳୟ ସହ ଯୁବବର୍ଗଙ୍କୁ ଚାଷ ପାଇଁ ପ୍ରୋତ୍ସାହନ ଆବଶ୍ୟକ। ଜିଲାକୁ ଏକ ୟୁନିଟ ଭାବେ ଗ୍ରହଣ କରି ଫସଲ ଉତ୍ପାଦନ କଲେ ଫସଲଭିତ୍ତିକ ଶିଳ୍ପ ପ୍ରତିଷ୍ଠା ହୋଇପାରିବ। ଯୁବବର୍ଗଙ୍କୁ ନିଜ ଜିଲାରେ କର୍ମ ନିଯୁକ୍ତି ମିଳିବ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ବାନାମ୍ବର ସାହୁ, ମୀର ଅବୁ ଓବେଦା, ଲକ୍ଷ୍ମୀକାନ୍ତ ନାୟକ, ପ୍ରକାଶ ଚନ୍ଦ୍ର ଦାସ ପ୍ରମୁଖ କହିଛନ୍ତି, ଜିଲାର ଅଧିକାଂଶ ଯୁବବର୍ଗ ବାହାର ରାଜ୍ୟ ସୂତାକଳରେ କାମ କରୁଥିବା ଲକ୍ଷ୍ୟ କରାଯାଉଛି। ଏହି ଜିଲାରେ କପା ଚାଷ କଲେ କଞ୍ଚାମାଲର ଅଭାବ ରହିବ ନାହିଁ। ଫଳରେ ସୂତା ମିଲ୍ ହୋଇପାରିବ। ସେହିପରି ବାଉଁଶ ପ୍ରତି ଗ୍ରାମରେ ଅଛି। ଭିତ୍ତିଭୂମି ଓ ପରିବେଶ ବାଉଁଶ ଚାଷ ପ୍ରତି ଅନୁକୂଳ ଅଛି। ଏହା ପ୍ରାକୃତିକ ବିପର୍ଯ୍ୟୟ ସହଣୀ ମଧ୍ୟ। ଜିଲାରେ ବ୍ୟାପକ ଭାବେ ବାଉଁଶ ଚାଷ ଦ୍ୱାରା କାଗଜକଳର ସ୍ୱପ୍ନ ଦେଖି ହେବ। ନଳିତା ଚାଷରେ କେନ୍ଦ୍ରାପଡ଼ା ଜିଲା ବହୁ ଅଗ୍ରଗତି କରିଥିଲା। ଏଥିପାଇଁ ଜଜାଙ୍ଗଠାରେ ଝୋଟ ଗବେଷଣାଗାର ହୋଇଥିଲା। ଏଠାରେ ମଧ୍ୟ ୩ ପ୍ରକାର ନଳିତାର ନୂତନ ବିହନ ଉତ୍ପାଦନ ହୋଇଥିଲା। ତେବେ ଝୋଟ ବିକ୍ରି କରିବାରେ ସମସ୍ୟା ହେବାରୁ ଏହି ଫସଲ ପ୍ରତି କେହି ଆଗ୍ରହ ପ୍ରକାଶ କରୁନାହାନ୍ତି। ଏବେ ପ୍ଲାଷ୍ଟିକ ପରିବର୍ତ୍ତେ ପରିବେଶ ଅନୁକୂଳ ଝୋଟ ଓ କପଡା ବ୍ୟାଗ ବ୍ୟବହାର ପାଇଁ ପରାମର୍ଶ ଦିଆଯାଉଛି। ଝୋଟ କଳ ସ୍ଥାପନ ହେଲେ ଯୁବବର୍ଗଙ୍କୁ କର୍ମନିଯୁକ୍ତି ମିଳିବା ସହ ଏକକ ଚାଷ କ୍ଷେତ୍ରରେ ଜିଲା ସ୍ୱାବଲମ୍ବୀ ହୋଇପାରିବ। ସାମୁଦ୍ରିକ ଝଡ, ବନ୍ୟା, ମରୁଡି ପରି ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ ଜିଲାରେ ବ୍ୟାପକ ଭାବେ ଟମାଟୋ ଚାଷ ହେଉଛି। ତେବେ ଅଧିକ ଅମଳ ପରେ ବିକ୍ରି ନ ହେବାରୁ ରାସ୍ତାଘାଟରେ ଅଥବା କ୍ଷେତରେ ଫସଲକୁ ଚାଷୀ ନଷ୍ଟ କରୁଥିବା ନଜିର ରହିଛି। ଜିଲାରେ ଟମାଟୋ ସସ୍ ତିଆରି କାରଖାନା କରାଗଲେ ଯୁବବର୍ଗ ପ୍ରୋତ୍ସାହିତ ହୋଇପାରିବେ। ମାଛ, ଛେଳି, ମେଣ୍ଢା, କୁକୁଡା ଚାଷକୁ ବ୍ୟାପକ କରାଯାଇ ପାରିବ। ଏଥିପାଇଁ ସରକାରୀ ପ୍ରୋତ୍ସାହନ ଆବଶ୍ୟକ। ସେହିପରି କେତେକ କାରଣ ଯୋଗୁ ଜିଲାରେ କୃଷି ଏବେ ଅର୍ଥ ରୋଜଗାର ପାଇଁ ଲାଭଦାୟକ ନୁହେଁ। ଜଳ ପରିଚାଳନା ଏଠାରେ ପ୍ରମୁଖ ସମସ୍ୟା। ଜଳସେଚନ ଓ ନିଷ୍କାସନ ପାଇଁ ସ୍ୱତନ୍ତ୍ର ଯୋଜନା ଦରକାର। କୃଷି ଉତ୍ପାଦ ସଂରକ୍ଷଣ ପାଇଁ ଅଦ୍ୟାବଧି କୌଣସି ଶୀତଳଭଣ୍ଡାର ନାହିଁ। ଓୟୁଏଟିର ଦ୍ୱିତୀୟ ବିଶ୍ୱବିଦ୍ୟାଳୟ ଏଠାରେ ସ୍ଥାପନ ହେଲେ ଯୁବବର୍ଗଙ୍କ ତାଲିମ ବ୍ୟବସ୍ଥାକୁ ସହଜ କରିହେବ। କୃଷିଜାତ ଶିଳ୍ପ ଉତ୍ପାଦର ବିକ୍ରି ପାଇଁ ମଣ୍ଡିର ଆବଶ୍ୟକତା ଅଛି। ଏବେ ରେଳପଥ ପାଇଁ ପରିବହନ ସୁବିଧା ମିଳିପାରିବ। ଜିଲା ବାହାରକୁ କୃଷି ଉତ୍ପାଦ ନ ଗଲେ ଅର୍ଥନୀତି ସୁଧୁରିବ ନାହିଁ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ଶିଳ୍ପ କେନ୍ଦ୍ର ପରିଚାଳକ ଗଣେଶ ଚନ୍ଦ୍ର ବେହେରା କହିଛନ୍ତି, ଗତ ଆର୍ଥିକ ବର୍ଷରେ ୧୧୨ ଓ ଚଳିତ ଆର୍ଥିକ ବର୍ଷରେ ୪୩ଟି କ୍ଷୁଦ୍ର ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏଥିରେ କୃଷିଭିତ୍ତିକ କୌଣସି ପ୍ରକଳ୍ପ ପାଇଁ ଆବେଦନପତ୍ର ଆସିନାହିଁ। ଜିଲା କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବରିଷ୍ଠ ବୈଜ୍ଞାନିକ ସୂର୍ଯ୍ୟନାରାୟଣ ମିଶ୍ର କହିଛନ୍ତି, ବିଭିନ୍ନ ଚାଷ ପାଇଁ ତାଲିମ ପ୍ରଦାନ ହେଉଛି। ତେବେ ଜିଲାର କୌଣସି ଏକ କୃଷିଭିତ୍ତିକ ଶିଳ୍ପ ପାଇଁ ଗୋଟିଏରୁ ଦୁଇଟି ଚାଷ ପ୍ରତି ଧ୍ୟାନ ଦେବାକୁ ହେବ। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ଜିଲାରେ ଏକ ସ୍ୱତନ୍ତ୍ର କୃଷି ଉତ୍ପାଦନ ପାଇଁ ଅଦ୍ୟାବଧି କୌଣସି ଯୋଜନା ନାହିଁ। ଆଗାମୀ ବୈଠକରେ ଏ ନେଇ ଆଲୋଚନା ହେବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ସ୍ୱାଧୀନତା ସଂଗ୍ରାମୀଙ୍କ ନାଁରେ ହେବ ୨୩ ଏମ୍ସ ହସ୍ପିଟାଲ

**ନୂଆଦିଲ୍ଲୀ,୨୧ା୮:** ଦେଶରେ ଥିବା ସମସ୍ତ ୨୩ଟି ଯାକ ଏମ୍ସ ହସ୍ପିଟାଲର ନାମକରଣ ପାଇଁ କେନ୍ଦ୍ର ସରକାର ଏକ ଯୋଜନା ପ୍ରସ୍ତୁତ କରିଛନ୍ତି। ସ୍ୱାଧୀନତା ସଂଗ୍ରାମୀ, ଐତିହାସିକ ସମାରୋହ ଏବଂ ଐତିହ୍ୟର ମାନ ଅନୁସାରେ ଏହି ହସ୍ପିଟାଲଗୁଡ଼ିକର ନାମ ରଖାଯିବ। କେନ୍ଦ୍ରୀୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରଥମେ ଏହି ପ୍ରସ୍ତାବ ଦିଆଯିବା ପରେ ସମସ୍ତ ହସ୍ପିଟାଲ କର୍ତ୍ତୃପକ୍ଷ କିଛି ନାମ ତାଲିକା ମନ୍ତ୍ରଣାଳୟକୁ ହସ୍ତାନ୍ତର କରିଥିବା ରିପୋର୍ଟ ପ୍ରକାଶ ପାଇଛି। କିଛି ଏମ୍ସ ଡାକ୍ତରଖାନା କାର୍ଯ୍ୟକାରୀ ହୋଇଥିବାବେଳେ ଆଉକିଛି ହସ୍ପିଟାଲର ନିର୍ମାଣ କାର୍ଯ୍ୟ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା (ପିଏମ୍ଏସ୍ଏସ୍ୱାଇ) ଅଧୀନରେ ନିର୍ମାଣ କାର୍ଯ୍ୟ ଜାରି ରହିଛି।

### ଆଫଗାନିସ୍ତାନରେ ବନ୍ୟା: ୨୦ ମୃତ

**କାବୁଲ, ୨୧ା୮:** ଆଫଗାନିସ୍ତାନର ଲୋଗାର ପ୍ରଦେଶରେ ଲଗାଣ ବର୍ଷା ଯୋଗୁ ଖୋସି ଜିଲାରେ ବନ୍ୟା ହୋଇଛି। ଏଥିରେ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ଶିଶୁ ରହିଛନ୍ତି। ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଘର କ୍ଷତିଗ୍ରସ୍ତ ହୋଇଛି। ଗତ ସପ୍ତାହରେ ଆଫଗାନିସ୍ତାନର ଉତ୍ତର ଭାଗରେ ବନ୍ୟା ଯୋଗୁ ଅନ୍ୟୂନ ୩୨ ଜଣଙ୍କ ମୃତ୍ୟୁ ଘଟିଥିଲା। ଯୁଦ୍ଧ ପ୍ରଭାବିତ ଏହି ଦେଶରେ ପ୍ରତି ବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଲୋକଙ୍କ ଦୁର୍ଦ୍ଦଶା ବଢ଼ାଉଛି। ପ୍ରତ୍ୟେକ ବର୍ଷ ଏଥିଯୋଗୁ ୨ ଲକ୍ଷ ଲୋକ ପ୍ରଭାବିତ ହେଉଛନ୍ତି।

### ନ୍ୟୁଡ୍ ଫଟୋଶୁଟ୍ ତଦନ୍ତ ମାମଲା
### ୨ ସପ୍ତାହ ମାଗିଲେ ରଣବୀର



**ମୁମ୍ବାଇ,୨୧ା୮:** ନ୍ୟୁଡ୍ ଫଟୋଶୁଟ୍ ତଦନ୍ତରେ ରଣବୀର ସୋମବାର ଥାନାରେ ହାଜର ହେବେ ନାହିଁ। ଏ ନେଇ ସେ ଆଉ ଦୁଇ ସପ୍ତାହ ସମୟ ମାଗିଛନ୍ତି। ପେପର ମାଗଜିନ୍ ପାଇଁ ରଣବୀର ଉଲଗ୍ନ ଫଟୋ ଉତ୍ତୋଳନ କରିଥିବା ବେଳେ ଏହାକୁ ବିରୋଧକରି ଅଣ ସରକାରୀ ସଂସ୍ଥା ମୁମ୍ବାଇ ଥାନାରେ ଏଫ୍ଆଇଆର୍ କରିଥିଲା। ଏହି ଫଟୋ ମହିଳାଙ୍କ ଭାବନାକୁ ଆଘାତ ଦେଉଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ତେବେ ଘଟଣାର ତଦନ୍ତ ପାଇଁ ମୁମ୍ବାଇ ପୋଲିସ ରଣବୀରଙ୍କୁ ଥାନାରେ ହାଜର ହେବା ଲାଗି ନୋଟିସ୍ ଜାରି କରିଥିଲା।

### ଦୁର୍ଘଟଣାସ୍ଥଳରେ ଦୁର୍ଘଟଣା: ୩୨ ମୃତ

**ଇସ୍ତାନବୁଲ,୨୧ା୮:** ତୁର୍କୀର ଦକ୍ଷିଣପୂର୍ବାଞ୍ଚଳର ଗାଜିଆଣ୍ଟେପ୍ସ୍ଥିତ ଏକ ସ୍ଥାନରେ ଶନିବାର ଦୁର୍ଘଟଣା ଘଟିଥିଲା। ସେଠାରେ ଦୁର୍ଘଟଣାଗ୍ରସ୍ତ ଭ୍ୟାନଗୁଡ଼ିକ ପଡ଼ିରହିଥିବାବେଳେ ଆଉ ଏକ ଯାତ୍ରୀବାହୀ ବସ୍ ମାଡ଼ିଆସି ଧକ୍କା ଦେଇଥିଲା। ଫଳରେ ୩୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ କେତେଜଣ ଜରୁରୀ ସେବା ପ୍ରଦାନକାରୀ କର୍ମଚାରୀ ଓ ଖବରଦାତା ଅଛନ୍ତି।

## ପରଲୋକରେ ପାକ୍ ମେଲୋଡି କୁଇନ୍



ନାୟାରା ନୂର୍

ଭାରତ ଜନ୍ମିତ ପାକିସ୍ତାନ ମେଲୋଡି କୁଇନ୍ ନାୟାରା ନୂର୍‌ଙ୍କ ରବିବାର ପରଲୋକ ହୋଇଛି। ତାଙ୍କୁ ୭୧ ବର୍ଷ ହୋଇଥିଲା। ଅସୁସ୍ଥତା ଯୋଗୁ କିଛିଦିନ ହେଲା ସେ ଚିକିତ୍ସାଧୀନ ଥିଲେ। ୧୯୫୦ରେ ଆସାମର ଗୁଆହାଟୀରେ ଗାୟିକା ନାୟାରାଙ୍କ ଜନ୍ମ। ତାଙ୍କୁ ୭ ବର୍ଷ ହୋଇଥିବାବେଳେ ପରିବାର ସହ ସେ ପାକିସ୍ତାନ ପଳାଇଯାଇଥିଲେ। ପିଲାବେଳୁ ତାଙ୍କୁ ବେଗମ୍ ଅଖ୍ତର ଗଜଲ୍, କାନନ ଦେବୀ ଭଜନ ବେଶ୍ ପସନ୍ଦ ଥିଲା। ଗଜଲ ପାଇଁ ନାୟାରା ଅଧିକ ଲୋକପ୍ରିୟତା ହାସଲ କରିଥିଲେ। ୧୯୭୧ରେ ସେ ପାକିସ୍ତାନୀ ସିରିଏଲ୍‌ରେ ଡେବ୍ୟୁ କରିବା ସହ ଫିଲ୍ମରେ ଗୀତ ଗାଇବା ଆରମ୍ଭ କରିଥିଲେ। ୧୯୭୩ରେ ତାଙ୍କୁ ସର୍ବଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା ଭାବେ ନାଇଗର ଏବଂ ୨୦୦୬ରେ ବୁଲ୍‌ବୁଲ୍-ଏ-ପାକିସ୍ତାନ ସମ୍ମାନ ପ୍ରଦାନ କରାଯାଇଥିଲା।

## ଡାକ୍ତରଙ୍କୁ ପିଟିଲେ ମୁଖ୍ୟମନ୍ତ୍ରୀଙ୍କ ଝିଅ



ମିଲାରି ଛାଙ୍ଗ୍‌ଟେ

ଝିଅ ପାଇଁ ଅଡୁଆରେ ପଡ଼ିଛନ୍ତି ମିଜୋରାମ ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗା। ଜଣେ ଡାକ୍ତରଙ୍କୁ ଝିଅ ମିଲାରି ଛାଙ୍ଗ୍‌ଟେ ମାଡ଼ ମାରିବା ଭିଡିଓ ବହୁଳ ପ୍ରସାରିତ ହେବା ପରେ ଜୋରାମଥାଙ୍ଗା ସର୍ବସାଧାରଣରେ ଏଥିପାଇଁ କ୍ଷମା ମାଗିଛନ୍ତି। ଘଟଣାଟି ବୁଧବାର ଦିନର। ମିଲାରି ଆଇଜଲ୍ ସ୍ଥିତ ଚର୍ମ ବିଭାଗ ଡାକ୍ତରଙ୍କ ନିକଟକୁ ଯାଇଥିଲେ। ତାଙ୍କ ପାଖରେ ଆପଏଣ୍ଟମେଣ୍ଟ ନ ଥିବାରୁ ଡାକ୍ତର ଜଣକ ମିଲାରିଙ୍କୁ ଦେଖିବାକୁ ମନାକରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଡାକ୍ତରଙ୍କୁ ସେ ମାଡ଼ ମାରିଥିଲେ। କେତେଜଣ ଲୋକ ମିଲାରିଙ୍କୁ ଅଟକାଇବାକୁ ଚେଷ୍ଟା କରୁଥିବା ମଧ୍ୟ ଭିଡିଓରେ ଦେଖିବାକୁ ମିଳିଛି। ଏହା ଭାଇରାଲ ହେବା ପରେ ସୋସିଆଲ ମିଡିଆରେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ପରିବାରକୁ କଡ଼ା ସମାଲୋଚନା କରାଯାଇଥିଲା। ଭାରତୀୟ ମେଡିକାଲ ଆସୋସିଏଶନର ମିଜୋରାମ ୟୁନିଟ୍ ପକ୍ଷରୁ ଶନିବାର ଏହାର ପ୍ରତିବାଦରେ ବିକ୍ଷୋଭ କରାଯାଇଥିଲା। ପରେ ଜୋରାମଥାଙ୍ଗା ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏକ ହାତଲେଖା ନୋଟ୍ ପୋଷ୍ଟ କରି ଝିଅର ଏପରି ବ୍ୟବହାର ପାଇଁ କ୍ଷମା ମାଗିଛନ୍ତି।

# ୨୪ରେ ବଡ଼ ଆକ୍ରମଣ କରିବ ରୁଷିଆ

## ୟୁକ୍ରେନୀୟଙ୍କୁ ସତର୍କ କରାଇଲେ ଜେଲେନ୍‌ସ୍କି

**କିଭ୍, ୨୧ା୮**

ସୋଭିଏଟ୍ ସଂଘଠାରୁ ଅଲଗା ହୋଇଥିବା ୟୁକ୍ରେନ୍ ଆସନ୍ତା ୨୪ ତାରିଖରେ ଏହାର ସ୍ୱାଧୀନତା ଦିବସ ପାଳନ କରିବ। ପ୍ରାୟ ୬ ମାସ ଧରି ରୁଷିଆ ଆକ୍ରମଣର ମୁକାବିଲା କରୁଥିବା ଏହି ପୂର୍ବ ୟୁରୋପୀୟ ଦେଶର ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ୩୧ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଲୋକଙ୍କୁ ଅଧିକ ସତର୍କ ରହିବାକୁ ଅପିଲ୍ କରିଛନ୍ତି। ଏହି ଦିନ ରୁଷିଆ ବଡ଼ ଧରଣର ଆକ୍ରମଣ କରିପାରେ ବୋଲି ସେ କହିଛନ୍ତି। ମସ୍କୋ ନିୟନ୍ତ୍ରଣରେ ଥିବା କ୍ରିମିଆ ଉପଦ୍ୱୀପରେ ନିକଟରେ ହୋଇଥିବା ବିସ୍ଫୋରଣ, ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଅତି ନିକଟତମ ସହଯୋଗୀ ଆଲେକ୍‌ଜାଣ୍ଡର ଡଗିନ୍‌ଙ୍କ ଝିଅ ଏକ କାର୍ ବିସ୍ଫୋରଣରେ ନିହତ ହେବା ଘଟଣାର ରାଗ ଶୁଝାଇବା ପାଇଁ ୟୁକ୍ରେନ୍ ଉପରେ ଭୟଙ୍କର ଆକ୍ରମଣ ନିର୍ଦ୍ଦେଶ ଦେଇପାରନ୍ତି ବୋଲି ଆଶଙ୍କା କରାଯାଇଛି। ତେବେ ଏଥିରେ ୟୁକ୍ରେନ୍‌ର କୌଣସି ସମ୍ପୃକ୍ତି ନ ଥିବା କିଭ୍ କହିଛି। ୟୁକ୍ରେନ୍‌ବାସୀଙ୍କୁ ଟାର୍ଗେଟ କରି ସେମାନଙ୍କୁ ଭୟଭୀତ କରିବା ନିମନ୍ତେ ମସ୍କୋର ଏହି ଯୋଜନାକୁ ସଫଳ ହେବାକୁ ଦିଆଯିବ ନାହିଁ ବୋଲି ଜେଲେନ୍‌ସ୍କି ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି।

ୟୁକ୍ରେନ୍ ସୀମା ନିକଟରେ ରୁଷିଆ ବହୁ ମାତ୍ରାରେ ଅସ୍ତ୍ରଶସ୍ତ୍ର ଏବଂ ମିଶାଇଲ ଠୁଳ କରୁଥିବା କିଭ୍‌ର ଏକ ଏନ୍‌ଜିଓ ସେଣ୍ଟର ଫର୍ ଷ୍ଟ୍ରାଟେଜିକ୍ କମ୍ୟୁନିକେଶନ (ଷ୍ଟ୍ରାଟ୍‌କମ୍) ପୂର୍ବରୁ ସତର୍କ କରାଇଛି। ସୀମାରେ ଏସ୍-୩୦୦ କ୍ଷେପଣାସ୍ତ୍ର ମଧ୍ୟ ରହିଛି। ସ୍ୱାଧୀନତା ଦିବସ ପୂର୍ବରୁ ରୁଷିଆରୁ କେତେକ ଟ୍ରେନ୍ ସେଠାକୁ ଆସିବାକୁ ଥିବା ଏବଂ ବହୁସଂଖ୍ୟାରେ ରୁଷୀୟ ସୈନ୍ୟ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଥିବା କିଭ୍ ପୋଷ୍ଟରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ରୁଷିଆ ଏବେ ପୂର୍ବ ୟୁକ୍ରେନ୍‌କୁ ଦଖଲ କରିବାକୁ ଧ୍ୟାନ କେନ୍ଦ୍ରୀଭୂତ କରିଥିବାବେଳେ କିଭ୍ କ୍ରିମିଆକୁ ଫେରାଇଆଣିବାକୁ ରଣନୀତି ପ୍ରସ୍ତୁତ କରୁଥିବା କୁହାଯାଉଛି। ନିକଟରେ କ୍ରିମିଆ ଉପରେ ସିରିଜ୍ ବିସ୍ଫୋରଣ ନେଇ ଜେଲେନ୍‌ସ୍କି କହିଥିଲେ, ଏବେ କ୍ରିମିଆକୁ ସମସ୍ତେ ଅନୁଭବ କରିପାରୁଥିବେ। ଜୋରଜବରଦସ୍ତି କବ୍‌ଜା ଅସ୍ଥାୟୀ। ୟୁକ୍ରେନ୍‌ର ସେହି ଅଂଶ ଫେରୁଛି। ତେବେ ସ୍ୱାଧୀନତା ଦିବସ ଅବସରରେ ରୁଷିଆର ଆକ୍ରମଣ ଆଶଙ୍କାକୁ ନେଇ ଚିନ୍ତା ଉପୁଜିଛି। ୟୁକ୍ରେନ୍‌ର ଦ୍ୱିତୀୟ ବୃହତ୍ତମ ସହର ଖର୍କିଭରେ ବୁଧବାର ପର୍ଯ୍ୟନ୍ତ କର୍ଫ୍ୟୁ ବଢ଼ାଯାଇଛି। ଲୋକଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ସେପଟେ ଗତ ମାର୍ଚ୍ଚରୁ ରୁଷିଆ ନିୟନ୍ତ୍ରଣରେ ଥିବା ଜାପୋରିଜିଝିଆ ନ୍ୟୁକ୍ଲିଅର ପାୱାର ପ୍ଲାଣ୍ଟ ନିକଟରେ ସେଲ୍‌ମାଡ଼କୁ ନେଇ ମସ୍କୋ ଏବଂ କିଭ୍ ପରସ୍ପର ଉପରେ ଦୋଷାରୋପ କରିଚାଲିଛନ୍ତି। ୟୁରୋପର ସର୍ବବୃହତ ପାୱାର ପ୍ଲାଣ୍ଟର ସୁରକ୍ଷା ପାଇଁ ଜେଲେନ୍‌ସ୍କି ଜାତିସଂଘକୁ ନିବେଦନ କରିଥିବାବେଳେ ଗତ ସପ୍ତାହରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍, ତୁର୍କୀ ରାଷ୍ଟ୍ରପତି ରେସେପ୍ ତୟିପ୍ ଏର୍ଡୋଗାନ୍‌ଙ୍କ ସହ ସେ ଆଲୋଚନା କରିଛନ୍ତି।



ରୁଷିଆର ମିଶାଇଲ ଆକ୍ରମଣରେ ୟୁକ୍ରେନ୍‌ର ମାଇକୋଲେଭରେ ଥିବା ଏକ ବିଲ୍ଡିଂ ନଷ୍ଟ ହୋଇଯାଇଛି।

## କାର୍ ବିସ୍ଫୋରଣ: ପୁଟିନ୍ ସହଯୋଗୀଙ୍କ ଝିଅ ନିହତ



ଡାରିଆ ଡଗିନା

**ମସ୍କୋ, ୨୧ା୮:** ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ବ୍ରେନ୍ କୁହାଯାଉଥିବା ପଲିଟିକାଲ ଥିଓରିଷ୍ଟ ଆଲେକ୍‌ଜାଣ୍ଡର ଡଗିନ୍‌ଙ୍କ ଝିଅ ଶନିବାର ରାତିରେ ଏକ କାର୍ ବିସ୍ଫୋରଣରେ ପ୍ରାଣ ହରାଇଛନ୍ତି। ୨୯ ବର୍ଷୀୟା ଡାରିଆ ଡଗିନା ଏକ ଏସ୍‌ୟୁଭି କାର୍ ଚଳାଉଥିବାବେଳେ ସେଥିରେ ବୋମା ଖଞ୍ଜାଯାଇଥିବା କୁହାଯାଉଛି। ମସ୍କୋଠାରୁ ୪୦ କି.ମି. ଦୂର ବୋଲ୍‌ଶି ଭିଜୋମି ନିକଟ ରାଜପଥରେ ତାଙ୍କ କାର୍‌ଟି ବିସ୍ଫୋରଣ ହୋଇଥିବା ରୁଷିଆ ଇନ୍‌ଭେଷ୍ଟିଗେଟ୍ କମିଟି କହିଛି। ଘଟଣାସ୍ଥଳରେ ହିଁ ଡାରିଆଙ୍କ ମୃତ୍ୟୁ ଘଟିଥିଲା। ୟୁକ୍ରେନ୍ ଉପରେ ଆକ୍ରମଣକୁ ଆଲେକ୍‌ଜାଣ୍ଡର ସମର୍ଥନ କରିଆସିଛନ୍ତି। ଡଗିନା ମଧ୍ୟ କ୍ରେମେଲିନ୍ ସପକ୍ଷରେ ମତ ରଖିଥାନ୍ତି। ୟୁନାଇଟେଡ୍ ୱାର୍ଲ୍ଡ ଇଣ୍ଟରନ୍ୟାଶନାଲ ୱେବ୍‌ସାଇଟ୍‌ର ସେ ମୁଖ୍ୟ ସମ୍ପାଦକ ହୋଇଥିବାବେଳେ ଆମେରିକା ଗତ ମାର୍ଚ୍ଚରେ ତାଙ୍କ ଉପରେ କଟକଣା ଲଗାଇଥିଲା। ଏଥିପାଇଁ ଡୋନେସ୍କ ପିପୁଲ୍ସ ରିପବ୍ଲିକ୍‌ର ବିଚ୍ଛିନ୍ନତାବାଦୀ ନେତା ଡେନିସ୍ ପୁଶିଲିନ୍ ୟୁକ୍ରେନ୍‌କୁ ଦାୟୀ କରିଛନ୍ତି। ଏଭଳି ଆତଙ୍କବାଦୀ କାର୍ଯ୍ୟକଳାପ ରୁଷିଆ କରିପାରିବ, ୟୁକ୍ରେନ୍ ନୁହେଁ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ଜଣେ ପରାମର୍ଶଦାତା ମାଇଖାଇଲୋ ପୋଡୋଲାକ୍ କହିଛନ୍ତି।

## ମୁଁ ୫ ଜଣଙ୍କୁ ମାରିଛି



**ଜୟପୁର,୨୧ା୮**

ରାଜସ୍ଥାନର ଜଣେ ଭାଜପା ନେତା ୫ ଗୋଚାଲାଣକାରୀଙ୍କୁ ହତ୍ୟା କରିଥିବା କହିଛନ୍ତି। ତାଙ୍କର ଏହି ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବା ପରେ ପୋଲିସ ମାମଲା ରୁଜୁ କରିଛି। ଅଲଓ୍ୱାରର ପୂର୍ବତନ ବିଧାୟକ ଜ୍ଞାନଦେବ ଆହୁଜା ଏକ ସାମ୍ପ୍ରଦାୟିକ ହିଂସାରେ ପ୍ରାଣ ହରାଇଥିବା ଚିରନ୍‌ଜୀଲାଲଙ୍କ ପରିବାରକୁ ଭେଟିବା ପାଇଁ ଶୁକ୍ରବାର ଗୋବିନ୍ଦଗଡ଼କୁ ଯାଇଥିଲେ। ସେଠାରେ ତାଙ୍କ ନିକଟରେ ବସିଥିବା ଜଣେ ବ୍ୟକ୍ତିଙ୍କୁ ସେ କହିଥିଲେ, ପଣ୍ଡିତଜୀ, ବର୍ତ୍ତମାନ ସୁଦ୍ଧା ଲାଲଓ୍ୱଣ୍ଡି ଓ ବେହରୋରରେ ମୁଁ ୫ ଜଣଙ୍କୁ ମାରିଛି। କିନ୍ତୁ ଏହି ଅଞ୍ଚଳରେ ପ୍ରଥମ ଥର ପାଇଁ ସେମାନେ ଜଣକୁ ହତ୍ୟା କରିଛନ୍ତି। ସେମାନଙ୍କୁ ମାରିବା ପାଇଁ ମୁଁ କର୍ମୀମାନଙ୍କୁ ମୁକୁଳା ଛାଡ଼ିଦେଇଛି।

## ଗିରଫଦାରି ନୂଆ ବିପ୍ଲବ ଆଣିବ: ଟିକାଏତ୍

**ନୂଆଦିଲ୍ଲୀ,୨୧ା୮**

ଦେଶରେ ବେକାରଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିବାବେଳେ ଦରଦାମ ଆକାଶଛୁଆଁ ହୋଇଛି। ଏହାର ପ୍ରତିବାଦରେ ସୋମବାର ଦିଲ୍ଲୀର ଜନ୍ତରମନ୍ତରରେ ଭାରତୀୟ କିଷାନ ୟୁନିୟନ୍ (ବିକେୟୁ) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏଥିପାଇଁ କୃଷକ ନେତା ରାକେଶ ଟିକାଏତ୍ ରବିବାର ୟୁପିରୁ ଦିଲ୍ଲୀ ଯାଉଥିବାବେଳେ ପୋଲିସ ତାଙ୍କୁ ଅଟକ ରଖି କିଛି ଘଣ୍ଟା ପରେ ଛାଡ଼ିଥିଲା। ରାକେଶ ଏନେଇ ଟୁଇଟ୍ କରିଥିଲେ, ତାଙ୍କୁ ଗିରଫ କରାଯାଇଛି। ଏହି ଗିରଫଦାରି ଦେଶରେ ନୂଆ ବିପ୍ଲବ ଆଣିବ।

## ବିବାଦରେ ଜୋମାଟୋ ବିଜ୍ଞାପନ

**ନୂଆଦିଲ୍ଲୀ,୨୧ା୮**

ଫୁଡ୍ ଡେଲିଭରି ଆପ୍ ଜୋମାଟୋ ବିଜ୍ଞାପନକୁ ନେଇ ଏବେ ବିବାଦ ମୁଣ୍ଡ ଟେକିଛି। ବଲିଉଡ୍ ଅଭିନେତା ହ୍ରିତିକ ରୋଶନଙ୍କ ଦ୍ୱାରା କରାଯାଇଥିବା ଜୋମାଟୋ ଆଡ୍‌କୁ ମଧ୍ୟପ୍ରଦେଶ ଉଜ୍ଜୈନ ମହାକାଳେଶ୍ୱର ମନ୍ଦିର ପୂଜକ ବିରୋଧ କରିଛନ୍ତି। ମହାକାଳରୁ ଖାଇବା ଅର୍ଡର କରୁଥିବାର ହ୍ରିତିକ୍ ଏହି ଆଡ୍‌ରେ କହୁଛନ୍ତି। ତେବେ ଏଥିରେ ବ୍ୟବହୃତ ମହାକାଳ ଶବ୍ଦ ହିନ୍ଦୁ ଧର୍ମୀୟ ଭାବନାକୁ ଆଘାତ ଦେଉଥିବା ମହାକାଳେଶ୍ୱର ମନ୍ଦିର ପୂଜକ ଦାବି କରିଛନ୍ତି। କମ୍ପାନୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ଲାଗି ପୂଜକମାନେ ଉଜ୍ଜୈନ ଜିଲାପାଳ ଆଶିଷ ସିଂଙ୍କୁ ଅନୁରୋଧ କରିଛନ୍ତି। ଆଶିଷ ସିଂ ମହାକାଳ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ଦାୟିତ୍ୱରେ ଅଛନ୍ତି। ଆଡ୍‌କୁ ବିରୋଧ କରାଯିବା ପରେ ଜମାଟୋ କମ୍ପାନୀ କ୍ଷମା ମାଗିବା ସହ ଏହାକୁ ତୁରନ୍ତ ହଟାଇ ଦିଆଯିବ ବୋଲି କହିଛନ୍ତି। କମ୍ପାନୀ ମତରେ ବିଜ୍ଞାପନରେ ଯେଉଁ ମହାକାଳ ଶବ୍ଦ ବ୍ୟବହାର କରାଯାଇଛି ତାହା ସ୍ଥାନୀୟ ଅଞ୍ଚଳରେ ଥିବା ମହାକାଳ ରେଷ୍ଟୁରାଣ୍ଟ ଉଦ୍ଦେଶ୍ୟରେ କୁହାଯାଇଛି। କୌଣସି ଧର୍ମୀୟ ବିଶ୍ୱାସକୁ ଆଘାତ ଦେବା ଆମ ଉଦ୍ଦେଶ୍ୟ ନୁହେଁ ବୋଲି ଜୋମାଟୋ କହିଛି। ତେବେ ଏ ମାମଲାର ତଦନ୍ତ କରିବା ପାଇଁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିବା ମଧ୍ୟପ୍ରଦେଶ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ର କହିଛନ୍ତି।



ହ୍ରିତିକ ରୋଶନ

## ଦିଲ୍ଲୀ ହସ୍ପିଟାଲରେ ବ୍ରେନ୍ ମାପିଙ୍ଗ୍ ସୁବିଧା

### ଦେଶରେ ପ୍ରଥମ

**ନୂଆଦିଲ୍ଲୀ,୨୧ା୮**

ଦିଲ୍ଲୀର ଆଇବିଏସ୍ ହସ୍ପିଟାଲ ରବିବାର ବ୍ରେନ୍ ମାପିଙ୍ଗ ଟେକ୍ନୋଲୋଜି ସୁବିଧା ଉପଲବ୍ଧ ହୋଇଛି। କୌଣସି ଡାକ୍ତରଖାନାରେ ଏହି ଟେକ୍ନୋଲୋଜି ରହିବା ଦେଶରେ ପ୍ରଥମ। ଏହା ଜରିଆରେ ବ୍ରେନ୍ ଟ୍ୟୁମର ସାଙ୍ଗକୁ ଜଟିଳ ମସ୍ତିଷ୍କ ଅସ୍ତ୍ରୋପଚାର ସହଜରେ କରାଯାଇପାରିବ। ଏଥିସହ ମସ୍ତିଷ୍କର ଗୁରୁତ୍ୱପୂର୍ଣ୍ଣ ଅଂଶରେ ହୋଇଥିବା କୌଣସି ଡ୍ୟାମେଜ୍‌କୁ ଚିହ୍ନଟ କରାଯାଇ ତାହାର ନିରାକରଣ କରାଯାଇପାରିବ। ଅନ୍ୟପଟେ ମସ୍ତିଷ୍କ ଚିକିତ୍ସାରେ ବ୍ୟବହାର ହେଉଥିବା ଆଲଗୋରିଦିମ୍ ନିୟମାବଳୀ ସହଜ ହେବ ଏବଂ ବ୍ରେନ୍‌ର ଆନାଟୋମିକାଲ ଚିତ୍ରକୁ କମ୍ପ୍ୟୁଟରରେ ଡାକ୍ତର ସୁବିଧାରେ ଦେଖିପାରିବେ।

## ପାକ୍ ଚ୍ୟାନେଲରେ ଇମ୍ରାନ୍‌ଙ୍କ ଭାଷଣ ବ୍ୟାନ୍

### ପୋଲିସ, ବିଚାରପତିଙ୍କୁ ଧମକ ଅଭିଯୋଗରେ ମାମଲା



**ଇସ୍‌ଲାମାବାଦ, ୨୧ା୮**

ଇସ୍‌ଲାମାବାଦର ଏକ ପାର୍କରେ ଭାଷଣ ଦେବାବେଳେ ବରିଷ୍ଠ ପୋଲିସ ଅଧିକାରୀ, ଜଣେ ମହିଳା ବିଚାରପତି, ସରକାରୀ ଅଫିସରଙ୍କୁ ଖୋଲାଖୋଲି ଧମକ ଅଭିଯୋଗରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଏଣିକି ପାକିସ୍ତାନ ତେହରିକ୍-ଏ-ଇନ୍‌ସାଫ୍ (ପିଟିଆଇ) ଅଧ୍ୟକ୍ଷ ଇମ୍ରାନ୍‌ଙ୍କ ଭାଷଣ ପ୍ରସାରଣ ଉପରେ ପାକିସ୍ତାନ ଇଲେକ୍ଟ୍ରୋନିକ୍ ମିଡିଆ ନିୟାମକ ପ୍ରାଧିକରଣ (ପିଇଏମ୍ଆର୍ଏ) କଟକଣା ଲଗାଇଛି। କୌଣସି ନୀତି ଉଲ୍ଲଂଘନ କରୁ ନ ଥିବା ଇମ୍ରାନ୍ ପୂର୍ବ ରେକର୍ଡ ବାର୍ତ୍ତାର ଗୁରୁତ୍ୱ ଓ ଆବଶ୍ୟକତାକୁ ଦେଖି ଚ୍ୟାନେଲଗୁଡ଼ିକ ପ୍ରସାରଣ କରିପାରିବେ। ଅପରପକ୍ଷେ ଆଇଜି ଏବଂ ଡିଆଇଜି ପୋଲିସ ବିରୋଧରେ ଇମ୍ରାନଙ୍କ ମନ୍ତବ୍ୟକୁ ନେଇ ତାଙ୍କ ନାଁରେ ଆତଙ୍କବାଦ ନିରୋଧୀ ଆକ୍ଟରେ ମାମଲା ରୁଜୁ ହୋଇଛି। ଏପରି କରି ସେ ଦେଶରେ ଘୃଣା ବିସ୍ତାର ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି।

# ୨୫% ଅତିରିକ୍ତ ସିଟ୍, ଦେବେନି ପ୍ରବେଶିକା ପରୀକ୍ଷା

### ବିଦେଶୀ ଛାତ୍ରୀଛାତ୍ରଙ୍କ ପାଇଁ ୟୁଜିସିର ଯୋଜନା

**ନୂଆଦିଲ୍ଲୀ, ୨୧ା୮**

ଭାରତରେ ଅନ୍ତର୍ଜାତୀୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଇଁ ୟୁନିଭର୍ସିଟି ଗ୍ରାଣ୍ଟ କମିଶନ (ୟୁଜିସି) ନୂଆ ପଦକ୍ଷେପ ନେବାକୁ ଯୋଜନା କରିଛନ୍ତି। ଏଣିକି ଦେଶର ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ସ୍ନାତକ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ବିଦେଶୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ୨୫% ଅତିରିକ୍ତ ସିଟ୍ ସୃଷ୍ଟି କରିପାରିବେ। ଏଥିସହ ନାମଲେଖା ପାଇଁ ସେମାନଙ୍କୁ କୌଣସି ପ୍ରବେଶିକା ପରୀକ୍ଷା ଦେବାକୁ ପଡ଼ିବ ନାହିଁ ବୋଲି ୟୁଜିସି ଅଧ୍ୟକ୍ଷ ଜଗଦେଶ କୁମାର କହିଛନ୍ତି। ଭାରତର ୟୁଜି ଏବଂ ପିଜି ପ୍ରୋଗ୍ରାମର ଅନ୍ତର୍ଜାତୀୟକରଣ କରିବା ପାଇଁ ଗତ ସପ୍ତାହରେ ୟୁଜିସି ପକ୍ଷରୁ ବସିଥିବା ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି କୁମାର ସୂଚନା ଦେଇଛନ୍ତି। ସମ୍ପୃକ୍ତ ଅନୁଷ୍ଠାନର ମୋଟ କ୍ଷମତାଠାରୁ ଅଧିକ ଅତିରିକ୍ତ ସିଟ୍ କରାଯିବା ସମ୍ବନ୍ଧୀୟ ନିଷ୍ପତ୍ତି ନିର୍ଦ୍ଦିଷ୍ଟ ନିୟମାବଳୀ ଅନୁସାରେ ନିଆଯିବ। ଭିତ୍ତିଭୂମି, ଅଧ୍ୟାପିକା ଅଧ୍ୟାପକ ଏବଂ ଅନ୍ୟ ଆବଶ୍ୟକ କର୍ମଚାରୀଙ୍କ ସଂଖ୍ୟା ଆଦିକୁ ଦୃଷ୍ଟିରେ ରଖି ନିୟାମକଙ୍କ ଦ୍ୱାରା ସିଟ୍ ସଂଖ୍ୟା ବୃଦ୍ଧି ବାବଦରେ ବିଚାର କରାଯିବ। ଭାରତୀୟ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ବିଦେଶୀ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ସମତୁଲ୍ୟ ଶିକ୍ଷାଯୋଗ୍ୟତା ଭିତ୍ତିରେ ନାମଲେଖା ପାଇଁ ଅନୁମତି ଦେଇପାରନ୍ତି। ଯୋଗ୍ୟତା ମାପକାଠି ନିର୍ଦ୍ଧାରଣ ୟୁଜିସି କିମ୍ବା ଏହା ଦ୍ୱାରା ଗଠିତ ଅନ୍ୟ କୌଣସି ସଂସ୍ଥା କରିବ। ବିଦେଶୀ ଛାତ୍ରୀଛାତ୍ରଙ୍କ ନାମଲେଖା ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଇବ। ତେବେ ଭାରତ ସରକାର ଓ ଏବଂ ଅନ୍ୟ ଦେଶ ମଧ୍ୟରେ କିମ୍ବା ଶିକ୍ଷା ଅନୁଷ୍ଠାନଗୁଡ଼ିକ ମଧ୍ୟରେ ହୋଇଥିବା ଚୁକ୍ତିନାମା ଏବଂ ଏକ୍ସଚେଞ୍ଜ ପ୍ରୋଗ୍ରାମ ଅଧୀନରେ ଅନ୍ତର୍ଜାତୀୟ ବିଦ୍ୟାର୍ଥୀମାନଙ୍କ ପାଇଁ ଏହି ଅତିରିକ୍ତ ସିଟ୍ ଉପଲବ୍ଧ ହେବ ନାହିଁ। ଅତିରିକ୍ତ ସିଟ୍ କେବଳ ବିଦେଶୀ ଛାତ୍ରୀଛାତ୍ରଙ୍କ ପାଇଁ ଏବଂ ଏଥିରୁ କୌଣସି ସିଟ୍ ଖାଲି ପଡ଼ିଲେ ଅନ୍ୟ କେଉଁ ପିଲା ସେଥିରେ ନାମ ଲେଖାଇପାରିବେ ନାହିଁ। ବହିର୍ବ୍ୟାପାର ମନ୍ତ୍ରଣାଳୟ ତଥ୍ୟ ଅନୁସାରେ, ୨୦୨୧ରେ ମୋଟ ୨୩,୪୩୯ ବିଦେଶୀ ଛାତ୍ରୀଛାତ୍ର ଭାରତ ଆସିଥିଲେ। କରୋନା ମହାମାରୀ ପୂର୍ବରୁ ୨୦୧୯ରେ ଉଚ୍ଚଶିକ୍ଷା ପାଇଁ ୭୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାରତ ଆସିଥିଲେ।



# ଜାଏଣ୍ଟ୍ସଙ୍କୁ ପରାଜୟ ଚଖାଇଲା ଜଗରନଟ୍ସ



ଓଡ଼ିଶା ଜଗରନଟ୍ସ ଓ ଗୁଜରାଟ ଜାଏଣ୍ଟ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ଅଲ୍ଟିମେଟ ଖୋ ଖୋ

ଭୁବନେଶ୍ୱର, ୨୧।୮ (କ୍ରୀଡ଼ା ପ୍ରତିନିଧି)

ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଅଲ୍ଟିମେଟ୍ ଖୋ ଖୋ ଲିଗ୍‌ର ରବିବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ଜଗରନଟ୍ସ ୩ (୫୦-୪୭) ପଏଣ୍ଟରେ ଗୁଜରାଟ ଜାଏଣ୍ଟ୍ସକୁ ପରାସ୍ତ କରିଛି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ଭିନ୍ନଭିନ୍ନ ସମୟରେ ନାଟକୀୟ ମୋଡ଼ ନେବାପରେ ଶେଷରେ ଜଗରନଟ୍ସ ପଲା ଭାରି ରହିଥିଲା। ଦୁଇଦଳ ମଧ୍ୟରେ ଅନୁଷ୍ଠିତ ପୂର୍ବ ମୁକାବିଲାରେ ଗୁଜରାଟ ୫ ପଏଣ୍ଟରେ ବିଜୟୀ ହୋଇଥିଲା। ତେଣୁ ଏଠାରେ ବିଜୟ ହାସଲ ସହ ଜଗରନଟ୍ସ ପରାଜୟର ମଧୁର ପ୍ରତିଶୋଧ ନେଇଛି। ଲିଗ୍‌ରେ ଗୁଜରାଟକୁ ପ୍ରଥମଥରପାଇଁ ପରାଜୟ ସ୍ୱାଦ ଚଖାଇଛି ଓଡ଼ିଶା ଜଗରନଟ୍ସ। ଜାଏଣ୍ଟ୍ସ ନିଜର ପ୍ରଥମ ୩ ମ୍ୟାଚରେ ମୁମ୍ବାଇ ଖିଲାଡିଜ୍‌କୁ ୨ଥର ଏବଂ ଓଡ଼ିଶା ଜଗରନଟ୍ସକୁ ଥରେ ପରାସ୍ତ କରିଥିଲା। ୪ ମ୍ୟାଚରୁ ୧୦ ପଏଣ୍ଟ ସହ ଗୁଜରାଟ ଟେବୁଲର ଶୀର୍ଷସ୍ଥାନରେ ଅପରିବର୍ତ୍ତିତ ରହିଛି। ଅନ୍ୟପକ୍ଷରେ ଜଗରନଟ୍ସ ୪ ମ୍ୟାଚରୁ ୩ ବିଜୟ ସହ ୯ ପଏଣ୍ଟରେ ପହଞ୍ଚିଛି। ଏହି ଦଳ ଚେନ୍ନାଇ କୁଇକ୍ ଗନ୍ସକୁ ହରାଇ ଅଭିଯାନ ଆରମ୍ଭ କରିଥିବାବେଳେ ଦ୍ୱିତୀୟ ମ୍ୟାଚରେ ଗୁଜରାଟ ଦଳ ନିକଟରୁ ହାରି ଯାଇଥିଲା। ତେବେ ତୃତୀୟ ମ୍ୟାଚରେ ରାଜସ୍ଥାନ ୱାରିୟର୍ସକୁ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଓଡ଼ିଶା ଜଗରନଟ୍ସ ଓ ଗୁଜରାଟ ଜାଏଣ୍ଟ୍ସ ସମକକ୍ଷ ପ୍ରଦର୍ଶନ କରିଥିଲେ। ଉଭୟ ଦଳର ମୋଟ ଆକ୍ରମଣ ୧୬-୧୬ ଏବଂ ମୋଟ ଡାଇଭ୍ ୯-୯ ସଂଖ୍ୟା ରହିଥିଲା। ସେହିପରି ଦୁଇ ଦଳର ଟଚ୍ ପଏଣ୍ଟ ମଧ୍ୟ ୧୪-୧୪ ଥିଲା।

# ପରାଜୟ ସତ୍ତ୍ୱେ ଦ୍ୱିତୀୟ ସ୍ଥାନରେ ପ୍ରଜ୍ଞାନନ୍ଦ

**ମାୟାମି, ୨୧।୮ (ପି.ଟି.):** ଆମେରିକାନ୍ ଫିନାଲେ ଅଫ୍ ଚାମ୍ପିୟନ୍ସ ଚେସ୍ ଟୁର୍ ଅନ୍ତର୍ଗତ ଏଫ୍‌ଟିଏକ୍ସ କ୍ରିପ୍ଟୋକପ୍‌ର ୬ଷ୍ଠ ରାଉଣ୍ଡରେ ଭାରତର ସ୍ୱଳ୍ପବୟସ୍କ ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ ଟାଇବ୍ରେକରରେ ପୋଲାଣ୍ଡ ଜାନ୍ କ୍ରାଇଷ୍ଟୋପ୍ ଡୁଡାଙ୍କଠାରୁ ହାରିଯାଇଛନ୍ତି। ୧୭ ବର୍ଷୀୟ ଗ୍ରାଣ୍ଡମାଷ୍ଟରଙ୍କ ପ୍ରତିଯୋଗିତାରେ ଏହା ହେଉଛି ଦ୍ୱିତୀୟ ପରାଜୟ। ପୂର୍ବ ରାଉଣ୍ଡରେ ସେ କ୍ୱାଙ୍ଗ ଲିମ୍ ଲି'ଙ୍କଠାରୁ ହାରିଯାଇଥିଲେ। ଏହାସତ୍ତ୍ୱେ ସେ ୧୩ ମ୍ୟାଚ୍ ପଏଣ୍ଟ ସହ ବିଶ୍ୱର ନମ୍ବର ୱାନ୍ ମାଗ୍ନସ କାର୍ଲସେନ୍ (୧୫ ମ୍ୟାଚ୍ ପଏଣ୍ଟ)ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ପ୍ରଜ୍ଞାନନ୍ଦ ଟୁର୍ଣ୍ଣାମେଣ୍ଟର ଅନ୍ତିମ ତଥା ଫାଇନାଲ ରାଉଣ୍ଡରେ କାର୍ଲସେନ୍‌ଙ୍କୁ ଭେଟିବେ। କାର୍ଲସେନ ୬ଷ୍ଠ ରାଉଣ୍ଡରେ ଅଲିରେଜା ଫିରୋଝାଙ୍କୁ ୩.୫-୨.୫ରେ ପରାସ୍ତ କରିଛନ୍ତି। ନରଓ୍ୱେର ଏହି ଷ୍ଟାର ଖେଳାଳି ତାଙ୍କ ପ୍ରଥମ ଗେମ୍‌ରେ ପରାଜିତ ହୋଇଥିଲେ ପରେ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ଦ୍ୱିତୀୟ ଗେମ୍ ଜିତି ମ୍ୟାଚ୍‌କୁ ସମାନ ସ୍ତରକୁ ନେଇଆସିଥିଲେ। ତୃତୀୟ ଓ ଚତୁର୍ଥ ଗେମ୍ ଡ୍ର ରହିବାରୁ ବିଶ୍ୱ ଚାମ୍ପିୟନ ବ୍ଲିଜ୍ ଟାଇବ୍ରେକ୍‌ରେ ବିଜୟ ଲାଭ କରିଥିଲେ। ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଲିମ୍ ଲି' ୨.୫-୧.୫ରେ ନେଦରଲାଣ୍ଡ୍ସର ଅନିଶ ଗିରିଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଥିଲେ।

# ଓଡ଼ିଶା ଏଚ୍‌ପିସି, ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ

## ଖେଲୋ ଇଣ୍ଡିଆ ମହିଳା ହକି ଲିଗ୍

ଭୁବନେଶ୍ୱର, ୨୧।୮ (କ୍ରୀଡ଼ା ପ୍ରତିନିଧି)

ନୂଆଦିଲ୍ଲୀରେ ଚାଲିଥିବା ୧୬ ବର୍ଷରୁ କମ୍ ଖେଲୋ ଇଣ୍ଡିଆ ମହିଳା ହକି ଲିଗ୍‌ରେ ରବିବାର ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର (ଓଡ଼ିଶା ଏଚ୍‌ପିସି) ଓ ସ୍ପୋର୍ଟ୍ସ ହଷ୍ଟେଲ ଦଳ ବିଜୟ ହାସଲ କରିଛନ୍ତି। ପୁଲ୍ 'ବି'ର ଏକ ମ୍ୟାଚ୍‌ରେ ଓଡ଼ିଶା ଏଚ୍‌ପିସି ୫-୧ ଗୋଲରେ ସାଲ୍ୟୁଟ୍ ହକି ଏକାଡେମୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ନିହାରିକା ଟପ୍ପୋ ୪୦, ୪୨ ଓ ୬୦ତମ ମିନିଟ୍‌ରେ ୩ଟି ଗୋଲ ଦେଇ ହାଟ୍ରିକ୍ ଅର୍ଜନ କରିଥିବାବେଳେ ପ୍ରଜ୍ଞା ପଟେଲ ୨୧ ଓ ଅନୁସ୍କା ଭାଓରେ ୨୬ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ବିପକ୍ଷ ଦଳର କାଜଲ ୫୩ତମ ମିନିଟ୍‌ରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ପୁଲ୍ 'ଏ'ର ଏକ ମ୍ୟାଚ୍‌ରେ ଅନ୍ୟତମ ଓଡ଼ିଶା ଦଳ ସ୍ପୋର୍ଟ୍ସ ହଷ୍ଟେଲ ୫-୧ ଗୋଲରେ ରାୟପୁରର ସ୍ମାର୍ଟ ହକି ଏକାଡେମୀକୁ ହରାଇ ଦେଇଛି। ସ୍ପୋର୍ଟ୍ସ ହଷ୍ଟେଲ ଅଧିନାୟକ ଅମିଶା ଏକ୍କା ୨୩, ୪୦ ଓ ୪୮ତମ ମିନିଟ୍‌ରେ ୩ଟି ଗୋଲ ଦେଇ ହାଟ୍ରିକ୍ ଅର୍ଜନ କରିଥିଲେ। ଅର୍ଚ୍ଚନା ଖାଲ୍‌କୋ ୧୨ ଓ ସୁସ୍ମିତା ଡୁଙ୍ଗ୍‌ଡୁଙ୍ଗ ୧୫ତମ ମିନିଟ୍‌ରେ ଅନ୍ୟ ୨ଟି ଗୋଲ ଦେଇଥିଲେ। ରାୟପୁର ଦଳର ନିଶୁ ଭିହାନ ୩୦ତମ ମିନିଟ୍‌ରେ ଗୋଟିଏ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ଅନ୍ୟ ମ୍ୟାଚ୍‌ଗୁଡ଼ିକ ମଧ୍ୟରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ ୧୮-୦ ଗୋଲରେ ଘୁମାନହିରା ରାଇଜର୍ସ ଏକାଡେମୀ, ସିଟିଜେନ ହକି ଏକାଦଶ ୩-୨ରେ ଭାଇ ବେହଲୋ ହକି ଏକାଡେମୀ ଭଗତା, ପ୍ରୀତମ ସିୱାଚ୍ ହକି ଏକାଡେମୀ ସୋନେପତ ୩୯-୦ ଗୋଲରେ ମୁମ୍ବାଇ ସ୍କୁଲ ସ୍ପୋର୍ଟ୍ସ ଆସୋସିଏଶନ, ହର୍ ହକି ଏକାଡେମୀ ୩-୨ରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ 'ବି', ଅନନ୍ତପୁର ହକି ଏକାଡେମୀ ୩-୧ରେ ଦିଲ୍ଲୀ ହକି ଏବଂ ମଧ୍ୟପ୍ରଦେଶ ହକି ଏକାଡେମୀ ୧୩-୦ ଗୋଲରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଗୁଜରାଟ ଏକାଡେମୀକୁ ପରାସ୍ତ କରିଛି। ମୁମ୍ବାଇ ସ୍କୁଲ ସ୍ପୋର୍ଟ୍ସ ଆସୋସିଏଶନ ବିପକ୍ଷରେ ପ୍ରୀତମ ସିୱାଚ୍ ହକି ଏକାଡେମୀ ଅଧିନାୟକ ସାକ୍ଷୀ ରାଣା ଏକାକୀ ୯ (୨, ୮, ୯, ୨୩, ୩୪, ୩୫, ୩୯, ୪୫ ଓ ୫୮)ଟି ଗୋଲ ଦେଇଥିଲେ। ରିୟା ୬, ଖୁସି ୫, ମଞ୍ଜିନ୍ଦର, ସାକ୍ଷୀ ଓ ମୋନିକା ୩ଟି ଲେଖାଏ ଗୋଲ ଦେଇଥିଲେ।

# କ୍ୱିଟୋଭା-ଗାର୍ସିଆ ଫାଇନାଲ

**ମାସନ (ୟୁଏସ୍), ୨୧।୮(ଏପି):** ମାଡିସନ କିଜ୍‌ଙ୍କୁ ୬-୭ (୬), ୬-୪, ୬-୩ରେ ହରାଇ ପେଟ୍ରା କ୍ୱିଟୋଭା ୱେଷ୍ଟର୍ନ ଓ ସଦର୍ନ ଓପନ୍ ଟେନିସ ଫାଇନାଲରେ ପ୍ରବେଶ କରିଛି। ସିନ୍‌ସିନାଟି ଟୁର୍ଣ୍ଣାମେଣ୍ଟରେ ୩୨ ବର୍ଷୀୟା କ୍ୱିଟୋଭା ଏହା ପୂର୍ବରୁ ୧୦ଥର ଭାଗ ନେଇଛନ୍ତି ହେଲେ ଥରେ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇପାରି ନ ଥିଲେ। ଚେକ୍ ରିପବ୍ଲିକ୍ ଖେଳାଳିଙ୍କର ଏହା ହେଉଛି ୪୦ତମ କ୍ୟାରିୟର ଫାଇନାଲ। ବର୍ତ୍ତମାନ ସେ ଫ୍ରେଞ୍ଚ୍ ଖେଳାଳି କାରୋଲିନ୍ ଗାର୍ସିଆଙ୍କୁ ଭେଟିବେ। ୨୮ ବର୍ଷୀୟା ଗାର୍ସିଆ ସେମିରେ ୬ଷ୍ଠ ସିଡ୍ ଆରିନା ସାବାଲେଙ୍କାଙ୍କୁ ୬-୨, ୪-୬, ୬-୧ରେ ହରାଇ ଦେଇଛନ୍ତି।

# ମୁମ୍ବାଇ ହାଫ୍ ମାରାଥନ ଜିତିଲେ ଛଗନ, କବିତା

ମୁମ୍ବାଇ, ୨୧।୮ (ପି.ଟି.)

ସ୍ଥାନୀୟ ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସଠାରେ ରବିବାର ଅନୁଷ୍ଠିତ ମୁମ୍ବାଇ ହାଫ୍ ମାରାଥନ୍-୨୦୨୨ରେ ମହାରାଷ୍ଟ୍ରର ଛଗନ ବୋମ୍ବାଲେ ଓ ଆନ୍ଧ୍ର ପ୍ରଦେଶର କବିତା ରେଡ୍ଡୀ ଯଥାକ୍ରମେ ପୁରୁଷ ଏବଂ ମହିଳା ଟାଇଟଲ ଜିତିଛନ୍ତି। ସକାଳେ ମେଘୁଆ ପାଗରେ ୨୧ କିଲୋମିଟର ଇଭେଣ୍ଟ ଜିଓ ଗାର୍ଡେନ୍ସରେ ଆରମ୍ଭ ହୋଇ ଶେଷ ହୋଇଥିଲା। ବୋମ୍ବାଲେ ୧ ଘଣ୍ଟା ୧୬:୧୧ ମିନିଟ୍‌ରେ ଫିନିଶ୍ ଲାଇନ ଅତିକ୍ରମ କରିଥିଲେ। ସେ ଭଗତ ସିଂ ଭାଲ୍‌ଭିଙ୍କଠାରୁ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ଭଗତ ସିଂ ମାତ୍ର ଏକ ମିନିଟ୍ ପଛରେ ୧:୧୭:୫୧ ଟାଇମିଂରେ ଦ୍ୱିତୀୟ ହୋଇଥିବା ବେଳେ ଅନିଲ ଜିନ୍ଦଲ ୧:୧୮:୨୦ ଟାଇମିଂ ସହ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟପକ୍ଷରେ ମହିଳା ଇଭେଣ୍ଟ ଏକତରଫା ଥିଲା। କବିତା ୧:୩୭:୦୩ ଟାଇମିଂରେ ରେସ୍ ଶେଷକରି ପ୍ରଥମ ହୋଇଥିଲେ। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତନ୍ମୟ କର୍ମକାର ତାଙ୍କଠାରୁ ୩ ମିନିଟ୍ ପଛରେ ଅର୍ଥାତ୍ ୧:୪୦:୧୮ ଟାଇମିଂ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏଠାରୁ ୪ ମିନିଟ୍ ପଛରେ କେତକୀ ସାଠେ (୧:୪୪:୫୫) ତୃତୀୟ ହୋଇଥିଲେ। କ୍ରିକେଟ ଆଇକନ୍ ସଚିନ ତେନ୍ଦୁଲକର ପତାକା ଦେଖାଇ ରେସ୍‌ର ଶୁଭାରମ୍ଭ କରିଥିଲେ। ପରେ ସେ ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୁରୁଷ ୧୦ କିଲୋମିଟର ରେସ୍‌ରେ ଧାବକଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଅମିତ ମାଲି ୦:୩୩:୪୨ ଟାଇମିଂରେ ଫିନିଶ୍ ଲାଇନ୍ ଅତିକ୍ରମ କରି ପ୍ରଥମ ହୋଇଥିବା ବେଳେ କରଣ ଶର୍ମା (୦:୩୩:୪୪) ତାଙ୍କଠାରୁ ମାତ୍ର ୨ ସେକେଣ୍ଡ ପଛରେ ରହି ଦ୍ୱିତୀୟ ଏବଂ ସଞ୍ଜୟ ଜଲାନେ (୦:୩୩:୫୦) ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହିଳା ବିଭାଗ ୧୦ କିଲୋମିଟର ଇଭେଣ୍ଟରେ ରୋହିଣୀ ମାୟା ପାଟିଲ ୦:୪୧:୩୨ ଟାଇମିଂରେ ରେସ୍ ଶେଷ କରିଥିଲେ। ପ୍ରିୟଙ୍କା ପାଇକାରାଓ ରୌପ୍ୟ ଓ ପ୍ରିୟଙ୍କା କୌଲାସ (୦:୪୩.୫୧) ବ୍ରୋଞ୍ଜ ଜିତିଥିଲେ। ଇଭେଣ୍ଟର ତିନୋଟି ପୃଥକ୍ କାଟେଗୋରି (ହାଫ୍ ମାରାଥନ୍, ୧୦କେ ଓ ୫କେ)ରେ ୧୩,୫୦୦ରୁ ଊର୍ଦ୍ଧ୍ୱ ଧାବକ ଅଂଶଗ୍ରହଣ କରିଥିଲେ।

# ୨୦ ବର୍ଷରୁ କମ୍ ପୁରୁଷ ଭଲିବଲ ପାଇଁ ଭାରତୀୟ ଦଳ

**ଭୁବନେଶ୍ୱର, ୨୧।୮ (କ୍ରୀଡ଼ା ପ୍ରତିନିଧି):** ବାହାରିନ୍‌ର ରିଫାଠାରେ ୨୧ତମ ଏସିଆନ ପୁରୁଷ ୨୦ ବର୍ଷରୁ କମ୍ ଭଲିବଲ ଚାମ୍ପିୟନଶିପ୍ ସୋମବାରଠାରୁ ଆରମ୍ଭ ହେବ। ୨୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତ ଭାଗନେବ। ଓଡ଼ିଶା ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ସମ୍ଭାବ୍ୟ ୨୦ ଖେଳାଳିଙ୍କୁ ନେଇ ମେ' ୨୦ରୁ କୋଚିଂ କ୍ୟାମ୍ପ ଚାଲିଥିଲା। ଏଥିରୁ ୧୨ ଖେଳାଳି ଆଗାମୀ ଏସୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି।

**ଭାରତୀୟ ଦଳ:** ଦୁଶ୍ୟନ୍ତ ସିଂ (ଅଧିନାୟକ), ଅମନ କୁମାର, ଜୋଶନୁର ଧୃଣ୍ଡସା, ସନ୍ଦୀପ, ଅଜୟ କୁମାର, ସମୀର ଚୌଧାରୀ, ଏସ୍. ଭରଣୀଧରନ, ତନୀଶ ଚୌଧାରୀ, ହର୍ଷିତ ଗିରି, ସଚିନ ଡାଗର, କେ. କାର୍ତ୍ତିକେୟନ, ଅଜିତ ଶେଖୋ। ମୁଖ୍ୟ କୋଚ୍: ଜି.ଇ. ଶ୍ରୀଧରନ।

# ଭାରତର କ୍ରମାଗତ ବିଜୟ

**ଭୁବନେଶ୍ୱର, ୨୧।୮ (କ୍ରୀଡ଼ା ପ୍ରତିନିଧି):** ଇରାନର ତେହେରାନ୍‌ଠାରେ ଚାଲିଥିବା ୧୪ତମ ଏସିଆନ ୧୮ ବର୍ଷରୁ କମ୍ ପୁରୁଷ ଭଲିବଲ ଟୁର୍ଣ୍ଣାମେଣ୍ଟରେ ଭାରତ କ୍ରମାଗତ ବିଜୟ ହାସଲ କରିଛି। ପୂର୍ବ ମ୍ୟାଚ୍‌ରେ କୋରିଆକୁ ୩-୦ରେ ହରାଇଥିବା ଭାରତ ଏଥର ଚାଇନିଜ୍ ତାଇପେକୁ ୩-୧ (୨୫-୧୯, ୨୫-୧୪, ୨୫-୨୭, ୨୫-୨୩)ରେ ପରାସ୍ତ କରିଛି। ସେମିଫାଇନାଲରେ ପ୍ରବେଶ କରିବା ସହ ଭାରତ ୨୦୨୩ ଏଫ୍‌ଆଇଭିବି (ଅନ୍ତର୍ଜାତୀୟ ଭଲିବଲ ଫେଡେରେଶନ) ପୁରୁଷ ୧୯ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଭାରତ ଏହାର ପ୍ରଥମ ମ୍ୟାଚ୍‌ରେ ଜାପାନଠାରୁ ହାରିଥିଲା ଓ ପରେ ଥାଇଲାଣ୍ଡକୁ ହରାଇଥିଲା।


**OFFICE OF THE MUNICIPAL COUNCIL, SUNDARGARH**

No. 7048 Dt.16.08.2022

**COMPETITIVE BIDDING THROUGH e-Procurement**

**NOTICE INVITING TENDER**

**Bid Reference No. SNGM-06/2022-23/Dt.16.08.2022**

**No. C-1026:-** On behalf of the Sundargarh Municipality, on-line e-tender **Percentage Rate Bids** are invited by the Executive Officer, Sundargarh Municipality from the intending and eligible class/category of bidders in conformity with the Detailed Tender Call Notice in **Single cover bid system i.e. Technical Bid & Financial Bid** for execution of the works mentioned in the DTCN. Contractors validly registered/empanelled under Sundargarh Municipality are also eligible to participate for the works as per condition of DTCN.

1. Total No. of works for which Tenders invited: 07 Nos.
2. Place of Execution: Inside of Sundargarh Municipality
3. Estimated Cost of work: Rs.1,47,258/- to Rs.17,81,025/-
4. Eligible Class of Contractors: Registered Contractors of **Class- 'D' to Class - 'C'** as indicated against the work mentioned in the Tender Call Notice.
5. Intending bidders have to participate through "**On-Line**" bidding only. The website for online bidding is https://www.tendersodisha.gov.in
6. The bid documents will be available in the above website from **11 A.M. on dt. 20.08.2022 to 5 P.M. on dt.29.08.2022** for online bidding.
7. Bids received online will be opened at **11 A.M. on dtd.30.08.2022**.
8. The bidder must possess valid and compatible **Digital Signature Certificate (DSC)**.
9. The DTCN for bid shall be available in the e-procurement portal https:// www.tendersodisha.gov.in for on-line bidding.

**Sd./- Executive Officer, Sundargarh Municipality**

OIPR-13130/11/0016/2223



**OFFICE OF THE MUNICIPAL COUNCIL, MALKANGIRI**

Odisha, Pin- 764045. Ph: 06861-230244, e-Mail:- eomalkangiri@gmail.com

**Lt. No. 2313/Dev/2022** **Dated: 19.08.22**

**e-NOTICE**

**BID IDENTIFICATION No. EOMKG02/2022-23**

No. C-1028:- The Executive Officer, Malkangiri Municipaliy, Malkangiri on behalf of Governor of Odisha invites for bidders of eligible class registered with the State Govt. and bidders of equivalent grade/class registered with Central Govt./MES/Railways according to norm of e-procurement system in online mode for the work as per DTCN.

| | | | |
|---|---|---|---|
| 1. | Name of the Work | : | Civil Works |
| 2. | Number of Work | : | 51 Nos. |
| 3. | Estimated Cost | : | As per DTCN |
| 4. | Period of Completion | : | As per DTCN |
| 5. | Date and Time of availability of Bid document in the Portal | : | **From 10 AM of Dt.22.08.2022 to 5 PM of Dt.07.09.2022** |
| 6. | Last date and time for receipt of Bid in Portal | : | **5 PM of Dt.07.09.2022** |
| 7. | The Original Bid documents must be reached from **22.08.2022** to on or before **5 PM of dt.08.09.2022 by Regd. Post/Speed Post only**. | | |
| 8. | The bid received online shall be opened on **11 AM of dtd.12.09.2022** | | |
| 9. | Name and Address of the Officer inviting Bid: | | Executive Officer, Malkangiri, Municipality |

Further details can be seen from the Procurement Portal: **www.tendersorissa.gov.in**

**Sd./- Executive Officer, Malkangiri Municipality**

OIPR-13125/11/0006/2223



**GOVERNMENT OF ODISHA**

**SPORTS & YOUTH SERVICES DEPARTMENT**

**EXPRESSION OF INTEREST**

No. TT-14: Sports & Youth Services Department, Government of Odisha invites responses from leading Operators to the **"Expression of interest for Operation & Management of Sports Accommodation Facility at Rourkela"** in accordance with the conditions and manner prescribed in the EOI document. The details of the document are available at Department website **https://department.sportsodisha.gov.in/**.

Interested firms/ parties/ agencies are advised to study the EOI document carefully before submitting their documents in this regard.

**Important Dates and Information:**

Last date and time of submission of Responses - **05.09.2022 up to 3:00 P.M.**

Opening of the Expression of Interest - **06.09.2022 at 4:00 P.M.**

**Sd./- Commissioner-cum-Secretary**

**OIPR-29001/11/0002/2223**



**ପୌର କାର୍ଯ୍ୟାଳୟ, ଜୟପୁର**

**MUNICIPAL OFFICE, JEYPORE**

Main Road, Jeypore, Dist: Koraput, Odisha

Phone No. 06854-231098, E-Mail: ulbjeypore@gmail.com

**Letter No.: 5542/JM** **Date: 19 August 2022**

**QUOTATION CALL NOTICE FOR PURCHASE OF PPE KIT**

No. C-1030:- Sealed quotations are invited from intending reputed Agency / Firm / Stockist/ Supplier of following safety equipments for use of sanitation staff of Jeypore Municipality. The rate will be valid for one year and procurement will be made in phase manner during the year for time to time as per requirement. All quotations in the following tender paper format mentioned with PAN / GST Registration Number should reach to the undersigned on or before 26.08.2022 by 3.30 PM through registered / speed post or in person. The selaed cover should be super scribed as QUOTATION FOR PPE KIT. Quotation received after the stipulated period will not be accepted. All quotations will be opened on 26.08.2022 at 5.00 PM in presence of bidders and their representatives in the office chamber of the undersigned. At the time of tender opening the samples of each category items should be presented, otherwise the quotation will not be accepted. Selections should be made as per the quality of the product.

| Sl. No. | Name of items | Per unit cost in Rs. (including GST) |
|---|---|---|
| 1 | Safety reflective luminous jacket with logo of Jeypore Municipality and high visibility warning size- Large (L), Medium (M) & Extra Large (XL) | |
| 2 | Rubber Hand Gloves (Full Size, Water proof Nylon Fabric) | |

Authority reserves the right to accept or reject any or all tender without assigning any reason thereof.

**Sd./- Executive Officer, Jeypore Municipality**

OIPR-13079/11/0057/2223



**CUTTACK DEVELOPMENT AUTHORITY**

CDA

**Arunodaya Bhawan, Link Road, Cuttack - 12**

**No. CAD-1566 E-mail: CDA.cuttack@ori.nic.in**

**No. 8518/CDA** **Dt.20.08.2022**

**EXPRESSION OF INTEREST (EOI)**

1. Sealed Expression of Interest (hereinafter called EOI) for leasing out of Built up space of area 9759 Sq.ft. in CDA Market Complex building at Mahanadi Vihar, Cuttack is hereby invited on behalf of Cuttack Development Authority (CDA) in two bid system in the prescribed proforma upto 15.00 hrs. on the date mentioned below.
2. Organizations/individuals (single or consortium) are eligible to submit their bids for the purpose as below:
   a) Scheduled Banks, both Government owned or Private.
   b) Financial Institutions.
   c) Reputed Private Organizations for their office purpose.
   d) Kalyan Mandap
   e) Storage Godown
   f) Permitted and compatible commercial and institutional use.
   g) Educational Institutions.
3. Bid documents consisting of the eligibility criteria, terms and conditions and the Proforma of the EOI can be obtained by downloading from the website of CDA mentioned below.
4. The bid form can be downloaded from the link **(http:// www.cdacuttack.nic.in)**. Bidder can submi their bid by downloading the bid document from website.
5. Details for obtaining bid forms, receipt and opening thereof shall be as follows:

| S.N. | Stage | Date and Time |
|---|---|---|
| A | Period of availability of the Document (in the website of CDA) | 22.08.2022 to 14.09.2022 |
| B | Last date for receipt of Pre-bid queries | 30.08.2022 by 13.00 hrs. |
| C | Date of pre-bid conference | 30.08.2022 at 15.00 hrs. |
| D | Last date and time for receipt of sealed bids | 14.09.2022 by 15.00 hrs. |
| E | Opening of Technical & Financial Bid | 14.09.2022 at 15.30 hrs. |

6. The eligible bid will be opened in the presence of the representatives of the bidders at 15.30 hrs. on the last date of receipt of the bids i.e. **on 14.09.2022**.
7. Financial bid shall be opened only of those bidders who qualify in eligibility-cum-Technical bid in the presence of the representatives of the bidders.
8. In case of the attested copies of the documents/testimonials/ certificates original copies thereof should be produced on demand at the time of opening of the Bid.
9. The bid in which any of the prescribed conditions are not fulfilled is liable to be summarily rejected.
10. Canvassing in any form whether directly or indirectly, in connection with the bids is strictly prohibited and the bid submitted by the consultant who resorts to canvassing shall be liable to rejection.
11. CDA does not bind itself to accept the highest or any other bid, and reserves itself the right to reject any or all the bids without assigning any reason.
12. No conditional bid including conditional rebate shall be entertained or accepted. Conditional bid will be liable to be summarily rejection.
13. The bid forms along with the supporting documents shall be received either through Speed Post or through Courier service only. It should be ensured that the bids are to be received before the due date and time.
14. For any doubts and clarifications regarding EOI document please contact the Shri Narad Chandra Rath, Engineer Member (I/C) or Scheme Officer, Cuttack Development Authority, Arunodaya Bhawan, Link road, Cuttack - 12, Mobile: +91-9437180346 / 8249964517.
15. Bidders may visit the said Complex Site/Location, if interested.
16. Any addition/alteration needed by Lessee will be done by Lessee at his own cost after getting prior approval from the Authority.

**OIPR-13037/11/0100/2223** **Sd./- Secretary**



**ZILLA SWASTHYA SAMITI (ZSS), Kandhamal**

**Office of the CDMO cum District Mission Director, NHM, Kandhamal**

**Advt. No. 10001/NHM/In-House/2022-23** **Date: 17.08.2022**

**ADVERTISEMENT**

**No. E-406:-** Applications are invited for the following posts from the in-house contractual employees of NHM working in the same post under OSH&FWS In other districts willing to work desiring to be posted in Kandhamal district. Interested in-house candidates are requested with a **No Objection Certificate (NOC)** cum continuation certificate for last uninterrupted service in the same post under the society from the concerned CDM&PHO-cum- District Mission Director. The application format & other details are available in the website www.kandhamal.nic.in .Vacancies published In the advertisement are provisional and subject to change during the time of appointment. Incomplete application in any form is liable for rejection. No personal query will be entertained. The undersigned reserves the right to reject any of all application and modify/ cancel the advertisement without assigning any reason thereof.

| Sl No. | Name of the Post | Vacancy | M | F | Date of Walk-in Interview |
|---|---|---|---|---|---|
| 1 | MBBS Doctors (SNCU-6, DEIC-1, UPHC-1, NCD-1, Haemoglobinopathy-1) | 10 Posts | | | 06.09.2022 (Registration Time 10.30 AM to 11.30AM) Venue: DTU, Conference Hall, DHH. Phulbani Office of the CDM & PHO, Kandhamal, Phulbani |
| 2 | RMNCH / FP Counselor / Counselor | 3 Posts | | | |
| 3 | MO AYUSH (MHT) - BAMS | 14 Posts | 7 | 7 | |
| 4 | MO AYUSH (MHT) - BHMS | 10 Posts | 4 | 5 | |
| 5 | MO AYUSH (PHC/CHC) - BAMS | 19 Posts | | | |
| 6 | MO AYUSH (PHC/CHC) - BHMS | 16 Posts | | | |
| 7 | Accountant | 2 Posts | | | |
| 8 | Dental Technician, DEIC | 1 Post | | | |
| 9 | Psychiatric Social Worker, DMHP | 1 Post | | | |
| 10 | SSMTC, NVBDCP | 1 Post | | | |
| 11 | VBDTS, NVBDCP | 1 Post | | | |
| 12 | DPC,RNTCP | 1 Post | | | |
| 13 | Physiotherapist-DEIC-RBSK | 1 Post | | | |
| 14 | Optometrist - DEIC-RBSK | 1 Post | | | |
| 15 | Physiotherapist - IPU | 2 Posts | | | |
| 16 | Psychiatric Nurse (NMHP) | 1 Post | | | |
| 17 | Data Assistant-cum-Accountant, Urban Health | 1 Post | | | |
| 18 | Data Entry Operator | 02 Posts | | | |
| 19 | Psychologist- DEIC | 1 Post | | | |

**Sd./.- Dr. M.K. Upadhyaya,**
**CDM & PHO-cum-District Mission Director, NHM, Kandhamal**

OIPR-10015/11/0006/2223



**OFFICE OF THE SUPERINTENDENT**
**MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL,**
**BERHAMPUR-760004, GANJAM, ODISHA**

Tel.0680-2292624, FAX: 0680-2292752/E-mail: supdtmkcg@gmail.com, supdtmkcg-bam@gov.in

**No.11332 MCH/CS/2022** **Date: 20.08.2022**

**TENDER CALL NOTICE**

**No. E-405:-** The Superintendent, MKCG Medical College Hospital, Berhampur- 760004, Dist. Ganjam, Odisha Invites sealed tenders in the prescribed Proforma from the Registered and reputed Manufacturers, Authorized suppliers, Dealers, Stockist holders for "**Supply of Medicine & Injectable Items**" for M.K.C.G Medical College Hospital, Berhampur. The tenderer should submit the tender in two Bids (i) Technical Bid and (ii) Price Bid. ***The Technical bid*** shall contain (1) Tender Cost (2) List of bidded items (3) Valid PAN CARD, (4) Valid upto date GSTN Clearance Certificate from Competent Authority, (5) Valid Drug Licenses issued by the Competitive Authority, Both the firms manufacturer & Suppliers (6) Valid ISI, ISO, GMP Certificate, (7) Valid manufacturing License and Authorization Certificate in prescribed format & (8) Valid E-mail ID & Contact No. ***The Price bid*** should be submitted as per Proforma enclosed. The intending tenderers should submit their tenders separately in two sealed covers duly superscribed as **Technical Bid for "Supply of Medicine & Injectable Items with others" with address & Price Bid for "Supply of Medicine & Injectable Items with others" with address** putting in a single sealed cover. The detail information & terms and conditions can be obtained from the websites: www.ganjam.nic.in may deposit **the tender cost of Rs. 2000/- (two thousand) is non-refundable to be paid by way of E-Challan under the Head Of Account 0075-00-800-0097-02237-000 through Odisha Govt. Treasury Site (procedure given in the last page)**. The last date of receipt of tenders through Regd. Post / Speed Post is on or before **12.09.2022 at 05.00 PM** and will be opened on **13.09.2022.** The date of opening may be differed/postponed in case of unavoidable circumstances.

**Sd./- Superintendent, MKCG Medical College Hospital, Berhampur**

OIPR-10028/11/0007/2223

**ଆଜିଠାରୁ ସଭରେନ୍ ଗୋଲ୍ଡ ବଣ୍ଡ୍ ସିରିଜ୍-୨**

ନୂଆଦିଲ୍ଲୀ: ଚଳିତ ଆର୍ଥିକବର୍ଷର ୨ୟ ଥର ପାଇଁ କେନ୍ଦ୍ର ସରକାରଙ୍କ ସଭରେନ୍ ଗୋଲ୍ଡ ବଣ୍ଡ୍ ସ୍କିମ୍‌ର ସିରିଜ୍-୨ ସୋମବାରଠାରୁ ଆରମ୍ଭ ହେଉଛି। ଏପରିକି ଅଗଷ୍ଟ ୨୨ରୁ ୨୬ ପର୍ଯ୍ୟନ୍ତ ଏହାର ଆବେଦନ ସମୟ ସୀମା ରହିଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ସେହିଭଳି ରିଜର୍ଭ ବ୍ୟାଙ୍କ ଉକ୍ତ ବଣ୍ଡର ଇସ୍ୟୁ ପ୍ରାଇସ୍ ସମ୍ପର୍କରେ ନିକଟରେ ଘୋଷଣା କରିଥିଲା। ଏହା ଗ୍ରାମ ପିଛା ୫,୧୯୭ ଟଙ୍କା ଧାର୍ଯ୍ୟ ହୋଇଛି। ହେଲେ ଅନ୍‌ଲାଇନରେ ବଣ୍ଡ ପାଇଁ ଆବେଦନ ଓ ଅର୍ଥ ପୈଠ କଲେ ଗ୍ରାମ ପିଛା ୫୦ ଟଙ୍କାର ରିହାତି ମିଳିବ। ଫଳରେ ଏହି ବର୍ଗର ଲୋକଙ୍କ ପାଇଁ ଗ୍ରାମ ପିଛା ମୂଲ୍ୟ ୫,୧୪୭ ଟଙ୍କା ରହିବ ବୋଲି କୁହାଯାଇଛି।

## ସଂକ୍ଷେପରେ

### ଆସେମ୍ବ୍ଲି ଉପରେ ୧୦%ରେ ଆମଦାନୀ ଶୁଳ୍କ

**ନୂଆଦିଲ୍ଲୀ,୨୧।୮:** ବର୍ତ୍ତମାନ ସମୟରେ ମୋବାଇଲ ଫୋନ୍ ଏକ ଅତ୍ୟାବଶ୍ୟକ ସାମଗ୍ରୀ ପାଲଟିଯାଇଛି। ଏଥିରେ ବ୍ୟବହୃତ ହେଉଥିବା ବିଭିନ୍ନ ଯନ୍ତ୍ରାଂଶର ଆମଦାନୀ ଉପରେ ଲାଗୁଥିବା ଟିକସ ସମ୍ପର୍କରେ କେନ୍ଦ୍ରୀୟ ପରୋକ୍ଷ କର ଏବଂ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ପକ୍ଷରୁ ଏକ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି। ଉକ୍ତ ମାର୍ଗଦର୍ଶିକାରେ କୁହାଯାଇଛି ଯେ, ମୋବାଇଲ ଫୋନର ଡିସ୍‌ପ୍ଲେ ଆସେମ୍ବ୍ଲି ସହ ପଛପଟ ସପୋର୍ଟ ଫ୍ରେମ ଉପରେ ୧୦% ଆମଦାନୀ ଶୁଳ୍କ ଲାଗିବ। କିନ୍ତୁ ଯଦି ଡିସ୍‌ପ୍ଲେ ଆସେମ୍ବ୍ଲି ସହ ଆଣ୍ଟିନା ପିନ୍ ଓ ପାୱାର କି' ଆମଦାନୀ କରାଯାଏ, ତା'ହେଲେ ସେ ସବୁ ଉପରେ ୧୫% ଆମଦାନୀ ଶୁଳ୍କ ଲାଗୁ ହେବ।

### ୬୬୯ ଲକ୍ଷ ଟନ୍‌ରେ ପହଞ୍ଚିଛି ଖଣିଜ ସାମଗ୍ରୀ ଉତ୍ପାଦନ

**ନୂଆଦିଲ୍ଲୀ,୨୧।୮:** ଚଳିତ ଆର୍ଥିକବର୍ଷର ପ୍ରଥମ ତିନିମାସରେ ଖଣିଜ ସାମଗ୍ରୀ ଉତ୍ପାଦନ ଗତ ବର୍ଷ ତୁଳନାରେ ୯% ବୃଦ୍ଧି ଘଟିଛି। ଏପରିକି ୨୦୨୨ ଜୁନରେ ଦେଶରେ ଖଣିଜ ସାମଗ୍ରୀ ଉତ୍ପାଦନରେ ୭.୫% ବୃଦ୍ଧି ଘଟିଛି। କୋଇଲା ଭଳି ପ୍ରମୁଖ ଖଣିଜ ସାମଗ୍ରୀର ଉତ୍ପାଦନ ୬୬୯ ଲକ୍ଷ ଟନରେ ପହଞ୍ଚିଛି। ସେଥିମଧ୍ୟରୁ ଲିଗ୍‌ନାଇଟ୍ ୪୬ ଲକ୍ଷ ଟନ୍, ପ୍ରାକୃତିକ ଗ୍ୟାସ୍ ୨୭୪୭ ନିୟୁତ ଘନ ମିଟର, ଅଶୋଧିତ ପେଟ୍ରୋଲିୟମ ଉତ୍ପାଦନ ୨୪ ଲକ୍ଷ ଟନ, ବକ୍ସାଇଟ୍ ଉତ୍ପାଦନ ୧୯୫୦ ହଜାର ଟନ୍, କ୍ରୋମାଇଟ୍ ଉତ୍ପାଦନ ୩୪୩ ହଜାର ଟନ୍ ଏବଂ କପର ଉତ୍ପାଦନ ୧୦ ହଜାର ଟନ୍‌ରେ ପହଞ୍ଚିଛି। ସେହିଭଳି ସୁନା ଉତ୍ପାଦନ ୮୫ କେଜି, ହୀରା ଉତ୍ପାଦନ ୪୪ କ୍ୟାରେଟ୍‌ରେ ରହିଥିବା ବେଳେ ଲୁହାପଥର ଉତ୍ପାଦନ ୨୦୧ ଲକ୍ଷ ଟନ, ଚୂନପଥର ଉତ୍ପାଦନ ୩୩୫ ଲକ୍ଷ ଟନ୍, ମାଙ୍ଗାନିଜ୍ ଉତ୍ପାଦନ ୨୩୮ ହଜାର ଟନ୍‌ରେ ପହଞ୍ଚିଛି। ସେହିପରି ସୁନା ଉତ୍ପାଦନ ୧୦୭.୩%, ହୀରା ଉତ୍ପାଦନ ୩୪୦%, କୋଇଲା ଉତ୍ପାଦନ ୩୧.୧%, ମାଙ୍ଗାନିଜ୍ ପଥର ଉତ୍ପାଦନ ୧୯.୩%, ବକ୍‌ସାଇଟ ୮.୯%, ଚୂନପଥର ଉତ୍ପାଦନ ୧.୬% ଅଭିବୃଦ୍ଧି ଘଟିଛି।

# ମହଙ୍ଗା ହୋଇପାରେ ୟୁପିଆଇ କାରବାର

**ନୂଆଦିଲ୍ଲୀ,୨୧।୮**

କେନ୍ଦ୍ର ସରକାର ଡିଜିଟାଲ ଇଣ୍ଡିଆ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ସେଥିମଧ୍ୟରୁ ନଗଦ ଟଙ୍କା କାରବାରକୁ ବନ୍ଦ କରିବା ସହ ଡିଜିଟାଲ ପଦ୍ଧତିରେ ଅର୍ଥ ନେଣଦେଣ କରିବା ପାଇଁ ୟୁନିଫାଏଡ୍ ପେମେଣ୍ଟ୍ସ ଇଣ୍ଟରଫେସ୍ (ୟୁପିଆଇ) ସେବାର ଶୁଭାରମ୍ଭ କରିଥିଲେ। ଏହା କମ ଦିନରେ ଲୋକଙ୍କ ଭରସା ସହ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚି ପାରିଛି। ହେଲେ ବର୍ତ୍ତମାନ ଏହାର କାରବାର ଉପରେ ସରକାର ଆବଶ୍ୟକ ଶୁଳ୍କ ବା ଚାର୍ଜ ନେବାକୁ ଯୋଜନା କରୁଛନ୍ତି। ଏପରିକି ଅର୍ଥ ମନ୍ତ୍ରଣାଳୟ ମଧ୍ୟ ଏ ସମ୍ପର୍କରେ ବିସ୍ତୃତ ବିଚାରବିମର୍ଶ କରୁଥିବା କୁହାଯାଉଛି। ବିଶେଷକରି ୟୁପିଆଇ ଜରିଆରେ ହିତାଧିକାରୀମାନେ ସହଜରେ ପେମେଣ୍ଟ କରିପାରୁଥିଲେ। ହେଲେ ଏବେ ଉକ୍ତ ସେବା ବା କାରବାର ପାଇଁ ଅର୍ଥ ପୈଠ କରିବାକୁ ପଡ଼ିବ ବୋଲି କୁହାଯାଇଛି। ପୂର୍ବରୁ ଏହା ଉପରେ ହିତାଧିକାରୀଙ୍କୁ କୌଣସି ଚାର୍ଜ ବା ଦେୟ ଦେବାକୁ ପଡୁନଥିଲା। ଫଳରେ ଉଭୟ ଖର୍ଚ୍ଚ କାଟ ଓ ସମୟ ରକ୍ଷା ହୋଇପାରୁଥିବାରୁ ଏହାର ଚାହିଦା ମଧ୍ୟ ଅଳ୍ପ ଦିନରେ ସାରା ଦେଶର କୋଣ ଅନୁକୋଣରେ ପହଞ୍ଚି ପାରିଥିଲା। ତେବେ ଆଗାମୀ ଦିନରେ ଏହାର ବ୍ୟବହାର ଓ କାରବାର ଉପରେ ବ୍ୟାପକ ପରିବର୍ତ୍ତନ ହୋଇପାରେ।




ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏଥିଲାଗି ଡିସ୍କସନ ପେପର ଅନ୍ ଚାର୍ଜେସ୍ ଇନ ପେମେଣ୍ଟ ସିଷ୍ଟମ (ଡିପିସିପିଏସ୍) ମଧ୍ୟ ଜାରି କରିଛନ୍ତି। ଏଥିପାଇଁ ଆରବିଆଇ ସର୍ବସାଧାରଣଙ୍କ ପରାମର୍ଶ ଲୋଡିଛନ୍ତି। ଉଲ୍ଲେଖଯୋଗ୍ୟ, ୟୁପିଆଇରୁ ଶୁଳ୍କ ଅସୁଲି ଲାଗି ଆରବିଆଇ ଏବେ ବିକଳ୍ପ ସନ୍ଧାନ ଖୋଜୁଛନ୍ତି। ଏପରିକି ଆରବିଆଇ ପକ୍ଷରୁ ଜାରି ପେପରରେ ୟୁପିଆଇ ମଧ୍ୟ ଇମିଡିଏଟ୍ ପେମେଣ୍ଟ ସର୍ଭିସ (ଆଇଏମ୍‌ପିଏସ୍) ଭଳି ଏକ ଫଣ୍ଡ ଟ୍ରାନ୍ସଫର ସିଷ୍ଟମ ଓ ଏହା ଉପରେ ଟ୍ରାନ୍ସଫର ଟ୍ରାଞ୍ଜାକ୍ସନରେ ଚାର୍ଜେସ୍ ଲାଗିବା ଦରକାର ବୋଲି ମତ ବାଢ଼ିଛି। ଆରବିଆଇ କହିବା ଅନୁଯାୟୀ, ପୃଥକ୍ ପୃଥକ୍ ଆମାଉଣ୍ଟ ଲାଗି ଅଲଗା ଅଲଗା ଚାର୍ଜ ନିର୍ଦ୍ଧାରିତ କରାଯାଇପାରେ।

# ନାଲ୍‌କୋ ପକ୍ଷରୁ ୨୯ ମାଟ୍ରିକ୍ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ




କମ୍ପାନୀ ଅଧିକାରୀଙ୍କ ଗହଣରେ ସମ୍ବର୍ଦ୍ଧିତ ମାଟ୍ରିକ୍ ପରୀକ୍ଷାର୍ଥୀ।

**ବଅଁରପାଳ, ୨୧।୮(ଡି.ଏନ୍.ଏ.)**

ନବରତ୍ନ କମ୍ପାନୀ ନାଲ୍‌କୋ ପକ୍ଷରୁ ଅନୁଗୋଳ ସ୍ମେଲ୍‌ଟର, ପାୱାର କମ୍ପ୍ଲେକ୍ସ ପାରିପାର୍ଶ୍ୱିକ ବିଦ୍ୟାଳୟର ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୨୯ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନାଲ୍‌କୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ଉପସ୍ଥିତ ରହି ସମସ୍ତଙ୍କୁ ସମ୍ମାନିତ କରିଥିଲେ। ନାଲ୍‌କୋନଗରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରତ୍ୟେକଙ୍କୁ ପୁରସ୍କାର ସ୍ୱରୂପ ୫,୦୦୦ ଟଙ୍କା ଏବଂ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ନାଲ୍‌କୋ ମହିଳା ସମିତି ଅଧ୍ୟକ୍ଷା ସସ୍ମିତା ପାତ୍ର, ନାଲ୍‌କୋ କାର୍ଯ୍ୟପାଳକ ନିର୍ଦ୍ଦେଶକ (ଏସ୍‌ଆଣ୍ଡପି) ଏ.ପି. ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ସଫଳତାର ଧାରା ବଜାୟ ରଖିବା ଏବଂ ଜୀବନରେ ଲକ୍ଷ୍ୟ ହାସଲ କରିବା ପର୍ଯ୍ୟନ୍ତ ସଂଘର୍ଷ ଜାରି ରଖିବାକୁ ନାଲ୍‌କୋ ଅଧ୍ୟକ୍ଷ ପାତ୍ର ପରାମର୍ଶ ଦେଇଥିଲେ। 'ଅଧ୍ୟୟନ କରିବା, ସଂଘର୍ଷ କରିବା ଏବଂ ସଫଳତା ହାସଲ କରିବା' ହିଁ ପ୍ରତି ଛାତ୍ରୀଛାତ୍ରଙ୍କ ଜୀବନର ମନ୍ତ୍ର ହେବା ଉଚିତ ବୋଲି ସେ ଏହି ଅବସରରେ ଆହ୍ୱାନ ଦେଇଥିଲେ। ନାଲ୍‌କୋ ମହିଳା ସମିତି ଅଧ୍ୟକ୍ଷା ପାତ୍ର ନୈତିକମୂଲ୍ୟବୋଧ ଭିତ୍ତିକ ବିକଶିତ ବ୍ୟକ୍ତିତ୍ୱ ଏବଂ ଭବିଷ୍ୟତରେ ସମର୍ଥ ନାଗରିକ ହେବାକୁ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ଅନୁଗୋଳ ନାଲ୍‌କୋ ଏସ୍‌ଆଣ୍ଡପି କମ୍ପ୍ଲେକ୍ସ ପାରିପାର୍ଶ୍ୱିକ ୨୨ ବିଦ୍ୟାଳୟ ଏବଂ ଛେଣ୍ଡିପଦାସ୍ଥିତ କୋଇଲା ଖଣି ଅଞ୍ଚଳର ୫ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଉଛି।

# କ୍ରମ୍ପଟନର ସ୍ମାର୍ଟ ଷ୍ଟୋରେଜ୍ ୱାଟର ହିଟର ଉନ୍ମୋଚିତ

**ନୂଆଦିଲ୍ଲୀ,୨୧।୮**

ଦେଶର ପ୍ରମୁଖ ବୈଦ୍ୟୁତିକ ସାମଗ୍ରୀ ଉତ୍ପାଦକ କମ୍ପାନୀ କ୍ରମ୍ପଟନ ଗ୍ରୀଭ୍‌ସ କଞ୍ଜ୍ୟୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ସ୍ମାର୍ଟ ଷ୍ଟୋରେଜ୍ ୱାଟର ହିଟରର ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଶୀତର ଆଗମନ ଏବଂ ତାପମାତ୍ରାର ହ୍ରାସ ସହ ୱାଟର ହିଟର'ର ଆରାମଦାୟକ ଗରମ ସାୱାର ଏବେ ଅନ୍ୟତମ ଆବଶ୍ୟକତାରେ ପରିଣତ ହୋଇଯାଇଛି। ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦିଆଯିବା ସହ ଦିନସାରା ଆପଣଙ୍କୁ ଶକ୍ତି ଯୋଗାଇବାରେ କିମ୍ବା ଦିନର ଶେଷରେ ପରଫେକ୍ଟ ହଟୱାଟର ସହ ଆରାମ କରିବାଠୁ ଅନ୍ୟ କୌଣସି ଭଲ ପ୍ରତିକାର ନାହିଁ। ୮୦ବର୍ଷରୁ ଅଧିକ ଉନ୍ନତ କାର୍ଯ୍ୟଦକ୍ଷତା ଆଣିବା ଏବଂ ନିଜର ଗ୍ରାହକଙ୍କ ପାଇଁ ଏହାର ସ୍ମାର୍ଟ ଉଦ୍ଭାବନକୁ ବୃଦ୍ଧି କରି କ୍ରମ୍ପଟନ ଗ୍ରୀଭ୍‌ସ କଞ୍ଜ୍ୟୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ ଏହାର ସ୍ମାର୍ଟ ଷ୍ଟୋରେଜ ୱାଟରହିଟର ଶୃଙ୍ଖଳା ସେଲେରିୟମ କ୍ୟୁବ୍ ଆଇଓଟି ଏବଂ ସେଲେରିୟମ କେୟାରକୁ




ନିକଟରେ ବଜାର ପ୍ରବେଶ କରାଇଛି। ସେମାନଙ୍କର ଉଚ୍ଚ ମାନ୍ୟତା ଏବଂ ପ୍ରଶଂସନୀୟ ସେଲେରିୟମ ପରିସରରୁ ନୂତନ ଉନ୍ନତ ୱାଟରହିଟର ଆପଣଙ୍କ ଆଙ୍ଗୁଠିରେ ସୁବିଧା ପ୍ରଦାନ କରିବାକୁ ବିଭିନ୍ନ ପ୍ରକାରର ଅଭିନବ ବୈଶିଷ୍ଟ୍ୟ ସହ ଏକ ଶୈଳୀର ସ୍ପର୍ଶ ସହିତ ସ୍ମାର୍ଟପଣ ଆଣିଥାଏ।

ଏ ସମ୍ପର୍କରେ କ୍ରମ୍ପଟନ ଗ୍ରୀଭ୍‌ସ କଞ୍ଜ୍ୟୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡର ଉପାଧ୍ୟକ୍ଷ, (ଉପକରଣ ବ୍ୟବସାୟ) ସଚିନ ଫର୍ଟିୟାଲ କହିଛନ୍ତି, ୱାଟରହିଟର ପ୍ରତ୍ୟେକ ଘରେ ଏକ ଅତ୍ୟାବଶ୍ୟକ ଉପକରଣ।

# ଜୁନରେ ୧୮.୩୬ ଲକ୍ଷ ନୂଆ ସଦସ୍ୟ

**ନୂଆଦିଲ୍ଲୀ,୨୧।୮**

କର୍ମଚାରୀ ଭବିଷ୍ୟନିଧି ସଙ୍ଗଠନ (ଇପିଏଫ୍‌ଓ)ର ସଦସ୍ୟ ସଂଖ୍ୟା ପୂର୍ବାପେକ୍ଷା ଅଧିକ ବୃଦ୍ଧି ପାଉଛି। କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ସୂଚନା ଅନୁସାରେ, ଚଳିତବର୍ଷ ଜୁନରେ ଇପିଏଫ୍‌ଓରେ ୧୮.୩୬ ଲକ୍ଷ ନୂଆ ସଦସ୍ୟ ଯୋଡ଼ି ହୋଇଛନ୍ତି। ଏପରିକି ଗତବର୍ଷ ଜୁନ ତୁଳନାରେ ପ୍ରାୟ ୪୩% ଅଧିକ ବୋଲି କୁହାଯାଇଛି। ୨୦୨୧ ଜୁନରେ ଏହି ସଂଖ୍ୟା ୧୨.୮୩ ଲକ୍ଷ ରହିଥିଲା। ସେହିଭଳି ଚଳିତବର୍ଷ ମେ' ମାସ ହିସାବକୁ ଦେଖିଲେ ଯୋଡ଼ି ହୋଇଥିବା ମୋଟ ସଦସ୍ୟଙ୍କ ସଂଖ୍ୟା ୨୦୨୨ ଜୁନରେ ୯.୨୧% ବୃଦ୍ଧି ପାଇଛି। ୨୦୨୨ ଏପ୍ରିଲଠାରୁ ନୂତନ ସଭ୍ୟ ଯୋଗଦେବା ଧାରାରେ ବୃଦ୍ଧି ପରିଲକ୍ଷିତ ହୋଇଛି। ପ୍ରାୟ ୭.୮୨ ଲକ୍ଷ ସଦସ୍ୟ ଚାକିରି ପରିବର୍ତ୍ତନ ସତ୍ତ୍ୱେ ଇପିଏଫ୍‌ଓରେ ପୁନଃ ଯୋଗଦେଇ ତାଙ୍କ ପୂର୍ବ ଭବିଷ୍ୟନିଧି ପାଣ୍ଠିକୁ ଅର୍ଥ ହସ୍ତାନ୍ତର କରିଛନ୍ତି। ମାତ୍ର ସେମାନେ ଭବିଷ୍ୟନିଧି ପାଣ୍ଠିରୁ ଚୂଡ଼ାନ୍ତ ଅର୍ଥ କାଢ଼ିନାହାନ୍ତି। ନୂତନ ଭାବେ ସାମିଲ ହୋଇଥିବା ସଦସ୍ୟମାନଙ୍କ ସଂଖ୍ୟା ଗତ ଆର୍ଥିକ ବର୍ଷର ଏଇମାସ ତୁଳନାରେ ଅଧିକ ରହିଛି।

# ଏମ୍‌ଡି ଭାବେ ବିଜୟ ଶେଖରଙ୍କ ପୁନଃ ନିଯୁକ୍ତି

**ନୂଆଦିଲ୍ଲୀ,୨୧।୮**

ପେଟିଏମ୍‌ର ସହ ପ୍ରତିଷ୍ଠାତା ବିଜୟ ଶେଖର ଶର୍ମା ପୁଣି ଥରେ ଫିନଟେକ୍ କମ୍ପାନୀର ସିଇଓ ଏବଂ ଏମ୍‌ଡି ଭାବେ ନିଯୁକ୍ତ ହୋଇଛନ୍ତି। ପେଟିଏମ୍‌ର ପେରେଣ୍ଟ କମ୍ପାନୀ ୱାନ୍ ୯୭ କମ୍ୟୁନିକେଶନ ଲିଃ. ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଏହାର ୯୯.୬୭% ଶେୟାର ହୋଲ୍ଡର ଶେଖର ଶର୍ମାଙ୍କୁ ପୁଣି ଥରେ ବା ଆଗାମୀ ୫ବର୍ଷ ପାଇଁ କମ୍ପାନୀର ଏମ୍‌ଡି କରିବା ପ୍ରସ୍ତାବ ପକ୍ଷରେ ଭୋଟ ଦେଇଛନ୍ତି। ଏହି ନିଷ୍ପତ୍ତି ପରେ ତାଙ୍କ କାର୍ଯ୍ୟକାଳ ୨୦୨୨ ଡିସେମ୍ବର ୧୯ରୁ ୨୦୨୭ ଡିସେମ୍ବର ୧୮ଯାଏ ରହିବ। ଏ ସମ୍ପର୍କରେ କମ୍ପାନୀ କହିଛି, ଏ ନେଇ ସମସ୍ତ ସାତ ପ୍ରସ୍ତାବ ସହ ୯୪%ରୁ ଅଧିକ ଭୋଟର ସମର୍ଥନ ଦେଇଛନ୍ତି। ଅପରପକ୍ଷରେ ଆସନ୍ତା ୩ବର୍ଷ ପାଇଁ




ବିଜୟ ଶେଖର ଶର୍ମା

ଶେଖର ଶର୍ମାଙ୍କ ବେତନ, କାର୍ଯ୍ୟକାରୀ ନିର୍ଦ୍ଦେଶକ, ସଭାପତି ଏବଂ ମୁଖ୍ୟ ଆର୍ଥିକ ଅଧିକାରୀ ଭାବେ ମଧୁର ଦେୱଡାଙ୍କ ପୁନଃ ନିଯୁକ୍ତି, ପ୍ରାରମ୍ଭିକ ନିବେଶକଙ୍କ ଏଲିଭେଶନ କ୍ୟାପିଟାଲର କୋ-ମ୍ୟାନେଜିଂ ପାର୍ଟନର ରବି ଆଦୁସୁମଲ୍ଲୀଙ୍କୁ କମ୍ପାନୀର ନିର୍ଦ୍ଦେଶକ ଭାବେ ନିଯୁକ୍ତି ସାମିଲ ରହିଛି। ଏପରିକି ଏଜିଏମ୍‌ରେ ମଧ୍ୟ ଏହା ଉପରେ ଚର୍ଚ୍ଚା ହୋଇନଥିଲା।

## ଫୁରସତ

# ସୋସିଆଲ ମିଡିଆଠାରୁ ଦୂରରେ ହଲିଉଡ୍



ସେଲେନା ଗୋମେଜ

**ୱାଶିଂଟନ**

ଯୁବପିଢ଼ିଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପାଇଁ ସୋସିଆଲ ମିଡିଆ ବରଦାନ ପାଲଟିଛି। ଏହା ଜରିଆରେ ପିଲା ପାଠ ପଢ଼ିବା ସହ ବିଭିନ୍ନ କ୍ଷେତ୍ରରେ ବ୍ୟକ୍ତିବିଶେଷମାନେ ନିଜ ପାରଦର୍ଶିତା ଦେଖାଇ ଲୋକ ଲୋଚନକୁ ଆସିପାରିଛନ୍ତି। ଅନେକ ଲୋକ ବିଭିନ୍ନ ସାମାଜିକ ଗଣମାଧ୍ୟମ ଜରିଆରେ କୋଟିପତି ହେଉଥିବାର ନଜିର ମଧ୍ୟ ରହିଛି। କିନ୍ତୁ ଲୋକପ୍ରିୟ ସେଲିବ୍ରିଟି ଏବେ ସୋସିଆଲ ମିଡିଆରୁ ବିମୁଖ ହେବାରେ ଲାଗିଛନ୍ତି। ଏହା ଜରିଆରେ ସେମାନଙ୍କ ମାନସିକ ଦୁଶ୍ଚିନ୍ତା ବଢ଼ିଥିବା କୁହାଯାଉଛି। ହଲିଉଡ୍‌ର ଏମିତି କେତେଜଣ ଲୋକପ୍ରିୟ କଳାକାରଙ୍କ ବିଷୟରେ ଜାଣିବା, ଯେଉଁମାନେ ସୋସିଆଲ ମିଡିଆଠାରୁ ବହୁ ଦୂରରେ ନିଜକୁ ରଖିଛନ୍ତି।

**ଟମ୍ ହୋଲାଣ୍ଡ:** ନିକଟରେ ହଲିଉଡ୍ ଅଭିନେତା ଟମ୍ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରିଥିଲେ, ଯେଉଁଥିରେ ସେ ସୋସିଆଲ ମିଡିଆରୁ ବିରତି ନେଉଥିବା ଜଣାଇଥିଲେ। ଇନ୍‌ଷ୍ଟାଗ୍ରାମ ଓ ଟୁଇଟର ତାଙ୍କୁ ମାନସିକ ଅଶାନ୍ତି ଦେଉଥିବା ଜାରି ଭିଡିଓରେ ସେ କହିଥିଲେ। ବିଭିନ୍ନ ଫଟୋ ଓ ଭିଡିଓରେ ତାଙ୍କ ନାମରେ କରାଯାଉଥିବା ନକାରାତ୍ମକ କମେଣ୍ଟ ତାଙ୍କୁ ବିଶେଷ ଭାବେ ପ୍ରଭାବିତ କରୁଥିବା ସେ କହିଥିଲେ।

**ସେଲେନା ଗୋମେଜ:** ସାମାଜିକ ଗଣମାଧ୍ୟମ ବର୍ତ୍ତମାନ ସମୟରେ ମିଥ୍ୟା ଖବର ପ୍ରସାର କରିବାର ଏକ ପ୍ରମୁଖ ମାଧ୍ୟମ ପାଲଟିଥିବା ସେଲେନା କହିଛନ୍ତି। ସେ ଯୁବପିଢ଼ି ନିଜକୁ ଏହାଠାରୁ ନିବୃତ୍ତ କରି ରଖିବା ଆବଶ୍ୟକ। ଯୁବପିଢ଼ିଙ୍କ ପାଇଁ ଏହା ବିପଜ୍ଜନକ ସାବ୍ୟସ୍ତ ହେବ ବୋଲି ନିଜର ଏକ ସାକ୍ଷାତକାରରେ ସେଲେନା କହିଛନ୍ତି। ହଲିଉଡର ଅନ୍ୟ କଳାକାରଙ୍କ ତୁଳନାରେ ସେଲେନାଙ୍କ ସୋସିଆଲ ମିଡିଆ ଫଲୋୟର୍ସ ଖୁବ୍ ବେଶି। ହଲିଉଡ୍‌ର ସବୁଠାରୁ ଅଧିକ ଫଲୋୟର୍ସ ଥିବା ସେଲିବ୍ରିଟି ହେଉଛନ୍ତି ସେଲେନା।

**ମିଲି ବବୀ ବ୍ରାଉନ୍:** ସୋସିଆଲ ମିଡିଆ ବିଶ୍ୱର ସବୁଠାରୁ ଉତ୍ତମ ମାଧ୍ୟମ ହେବା ସହ ଏହା ବହୁଳ ପ୍ରଚଳିତ ଏକ ହାନିକାରକ ମାଧ୍ୟମ। ମିଲି ନିଜ ଟୁଇଟର ପୋଷ୍ଟ ପାଇଁ ଅତି ଶୋଚନୀୟ ଭାବେ ଟ୍ରୋଲର ଶିକାର ହୋଇଥିଲେ।

**ଲିଜୋ:** ବିଗତ ଦିନକୁ ଲକ୍ଷ୍ୟ କଲେ ଲିଜୋ ସୋସିଆଲ ମିଡିଆରେ ବେଶ୍ ସକ୍ରିୟ। କିନ୍ତୁ ଏକାଧିକ ଥର ସୋସିଆଲ ମିଡିଆରେ ଟ୍ରୋଲ ହେବା ପରେ ସେ ସୋସିଆଲ ମିଡିଆଠାରୁ ନିଜକୁ ଦୂର କରି ଦେଇଛନ୍ତି।

**କେନ୍ଦାଲ ଜେନର:** ମାନସିକ ସ୍ଥିତିକୁ ଶାନ୍ତି ଦେବା ପାଇଁ କେନ୍ଦାଲ ଜେନର ସୋସିଆଲ ମିଡିଆରୁ ବିରତି ନେଇଥିବା ଚର୍ଚ୍ଚା ଜୋର୍ ଧରିଛି।

**ପେଟେ ଡେଭିଡସନ୍:** ଏସ୍‌ଏନ୍‌ଏଲ୍ ଷ୍ଟାର ପେଟେ ଡେଭିଡସନ୍ ସୋସିଆଲ ମିଡିଆରେ ଯଦିଓ ଖୁବ୍ ସକ୍ରିୟ ନୁହନ୍ତି କିନ୍ତୁ ଅତି ଖୋଲା ମନରେ ସେ ଇନ୍‌ଷ୍ଟାଗ୍ରାମ ଓ ଟୁଇଟରରେ ବିଭିନ୍ନ ସମୟରେ ଫଟୋ ଓ ଭିଡିଓ ପୋଷ୍ଟ କରନ୍ତି। ୨୦୧୮ରେ ଗର୍ଲଫ୍ରେଣ୍ଡଙ୍କ ସହ ବ୍ରେକ୍‌ଅପର ଖବର ପ୍ରସାରିତ ହେଲା ଏବଂ ଏ ନେଇ ସେ ନେଗେଟିଭ୍ କମେଣ୍ଟର ଶିକାର ହେବ ପରେ ପେଟେ ସୋସିଆଲ ମିଡ଼ିଆ ବ୍ୟବହାର ବନ୍ଦ କରିଥିଲେ। କିନ୍ତୁ ୨୦୨୦ରେ ସେ ପୁଣିଥରେ ଟୁଇଟରରେ ସକ୍ରିୟ ହୋଇଥିଲେ।



ଟମ୍ ହୋଲାଣ୍ଡ



ମିଲି ବବୀ ବ୍ରାଉନ୍



କେନ୍ଦାଲ ଜେନର



ଲିଜୋ



ପେଟେ ଡେଭିଡସନ୍

# ଚୁମ୍ବନ କରି କଏଦୀଙ୍କ ମୃତ୍ୟୁ

**ୱାଶିଂଟନ**

ଆମେରିକା ଟେନ୍ସରେ ଥିବା ଟର୍ନି ସେଣ୍ଟର ଇଣ୍ଡଷ୍ଟ୍ରିଆଲ କମ୍ପଲେକ୍ସ ଜେଲରେ ଜଣେ କଏଦୀଙ୍କ ମୃତ୍ୟୁ ଅତି ଆଶ୍ଚର୍ଯ୍ୟ ଜନକ ଭାବେ ହୋଇଛି। କଏଦୀ ଜୋସୁଆ ବ୍ରାଉନ୍‌ଙ୍କୁ ଭେଟିବା ପାଇଁ ତାଙ୍କ ବାନ୍ଧବୀ ରାଚଲ ଡୋଲାର୍ଡ ଯାଇଥିଲେ। ଦେଖା କରିବା ସମୟରେ ସେ ଜୋସୁଆଙ୍କୁ କିସ୍ କରିଥିଲେ। ଭେଟର କିଛି ସମୟ ମଧ୍ୟରେ ହିଁ ଜୋସୁଆଙ୍କ ମୃତ୍ୟୁ ହୋଇଯାଇଥିଲା। ପୋଷ୍ଟମର୍ଟମ ରିପୋର୍ଟ ଅନୁସାରେ ମୃତ୍ୟୁର କାରଣ ଡ୍ରଗ୍ସର ଓଭର ଡୋଜ୍ ଥିଲା। ଜେଲ୍ ଭିତରେ ଡ୍ରଗ୍ସ ଉପଲବ୍ଧ ନ ଥିବାବେଳେ ରାଚଲଙ୍କ ଉପରେ ପୋଲିସର ସନ୍ଦେହ ହୋଇଥିଲା। ସୂଚନାଯୋଗ୍ୟ ରାଚେଲ ଯେତେବେଳେ ଜୋସୁଆଙ୍କୁ ଭେଟିବାକୁ ଆସିଥିଲେ ସେ ପାଟିରେ ମେଥାମେଟାମାଇନ୍ ଡ୍ରଗ୍ସ ଲୁଚାଇ ଆଣିଥିଲେ। କିସ୍ କରିବା ସମୟରେ ରାଚଲ ଜୋସୁଆଙ୍କ ପାଟିରେ ସେହି ଡ୍ରଗ୍ସକୁ ଦେଇଥିଲେ, ଯାହାକୁ ସେ ଏକ କାଳୀନ ଗିଳିଦେଇଥିଲେ।



ଏହାପରେ ଡ୍ରଗ୍ସର ଓଭର ଡୋଜ୍ କାରଣରୁ ତାଙ୍କ ମୃତ୍ୟୁ ହୋଇଥିବା ଖବର ପ୍ରକାଶ ପାଇଛି। ପୋଲିସ ସମ୍ପୃକ୍ତ ମହିଳା ରାଚଲ ଡୋଲାର୍ଡଙ୍କୁ ଗିରଫ କରି ନେଇଛି। ଡ୍ରଗ୍ସ ଚୋରା ଚାଲାଣ ଓ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ପୋଲିସ ରାଚଲଙ୍କ ବିରୋଧରେ ମାମଲା ରୁଜୁ କରିଛି।

# ଜଗୁଆଳିଙ୍କୁ ଦୁର୍ବ୍ୟବହାର କରି ମହିଳା ଗିରଫ

**ନୂଆଦିଲ୍ଲୀ:** ଜଣେ ମହିଳା ସିକ୍ୟୁରିଟି ଗାର୍ଡଙ୍କୁ ଅଶାଳୀନ ବ୍ୟବହାର କରୁଥିବାର ଭିଡିଓ ଭାଇରାଲ ହେବା ପରେ ପୋଲିସ ଉକ୍ତ ମହିଳାଙ୍କୁ ଗିରଫ କରିଛି। ସମ୍ପୃକ୍ତ ମହିଳା ଭବ୍ୟା ରାୟ ସିକ୍ୟୁରିଟି ଗାର୍ଡଙ୍କ ଗଳାକୁ ଜୋର୍‌ରେ ଧରି ତାଙ୍କୁ ଧମକାଉ ଥିବା ଜାରି ଭିଡିଓରେ ଦେଖିବାକୁ ମିଳିଛି। ଅଭଦ୍ର ଭାଷାରେ ଭବ୍ୟା ଗାର୍ଡଙ୍କୁ ଗାଳି କରୁଥିବାର ମଧ୍ୟ ଦେଖିବାକୁ ମିଳିଛି। ଘଟଣା ସ୍ଥଳରେ ଥିବା ଅନ୍ୟ ସିକ୍ୟୁରିଟି ଗାର୍ଡ ମହିଳାଙ୍କୁ ଏ ପରିକାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ କହିଥିଲେ ସୁଦ୍ଧା ସେ ସିକ୍ୟୁରିଟି ଗାର୍ଡଙ୍କ କଲାର ଧରି ତାଙ୍କୁ ଧମକାଚମକା କରିଥିଲେ। ତେବେ ଗେଟ୍ ଖୋଲିବାରେ ବିଳମ୍ବ ହେବା ନେଇ ସମ୍ପୃକ୍ତ ମହିଳା ଜଣକ ହଠାତ୍ ରାଗିଯିବା ସହ ସିକ୍ୟୁରିଟି ଗାର୍ଡଙ୍କୁ ଦୁର୍ବ୍ୟବହାର କରିଥିଲେ। ଘଟଣା ପରେ ସିକ୍ୟୁରିଟି ଗାର୍ଡ ଜଣକ ଚାକିରି ଛାଡ଼ି ଦେଇଥିବା କଥା କହିଥିବାବେଳେ ଏ ନେଇ ପୋଲିସ ମହିଳାଙ୍କ ବିରୋଧରେ ମାମଲା ରୁଜୁ କରିଛି। ମହିଳାଙ୍କୁ ଗିରଫ ଯାଇଥିବାବେଳେ ତାଙ୍କ ଗାଡ଼ିକୁ ଥାନାରେ ଅଟକ ରଖାଯାଇଥିବା ପୋଲିସ କହିଛି।

ମନେ ପଡ଼ନ୍ତି
ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ସନତ କୁମାର ମହାପାତ୍ର
ସ୍ଥାନ: ଓଲ୍ଡ ଟାଉନ୍, ହରଚଣ୍ଡୀ ସାହି, ଭୁବନେଶ୍ୱର
ଆବିର୍ଭାବ-୦୪।୧୨।୧୯୬୯
ତିରୋଧାନ- ୧୧।୦୮।୨୦୨୨
ଆପଣଙ୍କ ଏମିତି ଚାଲିଯିବା ମନକୁ ବିଶ୍ୱାସ କରି ହେଉନି। ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରିବୁ। ଆପଣ ଦେଇଥିବା ଭଲପାଇବା, ସ୍ନେହ, ଶ୍ରଦ୍ଧାକୁ ପାଥେୟ କରି ଆଉ ଯେତେ ପଥ ଅଛି ଚାଲିବାକୁ ଚେଷ୍ଟା କରିବୁ। କେବଳ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ଭକ୍ତିପୂତ ନିବେଦନ।
ଶୋକସନ୍ତପ୍ତ: ସ୍ତ୍ରୀ: ଟୁନି, ଝିଅ: ସୋନୁ, ପିନୁ, ଝିଆରୀ: ରୋଜା, ମୋନା, ପୁତୁରା: ରାଜା, ଗୁନୁ, ଶିବୁ, ବନ୍ଧୁ ଓ ପରିବାରବର୍ଗ।
ଧ-୧୩୦୩

# ଦ୍ୱିତୀୟ ବିବାହ କଲେ ଶେରିଲ

**ୱାଶିଂଟନ**

ମେଟାର ପୂର୍ବତନ ଚିଫ୍ ଅପରେଟିଂ ଅଫିସର (ସିଓଓ) ଶେରିଲ ସାଣ୍ଡବର୍ଗ ଆମେରିକାର ବିଜ୍‌ନେସ୍‌ମ୍ୟାନ୍ ଟମ୍ ବର୍ନଥାଲ୍‌ଙ୍କୁ ବିବାହ କରିଛନ୍ତି। ଆମେରିକାର ୱିଓମିଙ୍ଗରେ ଶନିବାର ଶେରିଲ ଓ ଟମ୍‌ଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଟମ୍ ପୂର୍ବରୁ ଏନ୍‌ସିବି ନ୍ୟୁଜ୍ ଚାନେଲରେ ନ୍ୟୁଜ୍ ପ୍ରଡ୍ୟୁଶର ଭାବେ କାର୍ଯ୍ୟ କରୁଥିବାବେଳେ କନ୍‌ସଲ୍ଟିଂ ଫାର୍ମ କେଲଟୋନ ଗ୍ଲୋବାଲର ସେ ସଂସ୍ଥାପକ। ହଲିଉଡ୍ ଆକ୍ଟର ଜନ୍ ବର୍ନଥେଲାଙ୍କ ଭାଇ ଟମ୍ ବିବାହକୁ ନେଇ ଉତ୍ସାହିତ ଥିବା ସହ ବହୁ ଦିନର ସ୍ୱପ୍ନ ପୂରା ହୋଇଥିବା ସେ କହିଛନ୍ତି। ପୂର୍ବରୁ ଶେରିଲ ସର୍ଭେମଙ୍କି ସିଇଓ ଡେଭ୍ ଗୋଲ୍ଡବର୍ଗଙ୍କୁ ବିବାହ କରିଥିଲେ। ୨୦୧୫ରେ ଡେଭ୍‌ଙ୍କ ମୃତ୍ୟୁ ପରେ ଶେରିଲ ଟମ୍‌ଙ୍କ ସହ ସମ୍ପର୍କରେ ଆସିଥିଲେ। ସେହିପରି ପୂର୍ବରୁ ଟମ୍‌ଙ୍କ ବିବାହ ବିଚ୍ଛେଦ ହୋଇସାରିଛି। ଚଳିତ ବର୍ଷ ଶେରିଲ ମେଟା କମ୍ପାନୀର ସିଓଓ ପଦରୁ ଇସ୍ତଫା ଦେଇଥିଲେ। ଏହାପରେ ଜାଭିଅର ଓଲିଭାନ ତାଙ୍କ ସ୍ଥାନ ନେଇଛନ୍ତି।



# ରକ୍ତ ସଞ୍ଚାଳନକୁ ସନ୍ତୁଳିତ ରଖେ ହଳଦୀ

ହଳଦୀରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ପାଚନକ୍ରିୟାକୁ ଆହୁରି ସକ୍ରିୟ କରିଥାଏ। କେବଳ ସେତିକି ନୁହେଁ, ଜଣେ ଡାଇବେଟିସ୍ ରୋଗୀ ଏହାକୁ ଖାଦ୍ୟ ତାଲିକାରେ ସାମିଲ କଲେ ରକ୍ତରେ ସୁଗାର ପରିମାଣ କେତେକାଂଶରେ ସନ୍ତୁଳିତ ରହିଥାଏ। ସବୁଠାରୁ ଖାସ୍ କଥା ହେଲା ଏଥିରେ 'କୁରୁକୁମିନ୍' ନାମକ ତତ୍ତ୍ୱ ରହିଛି, ଯାହା ରକ୍ତ ସଞ୍ଚାଳନକୁ ଠିକ୍ ରଖିଥାଏ। ତା' ସହ ରକ୍ତଚାପକୁ



ଅନେକାଂଶରେ ସନ୍ତୁଳିତ ରଖିବାରେ ସହାୟକ ହୋଇଥାଏ ହଳଦୀ। ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ହଳଦୀରେ ଆଣ୍ଟିଅକ୍ସିଡାଣ୍ଟ ପିଗ୍‌ମେଣ୍ଟ ରହିଛି, ଯାହା ଆମ ଚର୍ମ କୋଷଗୁଡ଼ିକୁ ସୂର୍ଯ୍ୟକିରଣରୁ ରକ୍ଷା କରିଥାଏ। ମସ୍ତିଷ୍କ ବିକାଶରେ ଏହା କେତେକାଂଶରେ ସାହାଯ୍ୟ କରିଥାଏ। ଆଲଜିମର୍ସ ରୋଗୀଙ୍କ ପାଇଁ ହଳଦୀ ମଧ୍ୟ ଉପକାରୀ ସାବ୍ୟସ୍ତ ହୋଇଥାଏ। ଆର୍ଥ୍ରାଇଟିସ ସମସ୍ୟାରୁ ଏହା ମଧ୍ୟ ଉପଶମ ଦେଇଥାଏ। ଏହାକୁ ଖାଇବା ଦ୍ୱାରା ଓଜନ ସନ୍ତୁଳିତ ରହିଥାଏ।

# ଅତ୍ୟଧିକ ପେନ୍‌କିଲର ଓ ହୃଦ୍‌ଘାତ

ଆଜିକାଲି କେତେକ ରୋଗରୁ ଆରୋଗ୍ୟଲାଭ କରିବାକୁ ପେନ୍‌କିଲର ଖାଇବାକୁ ପଡୁଛି। ହେଲେ ଏପରି ଔଷଧ ଖାଇବା ପୂର୍ବରୁ ଡାକ୍ତରଙ୍କ ସହ ରୋଗ ବିଷୟରେ ପରାମର୍ଶ କରନ୍ତୁ। କେଉଁ ରୋଗ ପାଇଁ କି ପ୍ରକାର ଔଷଧ ଖାଇବାକୁ ପଡ଼ିବ ତାହା ସେ ନିର୍ଦ୍ଧାରଣ କରି ପ୍ରେସ୍‌କ୍ରିପ୍‌ସନରେ ଉଲ୍ଲେଖ କରିଥାଆନ୍ତି, ସେହି ଅନୁସାରେ ଆମକୁ ଔଷଧ ଖାଇବାକୁ ପଡ଼ିଥାଏ। ଯଦି ଆପଣ ଆବଶ୍ୟକଠାରୁ ଅଧିକ ପେନ୍‌କିଲର ଖାଉଛନ୍ତି, ତେବେ ତାହା ହୃଦ୍‌ଜନିତ ସମସ୍ୟାର କାରଣ ସାଜିପାରେ ବୋଲି ବୋଷ୍ଟନ ୟୁନିଭର୍ସିଟିର ହୃଦ୍‌ଶଲ୍ୟ ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ପ୍ରାୟ ଅଧିକାଂଶ ସମୟ ପେନ୍‌କିଲର ଖାଉଥିବା କେତେକ ବ୍ୟକ୍ତିଙ୍କର ହୃତ୍‌ପିଣ୍ଡ ପରୀକ୍ଷା କରି ସେମାନେ ଏ ବିଷୟରେ ଜାଣିପାରିଥିଲେ। ତେଣୁ ଜଣେ ବ୍ୟକ୍ତି ଡାକ୍ତରଙ୍କ ପରାମର୍ଶ ବିନା ଏପରି ଔଷଧ ଖାଇବା ଠିକ୍ ନୁହେଁ ବୋଲି ସେମାନେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।



# ଧ୍ରୁବତାରା ରହସ୍ୟ



ନିକୁଞ୍ଜ ବିହାରୀ ସାହୁ

ପୃଥିବୀର ଅକ୍ଷକୁ ଉତ୍ତରକୁ ବଢ଼ାଇଲେ ତାହା ଯେଉଁ ବିନ୍ଦୁରେ ଆକାଶଗୋଳକୁ ସ୍ପର୍ଶ କରେ ତାହାକୁ ଆକାଶର ଧ୍ରୁବ କହନ୍ତି। ପୃଥିବୀ ନିଜ ଅକ୍ଷ ଚାରିପଟେ ଘୂରିବା ଦ୍ୱାରା ସବୁତାରା ଦୈନିକ ଆକାଶରେ ବୃତ୍ତାକାର ପଥରେ ଗତି କରୁଥିବାର ଜଣାପଡ଼ନ୍ତି। ଆକାଶଗୋଳର ବିଶୁବରେଖା ନିକଟରେ ଥିବା ତାରାଗୁଡ଼ିକ ବଡ଼ ବଡ଼ ବୃତ୍ତରେ ଗତି କରୁଥିଲାବେଳେ ଉଭୟ ଧ୍ରୁବ ନିକଟସ୍ଥ ତାରାସବୁ କ୍ଷୁଦ୍ରାକୃତି ବୃତ୍ତରେ ଘୂରିଥାନ୍ତି। ରାତ୍ରି ଆକାଶର ଏହି ଚିରାଚରିତ ଗତିଶୀଳ ପୃଷ୍ଠ ଉପରେ ଠିକ୍ ଧ୍ରୁବ ଉପରେ ଥିବା ଏକ ତାରା ହିଁ ସ୍ଥିର ରହିଥାଏ। ଏହାକୁ ଧ୍ରୁବତାରା କହନ୍ତି।

ଧ୍ରୁବତାରା ଏକ ସ୍ଥିର ତାରା ହୋଇଥିବାରୁ କେଉଁ ଆବହମାନ କାଳରୁ ସମୁଦ୍ରଗାମୀ ନାବିକମାନେ ରାତିରେ ଏହାକୁ ଲକ୍ଷ୍ୟକରି ବିଶାଳ ସମୁଦ୍ରରେ ଦିଗ ନିରୂପଣ କରିଆସୁଛନ୍ତି। କୌଣସି ସ୍ଥାନରେ ଧ୍ରୁବତାରାର କୌଣିକ ଉନ୍ନତି ହିଁ ସେହି ସ୍ଥାନର ଅକ୍ଷାଂଶ। ଫଳରେ ନାବିକ ଧ୍ରୁବତାରା ସାହାଯ୍ୟରେ ମଧ୍ୟ ନିଜର ଅବସ୍ଥାନ ନିରୂପଣ କରିପାରେ।

ଆମ ପୁରାଣ ଅନୁସାରେ ଧ୍ରୁବଲୋକ ଭଗବାନ ବିଷ୍ଣୁଙ୍କର ପ୍ରିୟ ଭକ୍ତ ଧ୍ରୁବଙ୍କର ଆସ୍ଥାନ। ଧ୍ରୁବ ସ୍ୱୟଂଭୁବ ମନୁଙ୍କ ସନ୍ତାନ ରାଜା ଉତ୍ତାନପାଦଙ୍କ ପୁତ୍ର। ବିମାତାଙ୍କ ଦ୍ୱାରା ଲାଞ୍ଛିତ ହେଲାପରେ ବାଳକ ଧ୍ରୁବ ସଂସାର ପ୍ରତି ବୀତସ୍ପୃହ ହୋଇ ବିଷ୍ଣୁଙ୍କୁ ଧ୍ୟାନ କରେ। ବିଷ୍ଣୁ ତା' ଭକ୍ତିରେ ସନ୍ତୁଷ୍ଟ ହୋଇ ମୃତ୍ୟୁ ପରେ ତାକୁ ଧ୍ରୁବଲୋକରେ ଅବସ୍ଥାନ କରିବା ନିମନ୍ତେ ବର ପ୍ରଦାନ କରନ୍ତି। ତପ୍ତରେ ଧ୍ରୁବ ରାଜ୍ୟକୁ ଫେରିଯାଇ ପ୍ରଜାମାନଙ୍କ ଦ୍ୱାରା ବିପୁଳ ଅଭିନନ୍ଦିତ ହୁଅନ୍ତି ଓ ସୁଖରେ ପ୍ରଜାପାଳନ କରନ୍ତି। ପ୍ରାପ୍ତ ବର ଅନୁସାରେ, ସେ ନିଜର ମୃତ୍ୟୁ ଅନ୍ତେ ଧ୍ରୁବଲୋକରେ ଅବସ୍ଥାନପୂର୍ବକ ଲୋକମାନଙ୍କୁ ଦିଗ ଓ ଅକ୍ଷାଂଶ ଚିହ୍ନେଇବାରେ ସାହାଯ୍ୟ କରିଆସୁଛନ୍ତି।

ଧ୍ରୁବର ଅର୍ଥ ହେଉଛି ଚିରନ୍ତନ ସତ୍ୟ। ଆମ ପୁରାଣ ବିଶ୍ୱାସ କରେ ଯେ, ଧ୍ରୁବଲୋକ ସର୍ବଦା ସ୍ଥିର ତଥା ଅପରିବର୍ତ୍ତନୀୟ ଏବଂ ଏପରି କି ସେଠାରେ ଜନ୍ମ, ମୃତ୍ୟୁ, ଜରା, ବ୍ୟାଧି ନାହିଁ। ମାତ୍ର ଏହା କ'ଣ ସତ୍ୟ କି? ବାସ୍ତବରେ ଏହା ସତ୍ୟ ନୁହେଁ। କାରଣ, ପୃଥିବୀ ନିଜ ଅକ୍ଷ ଚାରିପଟେ ଘୂରିବା ସଙ୍ଗେସଙ୍ଗେ ଏହାର ଅକ୍ଷ ମଧ୍ୟ ଏକ ଶଙ୍କୁ ଆକାର ପ ଥ ରେ ଧୀରେ

"ବର୍ତ୍ତମାନ ଯେଉଁ ତାରାଟି ଆମର ଉତ୍ତର ଧ୍ରୁବ ନିକଟରେ ଅଛି, ତା'କୁ ସାଧାରଣତଃ ଧ୍ରୁବତାରା କୁହାଯାଉଥିଲେ ସୁଦ୍ଧା ଏହାର ପ୍ରକୃତ ନାମ ପୋଲାରିସ୍। ଏହା କିନ୍ତୁ ଠିକ୍ ଧ୍ରୁବ ଉପରେ ନ ରହି ବରଂ ଧ୍ରୁବଠାରୁ ୧୦ ଡିଗ୍ରୀ କୋଣରେ ଛାଡ଼ିକରି ରହିଛି। ଫଳରେ ଏହା ମଧ୍ୟ ଅନ୍ୟ ତାରାଙ୍କ ଭଳି ଧ୍ରୁବ ଚାରିପଟେ ଘୂରିଥାଏ। ଅବଶ୍ୟ ଏହା ଏତେ ଛୋଟ ବୃତ୍ତରେ ଘୂରେ ଯେ ତାହା ଆମକୁ ଜଣା ନ ପଡ଼ି ତାରାଟି ସ୍ଥିର ରହିଲା ପରି ଦେଖାଯାଏ।"



ଧୀରେ ଅଗ୍ରସର ହେଉଥାଏ। ଏହାର କାରଣ ହେଲା, ପୃଥିବୀ ନିଜର ବିଶୁବରେଖାଠାରେ ଅଧିକ ସ୍ଫୀତ ହୋଇଥିବାରୁ ଏହି ଅଂଶ ଉପରେ ସୂର୍ଯ୍ୟ ଓ ଚନ୍ଦ୍ରର ଏକ ଅତିରିକ୍ତ ମିଳିତ ଆକର୍ଷଣ ବଳ କାର୍ଯ୍ୟକାରୀ ହୁଏ, ଯାହା ପୃଥିବୀର ଅକ୍ଷକୁ ବିସ୍ଥାପିତ କରିବା ପାଇଁ ଚେଷ୍ଟା କରେ। ଗତିବିଜ୍ଞାନର ନିୟମ ଅନୁଯାୟୀ, କୌଣସି ଘୂର୍ଣ୍ଣାୟମାନ ବସ୍ତୁର ଅକ୍ଷକୁ ବିସ୍ଥାପିତ କରିବା ପାଇଁ ଏକ ବଳ ପ୍ରଯୁକ୍ତ ହେଲେ ଏହାର ଅକ୍ଷ ତା'ର ପ୍ରତିରୋଧ କରି

ଏକ ଶଙ୍କୁ ଆକାର ପଥରେ ଘୂରିଥାଏ। ଏହାକୁ 'ପ୍ରିସେସନ ଗତି' କହନ୍ତି।

ପୃଥିବୀ ଅକ୍ଷର ଏହି ପ୍ରିସେସନ ଗତି ଯୋଗୁ ଏହାର ଅକ୍ଷ ବିଭିନ୍ନ ସମୟରେ ଆକାଶର ଭିନ୍ନ ଭିନ୍ନ ଦିଗକୁ ମୁହଁ କରିଥାଏ। ମାତ୍ର ପୃଥିବୀ କ୍ଷେତ୍ରରେ ଏହି ଗତି ଏତେ ମନ୍ଥର ଯେ, ଏହାର ଅକ୍ଷକୁ ଗୋଟିଏ ବୃତ୍ତ ସମ୍ପୂର୍ଣ୍ଣ ଘୂରି ଆସିବାକୁ ହେଲେ ଦୀର୍ଘ ୨୬,୦୦୦ ବର୍ଷ ସମୟ ଲାଗିଥାଏ। ଅର୍ଥାତ୍, ଏହା ବର୍ଷକୁ ମାତ୍ର ୫୦.୨ ମିନିଟ୍ କୋଣ ଅତିକ୍ରମ କରିଥାଏ, ଯାହା ୧ ଡିଗ୍ରୀଠାରୁ ମଧ୍ୟ କମ୍। ସୁତରାଂ ବିଗତ ବର୍ଷଗୁଡ଼ିକରେ ଅନେକ ତାରା ଆମ ଆକାଶଗୋଳର ଧ୍ରୁବର ନିକଟବର୍ତ୍ତୀ ହୋଇ କ୍ରମେ ଦୂରେଇ ଯାଇଛନ୍ତି।

ବର୍ତ୍ତମାନ ଯେଉଁ ତାରାଟି ଆମର ଉତ୍ତର ଧ୍ରୁବ ନିକଟରେ ଅଛି, ତାକୁ ସାଧାରଣତଃ ଧ୍ରୁବତାରା କୁହାଯାଉଥିଲେ ସୁଦ୍ଧା ଏହାର ପ୍ରକୃତ ନାମ ପୋଲାରିସ୍। ଏହା କିନ୍ତୁ ଠିକ୍ ଧ୍ରୁବ ଉପରେ ନ ରହି ବରଂ ଧ୍ରୁବଠାରୁ ୧୦ ଡିଗ୍ରୀ କୋଣରେ ଛାଡ଼ିକରି ରହିଛି। ଫଳରେ ଏହା ମଧ୍ୟ ଅନ୍ୟ ତାରାଙ୍କ ଭଳି ଧ୍ରୁବ ଚାରିପଟେ ଘୂରିଥାଏ। ଅବଶ୍ୟ ଏହା ଏତେ ଛୋଟ ବୃତ୍ତରେ ଘୂରେ ଯେ ତାହା ଆମକୁ ଜଣା ନ ପଡ଼ି ତାରାଟି ସ୍ଥିର ରହିଲା ପରି ଦେଖାଯାଏ। ପୁନଶ୍ଚ, ଆମର ଉତ୍ତର ଧ୍ରୁବ ନିକଟରେ ଅନ୍ୟ କୌଣସି ଉଜ୍ଜ୍ୱଳ ତାରା ନ ଥିବାରୁ ଏହି ପୋଲାରିସ୍ ତାରାକୁ ହିଁ ଧ୍ରୁବତାରା ରୂପେ ଧରି ନିଆଯାଇଛି।

ପୋଲାରିସ୍ ତାରାଟି ଶିଶୁମାର ନକ୍ଷତ୍ରମଣ୍ଡଳର ପୁଚ୍ଛଭାଗରେ ତଥା ସପ୍ତର୍ଷିମଣ୍ଡଳର ସମ୍ମୁଖରେ ରହିଛି। ଏହା ଏକ ଦ୍ୱିତୀୟ ଉଜ୍ଜ୍ୱଳତର ତାରା ହୋଇଥିବାରୁ ଖାଲି ଆଖିକୁ ସ୍ପଷ୍ଟ ଜଣାପଡୁ ନ ଥିଲେ ସୁଦ୍ଧା କିଟିକିଟିଆ କଳା ଅନ୍ଧାର ରାତିରେ ଏହା ଉତ୍ତର ଆକାଶରେ ଦପ୍‌ଦପ୍ ହୋଇ ଆଲୁଅ ପ୍ରଦାନ କରୁଥିବାର ଏକ ଜ୍ୟୋତିଷ୍କ ରୂପେ ବେଶ୍ ବାରି ହୋଇପଡ଼େ।

ବାସ୍ତବ କ୍ଷେତ୍ରରେ ଏହା ଦୁଇଟି ତାରାଙ୍କୁ ନେଇ ଗଠିତ। ଦ୍ୱିତୀୟ ତାରାଟି ଖାଲି ଆଖିକୁ ଦେଖାଯାଉ ନ ଥିଲେ ମଧ୍ୟ ଦୂରବୀକ୍ଷଣ ଯନ୍ତ୍ରରେ ସ୍ପଷ୍ଟ ଦେଖାଯାଏ। କୌତୂହଳର କଥା ହେଉଛି ଯେ, ଏହି ତାରାଟି ପୀତବର୍ଣ୍ଣର ଗୋଟିଏ ବିଶାଳକାୟ ନକ୍ଷତ୍ର ଯାହା ଏକ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ନିଜର ଉଜ୍ଜ୍ୱଳତା ହ୍ରାସ ବୃଦ୍ଧି କରିଥାଏ।

ଆମର ଏହି ପୋଲାରିସ୍ ଧ୍ରୁବତାରାକୁ ଚିହ୍ନିବା ଅତି ସହଜ। ଉତ୍ତର ଆକାଶରେ ଦୃଶ୍ୟ ହେଉଥିବା ପ୍ରଶ୍ନବାଚକ ଚିହ୍ନ ଆକୃତିର ସପ୍ତର୍ଷିମଣ୍ଡଳର ପ୍ରଥମ ଦୁଇଟି ତାରାଙ୍କୁ ଯୋଗକରି ପ୍ରାୟ ପାଞ୍ଚଗୁଣ ବାଟ ଆଗକୁ ଗଲେ ଏହି ତାରାଟି ପଡ଼େ। ଧ୍ରୁବତାରା ଚାରିପଟେ ସପ୍ତର୍ଷିମଣ୍ଡଳ ରାତିସାରା ଘୂରୁଥିବା ସତ୍ତ୍ୱେ ଏହାର ପ୍ରଥମ ଦୁଇଟି ତାରା ସଦାସର୍ବଦା ଧ୍ରୁବତାରାକୁ ନିର୍ଦ୍ଦେଶ କରିଥାନ୍ତି। ପୁରାଣରେ ବର୍ଣ୍ଣିତ ଅଛି ଯେ, ସପ୍ତର୍ଷିମଣ୍ଡଳରେ ଅଧିଷ୍ଠିତ ସାତଜଣ ପ୍ରାଚୀନ ଋଷି ଧ୍ରୁବଙ୍କୁ ଧ୍ୟାନପୂର୍ବକ ରାତିସାରା ପ୍ରଦକ୍ଷିଣ କରିଥାନ୍ତି। ପୁନଶ୍ଚ, ସପ୍ତର୍ଷିମଣ୍ଡଳ ସାତୋଟି ଉଜ୍ଜ୍ୱଳ ତାରାଙ୍କୁ ନେଇ ଗଠିତ ଏକ ଦର୍ଶନୀୟ ନକ୍ଷତ୍ରମଣ୍ଡଳ ହୋଇଥିବାରୁ ଏହାର ଉପସ୍ଥିତି ଆମର ଏହି ଚଳିତ ଧ୍ରୁବତାରାକୁ ଅନ୍ୟ ବିଗତ ଧ୍ରୁବତାରା ଅପେକ୍ଷା ବିଶେଷ ମାନ୍ୟତା ପ୍ରଦାନ କରିଛି।

ହିସାବରୁ ଜଣାପଡ଼େ, ଏହି ତାରାଟି ପୃଥିବୀର ପ୍ରିସେସନ୍ ଗତି ଯୋଗୁ ବିସ୍ଥାପିତ ହୋଇ ଆକାଶଗୋଳର ପ୍ରକୃତ ଧ୍ରୁବ ଆଡ଼କୁ କ୍ରମଶଃ ଅଗ୍ରସର ହେଉଛି ଏବଂ ଆଗାମୀ ୨୧୦୦ ଖ୍ରୀଷ୍ଟାବ୍ଦ ବେଳକୁ ଏହା ନିକଟତର ହୋଇ ଧ୍ରୁବଠାରୁ ମାତ୍ର ୧ ଡିଗ୍ରୀ ଦୂରତା ମଧ୍ୟରେ ଅବସ୍ଥାନ କରିବ। ତା'ପରେ ଏହା କ୍ରମଶଃ ଦୂରେଇ ଯାଇ ସମୟକ୍ରମେ ଆମ ପାଇଁ ଏକ ଅନାମଧେୟ ନକ୍ଷତ୍ରରେ ପରିଣତ ହେବ। ଏହା ଅତୀତରେ କଦାପି ଆମର ଧ୍ରୁବତାରା ନ ଥିଲା। ଗଣନାରୁ ଜଣାଯାଏ, ପୀରାମିଡ୍ ସବୁର ନିର୍ମାଣ ସମୟରେ ତକ୍ଷକ ନକ୍ଷତ୍ରମଣ୍ଡଳର ଥୁବାନ୍ ନାମକ ଏକ ତାରା ସେତେବେଳର ଧ୍ରୁବତାରା ଥିଲା ଏବଂ ଏହା ଏବେ ଦୂରକୁ ଘୁଞ୍ଚିଗଲାଣି। ଆଜିଠାରୁ ପ୍ରାୟ ୧୨,୦୦୦ ବର୍ଷ ପରେ ଅଭିଜିତ୍ (Vega) ନକ୍ଷତ୍ରମଣ୍ଡଳର ଏକ ତେଜୀୟାନ ତାରା ଧ୍ରୁବତାରାର ସ୍ଥାନ ମଣ୍ଡନ କରିବ। ସୁତରାଂ ଆମର ବହୁଚର୍ଚ୍ଚିତ ଧ୍ରୁବତାରାଟି ଯେ ପ୍ରକୃତରେ ଏକ ଧ୍ରୁବ କିମ୍ବା ସ୍ଥିର ତାରା ନୁହେଁ, ଏହା ଅବିଶ୍ୱାସ ହେଲେ ମଧ୍ୟ ସତ୍ୟ!

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୦୧୮୭୦୮୮୫୮

# ସକ୍ରିୟ ରହିବ ପାଚନକ୍ରିୟା

ଆମର ପାଚନକ୍ରିୟା ସବୁବେଳେ ଠିକ୍ ଭାବେ କାର୍ଯ୍ୟ କରିବା ଦରକାର। ନ ହେଲେ ବଦହଜମି ସହ ପେଟଜନିତ ସମସ୍ୟା ଦେଖାଦେଇଥାଏ। ତେବେ ପାଚନକ୍ରିୟା କିପରି ସକ୍ରିୟ ରହିବ ସେ ନେଇ କେତୋଟି କଥାକୁ ଗୁରୁତ୍ୱ ଦେଇପାରନ୍ତି। ସବୁବେଳେ ସନ୍ତୁଳିତ ଏବଂ ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ଖାଆନ୍ତୁ। ବର୍ଷାଦିନେ ଅଧିକ ପରିମାଣରେ ସାଲାଡ୍ ଖାଆନ୍ତୁ ନାହିଁ। କାରଣ ଏହା ପାଚନକ୍ରିୟାକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ବର୍ଷାଦିନେ ବ୍ରେଡ୍‌ଜାତୀୟ ଖାଦ୍ୟ ବେଶିଦିନ ରଖନ୍ତୁ ନାହିଁ। ଏହା ଦ୍ୱାରା ସେଥିରେ ଫିମ୍ପି ହୋଇଯାଏ, ଯାହା ଶରୀର ପାଇଁ କ୍ଷତିକାରକ। ଏହି ଋତୁରେ ପାଚନକ୍ରିୟାକୁ ସକ୍ରିୟ ରଖିବା ଲାଗି ରାସ୍ତାକଡ଼ ଉଠାଦୋକାନରେ ପ୍ରସ୍ତୁତ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। କାରଣ ଏଭଳି ଖାଦ୍ୟ ପାଚନକ୍ରିୟାକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଏହି ଦିନରେ ଅଧିକ ପରିମାଣର ମାଛମାଂସ ନ ଖାଇବା ଭଲ। କାରଣ ଏଗୁଡ଼ିକର ପରିମାଣ ଅଧିକ ହେଲେ ଫୁଡ୍ ପଏଜନିଂର ଆଶଙ୍କା ରହିଛି।



# ମେଦବହୁଳତା କମାଇବା ଲାଗି..

ଆଜିକାଲି ମେଦବହୁଳତା ଏକ ସାଧାରଣ ସମସ୍ୟା କହିଲେ ଆଦୌ ଭୁଲ୍ ହେବ ନାହିଁ। ହେଲେ ଏପରି କେତେକ ଉପାୟ ରହିଛି, ଯାହାକୁ ଅନୁସରଣ କରି ଆପଣ ଏହାଠାରୁ ନିଜକୁ ଦୂରେଇ ରଖିପାରିବେ। ପ୍ରଥମ କଥା ହେଲା, ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ସାମିଲ କରନ୍ତୁ। କେଉଁ ପ୍ରକାର ବ୍ୟାୟାମ କଲେ ଓଜନ କମିବ ସେ ନେଇ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଶଦ୍ ଭାବରେ ଆଲୋଚନା କରନ୍ତୁ। ପ୍ରତିଦିନ ଏକ୍ସରସାଇଜ ବା ବ୍ୟାୟାମ କରିବା ଦ୍ୱାରା ମାଂସପେଶୀଜନିତ ସମସ୍ୟା ଦେଖାଦେଇ ନ ଥାଏ ଏବଂ ତା'ସହ ପେଟରୁ ଚର୍ବି କମିଥାଏ। ଦୁଗ୍ଧଜାତୀୟ ଖାଦ୍ୟ ଖାଇପାରନ୍ତି। କେତେକଙ୍କ ମନରେ ଭ୍ରାନ୍ତ ଧାରଣା ରହିଛି ଯେ, ଏପରି ଖାଦ୍ୟ ଚର୍ବି ବଢ଼ାଇଥାଏ। ହେଲେ ତାହା ଠିକ୍ ନୁହେଁ। ଓଜନ କମାଇବାକୁ ହେଲେ ପ୍ୟାକ୍‌ଡ ଫୁଡ୍ ଆଦୌ ଖାଆନ୍ତୁ ନାହିଁ। ସବୁଠାରୁ ଖାସ୍ କଥା ହେଲା, ପ୍ରତିଦିନ ସକାଳେ ବ୍ରେକ୍‌ଫାଷ୍ଟ କରିବାକୁ ଆଦୌ ଭୁଲନ୍ତୁ ନାହିଁ। ଏଥିରେ ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍, ସାଲାଡ୍ ସାମିଲ କରନ୍ତୁ। କାରଣ ଏହା ଚର୍ବି କମାଇବାରେ ସହାୟକ ହୋଇଥାଏ।



# ସକାରାତ୍ମକ ଚିନ୍ତାଧାରା ଅନ୍ତରାଳେ...

ଖୁସିରେ ରହିବାକୁ କିଏ ବା ନ ଚାହେଁ? କିନ୍ତୁ କେତେକ ପାରିପାର୍ଶ୍ୱିକ ପରିସ୍ଥିତି ଏହି ଖୁସିକୁ ବିଷାଦରେ ପରିଣତ କରିଦିଏ। ହେଲେ ସକାରାତ୍ମକ ଚିନ୍ତାଧାରା ପଛରେ ହସର ଭୂମିକା ରହିଛି। ନିକଟରେ ଏକ ସର୍ଭେରୁ ଏଭଳି କଥା ଜଣାପଡିଛି। 'ସକାରାତ୍ମକ ଚିନ୍ତାଧାରା ଓ ହସ' ଶୀର୍ଷକ ବିଷୟକୁ ନେଇ ଜର୍ମାନୀର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ଖୁସିର ପରିବେଶରେ ଅଧିକାଂଶ ସମୟ ରହୁଥିଲେ ସେମାନଙ୍କର ଚିନ୍ତାଧାରା ଅନ୍ୟମାନଙ୍କ ତୁଳନାରେ ସକାରାତ୍ମକ ରହୁଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଜୀବନରେ ଆସୁଥିବା ନକାରାତ୍ମକ ଜିନିଷଗୁଡ଼ିକୁ ନେଇ



ଚିନ୍ତାଗ୍ରସ୍ତ ହେବା ଅପେକ୍ଷା କିପରି ସେଥିରୁ ମୁକୁଳିବେ ସେ ନେଇ ଯୋଜନା କରନ୍ତୁ। ଭଲ ପରିବେଶରେ ଭଲ ଲୋକଙ୍କ ସହ ମିଶନ୍ତୁ। ହସିବା ଦ୍ୱାରା ଆମ ମସ୍ତିଷ୍କ ହାଲୁକା ହୋଇଥାଏ ଓ ସବୁ ନିଷ୍ପତ୍ତିକୁ ଠିକ୍ ଭାବେ ନେବାକୁ ସକ୍ଷମ ହୋଇଥାଏ। ଏଭଳି ଉତ୍ତମ ବିଚାରଧାରା ପାଇଁ ଆପଣଙ୍କର ଜୀବନଶୈଳୀ କେତେ ସୁମଧୁର ହୋଇଉଠିବ ତାହା ନିଜେ ହିଁ ଅନୁଭବ କରିପାରିବେ।

# ଜାଣିରଖନ୍ତୁ

► ଛତୁରେ ଗ୍ଲୁକାନ୍ସ ନାମକ ଏକ ତତ୍ତ୍ୱ ରହିଛି, ଯାହା ଶରୀରରେ ଥଣ୍ଡା ସୃଷ୍ଟି କରୁଥିବା ବ୍ୟାକ୍ଟେରିଆକୁ ନଷ୍ଟ କରିଦେଇଥାଏ। କେବଳ ସେତିକି ନୁହେଁ, ଏଥିରେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ରହିଛି।

► ରସୁଣରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ରହିଛି। ପ୍ରତିଦିନ ସକାଳୁ ୨-୩ ପାଖୁଡ଼ା ରସୁଣ ଖାଇଲେ ଥଣ୍ଡା ସମସ୍ୟାରୁ ଉପଶମ ଦେଇଥାଏ।

► ମହୁ ଆମ ଶରୀର ପାଇଁ ବେଶ୍ ଉପକାରୀ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି ବ୍ୟାକ୍ଟେରିଆଲ ତତ୍ତ୍ୱ ରହିଛି। ଥଣ୍ଡାଜନିତ ସମସ୍ୟାରୁ ଉପଶମ ଦେବା ଲାଗି ମହୁମିଶ୍ରିତ ଚା' ବେଶ୍ ଉପକାରୀ।



► ବର୍ଷାଦିନେ ଅଧିକ ପରିମାଣର ମାଛ, ମାଂସ ଖାଆନ୍ତୁ ନାହିଁ। କାରଣ ଏଥିରୁ ଫୁଡ୍ ପଏଜନିଂ ହେବାର ଆଶଙ୍କା ରହିଛି।

# ସ୍ୱାସ୍ଥ୍ୟ ସୂଚନା

► ବର୍ତ୍ତମାନ ବର୍ଷାଦିନ। ତା' ସହ ଆମ ରାଜ୍ୟର କେତେକ ଅଞ୍ଚଳ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ତେଣୁ ଏବେ ଜଳଜନିତ ରୋଗ ହେବାର ଆଶଙ୍କା ଯଥେଷ୍ଟ ରହିଛି। ତେଣୁ ଏ ନେଇ ସତର୍କ ରୁହନ୍ତୁ। ସବୁବେଳେ ପାଣିକୁ ଫୁଟାଇ ପିଅନ୍ତୁ। ବର୍ଷାଦିନେ ତଟକା ତଥା ଉଷୁମ ଖାଦ୍ୟ ଖାଆନ୍ତୁ। ବାସି ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ।

► ବର୍ଷାଋତୁରେ ମ୍ୟାଲେରିଆ, ଡେଙ୍ଗୁ ଆଦି ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେଇଥାଏ। ତେଣୁ ଏହାର ଲକ୍ଷଣ ଜାଣିବା ମାତ୍ରେ ନିକଟସ୍ଥ ହସ୍ପିଟାଲକୁ ଯାଇ ଚିକିତ୍ସିତ ହୁଅନ୍ତୁ।

► ନିଜକୁ ଯେତେସମ୍ଭବ ଅବସାଦଠାରୁ ଦୂରେଇ ରଖନ୍ତୁ। କାରଣ ଏଭଳି ସମସ୍ୟା ଯଦି ନିୟମିତ ଲାଗି ରହେ, ତେବେ ତାହା ନିଜର ମାନସିକତାକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି।

► ବୟସ ୪୦ ଟପିଥିଲେ ଦୃଷ୍ଟିଶକ୍ତିଜନିତ ସମସ୍ୟା ଦେଖାଦେଇଥାଏ। ତେଣୁ ସେହି ସମୟରେ ନିୟମିତ ସମୟ ବ୍ୟବଧାନରେ ନିଜର ଚକ୍ଷୁ ପରୀକ୍ଷା କରାଇନିଅନ୍ତୁ।

► ଯଦି କୌଣସି କାମ ଦୀର୍ଘ ସମୟ ଧରି କରିବାର ଅଛି ତେବେ କାର୍ଯ୍ୟ ଭିତରେ କିଛି ସମୟ ବିଶ୍ରାମ ନିଅନ୍ତୁ।

► ଯଦି ଘରେ ଔଷଧ ରଖିଛନ୍ତି ତେବେ ତାହାର ଏକ୍ସପାୟରୀ ଡେଟ୍ ପ୍ରତି ସଚେତନ ରୁହନ୍ତୁ। ଯଦି ସମ୍ଭବ ତେବେ ଔଷଧର ନାମ ସହ ତାରିଖକୁ ଡାଏରିରେ ଟିପି ରଖନ୍ତୁ।

► ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଅନ୍ତୁ। ଏହାଦ୍ୱାରା ପାଚନକ୍ରିୟା ସବୁବେଳେ ସକ୍ରିୟ ରହିଥାଏ।



# ହେଭିୱେଟ୍ ଟାଇଟଲ ବଜାୟ ରଖିଲେ ୟୁସିକ୍



ଲଢ଼େଇ ଅବସରରେ ବ୍ରିଟେନର ଆନ୍ଥୋନୀ ଜୋଶୁଆଙ୍କୁ ପଞ୍ଚ୍ ମାରୁଛନ୍ତି ୟୁକ୍ରେନ୍ ବକ୍ସର ଓଲେକସାଣ୍ଡର ୟୁସିକ୍ (ଡାହାଣ)।

**କିଙ୍ଗ ଅବ୍ଦୁଲ୍ଲା ସ୍ପୋର୍ଟ୍ସ ସିଟି (ସୌଦି ଆରବ), ୨୧।୮(ଏପି):** ଆନ୍ଥୋନୀ ଜୋଶୁଆଙ୍କ ବିପକ୍ଷ ଏକ ରିମ୍ୟାଚ୍‌ରେ ବିଭାଜନ ନିଷ୍ପତ୍ତି ଜରିଆରେ ବିଜୟ ହାସଲ କରି ୟୁକ୍ରେନ୍ ବକ୍ସର ଓଲେକସାଣ୍ଡର ୟୁସିକ୍ ତାଙ୍କ ବିଶ୍ୱ ହେଭିୱେଟ୍ ଟାଇଟଲ ବଜାୟ ରଖିଛନ୍ତି। ଗତବର୍ଷ ଏହି ଦୁଇ ବକ୍ସରଙ୍କ ମଧ୍ୟରେ ହୋଇଥିବା ଲଢ଼େଇ ତୁଳନାରେ ଏହି ମୁକାବିଲା ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ୩୫ ବର୍ଷୀୟ ୟୁସିକ୍ ୟୁକ୍ରେନ୍ ଆର୍ମିର ଜଣେ ଯୋଦ୍ଧା। ସେ ୬ ମାସ ହେବ ନିଜ ପାଖରେ ଡବ୍ଲ୍ୟୁବିଏ, ଡବ୍ଲ୍ୟୁବିଓ ଏବଂ ଆଇବିଏଫ୍ ବେଲ୍ଟ ରଖିଛନ୍ତି। ଲଢ଼େଇ ପୂର୍ବରୁ ୟୁକ୍ରେନ୍ ରାଷ୍ଟ୍ରପତି ୟୁସିକ୍‌ଙ୍କ ନିକଟକୁ ବାର୍ତ୍ତା ପଠାଇ ତାଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ବେଲ ବେଳକୁ ଉଭୟ ବକ୍ସର କ୍ଳାନ୍ତ ଜଣାପଡୁଥିଲେ। ମୁକାବିଲା ପରେ ବ୍ରିଟିଶ୍ ପ୍ରଫେସନାଲ ଫାଇଟର ଜୋଶୁଆ ବିଭିନ୍ନ ପରିସ୍ଥିତିରେ ୟୁସିକ୍‌ଙ୍କ ଲଢୁଆ କୌଶଳର ପ୍ରଶଂସା କରିଥିଲେ। ଏହି ବିଜୟ ସହ ୟୁସିକ୍ ରିଙ୍ଗ୍ ମାଗାଜିନ୍ ବେଲ୍ଟ ହାସଲ କରିଛନ୍ତି। ୟୁକ୍ରେନ୍‌ର ଏହି ବକ୍ସର ଗୋଟିଏ ହେଭିୱେଟ୍ ଟାଇଟଲ ଜିତିବାରେ ସମର୍ଥ ହୋଇ ପାରିନାହାନ୍ତି, ତାହା ହେଲା ଡବ୍ଲ୍ୟୁବିସି। ଚଳିତବର୍ଷ ଟାଇସନ ଫ୍ୟୁରିଙ୍କ ଅବସର ପରେ ଏହା ଖାଲିପଡ଼ିଛି। ୟୁସିକ୍ କହିଛନ୍ତି, ଫ୍ୟୁରି ଅବସର ନେଇଥିବା ତାଙ୍କର ମନେ ହେଉନାହିଁ। ଟାଇସନ ଫ୍ୟୁରି ତାଙ୍କ ସହ ଲଢ଼େଇ କରିବାକୁ ଚାହାନ୍ତି ବୋଲି ତାଙ୍କର ଦୃଢ଼ ବିଶ୍ୱାସ। ଦୁଇଜଣ ଜଜ୍ ୟୁସିକ୍‌ଙ୍କ ସପକ୍ଷରେ ୧୧୫-୧୧୩ ଏବଂ ୧୧୬-୧୧୨ ପଏଣ୍ଟ ଦେଇଥିଲେ। ଅନ୍ୟ ଜଣେ ଜୋଶୁଆଙ୍କ ସପକ୍ଷରେ ୧୧୫-୧୧୩ ଦେଇଥିଲେ। ଜୋଶୁଆଙ୍କ ୨୭ଟି ଫାଇଟ୍ ମଧ୍ୟରୁ ଏହା ହେଉଛି ତାଙ୍କର ତୃତୀୟ ପରାଜୟ। ତାଙ୍କ କ୍ୟାରିୟର ବର୍ତ୍ତମାନ ଦୋଛକିରେ। ୟୁସିକ୍‌ଙ୍କ ପରବର୍ତ୍ତୀ କାର୍ଯ୍ୟକ୍ରମ ବର୍ତ୍ତମାନ ଫ୍ୟୁରିଙ୍କ ଉପରେ ନିର୍ଭର କରେ।

# କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ

**ହରାରେ,୨୧।୮(ପି.ଟି.):** ଜିମ୍ବାୱେ ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ୍‌ର ଅନ୍ତିମ ମ୍ୟାଚ ସୋମବାର ଖେଳାଯିବ। ଏହି ମୁକାବିଲା ଜିତି କ୍ଲିନ୍ ସୁଇପ୍ କରିବାକୁ ପ୍ରୟାସ କରିବ ଭାରତ। ପ୍ରଥମ ଦୁଇ ମ୍ୟାଚ୍ ଏକପାଖିଆ ଭାବେ ଶେଷ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ଘରୋଇ ଦଳର ବୋଲିଂ ସାମାନ୍ୟ ପ୍ରଭାବୀ ରହିଥିଲା। ଉଭୟ ଦଳର ଫର୍ମକୁ ଦେଖିଲେ ଭାରତ ସିରିଜ୍ ସୁଇପ୍ ନିମନ୍ତେ ଫେବରାଇଟ୍ ବୋଲି ଆପାତତଃ କୁହାଯାଇପାରେ। ଭାରତ ଆଗୁଆ ସିରିଜ୍ ଜିତିସାରିଥିବାରୁ ଏହି ମ୍ୟାଚ୍‌ରେ ଅଧିକ ପରୀକ୍ଷା ନିରୀକ୍ଷା ଦେଖିବାକୁ ମିଳିପାରେ। ଟିମ୍‌ରେ ନିଜ ସ୍ଥାନ ସୁରକ୍ଷିତ କରିବା ପାଇଁ ଯୁବ ଖେଳାଳିଙ୍କୁ ଆଉ ଏକ ସୁଯୋଗ ମିଳିବ। ଦୁଇଟିଯାକ ମ୍ୟାଚ୍‌ରେ ଜିମ୍ବାୱେର ବ୍ୟାଟିଂ ବିଫଳ ହୋଇଥିବା ବେଳେ ବ୍ୟାଟରମାନେ ନିଜ ତ୍ରୁଟି ସୁଧାରିବାକୁ ଏଥର ପ୍ରୟାସ କରିବେ। ଓପନିଂରେ ବିଫଳ ହୋଇଥିଲେ ହେଁ ଲୋକେଶ ରାହୁଲ ପୁଣି ବ୍ୟାଟିଂ ଓପନ୍ କରିପାରନ୍ତି। ଆଗଧାଡ଼ିର ବୋଲରମାନେ ଅନୁପସ୍ଥିତ ଥିଲେ ମଧ୍ୟ ସେମାନଙ୍କ ଅଭାବ ଅନୁଭୂତ ହୋଇନାହିଁ।

ଭାରତୀୟ ବ୍ୟାଟରଙ୍କୁ ଅଧିକ ସୁଯୋଗ ମିଳି ନ ଥିଲେ ହେଁ ସମସ୍ତ ଖେଳାଳି ଏହାର ଉପଯୋଗ କରିବାକୁ ପ୍ରୟାସ କରିବେ। ଦ୍ୱିତୀୟ ମ୍ୟାଚ୍‌ର ବିଫଳତାକୁ ପଛରେ ପକାଇ ଇଶାନ କିଷନ ବଡ଼ ସ୍କୋର ପ୍ରୟାସ କରିବେ। ସେଟ୍ ହୋଇ ଉଇକେଟ ଫୋପାଡ଼ିଥିବା ଶିଖର ଧାୱନ୍ ଓ ଶୁବମନ ଗିଲ୍‌ଙ୍କ ନିକଟରୁ ଅଧିକ ଦାୟିତ୍ୱବାନ୍ ବ୍ୟାଟିଂ ଆଶା କରାଯାଏ। ଦୀପକ ହୁଡା ଓ ସଞ୍ଜୁ ସାମ୍‌ସନ ଭଲ ବ୍ୟାଟିଂ କରିଥିବା ବେଳେ ଉଭୟଙ୍କ ନିକଟରୁ ସମାନ ପ୍ରଦର୍ଶନ ଆଶା କରିବ ମ୍ୟାନେଜ୍‌ମେଣ୍ଟ। ସେହିପରି କ୍ଲିନ୍ ସୁଇପ୍‌କୁ ରୋକିବା ଲାଗି ଜିମ୍ବାୱେ ପ୍ରୟାସ କରିବ। ସିକନ୍ଦର ରାଜା ଓ ସିନ୍ ୱିଲିୟମ୍ସଙ୍କ ବ୍ୟାଟିଂ ଉପରେ ଦଳର ପ୍ରଦର୍ଶନ ନିର୍ଭର କରୁଥିବା ବେଳେ ଉଭୟ ଆଶାନୁରୂପ ଖେଳିବାରେ ବିଫଳ ହୋଇଛନ୍ତି। ବୋଲିଂରେ ଭାରତ କୁଲଦୀପ ଯାଦବଙ୍କୁ ବାଦ୍ ଦେଇ ଦୀପକ ଚହର ଓ ଶାର୍ଦ୍ଦୂଳ ଠାକୁରଙ୍କୁ ଖେଳାଇପାରେ। ଦୀପକ ହୁଡା ଦ୍ୱିତୀୟ ସ୍ପିନର ଭାବେ ବୋଲିଂ କରିପାରନ୍ତି।

**ମ୍ୟାଚ୍ ଆରମ୍ଭ : ଅପରାହ୍ଣ ୧୨.୪୫**










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ରିଲିଫ ବଣ୍ଟନକାରୀଙ୍କୁ ମିଳୁନି ସହଯୋଗ



ଡଙ୍ଗାରେ ରିଲିଫ୍ ସାମଗ୍ରୀ ନେଇ ଯାଉଥିବା ସାମାଜିକ କର୍ମୀ ।

## ଭଙ୍ଗା ଡଙ୍ଗାରେ ଗଲେ ସାମାଜିକ କର୍ମୀ

ନୟାଗଡ଼ ଅଫିସ,୨୧।୮

ମହାନଦୀ ବନ୍ୟାରେ କ୍ଷତିଗ୍ରସ୍ତ ବନ୍ୟା ବିପନ୍ନଙ୍କୁ ରିଲିଫ୍ ବଣ୍ଟନ କରିବାକୁ ଯାଉଥିବା ସାମାଜିକ କର୍ମୀମାନଙ୍କୁ ବ୍ଲକ ଓ ଜିଲା ପ୍ରଶାସନ ସହଯୋଗ କରୁ ନ ଥିବା ଅଭିଯୋଗ ହୋଇଛି । ଏପରି କି ସ୍ୱେଚ୍ଛାସେବୀମାନେ ଭଙ୍ଗା ଡଙ୍ଗାରେ ଯାଇ ରବିବାର ରିଲିଫ ବଣ୍ଟନ କରିଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ଭାପୁର ବ୍ଲକର ବନ୍ୟା ପ୍ରପୀଡ଼ିତ ଅଞ୍ଚଳକୁ ନୟାଗଡ଼ ରେଡକ୍ରସ ସାମାଜିକ ସଙ୍ଗଠନ ଓ ସାଇ ପ୍ରସାଦ ଖାଦ୍ୟରଥ ମିଳିତ ଭାବେ ରିଲିଫ ବଣ୍ଟନ କରିବାକୁ ଯାଇଥିଲେ । ବିପନ୍ନଙ୍କ ପାଖରେ ରିଲିଫ ସାମଗ୍ରୀ ପହଞ୍ଚାଇବା ପାଇଁ ସେମାନେ ବୋଟରେ ଯିବାକୁ ଅନୁରୋଧ କରିଥିଲେ । ହେଲେ ବ୍ଲକ ପ୍ରଶସାନ ସହଯୋଗ କରି ନ ଥିଲେ । ଏନେଇ ଜିଲା ପ୍ରଶାସନକୁ ଅବଗତ ପରେ ବି ସୁଫଳ ମିଳି ନ ଥିଲା । ଶେଷରେ ୨ ଅନୁଷ୍ଠାନର ସଦସ୍ୟମାନେ ଭଙ୍ଗା ଡଙ୍ଗାରେ କରବର, ମଣିପୁରରେ ରିଲିଫ ବଣ୍ଟନ କରିଥିଲେ । କରବରରେ ୧୫୦ ଲୋକଙ୍କୁ ରନ୍ଧାଖାଦ୍ୟ ଓ ମଣିପୁରରେ ପାଉଁରୁଟି, ବିସ୍କୁଟ, ଅଣ୍ଡା, ପାଣି ବୋତଲ ଦିଆଯାଇଥିଲା ।

# ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ ନାରୀଙ୍କ ଭୂମିକା

ଐତିହ୍ୟର ଓଡ଼ିଶା

■ ଗାଈଗୋଠ ପରିଚାଳନାରେ ସମ୍ପୃକ୍ତ ନାରୀଙ୍କ ମୁଖିଆ ଥିଲେ ସୁଖୀ ମହାଭୋଇ
■ ନାରୀ ସୁଆଁସିଆଙ୍କୁ କୁହାଯାଉଥିଲା କାମିକା ମୂଲିଆଣୀ
■ ଗାଈଙ୍କ ସେବା ପାଇଁ ନିଯୁକ୍ତ ଥିଲେ ୭୪ଜଣ ନାରୀ

ଡ. ସୁରେନ୍ଦ୍ର କୁମାର ମିଶ୍ର

ଶିଳ୍ପୀମାନଙ୍କ ଗାଈଗୋଠ ବ୍ୟବସ୍ଥା କରିଥିଲେ ଗଜପତି। ମୂଳରୁ ଏ ଦିଗ ପ୍ରତି ସେ ନିଘା ରଖିଥିଲେ। ଶହେଜଣ ଗାଈଆଳ ଥିଲେ। ଜଣେ ଗାଈଆଳ ୩୦ଟି ଗାଈଙ୍କ ଦାୟିତ୍ୱରେ ଥିଲେ। ଶହେ ଗାଈଆଳଙ୍କ ମୁଖିଆ ଥିଲେ ଭାଗୀରଥି ମହାଭୋଇ। ସମସ୍ତଙ୍କ ପକ୍ଷରୁ ଭାଗୀରଥି ଗ୍ରହଣ କରିଥିଲେ ଉପହାର। ଉପହାର ନିଜେ ଉପସ୍ଥିତ ରହି ଦେଇଥିଲେ ମହାଶ୍ରମ (ଗଜପତି)। ଗାଈଙ୍କ ପାଇଁ ମୋଟାଧାନ ଯୋଗାଇଦେବାର ବ୍ୟବସ୍ଥା ହୋଇଥିଲା। ଦୁହାଁଳିଆ ଗାଈଙ୍କ ଖାଦ୍ୟ ଦିଗକୁ ମଧ୍ୟ ନଜର ରଖାଯାଇଥିଲା। ଭରଣ ଭରଣ (୮୦ଗୌଣୀ) ଅକୁଟା ଧାନ ଗାଈଙ୍କ ଖାଦ୍ୟ ପାଇଁ ଖଞ୍ଜା ରହିଥିଲା। କେବଳ ଗଜପତି ମହାଭୋଇଙ୍କୁ ଉପହାର ଦେଇଥିଲେ ତାହା ନୁହେଁ, ମହାରାଣୀ ମଧ୍ୟ ଦେଇ ଥିବାର ଜଣାଯାଏ। ନିଜେ ମହାରାଣୀ ଗାଈଗୋଠ ପରିଦର୍ଶନ କରିଥିଲେ। ଅନ୍ୟତମ ମୁଖିଆ ରାମ ମହାଭୋଇଙ୍କୁ ଉପହାର ଦେଇଥିଲେ। ଗାଈଙ୍କ କାମ କରିବା ପାଇଁ ନାରୀମାନଙ୍କୁ ନିଯୁକ୍ତ କରାଯାଇଥିଲା। ଏଥିପାଇଁ ୭୪ଜଣ ନାରୀ କାର୍ଯ୍ୟ କରୁଥିଲେ। ନାରୀଙ୍କ ମୁଖିଆ ଥିଲେ ସୁଖୀ ମହାଭୋଇ। ସେ ମଧ୍ୟ ୭୪ ଜଣଙ୍କ ପାଉଣା ଗ୍ରହଣ କରୁଥିଲେ। ବାସ୍ତବରେ ଗାଈଗୋଠର ପରିଚାଳନା ପାଇଁ ନାରୀ ଅପରିହାର୍ଯ୍ୟ। ଗୋ-ପାଳନ, ଗୋ-ସୁରକ୍ଷା ସହଜ ବ୍ୟାପାର ନୁହେଁ। ଦୁହାଁଳିଆ ଗାଈ ରଖାଯାଇଥିଲା। ଦୁଗ୍ଧ ବନ୍ଦ କଲେ ସେମାନଙ୍କୁ ଅଲଗା ରଖାଯାଇ ପୁଣି ଦୁହାଁଳିଆ ଗାଈ ଆଣି ଗୋଠରେ ସାମିଲ କରାଯାଉଥିଲା। ଉଦ୍ଦେଶ୍ୟ ସ୍ପଷ୍ଟ। ଚାରି ଶିବିର, ଶିବିର ବାଦ ବି ଶ୍ରମିକ, ପଥୁରିଆ, କର୍ମଚାରୀ ଅଛନ୍ତି। ସମସ୍ତଙ୍କୁ ଦୁଗ୍ଧ, ଦହି, ଛେନା ଓ ଘିଅ ଯୋଗାଇଦେବା ଗଜପତିଙ୍କର ଅସଲ ଉଦ୍ଦେଶ୍ୟ ଥିଲା। ସେତେବେଳେ ତ ଆଉ ଓମ୍‌ଫେଡ କ୍ଷୀର କି ଦହି, କି ଘିଅ ବିକ୍ରି ବ୍ୟବସ୍ଥା ନ ଥିଲା। ମନ୍ଦିର ନିର୍ମାଣ ସମୟରେ ଯେଉଁମାନେ ପାଇକିଆଳ ବା ମୂଲିଆ ଥିଲେ ସେମାନଙ୍କୁ 'ସୁଆଁସିଆ' କୁହାଯାଉଥିଲା। ଏମାନେ ମୁଖ୍ୟତଃ ଅସମାନ ପଥର, ବନ୍ଧୁର ବା ମସୃଣ ନ ହୋଇଥିବା ପଥରକୁ ଚଉପଟ କରିବା କାମ କରୁଥିଲେ। ପ୍ରତିବର୍ଷ ବର୍ଷାଋତୁରେ କିଛିଦିନ ନିର୍ମାଣ କାର୍ଯ୍ୟ ବନ୍ଦ ରହୁଥିଲା। କାମ ବନ୍ଦ ହେଲେ ବି ଶିଳ୍ପୀମାନେ ଯେପରି ସେମାନଙ୍କ ପାଉଣା ପାଇବେ ତା'ର ବ୍ୟବସ୍ଥା ଥିଲା, ସୁଆଁସିଆଙ୍କୁ ସେହିପରି ପାଉଣା ଦିଆଯାଉଥିଲା। 'କାମ ନାହିଁ ତ ପଇସା ନାହିଁ' ଏପରି ନୀତି ନ ଥିଲା। ସୁଆଁସିଆଙ୍କ ମଧ୍ୟରୁ କେତେଜଣ ଜଗୁଆଳି କାର୍ଯ୍ୟ କରୁଥିଲେ। ୩୦ଜଣ ଜଗୁଆଳି ଦିନରାତି କାମରେ ନିଯୁକ୍ତ ଥିଲେ। ସୁଆଁସିଆ ଓ ଜଗୁଆଳି ପୁରୀ ରଥଯାତ୍ରା ଦେଖିବାକୁ ଚାହିଁଲେ ସେମାନଙ୍କୁ ସୁଯୋଗ ଦିଆଯାଉଥିଲା। ସୁଆଁସିଆ ଦଳର ମୁଖିଆଙ୍କୁ 'ସୁଆଁସିଆ ନାୟକ' କୁହାଯାଉଥିଲା। ଆବଶ୍ୟକ ହେଲେ ବାହାରୁ ଅସ୍ଥାୟୀ ସୁଆଁସିଆ ଆଣି କାମ ତୁଲାଉଥିଲେ। ପଥରଖମ୍ବ କଳ ଗୟଳରେ ଉଠାଇବା, ଗାତ ଖୋଳିବା, ଗାତ ପୋତିବା, କଳ-ଗୟଳ ଗଞ୍ଜିବା, ଚୂନ ପଥର ଚଟାଣ ଉପରେ କଳାମୁଗୁନି ପଥର ଖଞ୍ଜିବାରେ ମହାରଣାଙ୍କୁ ସହାୟତା କରିବା, ପଥର ପାହାଚ ନିର୍ମାଣବେଳେ ୨୭ ଶ୍ରମିକଙ୍କ ସହଯୋଗ, ବାଉଁଶ କିଳା ସବୁ ମାପ ଅନୁଯାୟୀ ପୋତିବା କାର୍ଯ୍ୟ ସୁଆଁସିଆମାନେ ତୁଲାଉଥିଲେ। ସେହିପରି ନାରୀ ସୁଆଁସିଆଙ୍କ ପାଇଁ କାମିକା ଶବ୍ଦ ବ୍ୟବହାର ହୋଇଥିବାର ଦେଖାଯାଏ। ମୂଳଦୁଆ କାମ ସରିଲେ କିମ୍ବା ପଥର ଖମ୍ବ ଖଞ୍ଜାହେବା ପରେ ମାଟିରେ ପୋତାଯାଉ ନ ଥିଲା। ତା' ମୂଳରେ ଚୂନପଥର ଭର୍ତ୍ତି ହୋଇ ଜାବ ଦିଆଯାଉଥିଲା। ଖାଲି ଚୂନପଥର ନୁହେଁ, ତା' ସହିତ ଅନ୍ୟାନ୍ୟ ଦ୍ରବ୍ୟ ମିଶାଯାଉଥିଲା। ଏହି ମିଶେଇବା କାମ ଓ ମୂଳଦୁଆ ପୋତିବା କାମ ନାରୀ ଶ୍ରମିକମାନେ କରୁଥିଲେ।



ଶ୍ରୀ ପଦ୍ମକେଶର ନାଟ ମନ୍ଦିର ଗାତ୍ରରେ ଗଜପତି ଲାଙ୍ଗୁଳା ନରସିଂହ ଦେବ ଓ ମହାରାଣୀ ମହାଦେବୀ କସ୍ତୁରିକା ମୋହିନୀ ଦେବୀ।

# ଦଣ୍ଡମୁକ୍ତ ଅଞ୍ଚଳରେ ଦଣ୍ଡ



■ ଟେବୁଲ ହଲାଇଦେବାରୁ ଛାତ୍ରଙ୍କୁ ମାଡ଼
■ ଘରେ ନ ଜଣାଇବାକୁ ଭୟ ଦେଖାଇଥିଲେ ପ୍ରଧାନଶିକ୍ଷକ
■ ବିଇଓ ନ ଥିବାରୁ ଫେରିଲେ ଅଭିଭାବକ
■ ଘଟଣାକୁ ରଫାଦଫା କରିବାକୁ ବଡ଼ବାବୁଙ୍କ ପରାମର୍ଶ

ନୟାଗଡ଼ ଅଫିସ/ଓଡ଼ଗାଁ, ୨୧।୮(ସ୍ୱ.ପ୍ର.)

ଦଣ୍ଡମୁକ୍ତ ଅଞ୍ଚଳରେ ଦଣ୍ଡ ଦିଆଯାଇଛି । ଏଥିରେ ଜଣେ ଛାତ୍ର ଆହତ ହୋଇଛନ୍ତି। ଟେବୁଲ୍ ହଲାଇ ଦେବାରୁ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ୍ ଓଡ଼ଗାଁ ୟୁଜିଏମ୍‌ଇ ସ୍କୁଲର ପ୍ରଧାନ ଶିକ୍ଷକ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କୁ ବେତରେ ମାଡ ମାରିଥିବା ଅଭିଯୋଗ ହୋଇଛି। ସଂପୃକ୍ତ ଛାତ୍ର ଘରେ ପହଞ୍ଚିବା ପରେ ତାଙ୍କ ମା'ବାପା ଓଡ଼ଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ପୁଅର ଚିକିତ୍ସା କରାଇଛନ୍ତି । ଏ ସମ୍ପର୍କରେ ଛାତ୍ରଙ୍କ ମା'ବାପା ଅଭିଯୋଗ କରିବାକୁ ଓଡ଼ଗାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ । ହେଲେ ବିଇଓ ଅଫିସରେ ନ ଥିବାରୁ ବଡବାବୁଙ୍କ ସହ ଯୋଗାଯୋଗ କରିଥିଲେ । ବଡବାବୁଙ୍କ ପରାମର୍ଶ ଥିଲା ଏ ସମ୍ପର୍କରେ ଆଇନଗତ ପଦକ୍ଷେପ ନିଅନାହିଁ । ବରଂ ରଫାଦଫା କରି ଦିଅନ୍ତୁ।

ମାଡ ଖାଇଥିବା ଛାତ୍ରଙ୍କ ବାପା ଦିଲ୍ଲୀପ ସେଠୀ ଓ ମା'ବାସନ୍ତୀ ସେଠୀଙ୍କ ଅଭିଯୋଗ ଅନୁଯାୟୀ, ପୁଅ ଅଜିତ୍ ଉପରୋକ୍ତ ସ୍କୁଲର ଚତୁର୍ଥ ଶ୍ରେଣୀର ଛାତ୍ର। ଗତ ଶୁକ୍ରବାର ସ୍କୁଲରେ ପାଠ ପଢ଼ା ଯାଉଥିବା ସମୟରେ ଟେବୁଲ ହଲାଇ ଦେବାରୁ ଅଜିତ୍‌ଙ୍କୁ ପ୍ରଧାନଶିକ୍ଷକ କାର୍ତ୍ତିକେଶ୍ୱର ପଣ୍ଡା ବେତରେ ପିଟିଥିଲେ । ପୁଅ ଘରକୁ ଫେରିବା ପରେ ଦେହର କ୍ଷତ ଚିହ୍ନ ଦେଖି କାରଣ ପଚାରିଥିଲୁ । ହେଲେ ସେ କିଛି କହି ନ ଥିଲା । ଡାକ୍ତରଖାନାକୁ ନେବା ବେଳେ ପ୍ରଧାନଶିକ୍ଷକ ମାଡ ମାରିଥିବା କହିଥିଲା । ଏନେଇ ଶନିବାର ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଙ୍କୁ ଭେଟିବାକୁ ଯାଇଥିଲୁ । ହେଲେ ସେ ନ ଥିଲେ । ବଡବାବୁ ଘଟଣା ଆଗକୁ ନ ନେବାକୁ ପରାମର୍ଶ ଦେଲେ । ଆମେ ସୋମବାର ପୁଣି ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବୁ । ଯିଏ ଦୋଷ କରିଛନ୍ତି ସେ ଦଣ୍ଡ ପାଇବା ଦରକାର ବୋଲି ଏହି ଦମ୍ପତି କହିଛନ୍ତି ।

ଏ ନେଇ ପ୍ରଧାନଶିକ୍ଷକ ପଣ୍ଡାଙ୍କୁ ପଚାରିବାରୁ ଅଜିତ୍‌ଙ୍କୁ ମାଡ ମାରିବା ଘଟଣାର ସତ୍ୟତା ନାହିଁ । ୨ ସାଙ୍ଗ ଖେଳକୁଦ ସମୟରେ ଖଣ୍ଡିଆ ଖାବରା ହୋଇଛନ୍ତି। ଶନିବାର ଅଜିତଙ୍କ ମା'ବାପା ସ୍କୁଲକୁ ଆସିବା ପରେ ଘଟଣା ସମ୍ପର୍କରେ ମୁଁ ଜାଣିଥିଲି । ମାଡ଼ ମାରିବା ଘଟଣା ସତ୍ୟ ନୁହେଁ ବୋଲି ସେମାନଙ୍କୁ ମୁଁ ବୁଝାଇ କହିଥିଲି ବୋଲି ସେ କହିଛନ୍ତି । ବ୍ଲକ ଶିକ୍ଷା ଅଧିକାରୀ ଗୀତାରାଣୀ ସାହୁ କୁହନ୍ତି, ସରକାରୀ କାମରେ ବାହାରେ ଥିବାବେଳେ ଅଜିତ୍‌ଙ୍କ ମା'ବାପା ଅଭିଯୋଗ କରିବାକୁ ଆସିଥିଲେ । ଛାତ୍ରଙ୍କ ଦେହରେ ମାଡ଼ ହୋଇଥିବାର ଚିହ୍ନ ଥିଲା । ବଡ଼ବାବୁଙ୍କ ନିକଟରେ ଅଭିଯୋଗ କରିଥିଲେ । ଏହା ଜାଣିବା ପରେ ମୁଁ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିବାକୁ ଅଜିତ୍‌ଙ୍କ ମା'ବାପାଙ୍କୁ ପରାମର୍ଶ ଦେଇଛି। ସୋମବାର ଘଟଣାର ତଦନ୍ତ ହେବ । ତଦନ୍ତ ପରେ ସତ୍ୟତା ଜଣାପଡିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷେ ପ୍ରଧାନଶିକ୍ଷକ ଅନ୍ୟ ଜଣେ ଛାତ୍ରଙ୍କୁ ତାଗିଦ୍ କରିବାକୁ ଯାଇ ମାଡ଼ ମାରିଥିଲେ । ବେତ ଅଜିତ୍‌ଙ୍କ ଦେହରେ ବାଜିଥିବା ସୂଚନା ମିଳିଛି । ଜିଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକ କୁହନ୍ତି, ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏନେଇ ବ୍ଲକ ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବି ବୋଲି ସେ କହିଛନ୍ତି ।

# ୫ ଅଧ୍ୟାପିକାଙ୍କୁ ଦୁର୍ବ୍ୟବହାର

## ୭ କମର୍ସ ଛାତ୍ରଙ୍କ ବିରୋଧରେ ଅଭିଯୋଗ

ନୟାଗଡ଼ ଅଫିସ,୨୧।୮

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ୫ ଅଧ୍ୟାପିକାଙ୍କୁ ୭ ଛାତ୍ର ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି । ଏନେଇ ସଂପୃକ୍ତ ଅଧ୍ୟାପିକାମାନେ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଅଭିଯୋଗ କରିବା ପରେ ଘଟଣା ଲୋକଲୋଚନକୁ ଆସିଛି । ଅଭିଯୋଗ ଅନୁଯାୟୀ, ମହାବିଦ୍ୟାଳୟର ଇଣ୍ଟରନାଲ ପରୀକ୍ଷା ଚାଲୁଥିବା ସମୟରେ ଜଣେ କମର୍ସ ଛାତ୍ରଙ୍କୁ କପି କରିବା ବେଳେ ଜଣେ ଅଧ୍ୟାପିକା ଧରିଥିଲେ । କପି କାହିଁକି ଧରିଲ ଯୁକ୍ତି କରି ସମ୍ପୃକ୍ତ ଯୁକ୍ତ ୩ କମର୍ସ ଛାତ୍ର ଅଧ୍ୟାପିକାଙ୍କୁ ଗାଳିଗୁଲଜ କରିବା ସହ ଖରାପ ବ୍ୟବହାର କରିଥିଲେ । ସେହିପରି ମହାବିଦ୍ୟାଳୟର ୪ ଅଧ୍ୟାପିକାଙ୍କୁ ୬ଜଣ ଯୁକ୍ତ ୩ କମର୍ସ ଛାତ୍ର ଅନୁରୂପ ଭାବେ ଦୁର୍ବ୍ୟବହାର ଓ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏନଇ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ କୁମାର ପ୍ରଧାନଙ୍କୁ ପଚାରିବାରୁ ୨ ଅଭିଯୋଗ ହୋଇଛି । ସୋମବାର ଷ୍ଟାଫ୍ କାଉନସିଲ ବୈଠକ ହେବାର ରହିଛି । ଏଥିରେ ଆଲୋଚନା ହେବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

INDIAN PORT RAIL & ROPEWAY CORPORATION LTD. SAGARMALA
(A JV Company Under Ministry of Ports, Shipping & Waterways, Govt. of India)
Tender Notice No.- IPRCL/BBS/T/PPT/New signal station Building/113
Dated: 20.08.2022.
IPRCL invites e-tender for "CONSTRUCTION OF NEW SIGNAL STATION AT PARADIP."
Bidding document will be available for downloading from16 Hours of 22.08.2022, on the website www.etenders.gov.in/eprocure/app
Any corrigendum / addendum would be hosted on the above website only.

DIRECTORATE OF TECHNICAL EDUCATION & TRAINING, ODISHA
KILLAMAIDAN, BUXIBAZAR, CUTTACK-753001
Email:ccrdiploma2022@gmail.com
Website:http://www.dtetorissa.gov.in.
DIPLOMA ADMISSION - 2022
NOTICE
No. 10793/ Dt.20.08.2022
No.KK-93:This is for information of all concerned that the registration and submission of Online Application (CAF) for admission to Diploma Courses in 1st Sem./Year and Lateral Entry(LE) on the SAMS Portal www.samsodisha.gov.in has been re-opened till 29.08.2022. The verification of documents of candidates at the NCCs (all Govt. Polytechnics and Govt ITI, Bhubaneswar) has also been extended upto 30.08.2022
The detailed revised Admission Timeline shall be uploaded on the SAMS Portal shortly.
Sd./-Director of Technical Education & Training, Odisha
OIPR-44008/11/0011/2223

## ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

ଆସିକା,୨୧।୮(ଡି.ଏନ୍.ଏ.)

ଆସିକା ଥାନା ନଳବଣ୍ଟା ଗ୍ରାମରେ ଜଣେ ଯୁବକ ନରସିଂହ ପ୍ରଧାନ ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ବଳତ୍କାର କରିଥିବା ଅଭିଯୋଗ ହୋଇଛି। ସଂପୃକ୍ତ ଯୁବତୀ ଜଣକ ଯାଜପୁର ଜିଲାର ଏବଂ ରବିବାର ଘଟଣା ସମ୍ପର୍କରେ ଆସିକା ପୋଲିସରେ ସେ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ଆସିକା ଥାନାରେ ଅଭିଯୁକ୍ତଙ୍କ ବିରୋଧରେ ୫୧୫/୨୨ରେ ଏକ ମାମଲା ରୁଜୁ କରାଯାଇଛି । ପିଡିତାଙ୍କୁ ଆସିକା ଡାକ୍ତରଖାନାରେ ଡାକ୍ତରୀମାଇନା ପରେ ବ୍ରହ୍ମପୁରସ୍ଥିତ ସଟ ଷ୍ଟେ ହୋମରେ ଛଡାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି । ତେବେ ଅଭିଯୁକ୍ତ ଜଣକ ଫେରାର ରହିଥିଲା ବେଳେ ତାଙ୍କୁ ଗିରଫ ଲାଗି ପୋଲିସରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି।

# ଗୋଟିଏ କାର୍ଯ୍ୟକୁ ଦୁଇଟି ବିଲ୍

## କାର୍ଯ୍ୟାନୁଷ୍ଠାନ ପାଇଁ ବିଡିଓଙ୍କୁ ରଣପୁର ଅଧକ୍ଷଙ୍କ ଚିଠି

ନୟାଗଡ଼ ଅଫିସ,୨୧।୮

ନୟାଗଡ଼ ଜିଲା ରଣପୁର ବ୍ଲକ ରଙ୍କଦେଉଳି ପଞ୍ଚାୟତର ମାଳିସାହି ପାଟିଲାଗୋଡି ପାର୍କ ଓ ଏହାର ପ୍ରାଚୀର ନିର୍ମାଣରେ ଅନିୟମିତତା ଗନ୍ଧ ବାହାରିଛି। ଖୋଦ୍ ରଣପୁର ବ୍ଲକ ଅଧକ୍ଷା ନିର୍ମଳା ବେହେରା ଘଟଣା ସ୍ଥଳ ପରିଦର୍ଶନ କରି ଅନିୟମିତତାର ପ୍ରମାଣ ପାଇବା ପରେ କାର୍ଯ୍ୟାନୁଷ୍ଠାନ ପାଇଁ ରଣପୁର ବିଡିଓଙ୍କୁ ଚିଠି ଲେଖିଛନ୍ତି । ଅଧକ୍ଷାଙ୍କ ସୂଚନା ଅନୁଯାୟୀ, ପାର୍କ ପାଇଁ ୨୦୧୯-୨୦ରେ ୯ ଲକ୍ଷ ୯୦ ହଜାର ଅନୁଦାନ ଦିଆଯାଇଛି। ସେହିପରି ୨୦୨୦-୨୧ରେ ପ୍ରାଚୀର ନିର୍ମାଣ ପାଇଁ ପୁଣି ୫ ଲକ୍ଷ ଅନୁଦାନ ଦିଆଯାଇଛି । ଗୋଟିଏ ପ୍ରକଳ୍ପ ପାଇଁ ଦୁଇଟି ବିଲ୍ ହୋଇଥିଲେ ମଧ୍ୟ କାମ ଠିକ ହୋଇ ନାହିଁ । ପ୍ରାଚୀର ଭାଙ୍ଗି ରୁଜି ଗଲାଣି । ହାତ ମାରିଲେ ପ୍ରାଚୀର ଭାଙ୍ଗି ଯାଉଛି । ପାର୍କରେ ମଧ୍ୟ ଅନିୟମିତତା ହୋଇଛି ବୋଲି ଦର୍ଶାଇଛନ୍ତି ।



ଅଧ୍ୟକ୍ଷା ପ୍ରାଚୀର ନିମ୍ନମାନର କାମ ଦେଖୁଛନ୍ତି ।

GOVERNMENT OF ODISHA
OFFICE OF THE EXECUTIVE ENGINEER RURAL WORKS DIVISION, KUCHINDA
No.O-853: E-mail:- eerw_kuchinda@yahoo.com
"e" Procurement Notice for Building Works
Identification No. Online Tender /03 / RWD, Kuchinda / 2022-23.
1. Name of the work :: Building Works
2. Total Number of Works :: 01 No.
3. Estimated Cost :: Rs. 32.61 lakhs
4. Class of Contractor :: Building Work (B & C Class of Contractor)
5. Period of Completion :: 06 calendar months
6. Availability of Tender online For bidding :: Dt 25.08.2022 at 11.00 A.M to dt 09.09.2022 at 5.00 P.M
7. Last date & time of seeking tender clarification :: Dt 08.09.2022 at 5.00 A.M
8. Date & time of opening of tender :: Dt.12.09.2022 at 11.00 A.M
Further details can be seen from the website www.tendersodisha.gov.in
Sd./- Executive Engineer, Rural Works Division, Kuchinda
OIPR-25151/11/0004/2223

# ଆଜିଠୁ ଗାନ୍ଧିଜୀଙ୍କ ଅହିଂସା ରଥ ପରିକ୍ରମା

ଫୁଲବାଣୀ ଅଫିସ, ୨୧।୮

ରାଜ୍ୟ ସରକାରଙ୍କ ନିଷ୍ପତି କ୍ରମେ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଅବଦାନକୁ ଏକ ଭବ୍ୟ ଢଙ୍ଗରେ ସ୍ମରଣ କରିବା ପାଇଁ ସ୍ୱାଧୀନତାର ୭୫ ତମ ବର୍ଷ ପାଳନ ଅବସରରେ ୪ଟି ଅହିଂସା ରଥ ଓଡ଼ିଶାର ପ୍ରତ୍ୟେକ ଜିଲା ପରିକ୍ରମା କରୁଛି। ଏହି ରଥ ଗାନ୍ଧିଜୀଙ୍କ ଅହିଂସା ବାର୍ତ୍ତା ପ୍ରଚାର କରୁଛି। ଏଲ୍.ଇ.ଡି. ଭିଡିଓ ଥିବା ଭ୍ୟାନ୍ ଚଳିତ ମାସ ୧୫ ତାରିଖରୁ ପରିକ୍ରମା ଆରମ୍ଭ କରି ସାରିଛି । ଏହା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ପରିକ୍ରମା କରିବ । ଏହି କ୍ରମରେ ପୂର୍ବ ନିଷ୍ପତି ଅନୁଯାୟୀ ସୋମବାର ଦୁଇଟି ରଥ କନ୍ଧମାଳ ଜିଲାକୁ ପ୍ରବେଶ କରିବ । ୨୪ ତାରିଖ ପର୍ଯ୍ୟନ୍ତ ଏହା ଜିଲାରେ ପରିକ୍ରମା କରିବ।

ସେହିଦିନ ଅପରାହ୍ନରେ ଖଜୁରୀପଡ଼ା ଠାରେ ରଥ ଦୁଇଟିକୁ ଅଭ୍ୟର୍ଥନା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ପରେ ରଥ ଫୁଲବାଣୀ ଅଭିମୁଖେ ଯାତ୍ରା କରିବ। ଏଫ୍‌ସିଆଇ ଛକ ଠାରେ ଅଭ୍ୟର୍ଥନା କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଗାନ୍ଧୀ ସ୍ମୃତି ଭବନଠାରେ ସ୍ୱଳ୍ପ ସମୟର ବୈଠକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ଗାନ୍ଧିଜୀଙ୍କ ଓଡ଼ିଶା ଆଗମନ ଓ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉପରେ ସଭାଗୃହ ଠାରେ ଓ ଏମ୍.କେ.ଏସ.ପି. ପରିସର ମଧ୍ୟରେ ଭିଡିଓ ଚଳଚିତ୍ର ପ୍ରଦର୍ଶନ କରାଯିବ। ସେହିପରି ୨୩ ତାରିଖରୁ ଗୋଟିଏ ରଥ ଟିକାବାଲି, ଚକାପାଦ ଦେଇ ଜି.ଉଦୟଗିରି ଯିବ। ଅନ୍ୟ ରଥ ଫିରିଙ୍ଗିଆ, କ. ନୂଆଗାଁ ଦେଇ ବାଲିଗୁଡ଼ା ଯିବ ଏବଂ ସେଠାରେ ରାତ୍ର ରହଣି କରିବ। ପର ଦିନ ଅର୍ଥାତ୍ ୨୪ ତାରିଖରେ ଜି.ଉଦୟଗିରିରେ ରାତ୍ର ରହଣି କରିଥିବା ରଥ ସକାଳ ୭ଟାରେ ବାହାରି ରାଇକିଆ ଓ ଦାରିଙ୍ଗିବାଡ଼ି ପରିକ୍ରମା କରି ଫୁଲବାଣୀ ଫେରିଆସିବ । ଅନ୍ୟ ରଥ ତୁମୁଡ଼ିବନ୍ଧ ଓ କୋଟଗଡ଼ ପରିକ୍ରମା କରି ଫୁଲବାଣୀ ଫେରିବ। ୨୫ ତାରିଖରେ ରଥ ଦୁଇଟିକୁ ବୌଦ୍ଧ ଜିଲା ପ୍ରଶାସନକୁ ହସ୍ତାନ୍ତର କରାଯିବ ବୋଲି ସ୍ଥିର କରାଯାଇଛି।

Government of Odisha No.O-849:
Office of the Chief Construction Engineer, Rural Works Circle, Angul
E-Mail - sencrwangul@yahoo.co.in, Ph.:06764- 236404
e-Procurement Notice for Building works in Odisha
Bid Identification No. Building Online AGL- 10/2022-23
No.1562// Dt.19.8.22//
1. Name of the Work : Building Works
2. Total No.of work : 02 Nos.
3. Estimated cost : Rs.90.12 & Rs.192.04 Lakh
4. Class of Contractor : 'B' & 'A' Class
5. Period of completion : 12 (Twelve) Calendar Months
6. Other details.

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking tender clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle,Angul | Building Online-AGL-10/2022-23 | 24.08.2022 at 10.00 A.M. | 07.09.2022 upto 3.00 P.M. | 05.09.2022 upto 1.00 P.M. | 07.09.2022 upto 4.00 P.M. | Will be intimated separately |

(1) For detailed Notice Inviting Tenders, Please visit to the website www.tendersorissa.gov.in.
Sd./- Chief Construction Engineer, Rural Works Circle, Angul
OIPR-25180/11/0015/2223

## ସଂକ୍ଷେପରେ

### ୪ ବାଲି ବୋଝେଇ ଟ୍ରକ୍ ଜବତ



ଗଞ୍ଜାମ,୨୧।୮(ଡି.ଏନ୍.ଏ.)-ଗଞ୍ଜାମ ତହସିଲ କାର୍ଯ୍ୟାଳୟ ପକ୍ଷରୁ ୪ଟି ବାଲି ବୋଝେଇ ଟ୍ରକ୍ ଜବତ କରାଯାଇଛି। ଜବତ ଟ୍ରକ୍‌ଗୁଡିକ ଗଞ୍ଜାମ ଥାନା ସମ୍ମୁଖରେ ଦୁଇ ଦିନ ହେବ ରହିଥିଲେ ମଧ ତହସିଲ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନି। ଉକ୍ତ ଟ୍ରକ୍‌ଗୁଡ଼ିକ କଟକ ବାଲିଘାଟରୁ ବାଲି ବୋଝେଇ କରି ଆନ୍ଧ୍ରପ୍ରଦେଶକୁ ଚୋରା ଚାଲାଣ ହେଉଥିବା ବେଳେ ଚଢ଼ାଉ କରି ପ୍ରଶାସନ ଧରିଛି। ଏହିଭଳି ବାଲି ବୋଝେଇ ଟ୍ରକ୍ ଜବତ ହେଉଥିଲେ ମଧ ଏ ନେଇ ତହସିଲ ପ୍ରଶାସନ ଗଣମାଧମକୁ ସୂଚନା ପ୍ରଦାନ କରୁନାହାଁ।

### ବିଦ୍ୟୁତ୍ ସଂସ୍ପର୍ଶରେ ମହିଳା ଶ୍ରମିକ ମୃତ

**ଗୋପାଳପୁର,୨୧।୮(ଡି.ଏନ.ଏ.):** ଗୋଳନ୍ଥରା ଥାନା ଅନ୍ତର୍ଗତ ଗୋବିନ୍ଦନଗର ଛକରେ ଘର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଜଣେ ମହିଳା ଶ୍ରମିକଙ୍କ ବିଦ୍ୟୁତ୍ ସଂସ୍ପର୍ଶରେ ମୃତ୍ୟୁ ଘଟିଛି। ସେ ହେଲେ ଗୋଳନ୍ଥରା ନୂଆସାହିର ଶୁବାସିନୀ ସେଠୀ (୪୮)। ମିଳିଥିବା ସୂଚନା ପ୍ରକାରେ, ଏହି ଥାନା ଅନ୍ତର୍ଗତ ମୃତା ଶିବାନୀ ଜଣେ ଦିନମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରିଆସୁଥିଲେ। ରବିବାର ସାଢ଼େ ୧୧ଟାରେ ଗୋବିନ୍ଦନଗର ଛକ ସ୍ଥିତ ଜନୈକା ମହିଳାଙ୍କ ଘର ନିର୍ମାଣ କାର୍ଯ୍ୟରେ ଶ୍ରମିକ ଭାବେ ଶୁବାସିନୀ କାର୍ଯ୍ୟ କରୁଥିବା ବେଳେ କୌଣସି କାରଣରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଏତଲାକ୍ରମେ ଗୋଳନ୍ଥରା ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ନଂ.୨୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ମହେନ୍ଦ୍ରତନୟା ନଦୀରୁ ବ୍ୟକ୍ତିଙ୍କ ମୃତଦେହ ଜବତ

**ପାରଳାଖେମୁଣ୍ଡି,୨୧।୮(ଡି.ଏନ୍.ଏ.):** ପାରଳାଖେମୁଣ୍ଡି ସହର ଉପକଣ୍ଠରେ ପ୍ରବାହିତ ହେଉଥିବା ମହେନ୍ଦ୍ରତନୟା ନଦୀରୁ ରବିବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରାଯାଇଛି। ମୃତ ଦେହଟି ନଦୀରେ ଭାସି ଆସୁଥିବା କେତେଜଣ ଦେଖିଥିଲେ। ଖବର ପାଇ ପାରଳା ଅଗ୍ନିଶମ ବିଭାଗ ପହଞ୍ଚି ଉକ୍ତ ମୃତଦେହକୁ ଜବତ କରିଥିଲେ। ଉକ୍ତ ସ୍ଥାନରେ ଆଦର୍ଶ ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଥିଲା। ମୃତଦେହ ଜଣେ ପୁରୁଷଙ୍କ ହୋଇଥିବା ବେଳେ ତାଙ୍କର କୌଣସି ପରିଚୟ ମିଳିପାରିନାହିଁ।

### ଘରୁ ଲୁଟ ମାମଲାରେ ଫେରାର ଯୁବକ କୋର୍ଟ ଚାଲାଣ

**ଗୋପାଳପୁର,୨୧।୮(ଡି.ଏନ.ଏ.):** ତାଲାଭାଙ୍ଗି ଘରୁ ଲୁଟ୍ କରିବା ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗୋଳନ୍ଥରା ଥାନା ପୋଲିସ ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ କନିଷି ହାଟ ଗ୍ରାମର ଲକ୍ଷ୍ମୀକାନ୍ତ ମହାରଣା (୩୦)। ପୂର୍ବରୁ ଉକ୍ତ ମାମଲାରେ ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଚୋରି ହୋଇଥିବା ଏକ ହଳଦିଆ ଲୁହା ଗ୍ରୀଲ୍, ଗୋଟିଏ କଳାରଙ୍ଗର ହିରୋହୋଣ୍ଡା ଗ୍ଲାମର ଓ ଗୋଟିଏ ଲାଲ୍‌ରଙ୍ଗଲ ଗ୍ଲାମର, ଗୋଟିଏ ୱାଟର ହ୍ୟାଣ୍ଡପମ୍ପ ଓ ଦୁଇ ଏଚ୍‌ପି ପାଣିପମ୍ପ୍ ପୋଲିସ ଜବତ କରିଥିଲା। ଏହି ଅଭିଯୁକ୍ତମାନେ ଏବେ ଜେଲରେ ରହିଥିବା ଜଣାପଡ଼ିଛି। ଘଟଣା ପରଠାରୁ ଲକ୍ଷ୍ମୀକାନ୍ତ ଗିରଫ ଭୟରେ ଫେରାର ଥିଲେ। ଶନିବାର ରାତିରେ କନିଷି ହାଟରେ ଲକ୍ଷ୍ମୀକାନ୍ତ ବୁଲୁଥିବା ଖବର ପାଇ ଗୋଳନ୍ଥରା ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ ଧରିଥିଲା। ଏହି ଥାନା ଅନ୍ତର୍ଗତ ଧୁବାପୋଲ୍ଲୀ ଗ୍ରାମରେ ଗୋଷାଣୀ ନୂଆଗାଁ ଅଞ୍ଚଳ ନେହେରୁ ନଗର ଦ୍ୱିତୀୟ ଲାଇନରେ ରହୁଥିବା ବସନ୍ତ କୁମାର ପଣ୍ଡାଙ୍କ ଘର ନିର୍ମାଣ କାମ ଚାଲିଛି। ଗତ ଏପ୍ରିଲ ୩ ମଧରାତ୍ରିରେ ନିର୍ମାଣାଧୀନ ଘରେ କିଛି ଅଜଣା ଲୋକ ଘରର ତାଲା ଭାଙ୍ଗି ଗ୍ରୀଲ୍ ଓ ଦୁଇଟି ପମ୍ପସେଟ୍ ଚୋରିକରି ନେଇ ପଳାଇଥିଲେ। ଏନେଇ ବସନ୍ତ ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୬୯/୨୨ ପ୍ରକାରେ ମାମଲା ରୁଜୁ ସହ ତଦନ୍ତ ଆରମ୍ଭ କରି ଅଭିଯୁକ୍ତଙ୍କୁ ଧରିଥିଲା।

# ମନିଟରିଂ ଲାଗି ଜିଲାପାଳଙ୍କୁ ନିର୍ଦ୍ଦେଶ

### ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନା

**ଛତ୍ରପୁର,୨୧।୮(ଡି.ଏନ୍.ଏ.)**

ଗଞ୍ଜାମ ଜିଲାର ସହରାଞ୍ଚଳଗୁଡିକରେ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ ଯୋଜନାରେ ଠିକାଦାରମାନେ କାମ କରୁଛନ୍ତି। ମହିଳା ସଂଘ ସଦସ୍ୟାମାନେ ଏହି ଯୋଜନାରେ ହେଉଥିବା କାମରେ ନିୟୋଜିତ ହେବା ବାଧତାମୂଳକ। ମାତ୍ର ମହିଳାସଂଘ ନାଁରେ ଠିକାଦାରମାନେ କାମ କରଛନ୍ତି। ମହାନଗର ନିଗମର କମିଶନର, ମ୍ୟୁନିସିପାଲିଟି ଓ ଏନଏସିର ନିର୍ବାହୀ ଅଧିକାରୀ, ଯନ୍ତ୍ରୀ ଓ ଆକାଉଣ୍ଟାଣ୍ଟମାନେ ଏଥିରେ ଠିକାଦାରମାନଙ୍କୁ ସହାୟତା କରୁଛନ୍ତି। ଏ ସମ୍ପର୍କରେ ବିଭାଗ ନିକଟକୁ ଅଭିଯୋଗ ଆସୁଥିବା ଛତ୍ରପୁରଠାରେ ସମୀକ୍ଷା ବେଳେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ପ୍ରମୁଖ ଶାସନ ସଚିବ ଜି.ମାଥିଭାଥନନ୍ କହିଛନ୍ତି। ଏହି ଯୋଜନାର ମନିଟରିଂ କରିବାକୁ ଜିଲାପାଳଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ପ୍ରମାଣ ମିଳିଲେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ କାର୍ଯ୍ୟରୁ ଅନ୍ତର ଓ ବହିଷ୍କାର କରାଯିବ। ଅପରପକ୍ଷରେ ୨ ମାସରେ ଥରେ ମହିଳା ସଂଘର ସଦସ୍ୟାଙ୍କୁ ଉକ୍ତ ଯୋଜନାରେ ପାରିଶ୍ରମିକ ଦିଆଯାଉଛି। ସେମାନେ ୨ ମାସ କିଭଳି ବିନା ପାରିଶ୍ରମିକରେ ଚଳୁଛନ୍ତି ସେ ନେଇ ବୈଠକରେ ସନ୍ଦେହ ପ୍ରକାଶ କରାଯିବା ସହ ଠିକାଦାରମାନେ ସବୁ କାମ କରୁଥିବା କୁହାଯାଇଥିଲା। ମିଶନ ଶକ୍ତିକୁ କାର୍ଯ୍ୟାଦେଶ ଦେବା ପରେ ମଷ୍ଟରରୋଲ୍ ଦିଆଯାଉନି। ଏହି ଯୋଜନାରେ ୧ହଜାର କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବାବେଳେ କେବଳ ୪୦୦ କୋଟି ଟଙ୍କା ମଞ୍ଜୁର ହୋଇପାରିଛି। ମହାନଗର ନିଗମର କମିଶନର, ମ୍ୟୁନିସିପାଲିଟି ଓ ଏନଏସିର ନିର୍ବାହୀ ଅଧିକାରୀମାନେ ପ୍ରସ୍ତାବ ଦେଇପାରୁନାହାନ୍ତି। ଏହାଉପରେ ଫୋକସ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ, ବ୍ରହ୍ମପୁର ମହାନଗର ନିଗମରେ ୩୭୦ ପ୍ରକଳ୍ପ ମଧ୍ୟରୁ ୬୮ଟି ପ୍ରକଳ୍ପର କାମ ସରିଛି। ସେହିପରି ଜିଲାର ହିଞ୍ଜିଳି ମ୍ୟୁନିସିପାଲିଟି ଓ ୧୬ ଏନଏସିରେ ୩୫୫ ପ୍ରକଳ୍ପ ମଧ୍ୟରୁ ମାତ୍ର ୨୭ଟି ପ୍ରକଳ୍ପର କାମ ସରିଥିବା ସୂଚନା ମିଳିଛି। ମହିଳା ସଂଘର ସଦସ୍ୟାଙ୍କୁ ସ୍ୱାବଲମ୍ବୀ କରିବା ଏହି ଯୋଜନାର ଲକ୍ଷ୍ୟ। ଏହି ଯୋଜନାରେ ସହରାଞ୍ଚଗୁଡିକରେ ଓପନ୍ ଏୟାର ଜିମ୍, ପାର୍କ, ଜଳ ସଂରକ୍ଷଣ ପ୍ରକଳ୍ପ, ୱାକିଂ ଟ୍ରାକ୍, ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଉଛି।

# ଘର ଭୁଶୁଡ଼ି ୨ ଗୁରୁତର



ଭୁଶୁଡି ପଡ଼ିଥିବା ଘର।

**ଧରାକୋଟ,୨୧।୮(ଡି.ଏନ୍.ଏ.)**

ଧରାକୋଟ ବ୍ଲକ ବାହାରପୁର ପଞ୍ଚାୟତ ବାହାରପୁର ଗ୍ରାମ ତେଲି ସାହିର ଆଶାକର୍ମୀ ରତ୍ନମାଳା ସାହୁ ଓ ଭଜରାମ ସାହୁଙ୍କ ଘର ଶନିବାର ସନ୍ଧ୍ୟାରେ ଭୁଶୁଡ଼ି ପଡ଼ିଛି। ଲଘୁଚାପଜନିତ ଲଗାଣ ବର୍ଷାରେ ଭିଜି ଘର ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ଆଶାକର୍ମୀ ରତ୍ନମାଳା ଓ ତାଙ୍କ ପୁଅ କିଶନ ଉକ୍ତ ଘରେ ଥିବାରୁ ଉଭୟେ ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ଧରାକୋଟ ମେଡିକାଲ ଓ ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରଶାସନ ତରଫରୁ କୌଣସି ପଦାଧିକାରୀ ଏ ପର୍ଯ୍ୟନ୍ତ ଘଟଣାସ୍ଥଳରେ ପହଞ୍ଚି ନଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଭୁଶୁଡ଼ି ପଡ଼ିଥିବା ଛାତର ବଳକା ଅଂଶ ବିପଦପୂର୍ଣ୍ଣ ଭାବରେ ରହିଥିବାରୁ ଦୁଇ ପରିବାରର ଅନ୍ୟ ସଦସ୍ୟମାନେ ପଡୋଶୀଙ୍କ ବାରଣ୍ଡାରେ ଆଶ୍ରୟ ନେଇଛନ୍ତି। ପ୍ରଶାସନ ତରଫରୁ ତୁରନ୍ତ ସେମାନଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ସରପଞ୍ଚ ଗୀତା ନାୟକ ଓ ସମିତି ସଭ୍ୟ ସୁଜାତା ଜେନା ଦାବି କରିଛନ୍ତି।

# ଖାଦ୍ୟଯୋଗାଣ ମନ୍ତ୍ରୀଙ୍କ ଗଜପତି ଗସ୍ତ



ରୟଗଡ଼ାରେ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

**ପାରଳାଖେମୁଣ୍ଡି/ ରାୟଗଡ଼, ୨୧।୮(ଡି.ଏନ୍.ଏ.)**

ଯୋଗାଣ ବିଭାଗ ମନ୍ତ୍ରୀ ତଥା ଜିଲା ପ୍ରଭାରୀ ଅତନୁ ସବ୍ୟସାଚୀ ନାୟକ ରବିବାର ଦିନିକିଆ ଗଜପତି ଜିଲା ଗସ୍ତ କରିଛନ୍ତି। ମନ୍ତ୍ରୀ ସକାଳୁ ମୋହନାରେ ପହଞ୍ଚି ମୋହନା ନିର୍ବାଚନମଣ୍ଡଳୀର ତୃଣମୂଳସ୍ତରର ନେତା ଓ କର୍ମୀମାନଙ୍କୁ ସାକ୍ଷାତ୍ କରିବା ସହ ଆୟୋଜିତ କର୍ମୀ ସମ୍ମିଳନୀରେ ଯୋଗଦେଇ ଦଳୀୟ ସଂଗଠନକୁ ମଜଭୁତ କରିବାକୁ ନେତାମାନଙ୍କୁ କହିଥିଲେ। ଏଥିସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ମୋହନା ନିର୍ବାଚନମଣ୍ଡଳୀର ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଅପରାହ୍ନରେ ରାୟଗଡ଼ ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ଆଦିବାସୀଙ୍କ ପାରମ୍ପରିକ ବାଦ୍ୟରେ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କୁ ବ୍ଲକ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ପଞ୍ଚାୟତ ପ୍ରତିନିଧିମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପୂର୍ବତନ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ଗମାଙ୍ଗ, ବ୍ଲକ ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ଭାରପ୍ରାପ୍ତ ବିଡିଓ ପୀତାମ୍ବର ବେହେରା, ଯୋଗାଣ ନିରୀକ୍ଷକ ଭବାନୀ ବେହେରା, ଜିଲା ପରିଷଦ ସଭ୍ୟା ଗୌତମୀ ଜାନି, ବ୍ଲକ ସଭାପତି ସୀମାଞ୍ଚଳ ମହାନ୍ତି, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ଆର୍. ବିଜୟ କୁମାରଙ୍କ ସମେତ ପଞ୍ଚାୟତ ପ୍ରତିନିଧି ଓ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ। ଅପରାହ୍ନରେ ପାରଳାଖେମୁଣ୍ଡିରେ ପହଞ୍ଚି କଲେଜ ଛକ ନିକଟରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପାରଳାଖେମୁଣ୍ଡିର ରାଧାରାଣୀ କଲ୍ୟାଣ ମଣ୍ଡପରେ ଆୟୋଜିତ କର୍ମୀ ସମ୍ମିଳନୀରେ ମନ୍ତ୍ରୀଙ୍କ ସହ ବ୍ରହ୍ମପୁର ଏମ୍‌ପି ଯୋଗଦେଇଛନ୍ତି। ଏହି ସମ୍ମିଳନୀରେ କାଶୀନାଗର, ଗୁମ୍ମା, ଗୋଷାଣି ବ୍ଲକର ବହୁ ନେତା ଓ କର୍ମୀ ଯୋଗଦେଇଥିଲେ। ଏହାସହ ପାରଳାଖେମୁଣ୍ଡି ପୌରପାଳିକା ଅଧ୍ୟକ୍ଷା ନିର୍ମଳା ସେଠୀ ଓ କାଶୀନାଗର ବିଜ୍ଞାପିତ ପରିଷଦ ଅଞ୍ଚଳର ଅଧ୍ୟକ୍ଷା ସୁଧାରାଣୀ, ଦଳୀୟ ସଭାପତି ପ୍ରଦୀପ ନାୟକ, ତିରୁପତି ପାଣିଗ୍ରାହୀ, ଯୁବ ବିଜେଡି ନେତା ରୂପେଶ କୁମାର ପାଣିଗ୍ରାହୀ, ରାଜଜେମା କଲ୍ୟାଣୀ ଗଜପତି ପ୍ରମୁଖ ଯୋଗଦେଇଥିଲେ।

# ୨୫ ଓ ୨୬ରେ ଗଞ୍ଜାମରେ ପେନସନ ଅଦାଲତ

**ଛତ୍ରପୁର,୨୧।୮(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ପ୍ରଶାସନ ଆନୁକୂଲ୍ୟରେ ଏବଂ ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ)ଙ୍କ ସହଯୋଗରେ ଛତ୍ରପୁର ସଂସ୍କୃତି ଭବନ ସମ୍ମିଳନୀ କକ୍ଷଠାରେ ଆସନ୍ତା ୨୫ ଓ ୨୬ ତାରିଖ ଦୁଇଦିନ ଧରି ପେନସନ ଅଦାଲତ ଅନୁଷ୍ଠିତ ହେବ। ଜିଲାର ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କର ବକେୟା ଅବସରକାଳୀନ ପ୍ରାପ୍ୟ ଓ ଆସନ୍ତା ମାସରେ ଅବସର ନେବାକୁ ଥିବା କର୍ମଚାରୀମାନଙ୍କ ପାଇଁ ଏହି ଅଦାଲତରେ ଶୁଣାଣି ହେବ। ପେନସନ ଅଦାଲତରେ ପ୍ରଧାନ ମହାଲେଖାକାର (ଏ.ଜି )ର ଉଚ୍ଚ ପଦସ୍ଥ ଅଧିକାରୀମାନେ ଉପସ୍ଥିତ ରହି ବକେୟା ଅବସରକାଳୀନ ପ୍ରାପ୍ୟ ପ୍ରଦାନ ପାଇଁ ତ୍ୱରିତ ପଦକ୍ଷେପ ନେବେ। ତେଣୁ ଜିଲାର ପେନସନ ମଞ୍ଜୁର କର୍ତ୍ତା ଓ ପେନସନରମାନଙ୍କୁ ଆବଶ୍ୟକ କାଗଜପତ୍ର ସହ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି। ଯେଉଁମାନଙ୍କର ପେନସନ ଆବେଦନପତ୍ର ଏଜି କାର୍ଯ୍ୟାଳୟକୁ ପଠାଯାଇପାରିନାହିଁ କିମ୍ବା ଅନ୍ୟ କାରଣରୁ ପେନସନ ମଞ୍ଜୁର ହୋଇପାରିନି ସେମାନଙ୍କର କାଗଜପତ୍ର ଏହି ଅଦାଲତରେ ଉପସ୍ଥାପନ କରିବାକୁ ଏଜି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଶ୍ରୀରାଜ ଅଶୋକ, ବରିଷ୍ଠ ଉପ ମହାଲେଖାକାର, ସୁଶ୍ରୀ ଏସ. ଅରୁଣା ଉପ ମହାଲେଖାକାର (ପେନସନ), ପି. ଅଶୋକାନ ଉପ ମହାଲେଖାକାର (ଭବିଷ୍ୟନିଧି) ଅଭିଯୋଗ ଶୁଣାଣି ବେଳେ ଉପସ୍ଥିତ ରହିବେ ସମସ୍ତ ପେନସନ ସମସ୍ୟାଗୁଡ଼ିକର ସମାଧାନ କରିବେ। ଜିଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ପେନସନ ଅଦାଲତକୁ ଉଦଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଏହି ସୂଚନା ଦେଇଛନ୍ତି।

# ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ



**ଜି.ଉଦୟଗିର.୨୧।୮(ଡି.ଏନ.ଏ.)**

ଜି.ଉଦୟଗିରିର ପ୍ରସିଦ୍ଧ ଶାରଦୀୟ ଦୁର୍ଗାପୂଜା ପାଇଁ ରବିବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଚଳିତବର୍ଷ ମହାଆଡ଼ମ୍ବରରେ ଶୃଙ୍ଖଳିତ ଭ ପାଇଁ ପୂଜା କମିଟି, ସାଂସ୍କୃତିକ କମିଟି, ଭୋଗ କମିଟି ଆଦି ଗଠନ କରିବା ସହିତ ବୃତାନ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ପୂଜା କମିଟି ସଭାପତି କାଳୁ ଚରଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୂଜା କମିଟି ସମ୍ପାଦକ ଅରୁଣ ଷଡଙ୍ଗୀ, କାର୍ଯ୍ୟକାରିଣୀ ସଭ୍ୟଚନ୍ଦନ ପାଣିଗ୍ରାହୀ, କୃଷ୍ଣ ପାତ୍ର, ଦେବୀ ପ୍ରସାଦ ଦାଶ, ଦୁର୍ଗା ମାଧବ ପଟ୍ଟନାୟକ, ସୁଜିତ ସାହୁ, ଅଶୋକ ପାତ୍ର, ଦଣ୍ଡପାଣି ପାଢୀ, ପତିତପାବନ ସାହୁ, ସନ୍ତୋଷ କୁମାର ମୁନି, ନୀଳମାଧବ ପତିଙ୍କ ସମେତ କର୍ତ୍ତା ଭାବେ ପ୍ରତାପ ପଣ୍ଡା ଯୋଗ ଦେଇଥିଲେ। ପୁରୋହିତ ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟ, ସୁଧାଂଶୁ ଆଚାର୍ଯ୍ୟ, ସଞ୍ଜୟ ଆଚାର୍ଯ୍ୟ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ।

# ଉପୁଡ଼ିଲା ଗଛ, ବୁଗୁଡ଼ା-ଷୋଳମାଇଲି ଯାତାୟାତ ବନ୍ଦ



ରାସ୍ତାରେ ପଡିଥିବା ଗଛକୁ କାଟୁଛନ୍ତି କର୍ମଚାରୀମାନେ।

**ବୁଗୁଡ଼ା,୨୧।୮(ଡି.ଏନ.ଏ.)**

ବୁଗୁଡ଼ା-ଷୋଳମାଇଲି ରାସ୍ତାର କଡ଼ରେ ଥିବା ଏକ କଦମ୍ବ ଗଛ ରବିବାର ଅପରାହ୍ନରେ ପ୍ରବଳ ବର୍ଷାରେ ମୂଳରୁ ଉପୁଡ଼ିଯାଇ ରାସ୍ତା ଉପରେ ପଡ଼ିଥିଲା। ଫଳରେ ରାସ୍ତା ଅବରୋଧ ହୋଇଥିଲା ଏବଂ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ରୂପେ ଠପ୍ ହୋଇଯାଇଥିଲା। ଖବର ପାଇ ଦମକଳବାହିନୀ ସେଠାରେ ପହଞ୍ଚି ଗଛକୁ କାଟି ରାସ୍ତା ଅବରୋଧ ହଟାଇଥିଲେ। ଦୀର୍ଘ ୨ ଘଣ୍ଟା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ପ୍ରକାଶଯୋଗ୍ୟ, ପୂର୍ବରୁ ଗଛଟିର ମୂଳ ଉପୁଡ଼ିଯାଇ ରାସ୍ତା ପଟକୁ ସାମାନ୍ୟ ଢଳି ରହିଥିଲା। ଏ ନେଇ ବନ ବିଭାଗକୁ ଅବଗତ କରାଯାଇଥିଲେ ହେଁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି କୌଣସି ଗୁରୁତ୍ୱ ଦେଇନଥିଲେ। ଫଳରେ ଏଭଳି ପରିସ୍ଥିତି ଉପୁଜିଲା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଚାଷୀ ପଞ୍ଜୀକରଣ ଅବଧି ସରିବ ଆଜି

**ଛତ୍ରପୁର,୨୧।୮(ଡି.ଏନ୍.ଏ.)**

ଖରିଫ ଧାନ ବିକିବା ପାଇଁ ଚାଷୀମାନଙ୍କୁ ଆଗୁଆ ଅନଲାଇନ୍‌ରେ ପଞ୍ଜୀକରଣ କରିବାକୁ ହେଉଛି। ଏଥି ଅବଧି ସୋମବାର ସରିବ। ପୂର୍ବରୁ ଏଥିପାଇଁ ୧୬ ତାରିଖ ଶେଷ ଦିନ ଥିଲା। ପରେ ୨୨ ତାରିଖକୁ ବୃଦ୍ଧି ହୋଇଥିଲା। ଅପରପକ୍ଷରେ ଗଞ୍ଜାମ ଜିଲାରେ ଚାଷୀ ପଞ୍ଜୀକରଣ ବହୁ ଧିମା ରହିଛି। ରବିବାର ସନ୍ଧ୍ୟା ସୁଦ୍ଧା ଜିଲାର ୧ ଲକ୍ଷ ୧୭ ହଜାର ୮୮୭ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ପଞ୍ଜୀକରଣ ପାଇଁ ଆଉ ଗୋଟିଏ ଦିନ ବାକି ଥିବାରୁ କିଭଳି ସମସ୍ତ ଚାଷୀ ପଞ୍ଜୀକୃତ ହେବେ ସେ ନେଇ ସନ୍ଦେହ ଦେଖାଦେଇଛି। ବିଗତ ବର୍ଷଗୁଡିକରେ ଚାଷୀ ପଞ୍ଜୀକରଣ ପାଇଁ ୨ ମାସ ଅବଧି ରହୁଥିଲା। ମାତ୍ର ଚଳିତ ବର୍ଷ ଗତ ଜୁଲାଇ ୧୫ରୁ ୧ମାସ ଓ ପରେ ଆଉ ୬ ଦିନ ଅର୍ଥାତ୍ ସୋମବାର ପର୍ଯ୍ୟନ୍ତ ଅବଧି ବଢ଼ିଛି। ରବିବାର ସନ୍ଧ୍ୟା ସୁଦ୍ଧା ଜିଲାର ୪୬୪ ପ୍ୟାକ୍ସ ମଧ୍ୟରୁ ୩୭୦ ପ୍ୟାକ୍ସ ପକ୍ଷରୁ ୯୯ ହଜାର ୪୪୪ ଚାଷୀଙ୍କ ପଞ୍ଜୀକରଣ କରାଯାଇଥିବା ବେଳେ ୯୩ ଟି ମହିଳା ସଂଘ ପକ୍ଷରୁ ୧୮ହଜାର ୩୫୨ ଜଣ ଚାଷୀ, ଗୋଟିଏ ପାଣି ପଞ୍ଚାୟତ ପକ୍ଷରୁ ୯୫ ଜଣ ଚାଷୀଙ୍କ ପଞ୍ଜୀକରଣ କରାଯାଇଛି। ସୂଚନାଯୋଗ୍ୟ ଗତବର୍ଷ ଜିଲାର ୧ଲକ୍ଷ ୨୪ ହଜାର ୩୦୦ ଚାଷୀ ଧାନ ବିକିବା ପାଇଁ ପଞ୍ଜୀକୃତ ହୋଇଥିଲେ। ସେମାନଙ୍କ ମଧ୍ୟରୁ କେବଳ ୯୬ ହଜାର ଚାଷୀଙ୍କ ଠାରୁ ସରକାର ଧାନ କିଣି ପାରିଥିଲେ। ଅବଧି ବୃଦ୍ଧି କରାଗଲେ ଖରିଫ ଧାନ ବିକିବା ପାଇଁ ଜିଲାର ସମସ୍ତ ଚାଷୀ ପଞ୍ଜୀକୃତ ହୋଇପାରିବେ ବୋଲି ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ କହିଛନ୍ତି।

# ଆଇକନିକ ଆଦର୍ଶ ବିଦ୍ୟାଳୟ ଲାଗି ୩ ଛାତ୍ରୀଛାତ୍ର ଚୟନ

### ବାଦପୁର ଆଦର୍ଶ ବିଦ୍ୟାଳୟରେ ଶତପ୍ରତିଶତ ଫଳାଫଳ

**ପାତ୍ରପୁର,୨୧।୮(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ବାଦପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ମାଟ୍ରିକ ଓ ଦ୍ୱାଦଶ ଶ୍ରେଣୀର ଫଳାଫଳ ଶତପ୍ରତିଶତ ହୋଇଛି। ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଉଦ୍ୟମ ଓ ଛାତ୍ରୀଛାତ୍ରଙ୍କ ଆକ୍ଲାନ୍ତ ପରିଶ୍ରମ ଯୋଗୁ ବିଦ୍ୟାଳୟ ସଫଳତାର ଶୀର୍ଷରେ ପହଞ୍ଚି ପାରିଛି। ଦଶମ ଶ୍ରେଣୀର ୩ ଛାତ୍ରୀଛାତ୍ର ସଞ୍ଜୟ ପ୍ରଧାନ, ଲିଜା ପତି ଓ ରାଜେଶ ବେହେରା ଆଇନିକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଭୁବନେଶ୍ୱରରେ ଅଧ୍ୟୟନ ଲାଗି ଚୟନ ହୋଇଛନ୍ତି। ସେହିପରି ଯୁକ୍ତ ୨ର ତିନି ଜଣ ଛାତ୍ରଛାତ୍ରୀ ରସାୟନ ବିଜ୍ଞାନରେ ଶତପ୍ରତିଶତ ନମ୍ବର ରଖି ସର୍ବ ଭାରତୀୟ ସ୍ତରରେ ୧୧ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଦଶମ ଶ୍ରେଣୀରେ ୭୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସମସ୍ତ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦୁଇ ଛାତ୍ରଛାତ୍ରୀ ଶତକଡା ୯୫ରୁ ଉର୍ଦ୍ଧ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ୧୦ ଜଣ ଛାତ୍ରଛାତ୍ରୀ ଶତକଡା ୯୦ରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବାବେଳେ ୪୧ ଜଣ ଛାତ୍ରଛାତ୍ରୀ ଶତକଡା ୮୦ ଭାଗରୁ ଉର୍ଦ୍ଧ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ର ସଞ୍ଜୟ ପ୍ରଧାନ ୯୬.୬ % ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ ପରୀକ୍ଷା ଦେଇଥିବା ସମସ୍ତ ୫୪ ଜଣ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶତକଡା ୯୦ ଭାଗ ନମ୍ବର ରଖି ୬ ଜଣ ଛାତ୍ରଛାତ୍ରୀ, ଶତକଡା ୮୦ ରୁ ଉର୍ଦ୍ଧ ନମ୍ବର ରଖି ୨୧ ଛାତ୍ର ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିଲାବେଳେ ଶତକଡା ୯୪.୪ % ମାର୍କ ରଖି ଶିଳ୍ପା ପଣ୍ଡା ବିଦ୍ୟାଳୟ ଟପ୍ପର ହୋଇଥିବା ନେଇ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଶର୍ମିଳା ରାଉତ ସୂଚନା ଦେଇଛନ୍ତି।

# ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଯୋଗାଣକୁ ଗୁରୁତ୍ୱ

### ଗୁମ୍ମାରେ ଦ୍ୱିତୀୟ ସମିତି ବୈଠକ

**ପାରଳାଖେମୁଣ୍ଡି,୨୧।୮(ଡି.ଏନ୍.ଏ.)**




ବୈଠକରେ ଉପସ୍ଥିତ ଏମ୍‌ପି ଓ ଅନ୍ୟମାନେ।

ଗଜପତି ଜିଲା ଗୁମ୍ମା ପଞ୍ଚାୟତ ସମିତିର ଦ୍ୱିତୀୟ ବୈଠକ ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖ ସାହୁ, ଜିଲା ପରିଷଦ ସଭ୍ୟା ରେଣୁକା ପାତ୍ର, ଉପାଧ୍ୟକ୍ଷ ଶ୍ରୀନିବାସ ରାଓ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାସ୍କର ଚନ୍ଦ୍ର ସାହୁ, ବିଧାୟକ ପ୍ରତିନିଧି କୃଷ୍ଣଚନ୍ଦ୍ର ବିଶୋଇ,ଏଇ ସିଦ୍ଧାର୍ଥ ଶଙ୍କର ତ୍ରିପାଠୀ,ଏମଓଆଇସି ଚିନ୍ମୟ ଓ ଭାରପ୍ରାପ୍ତ ସଂପ୍ରସାରଣ ଅଧିକାରୀ ବି ଶଙ୍କର ରାଓ ଯୋଗ ଦେଇଥିଲେ। ପ୍ରଥମେ ଗ୍ରାମ ପଞ୍ଚୟତ ସଂପ୍ରସାରଣ ଅଧିକାରୀ ବି. ଶଙ୍କର ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଏଥିସହ ସ୍ୱଚ୍ଛ ଭାରତ, ପାନୀୟ ଜଳ ଯୋଗାଣ, ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନା, ସାମାଜିକ ସୁରକ୍ଷା, ମହିଳା ଓ ଶିଶୁ ବିକାଶ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆଦି ବିଭିନ୍ନ ବିଭାଗ ସମ୍ପର୍କିତ ଜନସାଧାରଣଙ୍କ ଅଭିଯୋଗ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଅଧ୍ୟକ୍ଷା ମଣ୍ଡଳ ସ୍ୱାସ୍ଥ୍ୟ ସେବାରେ ବହୁ ଅବହେଳା ହେଉଥିବାରୁ ଏହାର ସମାଧାନ ନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ବହୁ ସରକାରୀ କର୍ମଚାରୀଙ୍କ ଅବହେଳାରୁ ବହୁ ଉନ୍ନୟନ ପ୍ରକଳ୍ପ ପଛରେ ପଡ଼ିଛି। କାମ କରିବାକୁ ଇଛା କରୁ ନ ଥିବା କର୍ମଚାରୀ ମାନଙ୍କୁ ସାହୁ ତାଗିଦ କରିଥିଲେ। ଅନେକ ଗ୍ରାମରେ ପାନୀୟ ଜଳ ସମସ୍ୟା ସମ୍ପର୍କରେ ନବନିର୍ବାଚିତ ଜିବା, ଝାମି, ଗୁମ୍ମା ଓ ପରି ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ବୈଠକରେ ୨୦ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଗ୍ରାମସେବକ ଏବଂ ସମସ୍ତ ଲାଇନ ଡିପାଟମେଣ୍ଟ ଉପସ୍ଥିତ ଥିଲେ। ଜିପିଇଓ ବି. ଶଙ୍କର ରାଓ ବୈଠକ ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ ଦେଇଥିଲେ।


ଅହିୟାସ ଗ୍ରାମର ଏକ ଚୁଲିରେ ବନ୍ୟାପାଣି ପଶିଛି।


ଅହିୟାସ-କମଳପୁର ରାସ୍ତାରେ ୩ ଫୁଟ୍ ପାଣି ଚାଲିଛି।


ବନ୍ୟା ପ୍ରଭାବିତ ଗ୍ରାମବାସୀ ଚିନ୍ତାରେ ଅଛନ୍ତି।


ପିଲାମାନେ ବେଞ୍ଚରେ ବସି ବନ୍ୟାପାଣି ଦେଖୁଛନ୍ତି।

# ମରାମତି ଘାଇ ଭାଙ୍ଗିଲା

ଯାଜପୁର ଅଫିସ,୨୧।୮

ବୈତରଣୀ ନଦୀର ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁ ଯାଜପୁର ଜିଲା ଦେଇ ପ୍ରବାହିତ ବୈତରଣୀ ନଦୀର ଜଳପତନ ବୃଦ୍ଧି ପାଇବାରେ ଲାଗିଛି। ଆଖୁଆପଦା ଠାରେ ବିପଦସଙ୍କେତ ୧୭.୮୩ ମିଟର ରହିଥିବାବେଳେ ସେଠାରେ ରବିବାର ସନ୍ଧ୍ୟା ସୁଦ୍ଧା ୧୮.୯୩ ମିଟରରେ ବନ୍ୟା ପାଣି ପ୍ରବାହିତ ହେଉଛି। ଏହାସହ ଏଠାରେ ଦିନ ସାରା ପ୍ରାୟ ୧୯ ମିଟରରେ ବନ୍ୟା ପାଣି ପ୍ରବାହିତ ହେବା ଯୋଗୁ କାଣୀ ନଦୀର ବ୍ରହ୍ମଚାରୀପାଟଣାଠାରେ ମରାମତି ହୋଇଥିବା ଘାଇ ପୁଣି ଭାଙ୍ଗିଯାଇଛି। ଫଳରେ ବନ୍ୟାଜଳ ଆଖପାଖ ଗ୍ରାମକୁ ମାଡିଯାଇ ବ୍ୟାପକ କ୍ଷତି ଘଟାଇଛି। ୩ ଦିନ ତଳେ ବନ୍ୟାପାଣି କମିଯିବା ଦ୍ୱାରା ବନ୍ୟା ଦୁର୍ଗତମାନେ ଆଶ୍ୱସ୍ତ ହେବା ସହିତ ନିଜ ବାସଗୃହକୁ ଫେରି ଘର ସଜାଡ଼ିବା ବେଳକୁ ପୁଣି ଆଉ ଏକ ବନ୍ୟା ସେମାନଙ୍କ ପାଇଁ ବେଢି ଉପରେ କୋରଡା ମାଡ଼ ସଦୃଶ ହୋଇଛି।

ଜିଲାର ଦଶରଥପୁର, କୋରେଇ, ଯାଜପୁର ଓ ବିଞ୍ଝାରପୁର ବ୍ଲକର ୩୨ ପଞ୍ଚାୟତ ୧୪୮ ଗ୍ରାମର ୧ ଲକ୍ଷ ୧୦ ହଜାର ୭୯୫ ଜନସାଧାରଣ ପ୍ରଭାବିତ ହୋଇଛନ୍ତି। ୩୧୮ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ଥଇଥାନ କରାଯାଇଛି। ୪,୬୦୦ ଲୋକଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ଅଗଷ୍ଟ ୧୫ରେ ବ୍ରହ୍ମଚାରୀପାଟଣାଠାରେ ୧୦୦ ଫୁଟର ଘାଇ ସୃଷ୍ଟି ହୋଇଥିଲା। ୩ ଦିନ ତଳେ ଘାଇ ମରାମତି କାର୍ଯ୍ୟ ଯୁଦ୍ଧକାଳୀନଭିତ୍ତିରେ ଶେଷ ହୋଇଥିଲା। ବନ୍ୟାରେ ୧୩ ପଞ୍ଚାୟତର ୩୭ ଗ୍ରାମ କ୍ଷତିଗ୍ରସ୍ତ ହୋଇଥିବାବେଳେ ଏହା ଦ୍ୱାରା ୧୩,୮୬୦ ଜନସାଧାରଣ ପ୍ରଭାବିତ ହୋଇଥିଲେ। ୨ୟ ବନ୍ୟାରେ ଏହି ସଂଖ୍ୟା ୨୦ ହଜାର ଟପିବାର ଆଶଙ୍କା କରାଯାଉଛି। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଘାଇ ହୋଇଥିବା ସ୍ଥାନ ପରିଦର୍ଶନ କରିବା ସହିତ ରିଲିଫ୍ ଓ ଥଇଥାନ କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନ ତରଫରୁ ପ୍ରଭାବିତ କସପା ପଞ୍ଚାୟତର ୧୦ଟି ୱାର୍ଡକୁ ରବିବାରଠାରୁ ରନ୍ଧାଖାଦ୍ୟ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଅଧିକ ବନ୍ୟା ଆଶଙ୍କା କରି ପ୍ରଶାସନ ତରଫରୁ ୨ଟି ଏନ୍‌ଡିଆର୍‌ଏଫ୍ ଟିମ୍ ମୁତୟନ କରାଯାଇଛି। ଏହାସହ ୩,୭୬୯ ହେକ୍ଟର ଜମିରେ ବନ୍ୟା ପାଣି ହ୍ରାସ ପାଉଥିବା ବେଳେ ଏବେ ପୁଣି ତାହା ଭରିଯାଇଛି।

ପୂର୍ବ ରିପୋର୍ଟ ଅନୁସାରେ ୧୬ ଚାଳଘର, ୩୪ ଗୁହାଳ, ୨୬୮ କଚ୍ଚାଘର ନଷ୍ଟ ହୋଇଥିବାବେଳେ ଏହି ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି କରିଛି। ସେହିପରି ବନ୍ୟା ପ୍ରଭାବିତ ଘୋଷିତ ହୋଇଥିବା କସପା, ଦୁଦୁରାଅଣ୍ଟା, ମଲ୍ଲିକାପୁର, ଶୁଶୁଆ, ନିଜାମପୁର, କୟାଁ, କମାରଡିହ, ଖାନନଗର, ଜୟନ୍ତରା ଓ କଟିକଟା ପଞ୍ଚାୟତ ବାଦ୍ ଅନ୍ୟ ପଞ୍ଚାୟତଗୁଡିକୁ ମଧ୍ୟ ବନ୍ୟା ପାଣି ପଶିବାର ଆଶଙ୍କା କରାଯାଉଛି। ଲୋକଙ୍କ ଘର କାନ୍ଥ ଭୁଶୁଡ଼ିବା ସହ ଛପର ନଷ୍ଟ ହୋଇଯାଇଛି। ବିପନ୍ନମାନେ ପିଲାଛୁଆଙ୍କୁ ନେଇ ଦହଗଞ୍ଜ ହେଉଛନ୍ତି। ତଳପଟୁ ବର୍ଷାଜଳ ଘରେ ପଶି ଘରର କାନ୍ଥ ଦୁର୍ବଳ ଅବସ୍ଥାରେ ପହଞ୍ଚିଛି। ପଛପଡ଼ା, ବ୍ରହ୍ମଚାରୀପାଟଣା, କମାଳପୁର, ପଲାସାହି ଗ୍ରାମର ସ୍କୁଲଗୁଡିକରେ ବନ୍ୟା ପାଣି ପଶିଥିବାରୁ ବନ୍ୟା ଦୁର୍ଗତମାନେ ଆଶ୍ରୟ ନେବାକୁ ଠିକଣା ଖୋଜୁଛନ୍ତି। କେତେଜଣ ବନ୍ୟା ଦୁର୍ଗତ ପାଖ ପଡୋଶୀଙ୍କ ଘରେ ଆଶ୍ରୟ ନେଇଥିବାବେଳେ ଅନ୍ୟ କେତେଜଣ ଗୃହପାଳିତ ପ୍ରାଣୀ ସହ ବନ୍ଧ ହିଡ଼ରେ ରହିଥିବା ଦେଖାଯାଇଛି। ଏହି ଅଞ୍ଚଳରେ କୌଣସି ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହୋଇ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସରକାର ବନ୍ୟା ପ୍ରଭାବିତ ଅଞ୍ଚଳରେ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବାକୁ ବିପୁଳ ଅର୍ଥ ଖର୍ଚ୍ଚ କରୁଛନ୍ତି। ହେଲେ ଦଶରଥପୁର ବ୍ଲକର ଉପରୋକ୍ତ ବନ୍ୟା ପ୍ରଭାବିତ ଅଞ୍ଚଳ ସେଥିରୁ ବଞ୍ଚିତ ହୋଇଛି, ଯାହା ଏବେ ବିପନ୍ନଙ୍କ ପାଇଁ ଦୁଃଖ ଆଣିଦେଇଛି ବୋଲି ମତପ୍ରକାଶ କରିଛନ୍ତି।


ମରାମତି ହୋଇଥିବା ଘାଇ ବନ୍ୟାପାଣିରେ ଭାଙ୍ଗିଯାଇଛି।

- ବୈତରଣୀରେ ବନ୍ୟା ପରିସ୍ଥିତି ଗମ୍ଭୀର
- ବିପଦସଙ୍କେତର ୧ ମିଟର ଉପରେ ପାଣି
- ୪ ବ୍ଲକର ୧.୧ ଲକ୍ଷ ଲୋକ ପ୍ରଭାବିତ

# ବଢୁଛି ବ୍ରାହ୍ମଣୀ, ଖରସ୍ରୋତା

ରସୁଲପୁର/ଧର୍ମଶାଳା, ୨୧।୮(ଡି.ଏନ.ଏ.)

ରସୁଲପୁର ବ୍ଲକର ଉତ୍ତର ସୀମାରେ ଖରସ୍ରୋତା ଓ ଦକ୍ଷିଣ ସୀମାରେ ପ୍ରବାହିତ ବ୍ରାହ୍ମଣୀ ନଦୀର ଜଳସ୍ତର ବଢ଼ିବାରେ ଲାଗିଛି। ରେଙ୍ଗାଳି ଡ୍ୟାମର ଉପର ମୁଣ୍ଡରେ ଅଧିକ ବର୍ଷା ହୋଇଛି। ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ଏହି ଡ୍ୟାମରୁ ଗୋଟିଏ ଗେଟ୍ ଦେଇ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ଯାଜପୁର ଜିଲାର ଜେନାପୁରଠାରେ ବିପଦସଙ୍କେତ ୬୭ଫୁଟ ଥିବାବେଳେ ୬୧.୫୦ଫୁଟ୍ ଉଚ୍ଚରେ ଜଳ ପ୍ରବାହିତ ହେଉଛି। ରାତି ସୁଦ୍ଧା ଆଉ ଅଧିକ ଗେଟ୍ ଖୋଲାଯିବାର ସମ୍ଭାବନା ରହିଥିବା ନେଇ ରେଙ୍ଗାଳି ଡ୍ୟାମ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଯାଜପୁର ସମେତ ୫ ଜିଲାର ଜିଲାପାଳଙ୍କୁ ସର୍ତକ କରାଇ ଦିଆଯାଇଛି। ୨ ନଦୀବନ୍ଧର ଉଭୟ ପାର୍ଶ୍ୱରେ ଥିବା ଜନସାଧାରଣଙ୍କୁ ଏ ନେଇ ସତର୍କ ରହିବାକୁ କୁହାଯାଉଛି। ସମ୍ଭାବ୍ୟ ବନ୍ୟା ସ୍ଥିତିକୁ ନଜରରେ ରଖି ରସୁଲପୁର ବ୍ଲକ ପ୍ରଶାସନ ପକ୍ଷରୁ ୩ ବୋଟ୍, ୨ ଲାଇଫ୍ ଜ୍ୟାକେଟ୍, ୪ଜଣ ଲାଇଫବଏ ପ୍ରସ୍ତୁତ ଅଛନ୍ତି। ଆବଶ୍ୟକ ସ୍ଥଳେ ଧର୍ମଶାଳା ବ୍ଲକ ଅଞ୍ଚଳରୁ ଅଗ୍ନିଶମ ବାହିନୀ, ପାଣିକୋଇଲିରୁ ଏନ୍‌ଡିଆରଏଫ୍ ଟିମ୍‌ର ସହାୟତା ଅଣାଯିବ। ଏଥିସହ ବ୍ଲକର ଲକ୍ଷ୍ମୀନଗର ପଞ୍ଚାୟତରେ ଥିବା ବାତ୍ୟା ଆଶ୍ରୟସ୍ଥଳକୁ ସୁରକ୍ଷିତ ରଖାଯାଇଛି। ତଳେ ଗୋରୁମାନଙ୍କୁ ରଖାଯିବ ଏବଂ ଉପରେ ବନ୍ୟା ବିପନ୍ନମାନେ ରହିବାକୁ ବ୍ୟବସ୍ଥା କରାଯାଇଛି। ବ୍ଲକରେ ୮୦ କୁଇଣ୍ଟାଲ ଚାଉଳ ମହଜୁଦ ରଖାଯାଇଛି ବୋଲି ବିଡିଓ ଅବନିକାନ୍ତ ସାହୁ ସୂଚନା ଦେଇଛନ୍ତି।

ଖରସ୍ରୋତା ଓ ବ୍ରାହ୍ମଣୀ ନଦୀର ଜଳସ୍ତର ବଢ଼ିବା ଦ୍ୱାରା ରସୁଲପୁର, ବରୀ, ଧର୍ମଶାଳା ନିର୍ବାଚନମଣ୍ଡଳୀର ଅଧିକାଂଶ ଅଞ୍ଚଳ ପ୍ରଭାବିତ ହୋଇପାରେ। ରିପୋର୍ଟ ଲେଖାହେବା ସୁଦ୍ଧା ନଦୀରେ ପ୍ରବାହିତ ବନ୍ୟାଜଳ ରସୁଲପୁର ବ୍ଲକର ଭୋଟକା ପଞ୍ଚାୟତର ଭୋଟକା, ରସୁଲପୁର ପଞ୍ଚାୟତର ସୁଆଁସାହି, ଗନ୍ଧଣ ପଞ୍ଚାୟତର ବଣ୍ଟରା, ଏକତଳା, ଗନ୍ଧଣ, ପାରିକଇଁଚି, ଦରକୁଣ୍ଡି, ଟିକରପଡ଼ା ପଞ୍ଚାୟତର କୁଜିବର ଗ୍ରାମର ୧୦୦୦ ହେକ୍ଟରରୁ ଉର୍ଦ୍ଧ୍ୱ ଚାଷ ଜମିରେ ମାଡିଗଲାଣି। ଏହାଦ୍ୱାରା ଧାନ, ପନିପରିବା ଉତ୍ପାଦନ ପ୍ରବାହିତ ହେବା ସ୍ପଷ୍ଟ ହୋଇଯାଇଛି। ଫଳରେ ପରିବା ଦର ଆକାଶଛୁଆଁ ହେବା ସହ ଚାଷୀମାନେ ବିପୁଳ କ୍ଷତିର ସମ୍ମୁଖୀନ ହେବା ଆଶଙ୍କା ଦେଖାଦେଇଛି।

# ହଟିଲେ ସୁରକ୍ଷା କର୍ମୀ, ୨ ଗିରଫ

ଚଣ୍ଡିଖୋଲ,୨୧।୮(ଡି.ଏନ.ଏ.)

ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ସୁରକ୍ଷାକର୍ମୀଙ୍କ ମାଡ଼ ଘଟଣାରେ ବଡ଼ଚଣା ପୋଲିସ ୨ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଏଥିସହିତ ସିକ୍ୟୁରିଟି ସଂସ୍ଥା ତରଫରୁ ନିୟୋଜିତ ୭ଜଣଙ୍କୁ ହଟାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ ହେଲେ ବଡ଼ଚଣା ଥାନା ଅନ୍ତର୍ଗତ ଦେଉଳକୁର ଗ୍ରାମର ଶୁଭେନ୍ଦୁ ପ୍ରଧାନ(୪୦) ଓ ସେହିଗ୍ରାମର ହିମାଂଶୁ ଜେନା(୩୦)।

ଶନିବାର କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ କୋଳିଅଠା ଗ୍ରାମର ତାପସ ରଞ୍ଜନ ସାହୁ ନିଜ ଭଉଣୀଙ୍କୁ ଚିକିତ୍ସା ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଧାଡିରେ ଠିଆ ହୋଇଥିବାବେଳେ କାର୍ଯ୍ୟରତ ୪ଜଣ ଡାକ୍ତରଖାନାର ସୁରକ୍ଷା କର୍ମୀ ଧାଡିରେ ଅନ୍ୟଲୋକଙ୍କୁ ପୂରାଇବାକୁ ନେଇ ତାପସ ଅଭିଯୋଗ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତି ତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସୁରକ୍ଷା କର୍ମୀମାନେ ତାପସଙ୍କୁ ତଳେ ପକାଇ ନିଘୁକ ମାଡ ମାରିଥିଲେ। ଫଳରେ ତାପସ ଆହତ ହୋଇଥିଲେ। ମାଡ଼ ମାରିବା ସମୟର ଭିଡିଓକୁ ଧାଡିରେ ଛିଡା ହୋଇଥିବା ଜଣେ ଯୁବକ ଉତ୍ତୋଳନ କରିଥିଲେ। ଏହା ଭାଇରାଲ ହୋଇଥିଲା। ତେବେ ଘଟଣା ପଦାକୁ ଆସିବା ଓ ତାପସ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏହି ଘଟଣାକୁ ରଫାଦଫା କରିଥିଲା। ଏ ସମ୍ପର୍କରେ ଶନିବାର ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ରଶ୍ମିରଞ୍ଜନ ପଶାୟତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରିବା ସହ ସିକ୍ୟୁରିଟି ସଂସ୍ଥାର ମୁଖ୍ୟଙ୍କୁ ଜଣାଇଥିଲେ। ରବିବାର ବଡ଼ଚଣା ଭାଜପା ନେତା ପ୍ରୀତମ ନାୟକ, ଭାଜପା ଜିଲା ଯୁବ ମୋର୍ଚ୍ଚା ସଭାପତି ଦୀପକ ସାମଲ, ଚିନ୍ମୟୀ ସାହୁ ଓ ବିଶ୍ୱଜିତ ସିଂହ ପ୍ରମୁଖ ଏକ ପ୍ରତିନିଧିଦଳ ବଡ଼ଚଣା ମେଡିକାଲକୁ ଯାଇ ସୁରକ୍ଷକର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡାକ୍ତରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ପୋଲିସ ତତ୍ପର ହୋଇ ଚାରି ଜଣଙ୍କ ମଧ୍ୟରୁ ୨ ଜଣକୁ ଗିରଫ କରିଥିଲା। ମେଡିକାଲରେ ନିୟୋଜିତ ସୁରକ୍ଷାକର୍ମୀ ପାଣିକୋଇଲିସ୍ଥିତ ଭାରତ ସିକ୍ୟୁରିଟି ଏଜେନ୍ସି ତରଫରୁ ନିଯୁକ୍ତି ପାଇଥିଲେ। ତାପସ ରଞ୍ଜନଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୨୪୧।୨୨ରେ ମାମଲା ରୁଜୁ କରିଛି।


ଡାକ୍ତରଙ୍କୁ ଦାବିପତ୍ର ଦିଆଯାଉଛି।

ବଡ଼ଚଣା ଡାକ୍ତରଖାନାରେ ରୋଗୀ ସମ୍ପର୍କୀୟଙ୍କୁ ମାଡ଼ ଘଟଣା

## ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ଆହତ

ଧର୍ମଶାଳା,୨୧।୮(ଡି.ଏନ.ଏ.)

ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଜାରକା ନିକଟରେ ରବିବାର ପୂର୍ବାହ୍ନରେ ଏକ ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ଆହତ ହୋଇଛନ୍ତି। ସେମାନେ ହେଲେ ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ରମ୍ଭା ଅଞ୍ଚଳର ପ୍ରମୋଦ ଦାସ ଓ ଉକ୍ତ ଥାନା ଅଧୀନ କୁଶବଟ ଗ୍ରାମର ଶ୍ରୀକାନ୍ତ ଦାସ। ଉଭୟ ଓଡି-୦୪-ପି-୭୮୮୨ ନମ୍ବର ହୁଣ୍ଡା ସାଇନ ବାଇକ୍‌ରେ କଟକରୁ ବରୀ ଫେରୁଥିଲେ। ଏହି ସମୟରେ ପଛପଟୁ ଅସୁଥିବା ଏପି-୦୭-ଟିବି-୨୮୯୨ନମ୍ବର ବିଶିଷ୍ଟ ଅଇଚର ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଦୁଇଜଣ ବାଇକ୍‌ରୁ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ ସେମାନଙ୍କୁ ଛାଡ଼ି ଦିଆଯାଇଛି। ଧର୍ମଶାଳା ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ବାଇକ୍ ଜବତ କରି ତଦନ୍ତ ଚଳାଇଛି।

## ବିରଜାଭୂମି ଏକ୍ସପ୍ରେସ୍‌ର ପ୍ରଥମ ବାର୍ଷିକ ଉତ୍ସବ


ଅତିଥିଙ୍କ ସମ୍ମୁଖରେ କୁନି ଝିଅ ନୃତ୍ୟ ପରିବେଷଣ କରୁଛନ୍ତି।

ଧର୍ମଶାଳା,୨୧।୮(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ ସିଭିକ୍ ସେଣ୍ଟର ପରିସରରେ ବିରଜାଭୂମି ଏକ୍ସପ୍ରେସ୍‌ର ପ୍ରଥମ ବାର୍ଷିକ ଉତ୍ସବ ଏହାର ମୁଖ୍ୟ ସମ୍ପାଦକ ନିର୍ମଳ ଚନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାକେଶ ତ୍ରିପାଠୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, କବି ମାନଗୋବିନ୍ଦ ବାରିକ, ସାମାଜିକ କର୍ମୀ ଏସ୍ ବିଶ୍ୱାଳ, ବ୍ଲକ ମହିଳା ସଭାପତି ବନ୍ଦନା ଜେନା ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା ଅତିଥିଙ୍କୁ ସ୍ୱାଗତ ଓ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦ଜଣ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ କୁନିଝିଅ ଦେବସ୍ମିତା ପରିଡ଼ାଙ୍କ ଦ୍ୱାରା ପରିବେଷିତ ଦେଶାତ୍ମବୋଧକ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା। ଶେଷରେ ସୁରେଶ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବରୀ,୨୧।୮(ଡି.ଏନ.ଏ.)

ଶିକ୍ଷା ମଣିଷକୁ ଦିଗ୍‌ଦର୍ଶନ ଦେଇଥାଏ। ଛାତ୍ରୀଛାତ୍ର ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହେଲା ପରେ ଯଦି ସେହି ଶିକ୍ଷାକୁ ପ୍ରସ୍ଫୁଟିତ କରି ନ ପାରିଲେ ତେବେ ସେ ଶିକ୍ଷାର ମୂଲ୍ୟ ନ ଥାଏ। ଶିକ୍ଷା ଗ୍ରହଣ ପରେ ଯିଏ ଯେଉଁ ପଦବୀରେ ଥାଉନା କାହିଁକି ତା'ର ସଦ୍‌ଉପଯୋଗ କଲେ ଶିକ୍ଷାର ମୂଲ୍ୟ ପରିପ୍ରକାଶ ହୋଇଥାଏ। ବରୀ ବ୍ଲକ ଅଧୀନ ଈଶାଣପୁର ପଞ୍ଚାୟତର ଈଶାଣେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରାକ୍ତନ ପ୍ରଧାନଶିକ୍ଷକ ଗୋପବନ୍ଧୁ ଦାସ ଏହି ମତ ରଖିଛନ୍ତି। ବିଜୁଳି ବେହେରା ଫାଉଣ୍ଡେଶନ ପକ୍ଷରୁ ଚଳିତ ବର୍ଷ ଉକ୍ତ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ସ୍ୱପ୍ନାରାଣୀ ଦାସ ଓ ଛାତ୍ର ଅସ୍ମିତ କୁମାର କରଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ଫାଉଣ୍ଡେଶନ ସମ୍ପାଦକ କର୍ଣ୍ଣଚନ୍ଦ୍ର ଘଡ଼ାଇ କାର୍ଯ୍ୟକ୍ରମରେ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ର ନିଜର ନିଷ୍ଠାକୁ ବିନିଯୋଗ କଲେ ସଫଳତା ପାଇପାରିବେ ବୋଲି ମତ ରଖିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଜେନା, ପ୍ରାକ୍ତନ ପ୍ରଧାନଶିକ୍ଷକ ଭାଗବତ ଜେନା, ମକର ଚରଣ ଘଡ଼ାଇ, ଅର୍ଜୁନ ଚରଣ ପ୍ରଧାନ, ଅକ୍ଷୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ସୁବୋଧ କୁମାର ପ୍ରଧାନଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।


ଜଣେ କୃତୀ ଛାତ୍ରୀଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

# ଘର, ଚାକିରି ଦେବା ନାଁରେ ଠକେଇ, ୨ ଗିରଫ

ଧର୍ମଶାଳା/ଜେନାପୁର, ୨୧।୮(ଡି.ଏନ.ଏ.)

ଯାଜପୁର ଜିଲା ଜେନାପୁର ଥାନା ଅଞ୍ଚଳର ବେକାର ଯୁବତୀଯୁବକଙ୍କୁ ଚାକିରି ଓ କତେଜେଣ ଲୋକଙ୍କୁ ଘର କରାଇ ଦେବା ନାଁରେ ଠକେଇ ହୋଇଛି। ଏନେଇ ଜେନାପୁର ଥାନାରେ ଅଭିଯୋଗ ହେବାପରେ ପୋଲିସ ସମ୍ପୃକ୍ତ ୨ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଯାଜପୁର ଟାଉନ ଥାନା ଅଧୀନ ଗୋଖନା ଗ୍ରାମର ବିଶ୍ୱନାଥ ସାହୁ (୩୫) ଓ ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳର ବିରଜା ପ୍ରସାଦ ରାୟ(୩୨)। ସେମାନଙ୍କ ନିକଟରୁ ୨ ସ୍କୁଟି, ଗୋଟିଏ ପଲ୍‌ସର, ୫ ମୋବାଇଲ, ନକଲି ସୁନାଇଟା, ନକଲି ରେଲୱେ ଆପଏଣ୍ଟମେଣ୍ଟ ଲେଟର, ଏକ ପ୍ରେସ୍ କାର୍ଡ, ବାଜି ରାଉତ ସୋସିଆଲ୍ ହାଉସିଂର କାଗଜ ପତ୍ର ଓ ବିଭିନ୍ନ ଯୁବକଙ୍କ ଶିକ୍ଷାଗତ ପ୍ରମାଣପତ୍ର ଜବତ କରାଯାଇଛି।

ପୋଲିସ ସୂଚନା ମୁତାବକ, ବିରଜା ଜେନାପୁର ଅଞ୍ଚଳକୁ ଆସି ବାଜି ରାଉତ ସୋସିଆଲ୍ ହାଉସିଂ ସ୍କିମ୍‌ରେ ସଂଯୋଜକ ଭାବେ କାର୍ଯ୍ୟ କରୁଥିବା କହି ବିଭିନ୍ନ ଲୋକଙ୍କଠାରୁ ଘର କରାଇଦେବା ନାମରେ ୨ ହଜାର ଟଙ୍କା ଲେଖାଏ ଆଦାୟ କରିଥିଲେ। ସର୍ବମୋଟ୍ ଜେନାପୁର ଓ ଧର୍ମଶାଳା ଅଞ୍ଚଳର ୨୫୦ ଲୋକଙ୍କଠାରୁ ୨ ହଜାର ଟଙ୍କା ଲେଖାଏ ଆଦାୟ କରିବାରେ ସେ ସଫଳ ହୋଇଥିଲେ। ପରେ ରେଲୱରେ ଚାକିରି କରାଇ ଦେବାକୁ କହି ବିଭିନ୍ନ ବେକାର ଯୁବତୀଯୁବକଙ୍କଠାରୁ ଟଙ୍କା ଠକି ନେଇଥିଲେ। ଏହାପରେ ନକଲି ସୁନା ଇଟା ଦେଖାଇ ବିଭିନ୍ନ ଲୋକଙ୍କଠାରୁ ଅର୍ଥ ଠକେଇ କରିଥିଲେ। ଜେନାପୁର ଥାନା ଅନ୍ତର୍ଗତ ଦୌଲତପୁର ଗ୍ରାମର ସେବତୀ ମହାରଣାଙ୍କ ପୁଅଙ୍କୁ ରେଲୱେରେ ଚାକିରି ଦେବା ନାମରେ ଦେଢ଼ ଲକ୍ଷ ଓ ସେହି ଗ୍ରାମର ଅନ୍ୟଜଣଙ୍କଠାରୁ ଦେଢ଼ ଲକ୍ଷ ଟଙ୍କା ୨୦୨୧ ଅଗଷ୍ଟରେ ନେଇଥିଲେ। ହେଲେ ସେମାନଙ୍କୁ ଚାକିରି ଦେଇ ପାରି ନ ଥିଲେ। ଏହାପରେ ବିରଜାଙ୍କ ଆଉ ଦେଖାଦର୍ଶନ ମିଳି ନ ଥିଲା। ଫଳରେ ଗତ ୧୩ ତାରିଖରେ ସେବତୀ ଥାନାରେ ଏତଲା ଦେଇଥିଲେ। ଥାନା ପକ୍ଷରୁ ନଂ.୨୨୦।୨୨ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଶନିବାର ରାତିରେ ଉଭୟଙ୍କୁ ନିଜ ଅଞ୍ଚଳରୁ ପୋଲିସ ଗିରଫ କରିଥିଲା। ଏହି ମାମଲାରେ ଅଧିକ ଲୋକ ସମ୍ପୃକ୍ତ ଥିବା ଥାନାଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।



ଗିରଫ ୨ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

## ସଂକ୍ଷେପରେ

### ଚୋରି ଅଭିଯୋଗରେ ୨ କୋର୍ଟ ଚାଲାଣ

ଭାପୁର,୨୧।୮(ଡି.ଏନ.ଏ.): ନୟାଗଡ଼ ଜିଲା ଫତେଗଡ଼ ଥାନା ଭାପୁର ବ୍ଲକ ଅଧୀନ ବିଭିନ୍ନ ରାସ୍ତାପାର୍ଶ୍ୱରେ ସଡ଼କ ସୁରକ୍ଷା ନିୟମ ଲେଖାଥିବା ସାଇନବୋର୍ଡ ଲାଗିଛି। ସେହି ସାଇନ୍‌ବୋର୍ଡକୁ ଚୋରି କରିବା ଅଭିଯୋଗରେ ପୋଲିସ ୨ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ବିଜିପୁର ପଞ୍ଚାୟତର ମୃତ୍ୟୁଞ୍ଜୟ ପଟ୍ଟନାୟକ(୩୨) ଓ ସନ୍ଧି ପରିଡା(୨୦)। ଅଭିଯୁକ୍ତ ଦ୍ୱୟ ବିଳମ୍ବିତ ରାତିରେ ସେହି ସାଇନ୍‌ବୋର୍ଡକୁ କାଟି ନେବା ସହ କବାଡିଆ ଗୋଦାମରେ ବିକ୍ରି କରୁଥିଲେ । ଶନିବାର ବିଳମ୍ବିତ ରାତିରେ ଶାସନ ପଞ୍ଚାୟତର ରାସ୍ତା କଡରେ ଲାଗିଥିବା ସାଇନବୋର୍ଡକୁ କାଟିନେବା ପାଇଁ ଉଦ୍ୟମ କରୁଥିବା ବେଳେ ପାଟ୍ରୋଲିଂ କରୁଥିବା ପୋଲିସ ହାତରେ ଉଭୟ ଧରାପଡିଥିଲେ । ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୧୫୭/୨୨) ରୁଜୁ ହୋଇଛି ।

### ତ୍ରିନାଥ ଦେବଙ୍କ ବାର୍ଷିକ ଉତ୍ସବ

ଖଣ୍ଡପଡ଼ା,୨୧।୮(ସ୍ୱ.ପ୍ର.): ରବିବାର ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠରେ ତ୍ରିନାଥ ଦେବଙ୍କ ୧୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ପୂର୍ବାହ୍ନରେ ଶ୍ରଦ୍ଧାଳୁମାନେ ପାଣି ତୋଳିବା ପରେ ସୂର୍ଯ୍ୟପୂଜା, ହୋମ ଯଜ୍ଞ ଆରମ୍ଭ ହୋଇଥିଲା । ଏହି ଉପଲକ୍ଷେ ଦିବାରାତ୍ର ବାଦି ସଂକୀର୍ତ୍ତନ ଓ ନଦୀଆ ନାମ ସଂକୀର୍ତ୍ତନ ଚାଲିଛି । ମର୍ଦ୍ଦରାଜପୁର ଗ୍ରାମବାସୀଙ୍କ ସହଯୋଗ ଓ ଶ୍ରୀ ଶ୍ରୀ ତ୍ରିନାଥ ଠାକୁର ସେବାସଂଘ ତଥା କାର୍ଯ୍ୟଗ୍ରାହୀ ଅରୁଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପୁରୋଧା ରମେଶ ଚନ୍ଦ୍ର ହୋତା ଓ କର୍ତ୍ତା ଆନନ୍ଦ ମହାପାତ୍ର ପୂଜାର୍ଚ୍ଚନା ପରିଚାଳନା କରିଥିଲେ । ଅପରାହ୍ନ ପ୍ରାୟ ସାଢେ ୫ଟାରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା । ବହୁ ଶ୍ରଦ୍ଧାଳୁ ପୂର୍ଣ୍ଣାହୁତି ସମୟରେ ଉପସ୍ଥିତ ଥିଲେ ।

### ଭାପୁରରେ ଅହିଂସା ରଥକୁ ସ୍ୱାଗତ

ଭାପୁର,୨୧।୮(ଡି.ଏନ.ଏ.): ଶନିବାର ସନ୍ଧ୍ୟାରେ ଭାପୁର ବ୍ଲକରେ ଅହିଂସା ରଥ ପହଞ୍ଚିଥିଲା । ଭାପୁର ବାଇପାସ୍‌ଠାରେ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜନ୍ମେଜୟ ସାହୁ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ନାୟକ, ପିଏମ୍ ସଞ୍ଜୟ କୁମାର ମଲ୍ଲିକ, ଏପିଡି ବିଶ୍ୱଜିତ୍ ଦାଶ ,ଭାପୁର ବ୍ଲକ ମହିଳା ଶିଶୁ ବିକାଶ ଅଧିକାରୀ ରେଣୁବାଳା ନନ୍ଦ, କନିଷ୍ଠ ଯନ୍ତ୍ରୀ ରଶ୍ମୀକାନ୍ତ ପଟ୍ଟନାୟକ, ନୟାଗଡ଼ ଜିଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ, ସାମାଜିକ ଅଧିକାରୀ ଅମିତ ବେହେରା ପ୍ରମୁଖ ସେହି ରଥକୁ ସ୍ୱାଗତ କରିଥିଲେ । ସ୍ୱଂୟ ସହାୟିକା ମହିଳା ଗୋଷ୍ଠୀ ସଦସ୍ୟାମାନେ ଫୁଲ ପକାଇ ରଥକୁ ଭାପୁର ବଜାର ପରିକ୍ରମା କରି ବ୍ଲକ ପରିସରକୁ ନେଇଥିଲେ । ରବିବାର ସକାଳେ ସ୍ୱଂୟ ସହାୟିକା ଗୋଷ୍ଠୀ ,ଅଙ୍ଗନୱାଡ଼ି କର୍ମୀ, ସିଡିପିଓ ରେଣୁବାଳା ନନ୍ଦ ,ଭାପୁର ବ୍ଲକର ଶିଶୁ କବି ଜୟ କୃଷ୍ଣ ବାରିକ ପ୍ରମୁଖ ସେଠାରେ ପହଞ୍ଚିବା ପରେ ସ୍ଥାନୀୟ ଲକ୍ଷ୍ମୀ ମନ୍ଦିର ପ୍ରାଙ୍ଗଣରେ ଶିଶୁମାନଙ୍କ ଦ୍ୱାରା ନାଚ ଗୀତର ଆୟୋଜନ କରାଯାଇଥିଲା ।

# ଉଜୁଡ଼ିଲା ପୋଟଳ, ବାଇଗଣ ଫସଲ

- ବନ୍ୟାଜଳ କମିବା ପରେ ଆସିଲା ଚିତ୍ର
- ଅମଳ ସମୟରେ ଦାଉ ସାଧିଲା ବନ୍ୟା
- ଚାଷୀଙ୍କୁ ଋଣ ପରିଶୋଧ ଚିନ୍ତା ଘାରିଲା

ନୟାଗଡ଼ ଅଫିସ/ଗଣିଆ, ୨୧।୮(ଡି.ଏନ୍.ଏ.)

ପୋଟଳ, ବାଇଗଣ କିଆରିରୁ ବନ୍ୟାଜଳ ଅଳ୍ପ କମିବା ପରେ ଫସଲ ଉଜୁଡିବା ଚିତ୍ର ସାମ୍ନାକୁ ଆସିଛି । ଉଜୁଡା ଫସଲକୁ ଦେଖି ଚାଷୀର ଚିନ୍ତା ବଢ଼ିଛି । ଅମଳ ସମୟରେ ମହାନଦୀର ବନ୍ୟା ସବୁ ଛାରଖାର କରି ଦେଇଛି । ଋଣ ପରିଶୋଧ କିପରି ହେବ ସେ ନେଇ ଚାଷୀଙ୍କ ଚିନ୍ତା ବଢ଼ିଛି । ସରକାରୀ ସହାୟତା ତୁରନ୍ତ ମିଳିବା ଦରକାର ବୋଲି ବହୁ ଚାଷୀ ମତବ୍ୟକ୍ତ କରିଛନ୍ତି । ନୟାଗଡ଼ ଜିଲ ଗଣିଆ ବ୍ଲକର ଈଶ୍ୱରପୁର, ମୁଦୁଲିଗାଡିଆ, କନ୍ଧଜିଲିଣ୍ଡା, ଛାମୁଣ୍ଡିଆ, ଗୋପିନାଥପୁର, ମୁଦୁଲିଗାଡିଆ, ରାଇଗାଡିଆ, ମହନପଦା, ରାଜିଙ୍ଗି, କୁମ୍ଭୀରଖଣି, ମସ୍କାଖୋଲା, ପାଣ୍ଡରାସିଂହା, ପଥୁରିଆ, ୱାଲିପୁର ଅଞ୍ଚଳ କଟକୀ ପୋଟଳ ଚାଷ ପାଇଁ ପ୍ରସିଦ୍ଧ । ମହାନଦୀର କୂଳେ କୂଳେ ପୋଟଳ ଚାଷ ହୋଇଥାଏ । ଏସନ ଗଛରେ ଫଳ ଆସିଥିଲା । କେତେଜଣ ଚାଷୀ ପୋଟଳ ତୋଳିବା ଆରମ୍ଭ କରିଥିଲେ । ଏପରି ସମୟରେ ମହାନଦୀରେ ବନ୍ୟା ଆସିଲା । ୮ଦିନ ଧରି ପୋଟଳ କିଆରିରେ ବନ୍ୟା ଜଳ ଲହଡ଼ି ଭାଙ୍ଗିଲା । ଜମିରୁ ବନ୍ୟା ଜଳ ହ୍ରାସ ପାଇବା ପରେ ଗଛ ପଚି ନଷ୍ଟ ହୋଇଛି । କେବଳ ମଲାଗଛ ଚାଷୀଙ୍କ ଦୁଃଖ ବଢ଼ାଇଛି ।

ଏନେଇ ମୁଦୁଲିଗାଡିଆ ଗାଁର ଚାଷୀ ସୁମନ୍ତ ଦାସ କୁହନ୍ତି, ଗଣିଆର ବିଭିନ୍ନ ଗାଁର ଚାଷୀ ମହାନଦୀ କୂଳରେ ପୋଟଳ ଚାଷ କରି ଆସୁଛନ୍ତି । ଗଣିଆର ପୋଟଳ ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ନୟାଗଡ଼ ଜିଲାର ବିଭିନ୍ନ ଅଞ୍ଚଳକୁ ଯାଉଛି । ଗଣିଆ ହାଟରେ ବି ବିକ୍ରି ହୁଏ । ଚାଷୀକୁ କୁଆଡେ ଯିବାକୁ ପଡେନି । ବ୍ୟବସାୟୀମାନେ ପେଟଳ ଜମିରୁ ଆସି ନେଇ ଯାଇଥାନ୍ତି । ହେଲେ ଅମଳ ସମୟରେ ମହାନଦୀର ବନ୍ୟା ଦାଉ ସାଧିଛି । ପୋଟଳ ଚାଷ ଉଜୁଡି ଯାଇଛି । ପୁଣି ନୂଆ ଗଛ ଲଗାଇବାକୁ ପଡିବ । ବନ୍ୟା ଯୋଗୁ ଆମର କ୍ଷତି କିପରି ଭରଣା କରିବୁ ଚିନ୍ତା ବଢ଼ିଛି । ସରକାରୀ ସହାୟତା ମିଳିବ କି ନାହିଁ ସମୟ କହିବ । ଛାମୁଣ୍ଡିଆର ଚାଷୀ ମୋହନ ବେହେରା କୁହନ୍ତି, ବନ୍ୟା ପରେ ସରକାରୀ ସହାୟତା ଅଧିକାଂଶ ସମୟରେ ମିଳିଥାଏ । ସହାୟତା ରାଶି ଯାହା ମିଳେ ମୂଳ ଟଙ୍କା ପରିଶୋଧ କରି ହୁଏ ନାହିଁ । ସରକାର ତୁରନ୍ତ ସହାୟତା ରାଶି ଯୋଗାଇ ଦେଲେ ଚାଷୀ ଧାର କରଜରୁ କିଛି ମାତ୍ରାରେ ଆଶ୍ୱସ୍ତି ପାଆନ୍ତେ । ଈଶ୍ୱରପୁରର ଚାଷୀ ଶରତ ଦଳେଇ କୁହନ୍ତି, ମହାନଦୀର କୂଳରେ କେବଳ ପୋଟଳ ନୁହେଁ ବାଇଗଣ, ଭେଣ୍ଡି, ଝୁଲଣ, କଖାରୁ ପରି ପନିପରିବା ଚାଷ ହୁଏ । ଚାଷୀ ଧାନରୁ ଯେତିକି ଲାଭ ପାଏନି ପନିପରିବାରୁ ତାର କୁଟୁମ୍ବ ଚଳାଏ । ତେବେ ଏଥିପାଇଁ ଚାଷୀକୁ ଧରାକରଜ, ଗାଉଁଲି ଋଣ ଆଣିବାକୁ ପଡେ । ଅଧିକ ସୁଧ ଦେବାକୁ ପଡିଲେ ମଧ୍ୟ ଠିକଣା ସମୟରେ ଋଣ ମିଳେ । ବ୍ୟାଙ୍କକୁ ଧାଁ ଧପଡ କରି ଋଣ କରିବା କଷ୍ଟ ହୋଇଥାଏ । ଏଭଳି ସମୟରେ ଫସଲରେ କ୍ଷତି ଦେଖି ଋଣ ଦେଇଥିବା ବ୍ୟକ୍ତି ଟଙ୍କା ମାଗିବା ଆରମ୍ଭ କଲେଣି । ସରକାରୀ ସହାୟତା ମିଳିବା ବେଳକୁ ସୁଧ ବଢ଼ି ଚାଲିଥିବ । ଏଣୁ ସରକାର ତୁରନ୍ତ ସହାୟତା ରାଶି ଯୋଗାଇବା ଦରକାର । ଛାମୁଣ୍ଡିଆ ଗାଁର ଚାଷୀ ରବୀନ୍ଦ୍ର ବେହେରା କୁହନ୍ତି, ମହାନଦୀ ବନ୍ୟା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି । ସରକାର ତୁରନ୍ତ ସର୍ଭେ କରି ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ରାଶି ବଣ୍ଟନ କରନ୍ତୁ । ଏହି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ହେବା ଦରକାର ବୋଲି ସେ କହିଛନ୍ତି ।

ତେବେ ହରିପୁର ଗାଁରେ ପୋଟଳ, ବାଇଗଣ ଫସଲ ସୁରକ୍ଷିତ ଅଛି । ସେଠାରେ ମହାନଦୀ ପ୍ରଭାବ ପଡିନି । ଫଳ ଆମଦାନୀ ସମୟ ହୋଇ ଯାଇଛି । ସେଥିପାଇଁ ଚାଷୀମାନେ ବେଶ ଖୁସିରେ ଅଛନ୍ତି । ଏଥର ଭଲ ବ୍ୟବସାୟ ହେବ ବୋଲି ଚାଷୀମାନେ କହିଛନ୍ତି ।


ବନ୍ୟାଜଳ ଘେରରେ ରହିଥିବା ପୋଟଳ କିଆରି ।

# ଖଣ୍ଡପଡ଼ା ବ୍ଲକ୍ ପରିକ୍ରମା କଲା ଅହିଂସା ରଥ

ଖଣ୍ଡପଡ଼ା,୨୧।୮ (ସ୍ୱ.ପ୍ର.)

ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତୀ ତଥା ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ସ୍ୱାଧୀନତା ସଂଗ୍ରାମୀ ଓ ସଂଗ୍ରାମର ଅଭୁଲା ସ୍ମୃତିକୁ ସ୍ମରଣୀୟ କରିବା ଲକ୍ଷ୍ୟ ନେଇ ସାରା ରାଜ୍ୟ ପରିକ୍ରମା କରୁଛି ଅହିଂସା ରଥ । ଏହି ରଥ ରବିବାର ପୂର୍ବାହ୍ନରେ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତ ଓ ଏନଏସିରେ ପରିକ୍ରମା କରିଥିଲା । ସ୍ଥାନୀୟ ଲୋକମାନେ ଉକ୍ତ ରଥକୁ ସ୍ୱାଗତ କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ ।

ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅହିଂସା ରଥ ପହଞ୍ଚିବା ପରେ ଅଞ୍ଚଳବାସୀଙ୍କ ପକ୍ଷରୁ ରଥକୁ ବନ୍ଦାପନା କରାଯିବା ସହିତ ସ୍ୱାଗତ କରାଯାଇଥିଲା । ଖଣ୍ଡପଡ଼ା ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ(ଜିପିଇଓ) ଅନୀତ ବଡସେଟ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ରଥକୁ ସ୍ୱାଗତ କରିଥିଲେ । ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ହାତରେ ଜାତୀୟ ପତାକା ଧରି ଭାରତ ମାତା, ଗାନ୍ଧୀ ଓ ଗୋପବନ୍ଧୁଙ୍କ ବେଶରେ ରଥକୁ ପାଛୋଟି ନେଇଥିଲେ । ଖଣ୍ଡପଡା ସହର ପରିକ୍ରମା କରି ଅହିଂସା ରଥ ଖଳିସାହି, ବେଣାଗାଡିଆ, ମର୍ଦ୍ଦରାଜପୁର ପଞ୍ଚାୟତ ଦେଇ କଣ୍ଟିଲୋ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଥିଲା । ନୟାଗଡ଼ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜିଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଶ୍ରୀୟାରାଣୀ ବେହେରା, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ରଥକୁ ସଂକୀର୍ତ୍ତନ ମାଧ୍ୟମରେ ସ୍ୱାଗତ ସମ୍ବର୍ଦ୍ଧନା କରି ବନ୍ଦାପନା କରିଥିଲେ । ଏହାପରେ ଅହିଂସା ରଥକୁ ଏକ ଶୋଭାଯାତ୍ରାରେ ଶ୍ରୀନୀଳମାଧବ ମନ୍ଦିର ପଶ୍ଚିମପାର୍ଶ୍ୱରେ ଥିବା ବନ୍ୟା ଓ ବାତ୍ୟା ବହୁମୁଖୀ ଆଶ୍ରୟସ୍ଥଳକୁ ନିଆଯାଇଥିଲା । ସେଠାରେ ଭିଡିଓ ମାଧ୍ୟମରେ ଉପସ୍ଥିତ ଜନସାଧାରଣଙ୍କୁ ମହାତ୍ମାଗାନ୍ଧୀଙ୍କ ଜୀବନର କେତେକ ଘଟଣାବଳୀ ଉପରେ ସଚେତନ କରାଯାଇଥିଲା । ପ୍ରଗତି ପାଇଁ ଶାନ୍ତି ଅପରିହାର୍ଯ୍ୟ । ଜାତି ଧର୍ମ ବର୍ଣ୍ଣ ଭିତ୍ତିରେ ସମାଜକୁ ବିଭକ୍ତ କରୁଥିବା ଶକ୍ତିର ପରାଜୟ ହିଁ ପ୍ରକୃତ ପ୍ରଗତି । ଦାରିଦ୍ର୍ୟ ଓ ସାମାଜିକ ଅବିଚାର ସବୁଠାରୁ ବଡ ହିଂସା । ଏଥିପ୍ରତି ସମସ୍ତେ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ଭିଡିଓ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା ।

### ଦଶପଲ୍ଲା

ଅହିଂସା ରଥକୁ ଦଶପଲ୍ଲାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଉକ୍ତ ରଥ ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରୁ ରଥକୁ ଏନ୍‌ଏସି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ନିଆଯାଇଥିଲା । ଉକ୍ତ ରଥକୁ ବନ୍ଦପନା କରାଯିବା ସହିତ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହି ଅବସରରେ ମହାତ୍ମା ଗାନ୍ଧୀଙ୍କ ତଥ୍ୟ ଭିତ୍ତିକ ଭିଡିଓ ପ୍ରଦର୍ଶନ କରାଯାଇଥିଲା । ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଏନ୍‌ଏସି ଅଧକ୍ଷା ପୂର୍ଣ୍ଣିମ ପ୍ରିୟଦର୍ଶିନୀ, ମହିଳାନେତ୍ରୀ ସଂଯୁକ୍ତା ଦାଶଗୁପ୍ତା, ଏନଏସି କର୍ମଚାରୀ ସରୋଜ କୁମାର ପଣ୍ଡା, ବିପିନି ବିହାରୀ ପଣ୍ଡା, ବାଣିଶ୍ରୀ ନାୟକ, ଏନଏସିର ବହୁ କାଉନସିଲର,ମହିଳା ଗୋଷ୍ଠୀ ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ ।


ଦଶପଲ୍ଲା ଅହିଂସା ରଥକୁ ସ୍ୱାଗତ କରାଯାଉଛି ।

# ବନ୍ୟାରେ ପରିବା ବ୍ୟବସାୟୀଙ୍କ ଫାଇଦା

## ମନଇଚ୍ଛା ଦର ବୃଦ୍ଧି କରୁଛନ୍ତି ବେପାରୀ

ଖଣ୍ଡପଡ଼ା,୨୧।୮(ସ୍ୱ.ପ୍ର.)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋରେ ବଜାର ନିୟନ୍ତ୍ରଣ କମିଟି ନାହିଁ । ଫଳରେ ବେପାରୀମାନଙ୍କ ଉପରେ କୌଣସି କଟକଣା ଲଗାଯାଇ ନାହିଁ । ଏହାର ଫାଇଦା ଉଠାଉଛନ୍ତି ପରିବା ବେପାରୀ । ଗତ କିଛି ଦିନ ହେଲା ଲଗାଣ ବର୍ଷା ସହ ମହାନଦୀ ଓ ଏହାର ଶାଖା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ନଦୀକୂଳିଆ ଗ୍ରାମରେ ହୋଇଥିବା ପରିବା ଓ ଧାନ ଫସଲ ନଷ୍ଟ ହୋଇଛି । ଏହାକୁ ସୁଯୋଗ ଭାବି ଖଣ୍ଡପଡ଼ାର ପରିବା ବ୍ୟବସାୟୀମାନେ ମନଇଚ୍ଛା ଦର ବୃଦ୍ଧି କରି ଚାଲିଛନ୍ତି । ଏହାକୁ ନେଇ ଗ୍ରାହକଙ୍କ ଚିନ୍ତା ବଢ଼ିଛି । ଏବେ ବଜାରରେ ଅଧିକାଂଶ ପନିପରିବା କିଲୋ ପ୍ରତି ଦର ୫୦ ଟଙ୍କା ଉପରେ ରହିଛି । ବାଇଗଣ କେଜି ୬୦ ଟଙ୍କା ଉପରେ ରହିଥିବା ବେଳେ କଖାରୁ ୪୦, ପୋଟଳ ୬୦, କଞ୍ଚାଲଙ୍କା ୧୫୦, ଭେଣ୍ଡି ୬୦, ଜହ୍ନି ୬୦, ଛୋଟ କାଙ୍କଡ ୧୩୦, ବଡ କାଙ୍କଡ ୫୦ ଟଙ୍କା ରହିଛି ।

ସୂଚନା ଅନୁଯାୟୀ, ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ପଞ୍ଚାୟତକୁ ପ୍ରତ୍ୟହ ରାଜ୍ୟ ତଥା ରାଜ୍ୟ ବାହାରର ଶତାଧିକ ପର୍ଯ୍ୟଟକ ନୀଳମାଧବଙ୍କ ଦର୍ଶନ ପାଇଁ ଆସିଥାନ୍ତି । ପ୍ରତ୍ୟହ ଏଠାକୁ ଆସୁଥିବା ସବୁଜ ପନିପରିବା ଓ ମହାନଦୀର ମାଛ ପରିମାଣ ସୀମିତ । ଲୋକଙ୍କ ଆବଶ୍ୟକତା ଅନୁସାରେ ବଜାରକୁ ମାଛ ଓ ପରିବା ଆସି ପାରୁନାହିଁ । ନିକଟସ୍ଥ ବାଣପୁର, ପଥରଚକଡା. ଧାନଚେଙ୍ଗଡା, ଲକ୍ଷ୍ମୀ ପ୍ରସାଦ ଚାଷୀମାନେ ପନି ପରିବା ଚାଷ କରୁଥିଲେ ମଧ୍ୟ ତାହା ବଜାର ଚାହିଦା ମେଣ୍ଟାଇ ପାରୁନାହିଁ । ଏଣୁ ଏଠାକାର ବ୍ୟବସାୟୀମାନେ କଣ୍ଟିଲୋରୁ ୨୦ରୁ ୩୦କିମି ଦୂର କଳାପଥର ଓ ନୟାଗଡ଼ ପରିବା ହାଟରୁ ପରିବା ଆଣି ଏଠାରେ ଚଢ଼ା ଦରରେ ବିକ୍ରୀ କରିଥାନ୍ତି । ଅପରପକ୍ଷେ ସିଧାମୂଳା ମହାନଦୀ ଉପରେ ସେତୁ ନିର୍ମାଣ ପରେ ମହାନଦୀର ଅପରପାର୍ଶ୍ୱ କଟକ ଜିଲା ଅନ୍ତର୍ଗତ ନରସିଂହପୁର, ଏକଡାଳ ଅଞ୍ଚଳର ଚାଷୀମାନେ ନିଜର ଉତ୍ପାଦିତ ବିଭିନ୍ନ ପନିପରିବା ଧରି କଣ୍ଟିଲୋ ବଜାରକୁ ଆସିଥାନ୍ତି । ମାତ୍ର ପରିତାପର ବିଷୟ ସେହି ଚାଷୀମାନଙ୍କଠାରୁ ଖାଉଟିମାନେ ପରିବା କ୍ରୟ କରିବା ପୂର୍ବରୁ ସେମାନଙ୍କ ଆସିବା ବାଟକୁ ଚାହିଁ ବସିଥାଆନ୍ତି ସ୍ଥାନୀୟ ଅଞ୍ଚଳର ପନି ପରିବା ବେପାରୀ । ସେସବୁ ପରିବାକୁ କମ ଦରରେ କ୍ରୟ କରି ଚଢ଼ା ଦରରେ ଖାଉଟିଙ୍କୁ ବିକ୍ରୟ କରୁଥିବା ଅଭିଯୋଗ ହୋଇଛି । ଏ ଦିଗରେ ପ୍ରଶାସନିକ ଅଙ୍କୁଶ ରହିଲେ ସ୍ଥାନୀୟ ପରିବା ବେପାରୀମାନେ ସଜାଗ ହେବା ସହ ଖାଉଟିମାନେ ଉପକୃତ ହୋଇ ପାରିବେ ବୋଲି ବୁଦ୍ଧିଜୀବିମାନେ କହିଛନ୍ତି ।

# ନୟାଗଡ଼ ବ୍ଲକ ଆଶାକର୍ମୀଙ୍କ ଦ୍ୱିତୀୟ ସମ୍ମିଳନୀ

ନୟାଗଡ଼ ଅଫିସ,୨୧।୮

ଓଡିଶା ଆଶାକର୍ମୀ ଆସୋସିଏଶନର ନୟାଗଡ଼ ବ୍ଲକ କମିଟିର ଦ୍ୱିତୀୟ ସମ୍ମିଳନୀ ମଞ୍ଜୁରିଆପାଲି ମା'ଭୈରବୀ ପୀଠରେ ରବିବାର ଅନୁଷ୍ଠିତ ହୋଇ ଯାଇଛି । ସିଆଇଟିୟୁ ନେତୃତ୍ୱରେ ସଙ୍ଗଠନର ଲାଲ ପତାକାକୁ ବ୍ଲକ ସଭାନେତ୍ରୀ ସରୋଜିନୀ ସାହୁ ଉତ୍ତୋଳନ କରିଥିଲେ । ସାଥୀମାନେ ଶହୀଦ ବେଦୀରେ ମାଲ୍ୟାର୍ପଣ କରିଥିଲେ । ସରୋଜିନୀ ସାହୁ ଓ ସୁଜାତା ମିଶ୍ରଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସମ୍ମିଳନୀକୁ ପରିଚାଳନା କରିଥିଲେ । ଜିଲା ସମ୍ପାଦିକା ନଳିନୀ ଦାସ ଉକ୍ତ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ସମ୍ପାଦିକା ପ୍ରତିଭା ବେହେରା ସାଙ୍ଗଠନିକ ରିପୋର୍ଟ ଉପସ୍ଥାପନ କରିଥିଲେ । ବିଶ୍ୱନାଥ ମହାପାତ୍ର,ଏସ.ଏ.କରିମ,ସୁରେଶ ସ୍ୱାଇଁ ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ମାରଣା ନୀତିକୁ ସମାଲୋଚନା କରିଥିଲେ । ଆଶାକର୍ମୀଙ୍କୁ ନିୟମିତ କର୍ମଚାରୀ ମାନ୍ୟତା ପ୍ରଦାନ, ମାସକୁ ୨୬ ହଜାର ଟଙ୍କା ଦରମା ଓ ୧୦ହଜାର ଟଙ୍କା ପେନସନ, ସାମାଜିକ ସୁରକ୍ଷା, ଇଏସ୍‌ଆଇ ଓ ଇପିଏଫ୍ ଅନ୍ତର୍ଭୁକ୍ତ କରିବା ଏବଂ ସମସ୍ତ ଆଶାକର୍ମୀଙ୍କୁ ସ୍ମାର୍ଟ ଫୋନ ପ୍ରଦାନ କରିବାକୁ ଦାବି କରାଯାଇଥିଲା । ଶେଷରେ ଏକ ନୂତନ ବ୍ଲକ କମିଟି ଗଠିତ ହୋଇଥିଲା । ଏହାର ସଭାପତି ଭାବେ ସରୋଜିନୀ ସାହୁ, ସମ୍ପାଦିକା ଭାବେ ପ୍ରତିଭା ବେହେରା, କୋଷାଧ୍ୟକ୍ଷ ସୁଜାତା ମିଶ୍ର,ଉପସଭାପତି ଏସ୍.ଏ.କରିମ, ଅନ୍ନପୂର୍ଣ୍ଣା ମହାପାତ୍ର, ସହ ସମ୍ପାଦିକା ଭାବେ ଶାନ୍ତିଲତା ଦାସ,ନିବାସିନୀ ପ୍ରଧାନ ନିର୍ବାଚିତ ହୋଇଥିଲେ ।


ସମ୍ମିଳନୀରେ ଯୋଗଦେଇଥିବା ଆଶାକର୍ମୀ ।

# ୪ମାସ ହେଲା ଜଳ ଯୋଗାଣ ବନ୍ଦ

- ଦୂଷିତ ପାଣି ପିଉଛନ୍ତି ୪ ୱାର୍ଡର ଲୋକେ
- ବକେୟା ବିଦ୍ୟୁତ୍ ବିଲ ୭ ଲକ୍ଷ ପୈଠ ହେଉନି
- ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ବଢୁଛି ସମସ୍ୟା

ଖଣ୍ଡପଡ଼ା,୨୧।୮(ସ୍ୱ.ପ୍ର.)

ବକେୟା ବିଦ୍ୟୁତ୍ ବିଲ୍ ୭ଲକ୍ଷରୁ ଉର୍ଦ୍ଧ୍ୱ। ତା'ସାଙ୍ଗକୁ ଟ୍ରାନ୍ସଫର୍ମର ପୋଡ଼ିବାର ୨ମାସରୁ ଅଧିକ ସମୟ ହେଲାଣି । ଆଜି ହେବ, କାଲି ହେବ କହି ୪ମାସ ବିତିଛି । ତଥାପି ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ପାରିନାହିଁ । ଫଳରେ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅଧୀନ ବେଣାଗାଡିଆ ପଞ୍ଚାୟତବାସୀ ପାନୀୟ ଜଳ ପାଇଁ ଉହଳ ବିକଳ ହେଉଛନ୍ତି । ପରିସ୍ଥିତି ଏମିତି ହୋଇଛି ଯେ, ଲୋକେ ଦୂଷିତ ପାଣିକୁ ପାନୀୟ ଜଳ ରୂପେ ବ୍ୟବହାର କରି ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀ ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି ।

ସମ୍ପ୍ରତି ବର୍ଷା ଋତୁ ଯୋଗୁ ବିଭିନ୍ନ ଜଳଉତ୍ସ ବର୍ଷା ଓ ବନ୍ୟାଜଳରେ ଭରି ରହିଛି । ସେହି ପାଣି ବ୍ୟବହାର ଉପଯୋଗୀ ନୁହେଁ ବୋଲି ସରକାର ଘୋଷଣା କରିଛନ୍ତି । ଏପରି ପରିସ୍ଥିତିରେ ଉକ୍ତ ପଞ୍ଚାୟତର ବେଣାଗାଡିଆ ଗ୍ରାମର ୪ ୱାର୍ଡର ଲୋକେ ନିକଟସ୍ଥ ନଦୀ ଓ ପୋଖରୀର ଦୂଷିତ ପାଣି ବ୍ୟବହାର କରୁଛନ୍ତି । ଗ୍ରାମରେ ଥିବା ନଳକୂପର ପାଣି ଫ୍ଲୋରାଇଡ ଯୁକ୍ତ ହୋଇଥିବାରୁ ସେହି ପାଣିକୁ ବ୍ୟବହାର କରି ଲୋକେ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ କହିଛନ୍ତି । ୨୪ ୱାର୍ଡ ତଥା ୭ ମୌଜାକୁ ନେଇ ଗଠିତ ବେଣାଗାଡିଆ ପଞ୍ଚାୟତ । କେବଳ ବେଣାଗାଡିଆ ଗ୍ରାମ ଅଧୀନ ୧,୨,୩ ଓ ୪ନଂ.ୱାର୍ଡର ପ୍ରାୟ ୨ ହଜାର ଲୋକଙ୍କୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିଲା । ଏଥିପାଇଁ ଏକ ଜଳ ପ୍ରକଳ୍ପ ରହିଛି । ହେଲେ ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ପାଇଁ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମରଟି ଗତ ୨ମାସ ହେବ ପୋଡ଼ି ଯାଇଛି । ଅପରପକ୍ଷେ ବେଣାଗାଡିଆ ପଞ୍ଚାୟତ ଅଧୀନରେ ଥିବା ମାଧବେରେଣି, କାଦୁଆ, ତେନ୍ତୁଳିଆପଲ୍ଲୀ, ପଥରଦ୍ୱାର ଓ ବେଣାଗାଡିଆରେ ଥିବା ୫ ଜଳ ଯୋଗାଣ ପ୍ରକଳ୍ପର ବିଦ୍ୟୁତ ବକେୟା ବିଲ ୭ ଲକ୍ଷରୁ ଉର୍ଦ୍ଧ୍ୱ ରହିଛି । ବିଦ୍ୟୁତ ବିଲ ପୈଠ କରା ଯାଇ ନ ଥିବାରୁ ବିଦ୍ୟୁତ ଟ୍ରାନ୍ସଫର୍ମରକୁ ବଦଳାଯାଇ ପାରୁନି ବୋଲି ବିଭାଗୀୟ କନିଷ୍ଠଯନ୍ତ୍ରୀ ରମେଶ ଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ବେଣାଗାଡିଆ ସରପଞ୍ଚ ବଳରାମ ମଲ୍ଲିକଙ୍କ ସହ ଯୋଗାଯୋଗ କରାଯାଇଥିଲା । ଶନିବାର ୧ଲକ୍ଷ ୨୦ ହଜାର ଟଙ୍କା ଡିପୋଜିଟ ହୋଇଥିବା ସେ ସୂଚନା ଦେଇଛନ୍ତି । ମାତ୍ର କୌଣସି ବକେୟା ବିଲ ପଞ୍ଚାୟତ ତରଫରୁ ପୈଠ କରାଯାଇ ନ ଥିବା କନିଷ୍ଠଯନ୍ତ୍ରୀ ଇଂ.ସାହୁ କହିଛନ୍ତି । ବିଦ୍ୟୁତ୍ ବିଲ ପୈଠ ହେବା ପରେ ନୂତନ ଟ୍ରାନ୍ସଫର୍ମର ବସାଯାଇ ପ୍ରକଳ୍ପକୁ ସ୍ୱାଭାବିକ କରାଯିବ ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, ସରକାର ପାନୀୟ ଜଳର ସୁବଣ୍ଟନ ପାଇଁ ଜଳ ପରିମଳ ମିଶନ ଭଳି ଅନେକ ଯୋଜନା କାର୍ଯ୍ୟକାରୀ କରି ବାର୍ଷିକ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରୁଛନ୍ତି । ଗାଁରେ ସ୍ୱଜଳଧାରା ଯୋଜନା ମାଧ୍ୟମରେ ଗ୍ରାମବାସୀଙ୍କ ନିମନ୍ତେ ପାନୀୟ ଜଳ ଯୋଗାଣର ସୁବିଧା କରାଯାଇଛି । ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁ ସରକାରଙ୍କ ସବୁ ଯୋଜନା ଫେଲ୍ ମାରିଥିବା ଅଭିଯୋଗ ହୋଇଛି ।


ଏକ ନଳକୂପରୁ ମହିଳାମାନେ ପାଣି ନେଉଛନ୍ତି ।